RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI




ଚାରି ବର୍ଷ ପରେ ଏକାଠି ଆସିବେ
ଅକ୍ଷୟ-ଭୂମି
▶ପୃଷ୍ଠା ୧୨ ଦେଖନ୍ତୁ...

♦VOLUME- 44 ♦ISSUE-128 ♦MONDAY ♦2 NOVEMBER 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୪ ♦ସଂଖ୍ୟା-୧୨୮ ♦ସୋମବାର ♦୨ ନଭେମ୍ବର ୨୦୨୬ ♦ପୃଷ୍ଠା-୧୨ ♦₹.୭.୦୦

ଶୁଖିନି ଅର୍ଣ୍ଣବ କ୍ଷତ

ଦକ୍ଷିଣକୁ ପୁଣି ବାତ୍ୟା ଭୟ

■ ଭୁବନେଶ୍ୱର, ୧।୧୧ (ସମିସ): ବାତ୍ୟା ଅର୍ଣ୍ଣବର କ୍ଷତ ଶୁଖି ନ ଥିବା ବେଳେ ଦକ୍ଷିଣ ଓଡ଼ିଶାକୁ ବିପଦ ସାଜି ମାଡ଼ିଆସୁଛି ଆଉ ଏକ ସାମୁଦ୍ରିକ ଝଡ଼। ରବିବାର ବଙ୍ଗୋପସାଗରରେ ସୃଷ୍ଟି ହୋଇଛି ଚଳିତ ବର୍ଷର ଦ୍ୱିତୀୟ ବାତ୍ୟା 'ମୁରାସୁ'। ଘଣ୍ଟା ପ୍ରତି ୨୦ କିମି ବେଗରେ ଆଗକୁ ବଢୁଥିବା ମୁରାସୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଅଧିକ ଘନୀଭୂତ ହୋଇ ଏକ ଭୀଷଣ ବାତ୍ୟାରେ ପରିଣତ ହେବା ସହ ଆନ୍ଧ୍ର ଉପକୂଳକୁ ମୁହାଁଇବ। ସୋମବାର ରାତି ୨ ଟାରୁ ଭୋର୍ ୪ଟା ମଧ୍ୟରେ ଏହା ଆନ୍ଧ୍ରର ନେଲୋର ଓ ନରସାପୁର ମଧ୍ୟରେ ସ୍ଥଳଭାଗ ଛୁଇଁବ। ଏହି ସମୟରେ ପବନର ବେଗ ଘଣ୍ଟାପ୍ରତି ୧୦୦ରୁ ୧୧୦ କିମି ଓ ଝଟ୍‌କା ପବନର ବେଗ ଘଣ୍ଟାପ୍ରତି ୧୨୦ କିମି ଛୁଇଁପାରେ ବୋଲି ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ପୂର୍ବାନୁମାନ କରିଛି। ଅନ୍ୟପଟେ ଏହି ବାତ୍ୟାଟି 'ଅର୍ଣ୍ଣବ' ଅପେକ୍ଷା ଦକ୍ଷିଣ(ତାମିଲନାଡୁ) ଆଡ଼କୁ ଅଧିକ ରହୁଥିବା ହେତୁ ଓଡ଼ିଶା ଉପରେ ଅପେକ୍ଷାକୃତ କମ୍ ପ୍ରଭାବ ରହିବ। ତେବେ ବାତ୍ୟା ଆନ୍ଧ୍ରରେ ସ୍ଥଳଭାଗ ଛୁଇଁବା ପରେ ଦୁର୍ବଳ ହୋଇ ଦିଗ ପରିବର୍ତ୍ତନ କରି ଆନ୍ଧ୍ରର ଦକ୍ଷିଣ ଆଡ଼କୁ ଆସୁଥିବା ହେତୁ ରାଜ୍ୟର କିଛି କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।



୩ ତାରିଖ ଭୋର୍ ସୁଦ୍ଧା ଆନ୍ଧ୍ର ଉପକୂଳରେ ମାଡ଼

ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ଚେତାବନୀ

ଗଞ୍ଜାମ ଓ ଗଜପତି ଜିଲ୍ଲାକୁ ଅଧିକ ବିପଦ

ଏହି ବାତ୍ୟା ଦ୍ୱାରା ଦକ୍ଷିଣ ଓଡ଼ିଶାର କିଛି କିଛି ସ୍ଥାନରେ ପ୍ରବଳ ବର୍ଷାର ଆଶଙ୍କା ରହିଛି। ବିଶେଷକରି ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଅଧିକ ବର୍ଷାର ଆଶଙ୍କା ରହିଥିବା ପାଣିପାଗ ବିଭାଗ ସତର୍କ କରାଇଛି। ବାତ୍ୟା ସ୍ଥଳଭାଗ ଛୁଇଁବା ପରେ ଅର୍ଥାତ୍ ୩ ଓ ୪ ତାରିଖରେ ରାଜ୍ୟରେ ବର୍ଷା ଆକଳନ ▶ପୃଷ୍ଠା-୭

ଭୂସ୍ଖଳନରେ ଗାଁ ନିଶ୍ଚିହ୍ନ

ଦୁଃଖ ପ୍ରକାଶ କଲେ ନବୀନ



■ ଭୁବନେଶ୍ୱର, ୧।୧୧ (ସମିସ): ଗଞ୍ଜାମ ଭଞ୍ଜନଗରରେ ଭୂସ୍ଖଳନ ପାଇଁ ଏକ ଗାଁ ପୂରାପୁରି ନିଶ୍ଚିହ୍ନ ହୋଇଯିବାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସାମାଜିକ ଗଣମାଧ୍ୟମ ଏକ୍ସରେ ଏନେଇ ପୋଷ୍ଟ କରି ନବୀନ କହିଛନ୍ତି ଯେ ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବରେ ଗଞ୍ଜାମ ଜିଲ୍ଲା ଭଞ୍ଜନଗରରେ ଭୂସ୍ଖଳନ ଘଟି ଗାଁ ନିଶ୍ଚିହ୍ନ ହୋଇଯିବା ସହ ଅନେକ ନିଖୋଜ ଥିବା ବିଷୟରେ ଜାଣି ମୁଁ ଚିନ୍ତିତ ଓ ଦୁଃଖିତ। ଲୋକମାନଙ୍କ ତ୍ୱରିତ ସୁରକ ଉଦ୍ଧାର ପାଇଁ ସରକାର ସମସ୍ତ ପଦକ୍ଷେପ ସୁନିଶ୍ଚିତ କରନ୍ତୁ। ଏପରି ଅସମୟରେ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ମୋର ଗଭୀର ସମବେଦନା ଜଣାଇବା ସହ ସମସ୍ତଙ୍କ ସୁରକ୍ଷିତ ଉଦ୍ଧାର କାମନା କରୁଛି ବୋଲି ନବୀନ କହିଛନ୍ତି।

ସମସ୍ତଙ୍କ ସୁରକ୍ଷିତ ଉଦ୍ଧାର ସୁନିଶ୍ଚିତ କରନ୍ତୁ ସରକାର

ବାତ୍ୟା ପ୍ରଭାବିତ ଜିଲ୍ଲା ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା

ପରିବାର ପିଛା ୫୦ କେଜି ଚାଉଳ, ୨୫ ଶହ ଟଙ୍କା



ରିଲିଫ୍ କୋଡ୍ ଅନୁଯାୟୀ ଚାଷ ପାଇଁ ମିଳିବ କ୍ଷତିପୂରଣ

■ ଭୁବନେଶ୍ୱର, ୧।୧୧ (ସମିସ): ବନ୍ୟା ପପ୍ରଭାବିତ ୩ ଜିଲ୍ଲା ପାଇଁ ପ୍ୟାକେଜ୍ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ରବିବାର ମୁଖ୍ୟମନ୍ତ୍ରୀ ଏସ୍‌ଆର୍‌ସିଙ୍କ କାର୍ଯ୍ୟାଳୟରେ ପହଞ୍ଚି ରାଜସ୍ୱମନ୍ତ୍ରୀଙ୍କ ସହ ଆଲୋଚନା କରିବା ସହ ଗତ 'ଅର୍ଣ୍ଣବ' ବତ୍ୟା ପରବର୍ତ୍ତୀ ବନ୍ୟା ପାଇଁ ପ୍ରଭାବିତ ହୋଇଥିବା ୩ ଟି ଜିଲ୍ଲା ଗଞ୍ଜାମ, ଗଜପତି ଓ କନ୍ଧମାଳ ପାଇଁ ଏହି ପ୍ୟାକେଜ୍ ଘୋଷଣା ହୋଇଛି। ଏହି ୩ ଜିଲ୍ଲାର ପ୍ରଭାବିତ ପରିବାର ପିଛା ୫୦ କିଲୋ ଚାଉଳ ଓ ୨୫୦୦ ଟଙ୍କା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ସମତଳ ଅଞ୍ଚଳରେ ଘର ସମ୍ପୂର୍ଣ୍ଣ କିମ୍ବା ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଥିବା ପରିବାରକୁ ୧ ଲକ୍ଷ ୨୦ ହଜାର ଟଙ୍କା ଏବଂ ପାହାଡ଼ିଆ ଅଞ୍ଚଳରେ ୧ ଲକ୍ଷ ୩୦ ହଜାର ଟଙ୍କା ସହାୟତା ମିଳିବ। ଆଂଶିକ କ୍ଷତିଗ୍ରସ୍ତ ପକ୍କା ଘର ପାଇଁ ୬,୫୦୦ ଟଙ୍କା ଓ କଚ୍ଚା ଘର ପାଇଁ ୪,୦୦୦ ଟଙ୍କା ଦିଆଯିବ। ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା କୁଡ଼ିଆ ପାଇଁ ୮,୦୦୦ ଟଙ୍କା ଏବଂ ଘର ସଂଲଗ୍ନ ଗୁହାଳ କ୍ଷତିଗ୍ରସ୍ତ ହୋଇଥିଲେ ୩,୦୦୦ ଟଙ୍କା ମିଳିବ। ତୁଇ ▶ପୃଷ୍ଠା-୭

ଜ୍ଞାନେଶଙ୍କ ଇସ୍ତଫା ଦାବିରେ ଏକାଠି ହେଲେ ଇଣ୍ଡିଆ ମେଣ୍ଟ ନେତା

ରାମଲୀଳାରେ ଶକ୍ତି ଦେଖାଇଲେ, ଗର୍ଜିଲେ



■ ନୂଆଦିଲ୍ଲୀ, ୧।୧୧ (ଏଜେନ୍ସି): ଭୋଟ୍ ଚୋରି ଅପବାଦରେ ଫସିଥିବା ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ବିରୋଧରେ ଏକାଠି ହୋଇଛନ୍ତି ଇଣ୍ଡିଆ ମେଣ୍ଟର ନେତା। ନୂଆଦିଲ୍ଲୀର ରାମଲୀଳା ମଇଦାନରେ ଆଜି ଏହି ମେଣ୍ଟରେ ସାମିଲ ଥିବା ୨୦ଟି ଦଳର ନେତା ଶକ୍ତି ପ୍ରଦର୍ଶନ କରିଛନ୍ତି। ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସଆଇଆର) ନାମରେ ଭୋଟ ଜାଲିଆତି ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି। ଗଣତନ୍ତ୍ରକୁ ହତ୍ୟା କରାଯାଉଛି ବୋଲି ଅଭିଯୋଗ କରି ସେମାନେ ସରକାର ବିରୋଧରେ ଗର୍ଜନ କରିଛନ୍ତି। ମଇଦାନରେ ଉପସ୍ଥିତ ଲକ୍ଷାଧିକ ଲୋକଙ୍କ ଉପସ୍ଥିତିରେ ସେମାନେ ଘୋଷଣା କରିଛନ୍ତି ଯେ ଜ୍ଞାନେଶ କୁମାର ମୁଖ୍ୟ

ଜେଲ୍ ଯିବେ ଜ୍ଞାନେଶ କୁମାର: ରାହୁଲ

ପରିବର୍ତ୍ତନର ସମୟ ଆସିଛି: ଅଖିଳେଶ

ଏସ୍‌ଆଇଆର୍ ଜରିଆରେ ବେଙ୍ଗଲରେ କ୍ଷମତା ହଡ଼ପ କରାଯାଇଛି: ମମତା

ନିର୍ବାଚନ କମିସନର ପଦରୁ ନହଟିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ମଇଦାନରେ ଇଣ୍ଡିଆ ମେଣ୍ଟର ଏଭଳି ଶକ୍ତି ପ୍ରଦର୍ଶନ ଜାତୀୟ ରାଜନୀତିରେ ହଟଚମଟ ସୃଷ୍ଟି କରିଛି। ଏହାକୁ ନେଇ ବିଜେପି ନେତାମାନେ ତୀବ୍ର ▶ପୃଷ୍ଠା-୭

ଇଣ୍ଡିଆ ମେଣ୍ଟ ବିରୋଧରେ ବିଜେପି ରାଲି



■ ନୂଆଦିଲ୍ଲୀ, ୧।୧୧ (ଏଜେନ୍ସି): ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ରବିବାର ଇଣ୍ଡିଆ ମେଣ୍ଟର ମହାସମାବେଶର ମୁକାବିଲା କରିବାକୁ ଯାଇ ବିଜେପି ପକ୍ଷରୁ ମଧ୍ୟ ନୂଆଦିଲ୍ଲୀରେ ବିକ୍ଷୋଭ ଶୋଭାଯାତ୍ରା କରାଯାଇଛି। ଏହାର ନେତୃତ୍ୱ ନେଇଛନ୍ତି ଦଳର ସଭାପତି ନିତିନ ନବୀନ। ଏହି ଅବସରରେ ସେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରିଛନ୍ତି। ସେ ଅଭିଯୋଗ କରିଛନ୍ତି, ଦେଶରେ ଅସ୍ଥିରତା ସୃଷ୍ଟି କରିବା ଲାଗି ରାହୁଲ ବିଦେଶୀ ଶକ୍ତି ସହ ହାତ ମିଳାଇଛନ୍ତି। ଦେଶ ସମ୍ବିଧାନ ଦ୍ୱାରା ପରିଚାଳିତ ହେବ; ଗାନ୍ଧୀ ପରିବାରର ଆଇନ ଦ୍ୱାରା ନୁହେଁ। ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ସପକ୍ଷରେ ଯୁକ୍ତି କରିବାକୁ ଯାଇ ସେ କହିଛନ୍ତି ଯେ କୌଣସି ଭୋଟ ଚୋରି ▶ପୃଷ୍ଠା-୭

'ଅର୍ଣ୍ଣବ'ରେ ସର୍ବସ୍ୱାନ୍ତ ଚାଷୀଙ୍କ ଆତ୍ମହତ୍ୟା

■ ଶେରଗଡ଼, ୧।୧୧ (ସମିସ): ପ୍ରଳୟଙ୍କରୀ ବାତ୍ୟା 'ଅର୍ଣ୍ଣବ'ରେ ସର୍ବସ୍ୱାନ୍ତ ହୋଇଥିବା ଜଣେ ଚାଷୀ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତକ ହେଲେ ଶେରଗଡ ଥାନା ଅନ୍ତର୍ଗତ ଡେଙ୍ଗାପଦର ପଞ୍ଚାୟତ ବାକିଲିକଣା ଗ୍ରାମ ପଣସପଦା ସାହିର ଅର୍ଜୁନ ପଣ୍ଡା(୬୭)। ବାତ୍ୟା ପରବର୍ତ୍ତୀ ବନ୍ୟାରେ ଶେରଗଡ଼ ବ୍ଲକ୍‌ର ସମସ୍ତ ପଞ୍ଚାୟତ ପ୍ରଭାବିତ ହୋଇଥିଲା। ଏଥିରେ ଚାଷୀକୁଳ ଅଧିକ ପ୍ରଭାବିତ ହୋଇଥିବାବେଳେ ନିଜର ଉଜୁଡ଼ା ଚାଷକୁ ଦେଖି ଅର୍ଜୁନ ଏଭଳି ପଦକ୍ଷେପ ନେଇଥିବା କୁହାଯାଉଛି। ସେ ନିଜର ଅଢ଼େଇ ଏକର ଜମି ଏବଂ ଭାଗରେ ଅନ୍ୟ ଜଣଙ୍କ ଦେଢ଼ ଏକର ଜମି ଚାଷ ▶ପୃଷ୍ଠା-୭



ରେଡ୍‌କ୍ରସ୍ ପାଣ୍ଠିରୁ ୩୦ ହଜାର ସହାୟତା ପ୍ରଦାନ

ଯୌନ ନିର୍ଯ୍ୟାତନା ମାମଲାରେ ଫସିଲେ ଜେଲ୍ ଡିଜି

■ ଚୌଦ୍ୱାର, ୧।୧୧ (ସମିସ): ଯୌନ ନିର୍ଯ୍ୟାତନା, ଧମକ ଓ ପଦବୀର ଅପବ୍ୟବହାର ଭଳି ସଙ୍ଗିନ ଅଭିଯୋଗରେ ବିବାଦ ଘେରକୁ ଆସିଛନ୍ତି ରାଜ୍ୟର

ପଦରୁ ହଟିଲେ ସୁଶାନ୍ତ ନାଥ

ଗୃହ ବିଭାଗରେ ଓଏସ୍‌ଡି ନିଯୁକ୍ତ, ସନ୍ତୋଷ ବାଲାଙ୍କୁ ଜେଲ୍ ବିଭାଗର ଅତିରିକ୍ତ ଦାୟିତ୍ୱ



ବରିଷ୍ଠ ଆଇପିଏସ୍ ଅଧିକାରୀ ତଥା ଜେଲ୍ ଓ ସଂସ୍କାରମୂଳକ ସେବା ବିଭାଗର ମହାନିର୍ଦ୍ଦେଶକ ସୁଶାନ୍ତ କୁମାର ନାଥ। ଚୌଦ୍ୱାର ସର୍କଲ ଜେଲ୍‌ର ପୂର୍ବତନ ମହିଳା ଜେଲରଙ୍କ ଅଭିଯୋଗ ଆଧାରରେ ଚୌଦ୍ୱାର ଥାନାରେ ମାମଲା ରୁଜୁ ହେବାର ଦିନକ ପରେ ରାଜ୍ୟ ସରକାର ନାଥଙ୍କୁ ଜେଲ୍ ଡିଜି ପଦରୁ ହଟାଇ ଗୃହ ବିଭାଗରେ ଅଫିସର ଅନ୍ ସ୍ପେସାଲ ଡ୍ୟୁଟି (ଓଏସ୍‌ଡି) ଭାବେ ନିଯୁକ୍ତି ଦେଇଛନ୍ତି। ▶ପୃଷ୍ଠା-୭

ଜେଲ୍‌ରେ ଅଭିଯୋଗ ଶୁଣାଣି ବ୍ୟବସ୍ଥାର ସମୀକ୍ଷା କରିବ ସଂସଦୀୟ କମିଟି

■ ଭୁବନେଶ୍ୱର, ୧।୧୧ (ସମିସ): ରାଜ୍ୟର ବିଭିନ୍ନ ଜେଲ୍‌ରେ ଅନ୍ତେବାସୀଙ୍କ ଅଭିଯୋଗ ଶୁଣାଣି ଓ ଏହାର ସମାଧାନ ପାଇଁ ରହିଥିବା ବ୍ୟବସ୍ଥାର ସମୀକ୍ଷା କରିବ ସଂସଦୀୟ କମିଟି। ଏଥିପାଇଁ ଓଡ଼ିଶାର ଗୃହ ସଚିବ ହେମନ୍ତ ଶର୍ମା ଏବଂ ଜେଲ୍ ଡିଜି ସୁଶାନ୍ତ କୁମାର ନାଥଙ୍କ ସମେତ ରାଜ୍ୟ ସରକାରଙ୍କ ସମ୍ପୃକ୍ତ ଅଧିକାରୀଙ୍କୁ ଦିଲ୍ଲୀରେ ହାଜର ହେବାକୁ ରାଜ୍ୟସଭା ସଚିବାଳୟ ▶ପୃଷ୍ଠା-୭

କାଳ ସାଜିଲା କଇଁଫୁଲ ତୋଳା

୩ ଶିଶୁଙ୍କ ସଲିଳ ସମାଧି

■ ମାହାଙ୍ଗ/ଭଦ୍ରେଶ୍ୱର, ୧।୧୧ (ସମିସ): କଇଁଫୁଲ ତୋଳିବାକୁ ଯାଇଥିଲେ, ହେଲେ ଆଉ ଫେରିଲେ ନାହିଁ ଘରକୁ। ହସଖୁସିରେ ଖେଳିବା ବୟସରେ ଅକାଳରେ ଝଡ଼ିପଡ଼ିଲା ତିନି ତିନୋଟି ନିଷ୍ପାପ ଶିଶୁଙ୍କ ଜୀବନ। ପୋଖରୀର ଗଭୀର ଜଳରେ ବୁଡ଼ି ଚାଲିଗଲା ୩, ୪ ଓ ୫ ବର୍ଷର ତିନି ଶିଶୁଙ୍କ ଜୀବନ। ଏଭଳି ଏକ ହୃଦୟବିଦାରକ ଘଟଣା ଘଟିଛି କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ପଞ୍ଚାୟତ ଅନ୍ତର୍ଗତ ଝାଡେଶ୍ୱରପୁର ଗ୍ରାମରେ। ଗୋଟିଏ ମୁହୂର୍ତ୍ତରେ ଉଜୁଡ଼ିଗଲା ଦୁଇଟି ପରିବାରର ଖୁସି। ତିନି ଶିଶୁଙ୍କ ମୃତ୍ୟୁରେ ଗାଁରେ ଖେଳିଯାଇଛି ଗଭୀର ଶୋକର ଛାୟା। ପରିବାରର କାନ୍ଦବୋବାଳିରେ ଫାଟିପଡୁଛି ପରିବାର। ▶ପୃଷ୍ଠା-୭

ଝାଡେଶ୍ୱରପୁରରେ ଶୋକର ଛାୟା



ଓଲଟ ପାଲଟ



କୋଟି କୋଟି ଟଙ୍କା ଖର୍ଚ୍ଚରେ ହେଲା
ପାଠ୍ୟ ପୁସ୍ତକ ଛପା
ହଜାର ହଜାର ଭୁଲ୍ ବାହାରିଲା
ବ୍ୟବସ୍ଥା ହୋଇଲା ଚେପା
ପୁଣି କୋଟି କୋଟି ଟଙ୍କା ଖର୍ଚ୍ଚ କରି
ହେଲା ସିନା ସଂଶୋଧନ
ବର୍ଷ ଶେଷ ହେଲା ଛାତ୍ରଛାତ୍ରୀଙ୍କୁ
ହୋଇଲା ନାହିଁ ବଣ୍ଟନ
ବିନା ପୁସ୍ତକରେ ବରଷ ଶେଷରେ
କିପରି ହେବ ପରୀକ୍ଷା
ଧନ୍ୟ ଗଣଶିକ୍ଷା ମନ୍ତ୍ରୀ ମହୋଦୟ
ଦେଲ ଅପଗଣ୍ଡ ଦୀକ୍ଷା

- ଯାଯାବର

ମିଳିଲାନି ରିଲିଫ୍

ରାଜରାସ୍ତାରେ ବିପନ୍ନଙ୍କ ଆକ୍ରୋଶ

ପ୍ରଶାସନ ଓ ଜନପ୍ରତିନିଧିଙ୍କ ଅବହେଳା ପ୍ରତିବାଦରେ ରାସ୍ତା ଅବରୋଧ



■ ବ୍ରହ୍ମପୁର/ପୁରୁଷୋତ୍ତମପୁର, ୧।୧୧ (ସମିସ): ବନ୍ୟା ଉଜାଡ଼ିଦେଲା ଘରଦ୍ୱାର, ଛଡ଼ାଇନେଲା ଜୀବନଜୀବିକା। ମୁଣ୍ଡ ଗୁଞ୍ଜିବାକୁ ଘର ନାହିଁ, ପେଟକୁ ଦାନା ନାହିଁ। ଚାରିଆଡ଼େ ବନ୍ୟାଜଳ ଘେରି ରହିଥିବା ବେଳେ ବିପନ୍ନଙ୍କ ପାଖରେ ପହଞ୍ଚିଲାନି ଆବଶ୍ୟକୀୟ ରିଲିଫ୍। ବିପତ୍ତି ସମୟରେ ପ୍ରଶାସନର ସହାୟତା ତ ଦୂରର କଥା, ଜନପ୍ରତିନିଧିଙ୍କ ଦେଖା ମଧ୍ୟ ମିଳିଲାନି। ଅଭିଯୋଗ ଜଣାଇବାକୁ ଯାଇ ଓଲଟା ଅପମାନିତ ହେବାକୁ ପଡ଼ିଥିବା ଅଭିଯୋଗ କରି ଶେଷରେ ରାଜରାସ୍ତାକୁ ଓହ୍ଲାଇଲେ ବନ୍ୟାବିପନ୍ନ। ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଏନ୍‌ଏସି ଅନ୍ତର୍ଗତ କୁମାରୀ ଗ୍ରାମରେ ଏଭଳି ଅଭାବନୀୟ ଘଟଣା ପ୍ରଶାସନିକ ରିଲିଫ୍ ବ୍ୟବସ୍ଥାର ବାସ୍ତବ ଚିତ୍ରକୁ ପଦାରେ ପକାଇଛି। ଶହ ଶହ ମହିଳା ଓ ପୁରୁଷ ରାଜ୍ୟ ରାଜପଥ-୩୧ର ହୁମା-ପୁରୁଷୋତ୍ତମପୁର ରାସ୍ତାକୁ ଅବରୋଧ କରି ନିଜର ଅସନ୍ତୋଷ ଜାହିର କରିଛନ୍ତି।

କୁମାରୀ ଗ୍ରାମରେ ବନ୍ୟାର ପ୍ରକୋପ ଏତେ ଭୟଙ୍କର ଥିଲା ଯେ ଶତାଧିକ ପରିବାରଙ୍କ ଘରଦ୍ୱାର ଭାଙ୍ଗିଯିବା ସହ ଜୀବନଜୀବିକା ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଛି। ଅନେକ ପରିବାର ଏବେ ବି ▶ପୃଷ୍ଠା-୭



ବିଶେଷ ଟିପ୍ପଣୀ



ଜ୍ଞାନେଶ କୁମାରଙ୍କ ଭୋଟ ଚୋରି ଏବଂ ବିଜେପିର ଦାନ ଅର୍ଥ ଚୋରିର ଅନ୍ତ ରାମ ଲୀଳା ମୈଦାନରୁ ଆରମ୍ଭ ହୋଇଛି। ସାରା ଦେଶରୁ ଆସିଥିବା ଲକ୍ଷ ଲକ୍ଷ ଲୋକ ଏହାର ସାକ୍ଷୀ ହୋଇଛନ୍ତି। ଆମେ ଗଣତନ୍ତ୍ରକୁ ରକ୍ଷା କରିବୁ, ଭୋଟ ଏବଂ ଦାନ ଚୋରମାନଙ୍କୁ ଶିକ୍ଷା ଦେବୁ।

-ଜୟରାମ ରମେଶ (କଂଗ୍ରେସ ରାଜ୍ୟସଭା ସାଂସଦ)



ରାମଲୀଳା ମଇଦାନରେ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଇଣ୍ଡିଆ ମେଣ୍ଟର ରାଲିରେ ଜନ ସମୁଦ୍ର ଦେଖାଦେଇଛି। ଏହା ସମ୍ବିଧାନ ଓ ଗଣତନ୍ତ୍ରର ସୁରକ୍ଷା ପାଇଁ ଏକ ବଡ଼ ସଂକଳ୍ପ ସଦୃଶ। ଆର୍‌ଏସ୍‌ଏସ୍, ଶାସକ ଦଳ ଓ ଜ୍ଞାନେଶଙ୍କ ପାଇଁ ଏହା ସ୍ପଷ୍ଟ ସଙ୍କେତ ଯେ, ସେମାନେ ଯେତେ ଚେଷ୍ଟା କଲେ ବି ଲୋକଙ୍କ ଭୋଟ ଅଧିକାରକୁ ଛଡ଼ାଇ ପାରିବେ ନାହିଁ।

-ଅଶୋକ ଗେହଲଟ (କଂଗ୍ରେସ ବରିଷ୍ଠ ନେତା)


ଜେନ୍ Z

ବିଜେପି ଠାରୁ ଅଧିକ ମିଛ ଏବଂ ଅରାଜକତା ଆଉ କେହି ବି ପ୍ରସାର କରିପାରିବ ନାହିଁ। ସେମାନେ ନିଜ ଇଚ୍ଛା ଅନୁଯାୟୀ ସଂସଦ ଚଳାଇବା ଏବଂ ଲୋକଙ୍କ ସ୍ୱରକୁ ଦମନ କରିବାରେ ସିଦ୍ଧହସ୍ତ। ଏକ ନକଲି ଭଗବାନ ସୃଷ୍ଟି କରିବାର ସେମାନଙ୍କ ଚେଷ୍ଟା ଭାଙ୍ଗିଯାଇଛି।

-ଅର୍ପିତ ଯାଦବ @its_arpityadav

ଧରାପଡ଼ିଲା ୮୦ ହଜାର କୋଟିର ଲୁଟେରା

ନୂଆଦିଲ୍ଲୀ,୧।୧୧(ଏଜେନ୍ସି): ବହୁଚର୍ଚ୍ଚିତ ହଜାର ହଜାର କୋଟି ଟଙ୍କାର ବେଆଇନ ଅନଲାଇନ୍ ବେଟିଂରେ ମହାଦେବ ଆପ୍‌ର ମୁଖ୍ୟ କାର୍ପଟଦାର ତଥା କିଙ୍ଗପିନ୍ ସୌରଭ ଚନ୍ଦ୍ରାକରଙ୍କୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଓମାନରୁ ଭାରତ ଆଣିଛି। ସିବିଆଇର ଏକ ସ୍ୱତନ୍ତ୍ର ଟିମ୍ ଓମାନର ମସ୍କଟ ଗସ୍ତ କରିଥିଲା। ସେଠାରୁ ସୌରଭ ଚନ୍ଦ୍ରାକରଙ୍କୁ ନିଜ ହେପାଜତକୁ ନେବା ସହ ଭାରତ ପ୍ରତ୍ୟାବର୍ତ୍ତନ କରିଛି। ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ଅଦାଲତରୁ ଟ୍ରାଞ୍ଜିଟ୍ ରିମାଣ୍ଡ ପରେ ତାଙ୍କୁ ଛତିଶଗଡ଼ ରାୟପୁରସ୍ଥିତ ସ୍ୱତନ୍ତ୍ର ସିବିଆଇ ଜଜ୍‌ଙ୍କ କୋର୍ଟରେ ହାଜର କରାଯିବ। ଚନ୍ଦ୍ରାକରଙ୍କ ବିରୋଧରେ ସିବିଆଇ ଦ୍ୱାରା ୨ଟି ମାମଲା ରହିଛି। ସେପଟେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ମଧ୍ୟ ଅର୍ଥ ହେରଫେର ମାମଲାରେ ଅଭିଯୋଗପତ୍ର କୋର୍ଟରେ ଦାଖଲ କରାଯାଇଛି। ଛତିଶଗଡ଼ ସରକାରଙ୍କ ଅନୁରୋଧ କ୍ରମେ ସିବିଆଇ ଏହି ମାମଲାର ତଦନ୍ତ ଭାର ଗ୍ରହଣ କରିଥିଲା। ଆପରାଧିକ ଷଡ଼ଯନ୍ତ୍ର, ଠକେଇ, ଜାଲିଆତି ଏବଂ ଛତିଶଗଡ଼ ଜୁଆ ନିରୋଧୀ ଆଇନର ବିଭିନ୍ନ ଧାରାରେ ଚନ୍ଦ୍ରାକରଙ୍କୁ ମୁଖ୍ୟ ଅଭିଯୁକ୍ତ ଭାବେ ଦର୍ଶାଇ ଚାର୍ଜସିଟ୍ ଦାଖଲ ହୋଇଛି। ସିବିଆଇ ଦ୍ୱାରା ଜାରି ଇଣ୍ଟରପୋଲ ରେଡ୍ କର୍ନର ନୋଟିସ୍ ଆଧାରରେ ରୋୟାଲ ଓମାନ୍ ପୁଲିସ୍ ଚନ୍ଦ୍ରାକରଙ୍କୁ



ଓମାନରେ ଅଟକ ରଖିଥିଲା। ଏହାପରେ ସିବିଆଇ ଓ ଇଡି ପକ୍ଷରୁ ଓମାନ୍ ସରକାରଙ୍କ ନିକଟକୁ ଆବଶ୍ୟକୀୟ ପ୍ରମାଣ ସହ ଆନୁଷ୍ଠାନିକ ପ୍ରତ୍ୟର୍ପଣ ପ୍ରସ୍ତାବ ପଠାଯାଇଥିଲା। ଭାରତୀୟ ବିଦେଶ ମନ୍ତ୍ରଣାଳୟ, ଇଣ୍ଟରପୋଲ, ସିବିଆଇ ଏବଂ ଓମାନ୍ କର୍ତ୍ତୃପକ୍ଷଙ୍କ ସହଯୋଗରେ ଏହି ପ୍ରତ୍ୟର୍ପଣ ପ୍ରକ୍ରିୟା ସମ୍ପନ୍ନ ହୋଇଛି।

ସୂଚନାଯୋଗ୍ୟ, ଛତିଶଗଡ଼ର ଭିଲାଇ ନିବାସୀ ମୁଖ୍ୟ ଅଭିଯୁକ୍ତ ସୌରବ ଚନ୍ଦ୍ରାକର ପୂର୍ବରୁ ଜୁସ୍ ଦୋକାନ ଚଲାଉଥିଲେ। ସେ ତାଙ୍କ ସହଯୋଗୀ ରବି ଉପ୍ପଲଙ୍କ ସହ ମିଶି ୨୦୧୮ରେ ମହାଦେବ ଆପ୍ ନେଟୱାର୍କ ସ୍ଥାପନ କରିଥିଲେ। ୨୦୧୯ ବେଳକୁ ସେମାନେ ଦୁବାଇ ଚାଲିଯାଇ ସେଠାରୁ ଭାରତରେ ଏକ ବିଶାଳ ଅନଲାଇନ୍ ବେଟିଂ ସିଣ୍ଡିକେଟ୍ ପରିଚାଳନା କରୁଥିଲେ। ଏହି ସିଣ୍ଡିକେଟ୍ କ୍ରିକେଟ, ଫୁଟବଲ, ପୋକର ଏବଂ କାର୍ଡ ଗେମ୍ସ ପରି ବିଭିନ୍ନ ଖେଳ ଉପରେ ବେଆଇନ ବେଟିଂ କରାଉଥିଲା। ଭାରତସାରା ଫ୍ରାଞ୍ଚାଇଜି ମଡେଲ୍‌ରେ ବିଭିନ୍ନ ବ୍ରାଞ୍ଚ ମାଧ୍ୟମରେ ନେଟୱାର୍କ ବିଛାଯାଇଥିଲା। ବେଟିଂରୁ ମିଳୁଥିବା କଳା ଟଙ୍କାକୁ ମ୍ୟୁଲ୍ ବା ମିଥ୍ୟା ବ୍ୟାଙ୍କ ଆକାଉଣ୍ଟ ଗୁଡ଼ିକ ଦେଇ ହାୱାଲା ମାଧ୍ୟମରେ ବିଦେଶକୁ ପଠାଯାଉଥିଲା। ଇଡିର ଆକଳନ ଅନୁସାରେ, ଏଥିରେ ପ୍ରାୟ ୬,୦୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଅର୍ଥର ବେଆଇନ୍ ବ୍ୟବସାୟ ସୃଷ୍ଟି ହୋଇଛି। ବିଗତ ୧୦ ବର୍ଷରେ ମହାଦେବ ଆପ୍ ଓ ଏହାର ସହଯୋଗୀ ୱେବସାଇଟ୍ ଗୁଡ଼ିକ ପ୍ରାୟ ୯୪,୪୦୦ କୋଟି ଟଙ୍କାର ବେଆଇନ କାରବାର କରିଛନ୍ତି। ୨୦୨୩ରେ ଦୁବାଇରେ ଚନ୍ଦ୍ରାକରଙ୍କ ହୋଇଥିବା ପ୍ରାୟ ୨୦୦ କୋଟି ଟଙ୍କାର ଆଡ଼ମ୍ବରପୂର୍ଣ୍ଣ ବିବାହ ଉତ୍ସବ ହୋଇଥିଲା। ଏହାପରେ ଏହି ସିଣ୍ଡିକେଟ୍ ଉପରେ ତଦନ୍ତକାରୀ ସଂସ୍ଥାଙ୍କ ନଜର ପଡ଼ିଥିଲା। ଇଡି ଦୁବାଇର ବୁର୍ଜ ଖଲିଫାରେ ଥିବା ଆପାର୍ଟମେଣ୍ଟ ଓ ବିଳାସପୂର୍ଣ୍ଣ ଭିଲ୍ଲା ସମେତ ଦେଶ ବିଦେଶରେ ଥିବା ପ୍ରାୟ ୧,୭୦୦ କୋଟି ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତ କରିସାରିଛି। ଉଲ୍ଲେଖଯୋଗ୍ୟ, ଏହି ମାମଲାରେ ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲଙ୍କ ନାମ ମଧ୍ୟ ସିବିଆଇ ଏତଲାରେ ସାମିଲ ରହିଛି। ତେବେ ସେ ଏହି ସମସ୍ତ ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରିଛନ୍ତି।

ଓଡ଼ିଶା ସମେତ ୭ ରାଜ୍ୟର ଗ୍ରାମାଞ୍ଚଳ ପ୍ରଦୂଷିତ

ନୂଆଦିଲ୍ଲୀ,୧।୧୧(ଏଜେନ୍ସି): ଦେଶରେ ବାୟୁ ପ୍ରଦୂଷଣ ଆଉ କେବଳ ବଡ଼ ସହରର ସମସ୍ୟା ହୋଇ ରହିନାହିଁ। ଗ୍ରାମାଞ୍ଚଳର ବାୟୁ ମଧ୍ୟ ଦିନକୁ ଦିନ ପ୍ରଦୂଷିତ ହେଉଛି। ୨୦୨୬ ମସିହାର ଫିକି ରିପୋର୍ଟ ଅନୁଯାୟୀ, ୨୪ଟି ରାଜ୍ୟରୁ ୨୨ଟିରେ ସହରାଞ୍ଚଳର ପ୍ରଦୂଷଣ ଗ୍ରାମାଞ୍ଚଳଠାରୁ ଅଧିକ ରହିଛି। ତେବେ ୭ଟି ରାଜ୍ୟ ଯଥା- ପଶ୍ଚିମବଙ୍ଗ, ପଞ୍ଜାବ, ରାଜସ୍ଥାନ, ବିହାର, ଓଡ଼ିଶା, ମଧ୍ୟପ୍ରଦେଶ ଓ ଦିଲ୍ଲୀ (କେନ୍ଦ୍ରଶାସିତ ଅଞ୍ଚଳ) ଗ୍ରାମାଞ୍ଚଳରେ ପ୍ରଦୂଷଣ ଜାତୀୟ

ମୁମ୍ବାଇରେ ବିଗୁଡ଼ୁଛି ବାୟୁର ମାନ

ସ୍ତରଠାରୁ ଅଧିକ ରହିଥିବା ରିପୋର୍ଟରେ ଦର୍ଶାଯାଇଛି। ଓଡ଼ିଶାର ଗ୍ରାମାଞ୍ଚଳରେ ମଧ୍ୟ ପିଏମ୍ ୨.୫ ପ୍ରଦୂଷଣ ଜାତୀୟ ନିର୍ଦ୍ଧାରିତ ମାନଠାରୁ ଅଧିକ। ଏହା କେବଳ ଭୁବନେଶ୍ୱର, କଟକ କିମ୍ବା ଶିଳ୍ପାଞ୍ଚଳର ସମସ୍ୟା ନୁହେଁ ବୋଲି ଏହି ଅଧ୍ୟୟନ ସୂଚାଉଛି। ଓଡ଼ିଶାର ଗ୍ରାମାଞ୍ଚଳରେ ବାର୍ଷିକ ପିଏମ୍ ୨.୫ ସ୍ତର ପ୍ରତି ଘନମିଟର ବାୟୁରେ ୪୦ ମାଇକ୍ରୋଗ୍ରାମ୍ ଜାତୀୟ ମାନକୁ ଅତିକ୍ରମ କରିଛି। ସହର ଓ ଗ୍ରାମାଞ୍ଚଳର ପ୍ରଦୂଷଣ ସ୍ତର ମଧ୍ୟରେ ପାର୍ଥକ୍ୟ ୧୦ ପ୍ରତିଶତରୁ କମ୍। ଅର୍ଥାତ୍ ଓଡ଼ିଶାର ଗ୍ରାମାଞ୍ଚଳର ବାୟୁ ମଧ୍ୟ ସହରାଞ୍ଚଳ ଭଳି ପ୍ରଦୂଷିତ ହେଉଛି। ଅକ୍ଟୋବର ୨୧ରେ ମୁମ୍ବାଇର ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୧୬୫ ରହିଥିବାବେଳେ ଦିଲ୍ଲୀରେ ଏହା ୧୬୪ ଥିଲା। ଏହାଦ୍ୱାରା ମୁମ୍ବାଇ ବିଶ୍ୱର ଚତୁର୍ଥ ପ୍ରଦୂଷିତ ସହର ହୋଇଥିଲା। ଅକ୍ଟୋବର ୨୪ରେ ସେଠାକାର ଏକ୍ୟୁଆଇ ୩୨୨କୁ ବୃଦ୍ଧି ପାଇଥିଲା। ଏହାଦ୍ୱାରା ବାୟୁମଣ୍ଡଳରେ ଧୂଳିକଣା ଓ ପ୍ରଦୂଷିତ ପଦାର୍ଥ ଜମା ହୋଇ ରହିଥିଲା। ମେଘାଳୟର ବର୍ଣ୍ଣିହାଟ ଭଳି ଶିଳ୍ପାଞ୍ଚଳରେ ମଧ୍ୟ ପ୍ରଦୂଷଣ ଚିନ୍ତାଜନକ ରହିଛି। ସେଠାରେ ଏକ୍ୟୁଆଇ ୧୦୧.୧ ରେକର୍ଡ ହୋଇଥିବାବେଳେ ଦିଲ୍ଲୀରେ ଏହା ୯୯.୬ ଥିଲା। ବାୟୁ ଗୁଣବତ୍ତା ସୂଚକାଙ୍କ ମାଧ୍ୟମରେ ବାୟୁରେ ଥିବା ଧୂଳିକଣା, ଓଜୋନ୍, କାର୍ବନ ମନୋକ୍ସାଇଡ୍, ସଲଫର ଡାଇଅକ୍ସାଇଡ୍ ଓ ନାଇଟ୍ରୋଜେନ୍ ଡାଇଅକ୍ସାଇଡ୍ ଭଳି ପ୍ରଦୂଷକର ମାତ୍ରା ମପାଯାଏ।



ମହଙ୍ଗା ପଡ଼ିଲା ମେଣ୍ଟ

- ବିଜେପି, ଏନ୍‌ପିପିରେ ମିଶିଲେ ୧୧ ବିଧାୟକ
- ଏକୁଟିଆ ରହିଗଲେ ୟୁଡିପି ସଭାପତି

ସିଲଂ,୧।୧୧(ଏଜେନ୍ସି): ମେଘାଳୟରେ ୟୁନାଇଟେଡ୍ ଡେମୋକ୍ରାଟିକ୍ ପାର୍ଟି (ୟୁଡିପି)ର ୧୨ ଜଣ ବିଧାୟକଙ୍କ ମଧ୍ୟରୁ ୧୧ ଜଣ ବିଜେପି ଓ ଶାସକ ନ୍ୟାସନାଲ ପିପୁଲ୍ସ ପାର୍ଟି (ଏନ୍‌ପିପି)ରେ ଯୋଗଦେବା ପରେ ଦଳର ସଭାପତି ତଥା ମନ୍ତ୍ରୀ ମେଟବା ଲିଙ୍ଗଡୋହ ଶନିବାର ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଛନ୍ତି। ଏହାଦ୍ୱାରା ବିଧାନସଭାରେ ୟୁଡିପିର ମାତ୍ର ଜଣେ ବିଧାୟକ ରହିଛନ୍ତି। ଲିଙ୍ଗଡୋହ ମୁଖ୍ୟମନ୍ତ୍ରୀ କନରାଡ କେ ସାଙ୍ଗମାଙ୍କୁ ନିଜ ଇସ୍ତଫାପତ୍ର ଦେଇଛନ୍ତି। ସେ ବିଦ୍ୟୁତ୍, ବୟନଶିଳ୍ପ, ଜଳସମ୍ପଦ ଓ ଟିକସ ବିଭାଗ ଦାୟିତ୍ୱରେ ଥିଲେ। ଦଳର ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ କେନ୍ଦ୍ରୀୟ କାର୍ଯ୍ୟକାରିଣୀ କମିଟି ଆଲୋଚନା କରିବ ବୋଲି ସେ କହିଛନ୍ତି। ତାଙ୍କ ଇସ୍ତଫା କୌଣସି ଚାପରେ ନୁହେଁ, ବରଂ ନିଜ ନିଷ୍ପତ୍ତି ବୋଲି ସେ ସ୍ପଷ୍ଟ କରିଛନ୍ତି। ସେପ୍ଟେମ୍ବରରେ ୟୁଡିପିର ୮ ଜଣ ବିଧାୟକ ବିଜେପିରେ ଏବଂ ଚଳିତ ମାସରେ ୩ ଜଣ ଏନ୍‌ପିପିରେ ମିଶିଥିଲେ। ବାଚସ୍ପତି ଏହି ମିଶ୍ରଣକୁ ସ୍ୱୀକୃତି ଦେବା ପରେ ୬୦ ଆସନ ବିଶିଷ୍ଟ ବିଧାନସଭାରେ ବିଜେପିର ସଦସ୍ୟ ସଂଖ୍ୟା ୨ରୁ ୧୦କୁ ବୃଦ୍ଧି ପାଇଛି। ୨୦୨୩ ନିର୍ବାଚନରେ ୟୁଡିପି ୧୨ଟି ଆସନ ଜିତି ରାଜ୍ୟର ଦ୍ୱିତୀୟ ବୃହତ୍ ଦଳ ହୋଇଥିଲା। ବିଜେପି, ଏନ୍‌ପିପି ଓ ୟୁଡିପି ମୁଖ୍ୟମନ୍ତ୍ରୀ ସାଙ୍ଗମାଙ୍କ ନେତୃତ୍ୱାଧୀନ ମେଘାଳୟ ଡେମୋକ୍ରାଟିକ୍ ଆଲାଏନ୍ସର ଅଂଶୀଦାର।

ହରଦୀପଙ୍କ ପତ୍ନୀଙ୍କ ନାମରେ ଜେନେଭାରେ ୩୪ କୋଟିର ଫ୍ଲାଟ୍

ନୂଆଦିଲ୍ଲୀ,୧।୧୧(ଏଜେନ୍ସି): କେନ୍ଦ୍ରମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କ ତୁଳନାରେ ତାଙ୍କ ପତ୍ନୀ ଲକ୍ଷ୍ମୀ ପୁରୀଙ୍କ ସମ୍ପତ୍ତି ଓ ବାର୍ଷିକ ଆୟ ଅଧିକ। ମଧ୍ୟପ୍ରଦେଶରୁ ରାଜ୍ୟସଭା ଉପନିର୍ବାଚନ ପାଇଁ ଦାଖଲ ନାମାଙ୍କନ ସତ୍ୟପାଠରୁ ଏହି ତଥ୍ୟ ସାମ୍ନାକୁ ଆସିଛି। ସତ୍ୟପାଠ ଅନୁଯାୟୀ, ଅବସରପ୍ରାପ୍ତ ଭାରତୀୟ ବିଦେଶ ସେବା ଅଧିକାରୀ ଲକ୍ଷ୍ମୀଙ୍କ ଚଳନ୍ତି ସମ୍ପତ୍ତିର ମୂଲ୍ୟ ୧୦.୬୬ କୋଟି ଟଙ୍କା। ହରଦୀପଙ୍କ ଚଳନ୍ତି ସମ୍ପତ୍ତି ୬.୫୪ କୋଟି ଟଙ୍କା। ଲକ୍ଷ୍ମୀଙ୍କ ବାର୍ଷିକ ଆୟ ୧.୬୯ କୋଟି ଟଙ୍କା ଥିବାବେଳେ ହରଦୀପଙ୍କ ଆୟ ୭୫.୫୭ ଲକ୍ଷ ଟଙ୍କା। ଲକ୍ଷ୍ମୀଙ୍କ ସ୍ଥାବର ସମ୍ପତ୍ତିରେ ସ୍ୱିଜରଲାଣ୍ଡର ଜେନେଭାରେ ଥିବା ୩୪ କୋଟି ଟଙ୍କା ମୂଲ୍ୟର ଏକ ଆପାର୍ଟମେଣ୍ଟ ରହିଛି। ଗ୍ରେଟର ନୋଏଡାରେ ମଧ୍ୟ ତାଙ୍କର ଏକ ଘର ଅଛି। ହରଦୀପଙ୍କ ନାମରେ ଦିଲ୍ଲୀର ୱେଷ୍ଟ ଏଣ୍ଡ ଅଞ୍ଚଳରେ ଏକ ଆବାସିକ ସମ୍ପତ୍ତି ସମେତ ୨୦ କୋଟି ଟଙ୍କାର ସ୍ଥାବର ସମ୍ପତ୍ତି ରହିଛି।

ଏପଷ୍ଟିନ୍ ମାମଲାରେ ଟ୍ରମ୍ପଙ୍କୁ ଝଟ୍‌କା

୧୦ ବିଲିୟନ ଡଲାର ମାନହାନି ମକଦ୍ଦମା ଖାରଜ



ୱାସିଂଟନ,୧।୧୧(ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଶନିବାର ବଡ଼ ଝଟ୍‌କା ଲାଗିଛି। ଜେଫ୍ରି ଏପଷ୍ଟିନ୍‌ଙ୍କ ସହ ସମ୍ପର୍କ ସମ୍ପର୍କିତ ଖବର ପ୍ରକାଶକୁ ନେଇ 'ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲ୍' ବିରୋଧରେ ଟ୍ରମ୍ପ ଦାଏର କରିଥିବା ୧୦ ବିଲିୟନ ଡଲାରର ମାନହାନି ମାମଲାକୁ ଆମେରିକାର ଏକ ଅଦାଲତ ଖାରଜ କରିଦେଇଛନ୍ତି। ଏହାସହ ଏହି ମାମଲା ପୁଣି ଦାଏର କରିବାର ରାସ୍ତା ବନ୍ଦ ହୋଇଛି। ବିଚାରପତି ଡାରିନ୍ ଗେଲ୍ସ କହିଥିଲେ, ଖବର ପ୍ରକାଶ ବେଳେ ଗଣମାଧ୍ୟମ ଜାଣିଶୁଣି ମିଥ୍ୟା ତଥ୍ୟ ଦେଇଥିଲା କିମ୍ବା ସତ୍ୟକୁ ଅଣଦେଖା କରିଥିଲା ବୋଲି ଟ୍ରମ୍ପ ପ୍ରମାଣ କରିପାରିନାହାନ୍ତି। ୨୦୦୩ରେ ଏପଷ୍ଟିନ୍‌ଙ୍କ ୫୦ତମ ଜନ୍ମଦିନ ଅବସରରେ ପ୍ରସ୍ତୁତ ଏକ ଆଲବମ୍‌ରେ ଟ୍ରମ୍ପଙ୍କ ନାମ ଥିବା ଏକ ଚିଠି ସମ୍ପର୍କରେ ଖବର ପ୍ରକାଶ ପାଇଥିଲା। ଟ୍ରମ୍ପ ଚିଠି ଲେଖିଥିବା ଅସ୍ୱୀକାର କରିଥିଲେ। ଅଦାଲତ ପୂର୍ବରୁ ମଧ୍ୟ ତାଙ୍କ ମୂଳ ଅଭିଯୋଗ ଖାରଜ କରିଥିଲେ।

ପଞ୍ଜାବରେ ଆପ୍ ଛାଡ଼ିଲେ ୨ ବିଧାୟକ

ଚଣ୍ଡିଗଡ଼,୧।୧୧(ଏଜେନ୍ସି): ୨୦୨୭ ପଞ୍ଜାବ ବିଧାନସଭା ନିର୍ବାଚନ ପାଇଁ ପ୍ରଥମ ପର୍ଯ୍ୟାୟରେ ୪୦ ଜଣ ପ୍ରାର୍ଥୀଙ୍କ ତାଲିକା ଘୋଷଣା କରିବାର ଦିନକ ପରେ ଆମ୍ ଆଦମୀ ପାର୍ଟି (ଆପ୍)କୁ ଝଟ୍‌କା ଲାଗିଛି। ଦଳର ଦୁଇ ବିଧାୟକ ହରମିତ ସିଂହ ପଠାନମାଜରା ଓ ଚେତନ ସିଂହ ଜୌରାମାଜରା ପଞ୍ଜାବ ବିଧାନସଭାରୁ ଇସ୍ତଫା ଦେଇଛନ୍ତି। ହରମିତ ସନୌର ଏବଂ ଚେତନ ସମାନା ନିର୍ବାଚନମଣ୍ଡଳୀର ପ୍ରତିନିଧିତ୍ୱ କରୁଥିଲେ। ଦଳୀୟ ନେତୃତ୍ୱ ସହ ଦୀର୍ଘଦିନ ଧରି ମତଭେଦ ଲାଗି ରହିଥିଲା ହରମିତଙ୍କର। ବନ୍ୟା ପରିଚାଳନା ନେଇ ସରକାରଙ୍କ ଆଭିମୁଖ୍ୟ ଓ ତାଙ୍କ ବିରୋଧରେ ରୁଜୁ ହୋଇଥିବା ଅପରାଧିକ ମାମଲାକୁ ନେଇ ସେ ଅସନ୍ତୋଷ ପ୍ରକାଶ କରିଥିଲେ। ସେହିପରି ପୂର୍ବତନ ମନ୍ତ୍ରୀ ଚେତନଙ୍କ ନିର୍ବାଚନମଣ୍ଡଳୀ ସମାନାରେ ଦଳୀୟ ଗୁରୁତ୍ୱ ହ୍ରାସ ପାଇଥିବା ଚର୍ଚ୍ଚା ହେଉଥିଲା। ମେ'ରେ ଶିରୋମଣି ଅକାଳୀ ଦଳର ପୂର୍ବତନ ନେତା ସୁରଜିତ ସିଂହ ରାଖରା ଆପ୍‌ରେ ଯୋଗଦେବା ପରେ ତାଙ୍କୁ ସମାନାରେ ଦଳୀୟ ଦାୟିତ୍ୱ ଦିଆଯାଇଥିଲା। ଉଲ୍ଲେଖଯୋଗ୍ୟ, ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ଧୁରି ଆସନରୁ ପୁନର୍ବାର ନିର୍ବାଚନ ଲଢ଼ିବେ। ଦଳର ପ୍ରଥମ ତାଲିକାରେ ୪୦ ଜଣ ବିଧାୟକଙ୍କୁ ପୁନଃ ପ୍ରାର୍ଥୀ କରାଯାଇଛି।

ଥାନା ଭିତରେ ମହିଳାଙ୍କୁ ଦୁଷ୍କର୍ମ

ଷଢ଼େଇକଳା,୧।୧୧(ଏଜେନ୍ସି): ଝାଡ଼ଖଣ୍ଡର ଷା।ଢ଼େଇକଳା -ଖରସୱାନ ଜିଲ୍ଲାରେ ଥାନା ଭିତରେ ଜଣେ ମହିଳାଙ୍କୁ ଦୁଷ୍କର୍ମ ଅଭିଯୋଗରେ ଜଣେ ପୁଲିସ କନଷ୍ଟେବଳଙ୍କୁ ଗିରଫ କରାଯାଇଛି। ଏହି ଘଟଣାରେ ଗମ୍ହାରିଆ ଥାନା ଅଧିକାରୀଙ୍କ ସମେତ ୫ ଜଣ ପୁଲିସ କର୍ମଚାରୀଙ୍କୁ କର୍ତ୍ତବ୍ୟରେ ଅବହେଳା ଅଭିଯୋଗରେ ନିଲମ୍ବନ କରାଯାଇଛି। ଅକ୍ଟୋବର ୨୯ ରାତିରେ ଏହି ଘଟଣା ଘଟିଥିଲା। ସ୍ୱାମୀଙ୍କ ସହ ଝଗଡ଼ା ପରେ ମାଡ଼ ଭୟରେ ମହିଳା ଜଣକ ଘର ଛାଡ଼ି ପଡ଼ଶୀଙ୍କ ଘରକୁ ଯାଇଥିଲେ। ସେଠାରୁ ପୁଲିସକୁ ଫୋନ୍ କରିବା ପରେ ପିସିଆର୍ ଭ୍ୟାନ୍ ତାଙ୍କୁ ଥାନାକୁ ଆଣିଥିଲା। ରାତିରେ ବିଶ୍ରାମ ପାଇଁ ତାଙ୍କୁ ଥାନାର ଏକ କୋଠରିରେ ରଖାଯାଇଥିଲା। ଏହି ସମୟରେ ଥାନାରେ କାର୍ଯ୍ୟରତ ଜଣେ ୱାୟରଲେସ୍ ଅପରେଟର ତାଙ୍କୁ ଦୁଷ୍କର୍ମ କରିଥିବା ମହିଳା ଅଭିଯୋଗ କରିଛନ୍ତି। ଏସ୍‌ପି ମନୋଜ ସ୍ୱର୍ଗିଆରୀଙ୍କ ନିର୍ଦ୍ଦେଶରେ ତଦନ୍ତ ପରେ ଅଭିଯୁକ୍ତ କନଷ୍ଟେବଳଙ୍କୁ ଗିରଫ କରାଯାଇଛି। ଅଦାଲତ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇଛନ୍ତି। ଘଟଣା ସମୟରେ ସେ ପିନ୍ଧିଥିବା ପୋଷାକ ଜବତ କରାଯାଇ ଫରେନ୍ସିକ୍ ପରୀକ୍ଷା ପାଇଁ ପଠାଯାଉଛି। ଏହି ଘଟଣାକୁ ନେଇ ବିଜେପି ରାଜ୍ୟର ଆଇନଶୃଙ୍ଖଳା ସ୍ଥିତି ଉପରେ ପ୍ରଶ୍ନ ଉଠାଇଛି।

୧୪୩ କଏଦୀଙ୍କୁ ଦୀପାବଳି ପାରୋଲ୍

ଅହମଦାବାଦ,୧।୧୧(ଏଜେନ୍ସି): ଦୀପାବଳି ପର୍ବ ପରିବାର ସହ ପାଳନ କରିବାକୁ ଗୁଜରାଟ ସରକାର ୧୪୩ ଜଣ ଯୋଗ୍ୟ କଏଦୀଙ୍କୁ ୧୫ ଦିନିଆ ପାରୋଲ୍ ପ୍ରଦାନ କରିଛନ୍ତି। ନଭେମ୍ବର ୬ ଧନତେରସ୍‌ଠାରୁ ସେମାନେ ଜେଲ୍‌ରୁ ମୁକ୍ତ ହୋଇ ପରିବାର ସହ ପର୍ବ ପାଳନ କରିପାରିବେ। ଏଥିରେ ୬୦ ବର୍ଷରୁ ଅଧିକ ବୟସର ୧୦୩ ଜଣ ପୁରୁଷ ଓ ୪୦ ଜଣ ମହିଳା କଏଦୀ ଅଛନ୍ତି। କଏଦୀଙ୍କ କଲ୍ୟାଣ ଓ ଜେଲ୍ ସଂସ୍କାର କାର୍ଯ୍ୟକ୍ରମ ଅନ୍ତର୍ଗତ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ୨୦୦୩ରୁ ପ୍ରତିବର୍ଷ ଦୀପାବଳିରେ ଯୋଗ୍ୟ ମହିଳା ଓ ୬୦ ବର୍ଷରୁ ଅଧିକ ବୟସ୍କ ପୁରୁଷ କଏଦୀଙ୍କୁ ୧୫ ଦିନିଆ ପାରୋଲ୍ ଦିଆଯାଉଛି। ତେବେ ଗୁରୁତର ଅପରାଧରେ ଦୋଷୀ ସାବ୍ୟସ୍ତ କଏଦୀଙ୍କୁ ଏହି ସୁବିଧା ମିଳିବ ନାହିଁ। ଦୁଷ୍କର୍ମ, ଅପହରଣ, ଡକାୟତି, ଲୁଟ୍ ଓ ଚୋରି ଭଳି ଅପରାଧରେ ଜଡ଼ିତ କଏଦୀ ଏଥିରୁ ବାଦ୍ ପଡ଼ିବେ। ସେହିପରି ଆତଙ୍କବାଦୀ କାର୍ଯ୍ୟକଳାପ, ନିଶାଦ୍ରବ୍ୟ ଆଇନ ଓ ରାଷ୍ଟ୍ରବିରୋଧୀ କାର୍ଯ୍ୟରେ ଦଣ୍ଡିତ ବ୍ୟକ୍ତିଙ୍କୁ ମଧ୍ୟ ପାରୋଲ୍ ମିଳିବ ନାହିଁ। ପ୍ରତିଷେଧମୂଳକ ଅଟକ ନିର୍ଦ୍ଦେଶ ଥିବା କଏଦୀମାନେ ମଧ୍ୟ ଏହି ସୁବିଧାରୁ ବଞ୍ଚିତ ହେବେ।

ମଣିପୁରରେ ଗୁଳି ବିନିମୟ; କୁକି ସମ୍ପ୍ରଦାୟର ୩ ମୃତ

ଇମ୍ଫାଲ,୧।୧୧(ଏଜେନ୍ସି): ମଣିପୁରର ନୋନି ଜିଲ୍ଲାରେ ଶନିବାର ଦୁଇ ପ୍ରତିଦ୍ୱନ୍ଦ୍ୱୀ ଗୋଷ୍ଠୀ ମଧ୍ୟରେ ଭୟଙ୍କର ଗୁଳିବିନିମୟ ଘଟି ୩ ଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ସମସ୍ତେ କୁକି ସମ୍ପ୍ରଦାୟର ବୋଲି ଜଣାପଡ଼ିଛି। ନାଗା ଉଗ୍ରପନ୍ଥୀ ଗୋଷ୍ଠୀ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା କୁକି ସଂଗଠନ ଅଭିଯୋଗ କରିଛି। ନୋନି ଜିଲ୍ଲାର ଦୁର୍ଗମ ପାହାଡ଼ିଆ ଗାଁ କେକୁ ନାଗାରେ ଏହି ଘଟଣା ଘଟିଛି। ଉଭୟ ପକ୍ଷ ମଧ୍ୟରେ ଦୀର୍ଘ ସମୟ ଧରି ଗୁଳିଚାଳନା ହୋଇଥିଲା। ଘଟଣା ପରେ ଅଞ୍ଚଳରେ ଶାନ୍ତି ଓ ଆଇନଶୃଙ୍ଖଳା ବଜାୟ ରଖିବାକୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। କୁକି ସମ୍ପ୍ରଦାୟର ପ୍ରମୁଖ ସଂଗଠନ କୁକି ଇନ୍‌ପି ମଣିପୁର ଏହି ହତ୍ୟାକାଣ୍ଡକୁ ନିନ୍ଦା କରିବା ସହ ଦୋଷୀଙ୍କ ବିରୋଧରେ ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ ଓ ନ୍ୟାୟ ଦାବି କରିଛି। ଅନ୍ୟପକ୍ଷରେ ଇମ୍ଫାଲରେ ମୈତେଇ ସଂଗଠନଗୁଡ଼ିକ ଏକ ରାଲି କରି ସ୍ଥାନୀୟ ଲୋକଙ୍କ ସୁରକ୍ଷା ଓ କୁକି ଉଗ୍ରପନ୍ଥୀ ଗୋଷ୍ଠୀ ସହ ହୋଇଥିବା ଅସ୍ତ୍ରବିରତି ଚୁକ୍ତି (ଏସ୍‌ଓଓ) ବାତିଲ୍ ପାଇଁ ଦାବି କରିଛନ୍ତି। ନାଗା ସଂଗଠନଗୁଡ଼ିକ ମଧ୍ୟ ଏହି ରାଲିକୁ ସମର୍ଥନ ଜଣାଇଛନ୍ତି। ୨୦୨୩ ମେ'ରୁ ମଣିପୁରରେ ମୈତେଇ ଓ କୁକି ସମ୍ପ୍ରଦାୟ ମଧ୍ୟରେ ଜାତିଗତ ହିଂସା ଜାରି ରହିଛି। ଏହି ସଂଘର୍ଷରେ ଏଯାଏଁ ଅତିକମ୍‌ରେ ୩୦୬ ଜଣଙ୍କ ଜୀବନ ଯାଇଥିବା ବେଳେ ଅନେକ ନିଖୋଜ ଅଛନ୍ତି। ଚଳିତ ବର୍ଷ ଫେବୃଆରିରୁ କୁକି-ନାଗା ସଂଘର୍ଷରେ ମଧ୍ୟ ପ୍ରାୟ ୫୦ ଜଣଙ୍କ ମୃତ୍ୟୁ ହୋଇଥିବା ଖବରରେ ଉଲ୍ଲେଖ ରହିଛି। ଅସ୍ତ୍ରବିରତି ଚୁକ୍ତିର ଅନୁପାଳନକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି।

ବିଜେପି କହିଲା 'ଫ୍ଲପ୍ ଶୋ'

ନୂଆଦିଲ୍ଲୀ, ୧।୧୧ (ଏଜେନ୍ସି): ଦିଲ୍ଲୀର ରାମଲୀଳା ମୈଦାନରେ ଇଣ୍ଡି ମେଣ୍ଟର ବିଶାଳ ସମାବେଶ ପରେ ବିରୋଧୀ ମେଣ୍ଟକୁ ପାଲଟା ଆକ୍ରମଣ କରିଛି ବିଜେପି। ସମାବେଶରେ ୧୦ ଲକ୍ଷରୁ ଅଧିକ ଲୋକ ଯୋଗ ଦେଇଥିବା ବିରୋଧୀ ଦଳଗୁଡ଼ିକର ଦାବି ଉପରେ ପ୍ରଶ୍ନ ଉଠାଇ ଏହାକୁ 'ଫ୍ଲପ୍ ଶୋ' ବୋଲି ଆଖ୍ୟା ଦେଇଛି ଶାସକ ଦଳ। ବିଜେପି ପକ୍ଷରୁ ସେୟାର କରାଯାଇଥିବା ଭିଡିଓରେ ସମାବେଶ ସ୍ଥଳର ପ୍ରାୟ ୪୦ ପ୍ରତିଶତ ଅଞ୍ଚଳ ଖାଲି ପଡ଼ିଥିବା ଦାବି କରାଯାଇଛି। ବିଜେପି କହିଛି, ଏହି ସମାବେଶ ସମୟ ନଷ୍ଟ ବ୍ୟତୀତ ଅନ୍ୟ କିଛି ନୁହେଁ। ନିର୍ବାଚନରେ ପରାଜୟ ପରେ ବିରୋଧୀ ମେଣ୍ଟ ଦେଶରେ ଅସ୍ଥିରତା ଓ ଅରାଜକତା ସୃଷ୍ଟି କରିବାକୁ ଉଦ୍ୟମ କରୁଛି ବୋଲି ଦଳ ଅଭିଯୋଗ କରିଛି। ୨୦୨୪ ଲୋକସଭା ନିର୍ବାଚନର ବୈଧତା ନେଇ ବିରୋଧୀ ନେତାମାନେ ଉଠାଇଥିବା ପ୍ରଶ୍ନର ମଧ୍ୟ ଜବାବ ଦେଇଛି ବିଜେପି। ସାମ୍ବିଧାନିକ ପଦବିରେ ନିଯୁକ୍ତିର ବୈଧତାକୁ ପ୍ରଶ୍ନ କରାଗଲେ ବିରୋଧୀ ଦଳର ନେତାଙ୍କ ନିଯୁକ୍ତି ମଧ୍ୟ ଅବୈଧ ବୋଲି ଧରିବାକୁ ହେବ ବୋଲି ଦଳ ଯୁକ୍ତି ବାଢ଼ିଛି। ଉଲ୍ଲେଖଯୋଗ୍ୟ, ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଏବଂ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ରବିବାର ଇଣ୍ଡି ମେଣ୍ଟ ଏହି ସମାବେଶ କରିଥିଲା। ତେବେ ସମାବେଶରେ ଜନସମାଗମକୁ ନେଇ ବିଜେପି ଓ ବିରୋଧୀ ଦଳ ମଧ୍ୟରେ ରାଜନୈତିକ ବାକ୍‌ଯୁଦ୍ଧ ଆରମ୍ଭ ହୋଇଛି।




ଦିଲ୍ଲୀର ରାମଲୀଳା ମଇଦାନରେ ଅନୁଷ୍ଠିତ ଇଣ୍ଡିଆ ମେଣ୍ଟର ରାଲିରେ ମଞ୍ଚାସୀନ ନେତା

ରାଜସ୍ଥାନର ଆଇଏଏସ୍-ଆଇପିଏସ୍ ଦମ୍ପତିଙ୍କ ଅମାପ ସମ୍ପତ୍ତି

୬ କୋଟିରେ କିଣିଲେ ୪୦ଟି ଭିଲ୍ଲା, ବାର୍ଷିକ ଭଡ଼ା ୧.୮ କୋଟି ଟଙ୍କା

ଜୟପୁର,୧।୧୧(ଏଜେନ୍ସି): ମାତ୍ର ଅଢେଇ ବର୍ଷ ମଧ୍ୟରେ ୬.୧୬ କୋଟି ଟଙ୍କାରେ ୪୦ଟି ଭିଲ୍ଲା ଓ କଟେଜ୍ କିଣିବା ପରେ ସେଗୁଡ଼ିକୁ ପୁଣି ବିକ୍ରି କରିଥିବା କମ୍ପାନିକୁ ଭଡ଼ାରେ ଦେଇଛନ୍ତି ରାଜସ୍ଥାନର ଜଣେ ଆଇଏଏସ୍ ଅଧିକାରୀଙ୍କ ପରିବାର। ଏଥିରୁ ବାର୍ଷିକ ପ୍ରାୟ ୧.୮ କୋଟି ଟଙ୍କା ଭଡ଼ା ଆୟ ହେଉଥିବା ଜଣାପଡ଼ିଛି। ସରକାରୀ ପଦବିର ଦୁରୁପଯୋଗ କରି ଏକ ଘରୋଇ କମ୍ପାନିକୁ ଅନୁଚିତ ଅନୁଗ୍ରହ ପ୍ରଦର୍ଶନ ଏବଂ ବଜାର ମୂଲ୍ୟଠାରୁ କମ୍ ଦାମ୍‌ରେ ସମ୍ପତ୍ତି କିଣିବା ଅଭିଯୋଗରେ ଏବେ ରାଜ୍ୟ ଦୁର୍ନୀତି ନିରୋଧୀ ବ୍ୟୁରୋ (ଏସିବି) ଏହାର ତଦନ୍ତ କରୁଛି। ତଦନ୍ତ ଘେରରେ ଥିବା ଅଧିକାରୀ ହେଉଛନ୍ତି ଶିଖର ଅଗ୍ରୱାଲ। ସେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ପତ୍ନୀ ତଥା ବରିଷ୍ଠ ଆଇପିଏସ୍ ଅଧିକାରୀ ପ୍ରଶାଖା ମାଥୁର ମଧ୍ୟ ଏହି ମାମଲାରେ ତଦନ୍ତ ପରିସରକୁ ଆସିଛନ୍ତି। ଉଭୟଙ୍କୁ ସରକାର ଅପେକ୍ଷାରତ ନିଯୁକ୍ତି ଆଦେଶ (ଏପିଓ)ରେ ରଖିଛନ୍ତି। ଅକ୍ଟୋବର ୩୦ରେ ଏସିବି ପକ୍ଷରୁ ଜାରି ବିବୃତି ଅନୁଯାୟୀ, ପ୍ରାଥମିକ ତଦନ୍ତରେ ଅଗ୍ରୱାଲ ଏବଂ ଗୋୟଲ ଫ୍ୟାସନ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକମାନଙ୍କ ମଧ୍ୟରେ ଅନୁଚିତ ମିଳିତ କାରବାରର ପ୍ରାଥମିକ ପ୍ରମାଣ ମିଳିଛି। ଏହାଦ୍ୱାରା କମ୍ପାନି ଅନୁଚିତ ଲାଭ ପାଇଥିବା ଏବଂ ରାଜ୍ୟ ସରକାରଙ୍କ ଆର୍ଥିକ କ୍ଷତି ହୋଇଥିବା ସନ୍ଦେହ କରାଯାଉଛି। ଅଭିଯୋଗ ଅନୁଯାୟୀ, ଉଦୟପୁର ଜିଲ୍ଲାପାଳ, ରାଜସ୍ଥାନ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧ୍ୟକ୍ଷ ଏବଂ ଶିଳ୍ପ ବିଭାଗର



ଅତିରିକ୍ତ ମୁଖ୍ୟ ସଚିବ ଭଳି ପଦବିରେ ଥିବା ସମୟରେ ଅଗ୍ରୱାଲ କମ୍ପାନିକୁ ସୁବିଧା ଯୋଗାଇ ଦେଇଥିଲେ। ରିସର୍ଟ ନିର୍ମାଣ ନିୟମରେ କୋହଳ, ଆବଶ୍ୟକ ପ୍ରମାଣପତ୍ରର ଉପଯୁକ୍ତ ଯାଞ୍ଚ ବିନା ଅନୁମତି ଏବଂ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ୍ ପ୍ରଦାନ ଭଳି ଅଭିଯୋଗ ରହିଛି। ଦୁର୍ନୀତି ନିରୋଧୀ ଆଇନର ଧାରା ୧୭-ଏ ଅନୁଯାୟୀ ରାଜ୍ୟ ସରକାର ଏହାର ବିସ୍ତୃତ ତଦନ୍ତକୁ ଅନୁମତି ଦେଇଛନ୍ତି। ତଦନ୍ତ ଅନୁଯାୟୀ, ୨୦୨୩ ସେପ୍ଟେମ୍ବରରେ ଉଦୟପୁରର ବୁଝଡ଼ାସ୍ଥିତ ଅନନ୍ତା ରିସର୍ଟରୁ ପରିବାର ୨୦ଟି କଟେଜ୍ କିଣିଥିଲେ। ଏହାପରେ ୨୦୨୬ ମାର୍ଚ୍ଚରେ ଅଲୱରର ଅଜବଗଡ଼ସ୍ଥିତ ଅନନ୍ତା ରିସର୍ଟରୁ ଆଉ ୨୦ଟି ଭିଲ୍ଲା କିଣାଯାଇଥିଲା। ଗୋୟଲ ଫ୍ୟାସନ୍ସଠାରୁ ଏହି ୪୦ଟି ସମ୍ପତ୍ତି ମୋଟ ୬.୧୬ କୋଟି ଟଙ୍କାରେ କିଣାଯାଇଥିଲା। ଏସିବିର ପ୍ରାଥମିକ ତଦନ୍ତରେ କେତେକ ଭିଲ୍ଲା ବଜାର ମୂଲ୍ୟଠାରୁ ଯଥେଷ୍ଟ କମ୍ ଦାମ୍‌ରେ କିଣାଯାଇଥିବା ସନ୍ଦେହ କରାଯାଇଛି। ଅଗ୍ରୱାଲ ଓ ତାଙ୍କ ପତ୍ନୀ ଉଦୟପୁରରେ ୧୦ଟି ଲେଖାଏଁ ଭିଲ୍ଲା ୧୫ ଲକ୍ଷ ଟଙ୍କା ହିସାବରେ କିଣିଥିଲେ। ଅଲୱରରେ ଉଭୟଙ୍କ ନାମରେ ୧୬.୫ ଲକ୍ଷ ଟଙ୍କା ମୂଲ୍ୟର ୮ଟି ଲେଖାଏଁ ଭିଲ୍ଲା ପଞ୍ଜୀକୃତ ହୋଇଥିଲା। ସେମାନଙ୍କ ଦୁଇ ପୁଅ ୪ଟି ଲେଖାଏଁ ଭିଲ୍ଲା କିଣିଥିବାବେଳେ ମାଥୁରଙ୍କ ପିତାମାତାଙ୍କ ନାମରେ ମଧ୍ୟ ୪ଟି ଭିଲ୍ଲା ପଞ୍ଜୀକୃତ ହୋଇଥିଲା। ଉଲ୍ଲେଖନୀୟ ଯେ, ସମ୍ପତ୍ତି କିଣିବା ପରେ ଅଗ୍ରୱାଲଙ୍କ ପରିବାର ସେହି ସମ୍ପତ୍ତିଗୁଡ଼ିକୁ ପୁଣି ଗୋୟଲ ଫ୍ୟାସନ୍ସକୁ ଭଡ଼ାରେ ଦେଇଥିଲେ।

ଓଇଆରସିକୁ ଅଚଳ କରିଦେଲେ ସରକାର!

ବିଦ୍ୟୁତ୍ ଆଇନ ନିୟମକୁ ଫୁ, ୪ ମାସ ମଧ୍ୟରେ ଅଧ୍ୟକ୍ଷ ନିଯୁକ୍ତି ନୋହିଲା

ଭୁବନେଶ୍ୱର,୧।୧୧(ସମିସ): ନିକଟରେ ରାଜ୍ୟ ସରାକରଙ୍କ କେତେକ ନିଷ୍ପତ୍ତି ଖୁବ୍ ବିବାଦୀୟ ହୋଇପଡ଼ିଥିବା ବେଳେ ରାଜ୍ୟ ପ୍ରଶାସନକୁ ଶନିଦଶା ପଡ଼ିଛି ବୋଲି ଲୋକେ କୁହାକୁହି ହେଲେଣି। ବିଶେଷକରି ବର୍ତ୍ତମାନ ଚାଲିଥିବା ଡିଜି ନିଯୁକ୍ତି ବିବାଦ ଯୋଗୁଁ ଓଡ଼ିଶା ସାରା ଦେଶରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁରରେ ରହିଛି। ଏତିକିବେଳେ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆରସି)ରେ ଅଧ୍ୟକ୍ଷ ପଦରେ ନିଯୁକ୍ତି ପାଇଁ ଚାଲିଥିବା ପ୍ରକ୍ରିୟାକୁ ନେଇ ସନ୍ଦେହ ପ୍ରକାଶ କରିଛନ୍ତି ଶକ୍ତି ସମୀକ୍ଷକ। ଅଧ୍ୟକ୍ଷ ପଦ ପାଇଁ ବିଦ୍ୟୁତ୍ ଆଇନରେ ଯେଉଁ ପ୍ରାବଧାନ ଅଛି, ତାହାକୁ ସରକାର ଜାଣିଶୁଣି ଅନୁପାଳନ କରୁନାହାନ୍ତି। ଯାହାଫଳରେ ବିନା ଅଧ୍ୟକ୍ଷରେ ଓଇଆରସି ଏକପ୍ରକାର ଅଚଳ ହୋଇ ପଡ଼ିଲାଣି। ନିଜ ପସନ୍ଦର ବ୍ୟକ୍ତିବିଶେଷଙ୍କୁ ଅଧ୍ୟକ୍ଷ ପଦରେ ବସାଇବା ପାଇଁ ବୋଧହୁଏ ସରକାରୀ ସ୍ତରରେ ଉଦ୍ୟମ ଚାଲିଛି। ସେଥିପାଇଁ ଅଧ୍ୟକ୍ଷ ପଦବୀ ପାଇଁ ଥିବା ନିୟମାବଳୀର ଖୁଲମଖୁଲା ଉଲ୍ଲଂଘନ କରଯାଉଛି ବୋଲି ଶକ୍ତି ସମୀକ୍ଷକ ମହଲରେ ମତ ପ୍ରକାଶ ପାଇଛି।

ବିଦ୍ୟୁତ୍ ଆଇନର ଧାରା ୮୫(୨) ଅନୁଯାୟୀ ଯଦି କୌଣସି କାରଣରୁ ଓଇଆରସି ଅଧ୍ୟକ୍ଷ ନିଜ ଆଡୁ ଇସ୍ତଫା ପ୍ରଦାନ କରନ୍ତି, ତାହେଲେ ରାଜ୍ୟ ସରକାର ଇସ୍ତଫାର ଏକମାସ ମଧ୍ୟରେ ଚୟନ କମିଟିକୁ ପରବର୍ତ୍ତୀ ଓଇଆରସି ଅଧ୍ୟକ୍ଷ ପଦବୀ ପାଇଁ ନାମ ସୁପାରିଶ କରିବେ। ନାମ ସୁପାରିଶ କରିବାର ୩ ମାସ ମଧ୍ୟରେ ଚୟନ କମିଟି ଅଧ୍ୟକ୍ଷ କିଏ ହେବେ, ସେନେଇ ନିଷ୍ପତ୍ତି ଗ୍ରହଣ କରିବେ। ଅର୍ଥାତ୍ ପୂର୍ବ ଅଧ୍ୟକ୍ଷ ଇସ୍ତଫା ଦେବାର ସର୍ବାଧିକ

- ଶକ୍ତି ସମୀକ୍ଷକଙ୍କ ପ୍ରଶ୍ନ, କାହା ସ୍ୱାର୍ଥରେ ଚୟନ କମିଟି ବୈଠକ ଘୁଞ୍ଚିଲା
- ପୂର୍ବରୁ ଆବେଦନ ଅବଧିର ଏକାଧିକ ଥର ହୋଇଥିଲା ବୃଦ୍ଧି
- ସମୀକ୍ଷକ ମହଲରେ ସନ୍ଦେହ, ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଥଇଥାନ ପାଇଁ ଚାଲିଛି ମସୁଧା!

୪ ମାସ ମଧ୍ୟରେ ନୂଆ ଅଧ୍ୟକ୍ଷଙ୍କୁ ନିଯୁକ୍ତି ମିଳିବା ବାଧ୍ୟତାମୂଳକ ବୋଲି ବିଦ୍ୟୁତ୍ ଆଇନରେ ଉଲ୍ଲେଖ ରହିଛି। ମାତ୍ର ରାଜ୍ୟ ସରକାର ଏହି ବିଦ୍ୟୁତ୍ ଆଇନର ଖୋଲାଖୋଲି ଉଲ୍ଲଂଘନ କରିଥିବା ଶକ୍ତି ସମୀକ୍ଷକ ଅଭିଯୋଗ କରିଛନ୍ତି। ପୂର୍ବ ଓଇଆରସି ଅଧ୍ୟକ୍ଷ ପ୍ରଦୀପ ଜେନା ଗତ ମେ ମାସ ୨୫ ତାରିଖରେ ନିଜ ପଦବୀକୁ ବ୍ୟକ୍ତିଗତ କାରଣ ଦର୍ଶାଇ ଇସ୍ତଫା ପ୍ରଦାନ କରିଥିଲେ। ନିୟମାନୁଯାୟୀ ୪ ମାସ ଅର୍ଥାତ୍ ସେପ୍ଟେମ୍ବର ମାସ ୨୫ ତାରିଖ ମଧ୍ୟରେ ସରକାର ନୂଆ ଅଧ୍ୟକ୍ଷ ନିଯୁକ୍ତ କରିବାର ଆବଶ୍ୟକ ଥିଲା ମାତ୍ର ଇତିମଧ୍ୟରେ ନଭେମ୍ବର ମାସ ଆରମ୍ଭ ହୋଇଥିଲେ ମଧ୍ୟ ଏଥିପାଇଁ ଚୟନ କମିଟିର ବୈଠକ ମଧ୍ୟ ଆରମ୍ଭ ହୋଇପାରିଲା ନାହିଁ। ସବୁଠାରୁ ସନ୍ଦେହର କଥା ହେଉଛି ଯେ ଗତ ଅକ୍ଟୋବର ୧୨ ତାରିଖରେ ସରକାର ଚୟନ କମିଟିର ବୈଠକ ଡାକିଥିଲେ। ମାତ୍ର ବିନା କୌଣସି କାରଣ ଦର୍ଶାଇ ଏହି କମିଟି ବୈଠକକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଟାଳି ଦିଆଗଲା। ଏହି ବୈଠକରେ ଓଇଆରସି ଅଧ୍ୟକ୍ଷ କିଏ ହେବ, ତାହା ନେଇ ନିଷ୍ପତ୍ତି ହୋଇଥାନ୍ତା। କେଉଁ ଅଦୃଶ୍ୟ ଶକ୍ତିର ଚାପରେ, କାହା ସ୍ୱାର୍ଥରେ ଏହି ବୈଠକକୁ ଟାଳି ଦିଆଗଲା, ତାହା ଅନୁସନ୍ଧାନ ସାପେକ୍ଷ। ସରକାରଙ୍କର ଏପରି ମନୋଭାବ ସାଧାରଣରେ ସନ୍ଦେହ ସୃଷ୍ଟି କରୁଛି। ସୂଚନାଯୋଗ୍ୟ ଯେ ପୂର୍ବରୁ ଅଧ୍ୟକ୍ଷ ପଦବୀ ପାଇଁ ଆବେଦନ ତାରିଖକୁ ରାଜ୍ୟ ସରକାର ଏକାଧିକ ବାର ଘୁଞ୍ଚାଇବାକୁ ନେଇ ମଧ୍ୟ ଶକ୍ତି ସମୀକ୍ଷକ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଆବେଦନ ଅବଧି ବୃଦ୍ଧି କାହା ସ୍ୱାର୍ଥରେ ବୋଲି ସେତେବେଳେ ପ୍ରଶ୍ନ ଉତ୍ଥାପନ ହୋଇଥିଲା। ବର୍ତ୍ତମାନ ବୈଠକକୁ ଘୁଞ୍ଚାଇବା, ଆଦୌ ଭଲ ଉଦ୍ଦେଶ୍ୟ ପାଇଁ ନୁହେଁ ବୋଲି କ୍ଷୋଭ ପ୍ରକାଶ କରୁଛନ୍ତି ଶକ୍ତି ସମୀକ୍ଷକ।

ସୂଚନାଯୋଗ୍ୟ ଯେ ଓଇଆରସି ଅଧ୍ୟକ୍ଷ ପଦବୀ ପରି ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡ଼ିଥିବାରୁ ରାଜ୍ୟରେ ବିଦ୍ୟୁତ୍ କ୍ଷେତ୍ରରେ ଆବଶ୍ୟକୀୟ ସୁଧାର ଏବେ ଅଟକି ରହିଛି। ସ୍ଥାୟୀ ଅଧ୍ୟକ୍ଷ ନଥିବା କାରଣରୁ ଆୟୋଗରେ ଗୁରୁତ୍ୱପୂର୍ଣ୍ଣ ଶୁଣାଣି ଅଟକି ରହିଥିବା ବେଳେ ପ୍ରମୁଖ ନିଷ୍ପତ୍ତି ମଧ୍ୟ ନିଆଯାଇ ପାରୁନାହିଁ। ଏପରିକି ବିତରକ କମ୍ପାନୀ ଟାଟା ପାୱାର ପକ୍ଷରୁ କରାଯାଇଥିବା ରିଭ୍ୟୁ ପିଟିସନ ମଧ୍ୟ ବିଚାରଧୀନ ବସ୍ଥାରେ ରହିଛି। ଓଇଆରସି ମୁରବୀଶୂନ୍ୟ ଥିବା କାରଣରୁ ଏହାର ପ୍ରତ୍ୟେକ୍ଷ ଏବଂ ପରୋକ୍ଷ ପ୍ରଭାବ ବିତରକ କମ୍ପାନୀ ଏବଂ ଅନ୍ୟ ବୈଦ୍ୟୁତିକ ସଂସ୍ଥା ଉପରେ ପଡୁଛି। ବିଦ୍ୟୁତ୍ କର୍ମଚାରୀମାନେ ରାଜରାସ୍ତାକୁ ଓହ୍ଲାଉଥିବା ବେଳେ, ଶକ୍ତି ବିଭାଗର ଏକାଧିକ କାର୍ଯ୍ୟକଳାପକୁ ନେଇ ମଧ୍ୟ ସାଦାରଣରେ ଅସନ୍ତୋଷ ବଢୁଛି। ତେଣୁ ପ୍ରସଙ୍ଗର ଗମ୍ଭୀରତା ଏବଂ ରାଜ୍ୟସ୍ୱାର୍ଥକୁ ସର୍ବାଗ୍ରେ ରଖି ସରକାର ସମ୍ପୂର୍ଣ୍ଣ ସ୍ୱଚ୍ଛ ଉପାୟ ଅବଲମ୍ବନ କରି ନୂଆ ଅଧ୍ୟକ୍ଷ ତୁରନ୍ତ ନିଯୁକ୍ତି ଦିଅନ୍ତୁ ବୋଲି ଦାବି କରିଛନ୍ତି ଶକ୍ତି ସମୀକ୍ଷକ।

ଦିବ୍ୟାଙ୍ଗ ଯୁବତୀଙ୍କୁ ଦୁଷ୍କର୍ମ

କେନ୍ଦ୍ରାପଡ଼ା,୧।୧୧(ସମିସ): ମାନବିକତାକୁ ଲଜ୍ଜିତ କରିବା ଭଳି ଏକ ଅଭାବନୀୟ ଘଟଣା ମାର୍ଶାଘାଇ ଥାନା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଭଉଣୀ ଘରକୁ ବୁଲାଇ ନେବା ପ୍ରଲୋଭନ ଦେଖାଇ ଜଣେ ୨୨ ବର୍ଷୀୟା ମାନସିକ ଦିବ୍ୟାଙ୍ଗ ଯୁବତୀଙ୍କୁ ବାଇକ୍‌ରେ ନେଇ ଦୁଇଜଣ ଯୁବକ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଏ ଘଟଣାରେ ମାର୍ଶାଘାଇ ପୁଲିସ ତ୍ୱରିତ ପଦକ୍ଷେପ ଗ୍ରହଣ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି।



ମାର୍ଶାଘାଇ ପୁଲିସର ତ୍ୱରିତ କାର୍ଯ୍ୟାନୁଷ୍ଠାନ, ଦୁଇ ଅଭିଯୁକ୍ତ ଗିରଫ

ସୂଚନା ମୁତାବକ, ଶୁକ୍ରବାର ଅପରାହ୍ନ ପ୍ରାୟ ୪ଟା ସମୟରେ ଯୁବତୀ ଜଣକ ଓସ୍ତର ହାଟକୁ ଯାଉଥିବାବେଳେ ଗୋପୀନାଥପୁର ଉଚ୍ଚବିଦ୍ୟାଳୟ ନିକଟରେ ଦୁଇ ଯୁବକ ତାଙ୍କୁ ଭେଟିଥିଲେ। ତାଙ୍କୁ ଭଉଣୀ ଘରକୁ ବୁଲାଇ ନେବାକୁ କହି ବାଇକ୍‌ରେ ବସାଇ ନେଇଯାଇଥିଲେ। ପ୍ରାୟ ୧୦ କିଲୋମିଟର ଦୂର ଭୂତମୁଣ୍ଡାଇ ନିକଟସ୍ଥ ଏକ ନିଛାଟିଆ ସ୍ଥାନରେ ତାଙ୍କ ସହ ଦୁଷ୍କର୍ମ କରିବା ପରେ ସନ୍ଧ୍ୟା ସମୟରେ ପୁଣି ଓସ୍ତର ହାଟ ନିକଟରେ ଛାଡ଼ି ଚାଲିଯାଇଥିବା ଅଭିଯୋଗ ହୋଇଛି। ଯୁବତୀ ଜଣକ ରାତି ହୋଇଯାଇଥିଲେ ମଧ୍ୟ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ପରେ ସେ ଓସ୍ତର ହାଟ ନିକଟରେ ବସିଥିବା ଖବର ପାଇ ପରିବାର ଲୋକ ତାଙ୍କୁ ଘରକୁ ଆଣିଥିଲେ। ଯୁବତୀଙ୍କ ପୋଷାକରେ ରକ୍ତଦାଗ ଦେଖି ପରିବାର ଲୋକେ ପଚରାଉଚରା କରିବାରୁ ସେ ଘଟଣା ସମ୍ପର୍କରେ ଜଣାଇଥିଲେ। ଏ ନେଇ ପୀଡ଼ିତାଙ୍କ ବାପା ଶନିବାର ମାର୍ଶାଘାଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ଥାନା ଅଧିକାରୀ ତପନ ନାୟକ ତଦନ୍ତ ଭାର ଉପନିରୀକ୍ଷକ ଧରିତ୍ରୀ ଜେନାଙ୍କୁ ଅର୍ପଣ କରିଥିଲେ। ପୁଲିସ ପକ୍ଷରୁ ପୀଡ଼ିତାଙ୍କ ଡାକ୍ତରୀ ପରୀକ୍ଷା କରାଯିବା ସହ ଅଭିଯୁକ୍ତଙ୍କ ପରିଚୟ ଓ ଅବସ୍ଥିତି ଜାଣିବା ପାଇଁ ତଦନ୍ତ ଜୋରଦାର କରାଯାଇଥିଲା। ଶେଷରେ ଶନିବାର ରାତିରେ ପୁଲିସ ଏହି ଘଟଣାରେ ସମ୍ପୃକ୍ତ ଅଭିଯୋଗରେ ଯଦୁପୁର ଗ୍ରାମର ସୁବ୍ରତ ବେହେରା (୪୦) ଓ ସାନଗାଁ ଗ୍ରାମର ଧନେଶ୍ୱର ନାଥ (୨୭)ଙ୍କୁ ଗିରଫ କରିଥିଲା। ରବିବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣା ପୁଣିଥରେ ମହିଳା, ବିଶେଷକରି ମାନସିକ ଦିବ୍ୟାଙ୍ଗଙ୍କ ସୁରକ୍ଷାକୁ ନେଇ ଗମ୍ଭୀର ପ୍ରଶ୍ନ ଉଠାଇଛି। ଅସହାୟତାର ସୁଯୋଗ ନେଇ ଏଭଳି ଜଘନ୍ୟ ଅପରାଧ ଘଟାଇବା ସମାଜ ପାଇଁ ଏକ ଚିନ୍ତାଜନକ ବିଷୟ। ଏଭଳି ମାମଲାରେ ପୀଡ଼ିତାଙ୍କ ସୁରକ୍ଷା, ମାନସିକ ସହାୟତା ଓ ନ୍ୟାୟ ପ୍ରଦାନ ସହ ତଦନ୍ତର ନିରପେକ୍ଷତା ଉପରେ ଗୁରୁତ୍ୱ ଦେବା ଜରୁରୀ ବୋଲି ମତ ପ୍ରକାଶ ପାଇଛି।

ଆଇପିଏସ୍ ସ୍ତରରେ ବଡ଼ଧରଣର ଅଦଳବଦଳ

- ଜେଲ୍ ଡିଜିରୁ ଓଏସ୍‌ଡି ହେଲେ ସୁଶାନ୍ତ ନାଥ
- ୮ ଆଇପିଏସ୍, ଜଣେ ଓପିଏସ୍‌ଙ୍କ ବିଭାଗ ପରିବର୍ତ୍ତନ

ଭୁବନେଶ୍ୱର, ୧।୧୧(ସମିସ): ରାଜ୍ୟରେ ଆଇପିଏସ ସ୍ତରରେ ବଡ଼ ଧରଣର ଅଦଳ ବଦଳ ହୋଇଛି। ୧୯୯୩ ବ୍ୟାଚ୍‌ର ବରିଷ୍ଠ ଆଇପିଏସ୍ ଅଫିସର ସୁଶାନ୍ତ ନାଥଙ୍କୁ ଜେଲ୍ ଡିଜି ପଦରୁ ହଟାଇ ଗୃହ ବିଭାଗର ଓଏସ୍‌ଡି ଭାବେ ନିଯୁକ୍ତ ଦିଆଯାଇଛି। ପୂର୍ବତନ ଜେଲରଙ୍କ ତାଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିବାର ଗୋଟିଏ ଦିନ ପରେ ଏଭଳି ବଦଳି ହୋଇଛି। ୧୯୯୫ ବ୍ୟାଚ୍‌ର ଆଇପିଏସ୍ ଅଫିସର ତଥା ଏସ୍‌ଏଫଏସଏଲ ନିର୍ଦ୍ଦେଶକ ଥିବା ସନ୍ତୋଷ ବାଲାଙ୍କୁ ଜେଲ୍ ବିଭିଗର ଅତିରିକ୍ତ ଡିଜି ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ରବିବାର ଏନେଇ ଗୃହ ବିଭାଗରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସୁଶାନ୍ତ ନାଥଙ୍କ ସମେତ ଅନ୍ୟ ୮ ଜଣଙ୍କ ଆଇପିଏସ୍ ଏବଂ ଜଣେ ଓପିଏସ୍‌ଙ୍କ ବିଭାଗ ବଦଳ କରାଯାଇ ଭିନ୍ନ ଭିନ୍ନ ସ୍ଥାନରେ ନିଯୁକ୍ତି ଦିଆଯାଇଛି। ରବିବାର ଏନେଇ ଗୃହ ବିଭାଗରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ଗୃହ ବିଭାଗର ବିଜ୍ଞପ୍ତି ଅନୁଯାୟୀ, ୧୯୯୮ ବ୍ୟାଚ୍‌ର ଆଇପିଏସ୍ ଅଫିସର ଅମିତାଭ ଠାକୁର ପରିବହନ କମିସନର ଭାବେ କଟକରେ ଅବସ୍ଥାପିତ ହୋଇଥିବା ବେଳେ ଜେଲ ବିଭାଗର ଅତିରିକ୍ତ ଡିଜି ଭାବେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରୁଥିଲେ। ତାଙ୍କୁ ଜେଲ ବିଭାଗର ଅତିରିକ୍ତ ଡିଜି ଦାୟିତ୍ୱରୁ ମୁକ୍ତ କରାଯାଇଛି। ସେ କେବଳ ପରିବହନ କମିସନର ଭାବେ ତାଙ୍କ ଦାୟିତ୍ୱ ତୁଲାଇବେ। ରାଜ୍ୟ ସଶସ୍ତ୍ର ପୁଲିସର ଅତିରିକ୍ତ ଡିଜି ଭାବେ କାର୍ଯ୍ୟ କରୁଥିବା ୧୯୯୮ ବ୍ୟାଚ୍‌ର ଆଇପିଏସ୍ ଅଫିସର ରାଜେଶ କୁମାରଙ୍କୁ ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। କେନ୍ଦ୍ରୀୟ ଡେପୁଟେସନରୁ ଫେରିଥିବା ୨୦୧୦ ବ୍ୟାଚ୍‌ର ଆଇପିଏସ୍ ଅଫିସର ସାରା ଶର୍ମାଙ୍କୁ ଭିଜିଲାନ୍ସ ଡିଆଇଜି ଦାୟିତ୍ୱ ଦିଆଯାଇଛି। ଝାରସୁଗୁଡା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ରଙ୍କୁ କଟକ ସ୍ଥିତ ପୁଲିସ ମୁଖ୍ୟାଳୟକୁ ଏଆଇଜି ଭାବେ ବଦଳି କରାଯାଇଛି। ସେହିପରି ନୂଆପଡ଼ା ଏସ୍‌ପି ଅମୃତପାଲ ସିଂହଙ୍କୁ କଟକ ସ୍ଥିତ ରାଜ୍ୟ ପୁଲିସ ପୁଲିସ ମୁଖ୍ୟାଳୟକୁ ଏସ୍‌ପି ଭାବେ ବଦଳି କରାଯାଇଛି। ଖୋର୍ଦ୍ଧା ଅତିରିକ୍ତ ଏସ୍‌ପି ସୋନାଲି ସିଂହ ପାରମରଙ୍କୁ ଝାରସୁଗୁଡ଼ା ଏସ୍‌ପି ଭାବେ ବଦଳି କରାଯାଇଛି। କଟକ ସ୍ଥିତ ରାଜ୍ୟ ପୁଲିସ ମୁଖ୍ୟାଳୟରେ ଏଆଇଜି ଭାବେ କାର୍ଯ୍ୟ କରୁଥିବା ଓପିଏସ୍ ଅଫିସର ତପନ ନାରାୟଣ ରଥଙ୍କୁ ନୂଆପଡ଼ା ଏସ୍‌ପି ଭାବେ ବଦଳି କରାଯାଇଛି।

ହୀରାକୁଦ ଛାଡ଼ିଲା ବନ୍ୟାଜଳ, ୫ ଗେଟ୍ ଖୋଲା

ସମ୍ବଲପୁର, ୧।୧୧ (ସମିସ) : ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଛତିଶଗଡ଼ରେ ବର୍ଷା ଯୋଗୁଁ ହୀରାକୁଦ ଜଳଭଣ୍ଡାରରେ ପ୍ରବେଶଜଳ ପରିମାଣ ବୃଦ୍ଧି ପାଇଛି। ଏହାସହ ଜଳସ୍ତର ସର୍ବୋଚ୍ଚ କ୍ଷମତା ୬୩୦ ଫୁଟ୍ ପାଖାପାଖି ହୋଇଛି। ସ୍ଥିତିକୁ ଦୃଷ୍ଟିରେ ରଖି ହୀରାକୁଦ ନଦୀବନ୍ଧ କର୍ତ୍ତୃପକ୍ଷ ଆଜି ପର୍ଯ୍ୟାୟକ୍ରମେ ୫ଟି ସ୍ଲୁଇସ୍ ଗେଟ୍ ଖୋଲି ବନ୍ୟାଜଳ ନିଷ୍କାସନ କରୁଛନ୍ତି। ଆଜି ମଧ୍ୟାହ୍ନ ୧୨ଟା ସମୟରେ ହୀରାକୁଦ ଜଳସ୍ତର ୬୨୯.୫୦ ଫୁଟ୍ ପହଞ୍ଚିବାପରେ ଅପରାହ୍ନ ୨ଟାରେ ଗୋଟିଏ ଗେଟ୍ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ଅପରାହ୍ଣ୩ଟା ୩୦ ମିନିଟ୍‌ରେ ୨ଟି ଗେଟ୍ ଏବଂ ଅପରାହ୍ନ ୪ଟା ୪୦ ମିନିଟରେ ୨ଟି ଗେଟ୍ ଖୋଲିବାକୁ ନିର୍ଦ୍ଦେଶ ଜାରି କରାଯାଇଥିଲା। ସମ୍ପ୍ରତି ନଦୀବନ୍ଧର ୫ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ୯ ତାରିଖ ଜଳଭଣ୍ଡାରରୁ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ଆରମ୍ଭ ହୋଇଥିଲା। ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯.୬୭ ଫୁଟ୍ ରହିଛି। ନଦୀବନ୍ଧର ବାମ ପାର୍ଶ୍ୱର ୩ଟି ଏବଂ ଡାହାଣ ପାର୍ଶ୍ୱର ୨ଟି ଏହିଭଳି ମୋଟ ୫ଟି ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୧୭,୬୮୨ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ, ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୮୫,୯୧୫ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୫୦,୨୨୧ କ୍ୟୁସେକ୍ ଜଳ ନିଷ୍କାସିତ ହେବାସହ ପାୱାର ଚ୍ୟାନେଲ ଦେଇ ୩୧,୩୧୬ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୩୭ କ୍ୟୁସେକ୍, କେନାଲ ପାଇଁ ୪,୧୪୧ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି।

ମୃତ ଚାଷୀଙ୍କ ପରିବାରକୁ ଭେଟିଲା ବିଜେଡି ଟିମ୍



ଶେରଗଡ଼,୧।୧୧(ସମିସ): ଶେରଗଡ ବ୍ଲକ୍ ଡେଙ୍ଗାପଦର ପଞ୍ଚାୟତ ବାକିଲିକଣା ଗ୍ରାମର ଅର୍ଜୁନ ପଣ୍ଡାଙ୍କ ଫସଲ ଉଜୁଡ଼ିଯିବା ପରେ ଆତ୍ମହତ୍ୟା କରିଛନ୍ତି। ଏଭଳି ଖବର ପାଇବା ପରେ ବିଜେଡିର ରାଜ୍ୟ ନେତୃମଣ୍ଡଳୀ ଗ୍ରାମରେ ପହଞ୍ଚି ଅନ୍ତିମ ସଂସ୍କାରରେ ଯୋଗ ଦେଇଥିଲେ। ଏହି ପ୍ରତିନିଧିମଣ୍ଡଳୀରେ ଯାଇଥିବା ପୂର୍ବତନ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ କୁମାର ଜେନା ଦୁଃଖ ପ୍ରକାଶ କରିବା ସହ ଏଭଳି ପରିସ୍ଥିତିରେ ବିଜେଡି ଆପଣଙ୍କ ସହ ରହିଛି ବୋଲି ସ୍ଥାନୀୟ ବିଧାୟକଙ୍କ ଏକ ବାର୍ତ୍ତା ପରିବାରକୁ ପ୍ରଦାନ କରିବା ସହ ସବୁବେଳେ ସବୁ ପରିସ୍ଥିତିରେ ଦଳ ଆପଣଙ୍କ ସହ ରହିଛି ବୋଲି ପ୍ରକାଶ କରିଥିଲେ। ଯଥାଶୀଘ୍ର କ୍ଷତିପୂରଣ ପ୍ରଦାନ କରିବାକୁ ପ୍ରଶାସନକୁ ଅନୁରୋଧ କରିଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ, ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ପୂର୍ବତନ ବିଧାୟିକା ଲତିକା ପ୍ରଧାନ, ସାଂସଦ ପ୍ରାର୍ଥିନୀ ରଞ୍ଜିତା ସାହୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁଙ୍କ ସହିତ ହିଞ୍ଜିଳି ନିର୍ବାଚନ ମଣ୍ଡଳୀର ସମସ୍ତ ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

ବନ୍ୟା ପରିଚାଳନାରେ ଅବହେଳା

୨ କର୍ମଚାରୀ ନିଲମ୍ବିତ, ଜଣଙ୍କୁ କାରଣ ଦର୍ଶାଅ ନୋଟିସ

ଛତ୍ରପୁର,୧।୧୧(ସମିସ): ବାତ୍ୟା 'ଅର୍ଣ୍ଣବ' ପରବର୍ତ୍ତୀ ବନ୍ୟା ପରିସ୍ଥିତିର ମୁକାବିଲା ଓ ପରିଚାଳନା କାର୍ଯ୍ୟରେ ଅବହେଳା ଅଭିଯୋଗରେ ଗଞ୍ଜାମ ଜିଲ୍ଲାର ତିନିଜଣ କର୍ମଚାରୀଙ୍କ ବିରୋଧରେ ପ୍ରଶାସନ ପକ୍ଷରୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ହୋଇଛି। ଏଥିରେ ଜଣେ ମାର୍କେଟିଂ ଇନ୍ସପେକ୍ଟର ଓ ଜଣେ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ)ଙ୍କୁ ନିଲମ୍ବନ କରାଯାଇଥିବାବେଳେ ଅନ୍ୟ ଜଣେ ପିଇଓଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି। ପୁରୁଷୋତ୍ତମପୁର ବ୍ଲକ୍ ଅନ୍ତରିଗାଁ ପଞ୍ଚାୟତର ପିଇଓ ସତ୍ୟନାରାୟଣ ପଣ୍ଡାଙ୍କୁ ବାତ୍ୟା ଓ ପରବର୍ତ୍ତୀ ବନ୍ୟା ପରିଚାଳନା ଦାୟିତ୍ୱରେ ଅବହେଳା ଅଭିଯୋଗରେ ନିଲମ୍ବନ କରାଯାଇଛି। ସେହିପରି ଧରାକୋଟ ବ୍ଲକର ମାର୍କେଟିଂ ଇନ୍ସପେକ୍ଟର ବାଳକୃଷ୍ଣ ନାୟକଙ୍କୁ ମଧ୍ୟ ସମାନ ଅଭିଯୋଗରେ ନିଲମ୍ବିତ କରାଯାଇଛି। ଅନ୍ୟପକ୍ଷରେ, ଶେରଗଡ଼ ବ୍ଲକ ବ୍ରାହ୍ମଣଛାଇ ପଞ୍ଚାୟତର ପିଇଓ ଅନୁଜ ଗୌଡ଼ଙ୍କୁ ପରିଚାଳନା କାର୍ଯ୍ୟରେ ଅବହେଳା ନେଇ ପ୍ରଶାସନ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ବିପର୍ଯ୍ୟୟ ସମୟରେ ସରକାରୀ ଦାୟିତ୍ୱ ନିର୍ବାହରେ ଅବହେଳାକୁ ପ୍ରଶାସନ ଗୁରୁତ୍ୱର ସହ ନେଇଥିବା ଏହି କାର୍ଯ୍ୟାନୁଷ୍ଠାନରୁ ସ୍ପଷ୍ଟ ହୋଇଛି।

ଜଳେଶ୍ୱର ନାବାଳିକା ଦୁଷ୍କର୍ମ ଓ ହତ୍ୟା ଘଟଣା

ପୀଡ଼ିତାଙ୍କ ପରିବାରକୁ ୧ ଲକ୍ଷ ଟଙ୍କା ସହାୟତା ଦେଲେ ନବୀନ

ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୧।୧୧ (ସମିସ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ଅଞ୍ଚଳରେ ଜନୈକା ନାବାଳିକା ଛାତ୍ରୀଙ୍କୁ ଦୁଷ୍କର୍ମ ଓ ହତ୍ୟା ଭଳି ହୃଦୟବିଦାରକ ଘଟଣାରେ ପୀଡ଼ିତାଙ୍କ ପରିବାରକୁ ଆଜି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକଙ୍କ ତରଫରୁ ୧ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ନେତୃତ୍ୱରେ ରାଜ୍ୟ ବିଜେଡିର କାର୍ଯ୍ୟକାରୀ ଯୁବ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜଙ୍କ ସହିତ ଜିଲ୍ଲା ମହିଳା ସଭାପତି ଶୁଭଲକ୍ଷ୍ମୀ ମାଝୀ, ଜିଲ୍ଲାପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ଜଳେଶ୍ୱର ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, ଜଳେଶ୍ୱର ପୌରାଧ୍ୟକ୍ଷ ପ୍ରତାପ କୁମାର ପ୍ରଧାନ, ଜିଲ୍ଲା ମହିଳା କାର୍ଯ୍ୟକାରୀ ସଭାପତି ମୀନା ମହାନ୍ତି ପ୍ରମୁଖ ପୀଡ଼ିତାଙ୍କ ପରିବାରକୁ ଭେଟି ଏହି ଅନୁଦାନ ରାଶି ପ୍ରଦାନ କରିଥିଲେ। ଏହି ଅବସରରେ ସେମାନେ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହିତ ପରିବାରକୁ ନ୍ୟାୟ ମିଳିବା ଏବଂ ଘଟଣାର ସମ୍ପୃକ୍ତ ସମସ୍ତ ଦୋଷୀଙ୍କୁ କଠୋର ଦଣ୍ଡ ଦେବା ପର୍ଯ୍ୟନ୍ତ ବିଜେଡି ତା'ର ଲଢେଇ ଜାରି ରଖିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିସହିତ ପୁଲିସର ଦାୟିତ୍ୱହୀନତା ଯୋଗୁଁ ଏଭଳି ଜଘନ୍ୟ ଘଟଣା ଘଟିଥିବା ଅଭିଯୋଗ କରିବା ସହିତ ନିରପେକ୍ଷ ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚ ଅଥବା ସିବିଆଇ ତଦନ୍ତ କରାଇବା ପାଇଁ ଦଳ ପକ୍ଷରୁ ଦାବି କରାଯାଇଛି।

ବାଲିଅନ୍ତା ଜିଆର୍‌ପି କନେଷ୍ଟବଲ ସୌମ୍ୟ ହତ୍ୟାକାଣ୍ଡ

ବାଲେଶ୍ୱରରୁ ଅଭିଯୁକ୍ତ ଚିନ୍ମୟଙ୍କୁ ଗିରଫ କଲା କ୍ରାଇମବ୍ରାଞ୍ଚ


କଟକ, ୧।୧୧(ସମିସ): ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତା ଥାନା ଅନ୍ତର୍ଗତ ଭିଙ୍ଗାରପୁର-କାଜା ଅଞ୍ଚଳରେ ଘଟିଥିବା ବହୁଚର୍ଚ୍ଚିତ ଜିଆରପି କନଷ୍ଟେବଲ ସୌମ୍ୟରଞ୍ଜନ ସ୍ୱାଇଁ ହତ୍ୟାକାଣ୍ଡ ମାମଲାରେ ସିଆଇଡି କ୍ରାଇମ୍‌ବ୍ରାଞ୍ଚକୁ ଆଉ ଏକ ବଡ଼ ସଫଳତା ମିଳିଛି। ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟତମ ଅଭିଯୁକ୍ତ ଚିନ୍ମୟ ମହାନ୍ତି ଓରଫ ବୁବୁ (୩୩)ଙ୍କୁ କ୍ରାଇମ୍ ବ୍ରାଞ୍ଚ ଟିମ୍ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ବାଲିଅନ୍ତା ଥାନା ବେଣୁପୁର ଅଧୀନ ବାଲିକାଣ୍ଡିଆ ଗ୍ରାମର ଚିତ୍ତରଞ୍ଜନ ମହାନ୍ତିଙ୍କ ପୁଅ ବୋଲି ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ଗତ ମେ' ୭ ତାରିଖରେ ବାଲିଅନ୍ତା ଥାନା ଭିଙ୍ଗାରପୁର-କାଜା ଅଞ୍ଚଳରେ ଏହି ହତ୍ୟାକାଣ୍ଡ ଘଟିଥିଲା। ଘଟଣାର ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହାର ତଦନ୍ତ ଭାର ସିଆଇଡି କ୍ରାଇମ୍ ବ୍ରାଞ୍ଚକୁ ହସ୍ତାନ୍ତର କରିଥିଲେ। ଏହି ମାମଲାରେ (ସିଆଇଡି ସିବି ଥାନା କେସ୍ ନଂ ୦୬/୨୦୨୬, ମୂଳ ବାଲିଅନ୍ତା ଥାନା କେସ୍ ନଂ ୨୨୧/୨୦୨୬, ଭାରତୀୟନ୍ୟାୟସଂହିତା୨୦୨୩ର ଦଫା ୧୦୩(୧)/୩(୫) ଅନୁଯାୟୀ) କ୍ରାଇମ୍ ବ୍ରାଞ୍ଚ ଟିମ୍ ବିଭିନ୍ନ ପ୍ରମାଣ ସଂଗ୍ରହ କରି ଅଭିଯୁକ୍ତଙ୍କୁ ଖୋଜୁଥିଲା। ଗତ ଅକ୍ଟୋବର ୩୧ ତାରିଖ ରାତିରେ କ୍ରାଇମ୍ ବ୍ରାଞ୍ଚର ଏକ ସ୍ୱତନ୍ତ୍ର ଟିମ୍ ବାଲେଶ୍ୱର ଜିଲ୍ଲା ସିଙ୍ଗଲା ଅଞ୍ଚଳରେ ଚଢ଼ଉ କରି ଚିନ୍ମୟ ମହାନ୍ତିଙ୍କୁ କାବୁ କରିଥିଲା। ରବିବାର ତାକୁ ଗିରଫ କରାଯାଇଛି। ଏହି ମାମଲାରେ ପୂର୍ବରୁ ୧୨ ଜଣ ଅଭିଯୁକ୍ତ ଗିରଫ ହୋଇ ବିଚାରବିଭାଗୀୟ ହାଜତରେ ଥିବା ବେଳେ, ଗିରଫ ୧୩ ନମ୍ବର ଅଭିଯୁକ୍ତ ଚିନ୍ମୟ ମହାନ୍ତିଙ୍କୁ ଭୁବନେଶ୍ୱର ସ୍ଥିତ ଏସଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଛି। କ୍ରାଇମ୍ ବ୍ରାଞ୍ଚ ପକ୍ଷରୁ ଏହି ଘଟଣାର ତଦନ୍ତ ଚାଲୁ ରଖାଯାଇଥିବା ବେଳେ, ହତ୍ୟାକାଣ୍ଡ ସହ ଜଡ଼ିତ ଅନ୍ୟ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଚିହ୍ନଟ, ଠାବ ଓ ଗିରଫ କରିବା ପାଇଁ ଉଦ୍ୟମ ଜାରି ରହିଛି।

୧୩ରେ ପହଞ୍ଚିଲା ଗିରଫଦାରୀ ସଂଖ୍ୟା

ବନ୍ୟାରେ ଭାସିଗଲା ସରକାରଙ୍କ ଜଳ ପରିଚାଳନା ବ୍ୟବସ୍ଥା

ନଦୀବନ୍ଧ ସୁରକ୍ଷାକୁ ଭୁଲିଗଲେ ସରକାର; ବିପଦରେ ଗଞ୍ଜାମ

ବ୍ରହ୍ମପୁର,୧।୧୧(ସମିସ): ବନ୍ୟାରେ ବେହାଲ ଗଞ୍ଜାମ। ଗାଁଠୁ ସହର, ଚାଷଜମିଠୁ ଜନବସତି ସବୁଠି ବନ୍ୟାର ତାଣ୍ଡବ। ହଜାର ହଜାର ଲୋକଙ୍କ ଜୀବନଜୀବିକା ବିପନ୍ନ। ଭାଙ୍ଗିପଡ଼ିଛି ଜିଲ୍ଲାର ଜଳ ପରିଚାଳନା ବ୍ୟବସ୍ଥା। ପ୍ରକୃତିର ପ୍ରକୋପକୁ ରୋକିବା ମଣିଷ ପକ୍ଷେ ସମ୍ଭବ ନୁହେଁ, କିନ୍ତୁ ବିପର୍ଯ୍ୟୟର ପ୍ରଭାବକୁ କମାଇବା ପାଇଁ ଆଗୁଆ ପ୍ରସ୍ତୁତି ଓ ଦୀର୍ଘମିଆଦୀ ଯୋଜନା ନିଶ୍ଚିତ ସମ୍ଭବ। ହେଲେ ଗଞ୍ଜାମରେ ଏହି ମୌଳିକ ଦାୟିତ୍ୱ ପାଳନରେ ସରକାର ଓ ପ୍ରଶାସନ କେତେ ସଫଳ ହୋଇଛନ୍ତି, ତାହା ଚଳିତ ବନ୍ୟା ପରିସ୍ଥିତି ପଦାରେ ପକାଇଛି। ନଦୀବନ୍ଧ ସୁରକ୍ଷାଠାରୁ ଆରମ୍ଭ କରି ଜଳଭଣ୍ଡାର ପରିଚାଳନା ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଦୀର୍ଘଦିନର ଅବହେଳା ଏବେ ଜିଲ୍ଲାବାସୀଙ୍କ ପାଇଁ କାଳ ହୋଇଛି। ନୂତନ ସରକାରଙ୍କ ଦୁଇବର୍ଷର ଶାସନକାଳ ମଧ୍ୟରେ ଋଷିକୁଲ୍ୟା ନଦୀ ଓ ଏହାର ଶାଖା ନଦୀଗୁଡ଼ିକର ସୁରକ୍ଷା ଦିଗରେ ଆଖିଦୃଶିଆ ପଦକ୍ଷେପ ନିଆ ନଯିବା ନେଇ ଜିଲ୍ଲାବାସୀ ପ୍ରଶ୍ନ ଉଠାଇଛନ୍ତି। ଚଳିତ ବନ୍ୟା କେବଳ ଅତ୍ୟଧିକ ବର୍ଷାର ପରିଣାମ ନୁହେଁ, ବରଂ ଜଳ ପରିଚାଳନାରେ ଦୀର୍ଘଦିନର ଦୁର୍ବଳତାକୁ ମଧ୍ୟ ସାମ୍ନାକୁ ଆଣିଛି। ଋଷିକୁଲ୍ୟା ନଦୀରେ ଏକାସାଙ୍ଗରେ ବିପୁଳ ପରିମାଣର ବନ୍ୟାଜଳ ପ୍ରବେଶ କରିବା ପରେ ନଦୀ ତାହାକୁ ଧାରଣ କରିବାରେ ଅସମର୍ଥ ହୋଇଥିଲା। ଫଳରେ ନଦୀଜଳ ଉଛୁଳି ବିଭିନ୍ନ ଅଞ୍ଚଳରେ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ନଦୀର ଶାଖାଗୁଡ଼ିକର ସୁରକ୍ଷା, ନଦୀବନ୍ଧର ମରାମତି, ଜଳଧାରଣ କ୍ଷମତା ବୃଦ୍ଧି ଏବଂ ନୂତନ ଜଳସଂରକ୍ଷଣ ପ୍ରକଳ୍ପ ନିର୍ମାଣ ଦିଗରେ ସମୟୋଚିତ ପଦକ୍ଷେପ



ନିଆଯାଇଥିଲେ ପରିସ୍ଥିତି ଏତେ ଭୟଙ୍କର ହୋଇନଥାନ୍ତା ବୋଲି ମତପ୍ରକାଶ ପାଇଛି। ଏ ସମ୍ପର୍କରେ ଜଳସମ୍ପଦ ବିଭାଗର ଜଣେ ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ କହିଛନ୍ତି, ବାଦଲଫଟା ବର୍ଷା ଭଳି ପରିସ୍ଥିତିର ଆଶଙ୍କା ଥିବାବେଳେ ଆଗୁଆ ସତର୍କତା ଓ ପ୍ରସ୍ତୁତି ଅତ୍ୟନ୍ତ ଜରୁରୀ। କେବଳ ବର୍ଷା ଆରମ୍ଭ ହେବା ପରେ ଉଦ୍ଧାର କାର୍ଯ୍ୟ କିମ୍ବା ଜଳ ନିଷ୍କାସନ ଉପରେ ଗୁରୁତ୍ୱ ଦେଲେ ହେବନାହିଁ। ବର୍ଷା ପୂର୍ବରୁ ନଦୀବନ୍ଧ, ଜଳଭଣ୍ଡାର ଓ ନଦୀଶଯ୍ୟାର ସ୍ଥିତି ଯାଞ୍ଚ କରିବା ଆବଶ୍ୟକ। ଋଷିକୁଲ୍ୟା ନଦୀର ଉପରମୁଣ୍ଡରେ ପ୍ରସ୍ତାବିତ ପିପଲପଙ୍କା ଜଳସେଚନ ପ୍ରକଳ୍ପ ଏବେ ମଧ୍ୟ ଚର୍ଚ୍ଚାର ବିଷୟ। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିଲେ ବନ୍ୟାଜଳର ଏକ ଅଂଶ ସଂରକ୍ଷଣ କରିବା ସହ ଜଳପ୍ରବାହ ନିୟନ୍ତ୍ରଣରେ ସହାୟକ ହୋଇପାରିଥାନ୍ତା ବୋଲି ଅବସରପ୍ରାପ୍ତ ଯନ୍ତ୍ରୀ ମତ ଦେଇଛନ୍ତି। କିନ୍ତୁ ପ୍ରକଳ୍ପକୁ ନେଇ ଦୀର୍ଘବର୍ଷର ଆଲୋଚନା ସତ୍ତ୍ୱେ ଏହାର ଅଗ୍ରଗତି ଜିଲ୍ଲାବାସୀଙ୍କୁ ନିରାଶ କରିଛି। ଏହା କେବଳ ଏକ ପ୍ରକଳ୍ପର ବିଳମ୍ବ ନୁହେଁ, ଗଞ୍ଜାମର

- ପିପଲପଙ୍କା ଅଧପନ୍ତରିଆ, ଋଷିକୁଲ୍ୟାକୁ ନାହିଁ ସୁରକ୍ଷା
- ଜଳଭଣ୍ଡାରରେ ଅଟୋ ଗେଟ୍ ନଥିବା ନେଇ ପ୍ରଶ୍ନ
- ନଦୀବନ୍ଧ ମରାମତି ନାହିଁ, ବନ୍ୟା ମୁକାବିଲା କେମିତି?

ଜଳସୁରକ୍ଷା ଯୋଜନାରେ ରହିଥିବା ଶୂନ୍ୟସ୍ଥାନକୁ ମଧ୍ୟ ସୂଚାଉଛି। ସେହିଭଳି ଋଷିକୁଲ୍ୟା ନଦୀକୁ ଏବେ ଏକ ସୁରକ୍ଷାବଳୟର ଆବଶ୍ୟକତା ରହିଛି। ନଦୀବନ୍ଧର ନିୟମିତ ମରାମତି, ଦୁର୍ବଳ ସ୍ଥାନଗୁଡ଼ିକର ଚିହ୍ନଟ, ଆବଶ୍ୟକ ସ୍ଥାନରେ ସୁଦୃଢ଼ୀକରଣ ଏବଂ ଶାଖା ନଦୀଗୁଡ଼ିକର ପୁନରୁଦ୍ଧାର ଉପରେ ସରକାର ଗୁରୁତ୍ୱ ଦେବା ଜରୁରୀ। ବର୍ତ୍ତମାନ ଋଷିକୁଲ୍ୟା ସମେତ ଏହାର ବିଭିନ୍ନ ଶାଖା ନଦୀ ପୋତି ହେବା ସହ ନଦୀଶଯ୍ୟାର ସ୍ଥିତି ମଧ୍ୟ ଖରାପ ହେଉଛି। ଏହାଦ୍ୱାରା ନଦୀର ଜଳଧାରଣ କ୍ଷମତା ହ୍ରାସ ପାଉଛି। ଏହି ସମସ୍ୟାର ସମାଧାନ ନକଲେ ପ୍ରତିବର୍ଷ ବନ୍ୟା ବିପଦ ବଢ଼ିବା ଆଶଙ୍କା ରହିଛି। କେବଳ ନଦୀ ନୁହେଁ, ଜିଲ୍ଲାରେ ଥିବା ଜଳଭଣ୍ଡାରଗୁଡ଼ିକର ପରିଚାଳନା ମଧ୍ୟ ଏବେ ପ୍ରଶ୍ନଘେରରେ। ବନ୍ୟା ଓ ବାତ୍ୟା ପୂର୍ବରୁ ଜଳଭଣ୍ଡାରର ଜଳସ୍ତର, ଜଳ ନିଷ୍କାସନ କ୍ଷମତା ଏବଂ ବନ୍ଧର ସୁରକ୍ଷା ନେଇ ସ୍ୱତନ୍ତ୍ର ଯୋଜନା ରହିବା ଦରକାର। ଧନେଇ ଜଳଭଣ୍ଡାର ଭଳି ଅନ୍ୟ ଜଳଭଣ୍ଡାରଗୁଡ଼ିକରେ ମଧ୍ୟ ଅଟୋମେଟିକ୍ ଗେଟ୍ ବ୍ୟବସ୍ଥା କରିବା ଆବଶ୍ୟକ ବୋଲି ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ମତ ଦେଇଛନ୍ତି। ଏହାଦ୍ୱାରା ଜଳସ୍ତର ନିୟନ୍ତ୍ରଣ ଓ ଜରୁରୀକାଳୀନ ଜଳ ନିଷ୍କାସନରେ ସହାୟତା ମିଳିପାରିବ। ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ପ୍ରତିବର୍ଷ ବନ୍ୟା ଆସିବା ପରେ ହିଁ କାହିଁକି ସରକାର ଓ ପ୍ରଶାସନର ଚେତା ପଶୁଛି? ବିପର୍ଯ୍ୟୟ ପରେ କ୍ଷୟକ୍ଷତି ଆକଳନ, ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟ ନିଶ୍ଚିତ ଆବଶ୍ୟକ। କିନ୍ତୁ ଏହାଠାରୁ ଅଧିକ ଜରୁରୀ ବିପର୍ଯ୍ୟୟ ପୂର୍ବରୁ ସ୍ଥାୟୀ ପ୍ରତିରୋଧ ବ୍ୟବସ୍ଥା। ଗଞ୍ଜାମର ବନ୍ୟା ଏବେ ସରକାରଙ୍କ ଜଳସମ୍ପଦ ପରିଚାଳନା ଓ ନଦୀବନ୍ଧ ସୁରକ୍ଷା ଯୋଜନାର ଏକ ବଡ଼ ପରୀକ୍ଷା ନେଇଛି। ଏହି ବିପର୍ଯ୍ୟୟରୁ ଶିକ୍ଷା ନେଇ ସରକାର ତୁରନ୍ତ ଠୋସ୍ ପଦକ୍ଷେପ ନନେଲେ ଆଗାମୀ ଦିନରେ ଗଞ୍ଜାମବାସୀଙ୍କୁ ପୁଣି ସମାନ ବିପଦର ସାମ୍ନା କରିବାକୁ ପଡ଼ିପାରେ। ବନ୍ୟା ଆସିଲେ ଉଦ୍ଧାର, ବନ୍ୟା ସରିଲେ ନିରବତା ଧାରା ବଦଳିବାର ସମୟ ଆସିଛି।



ଘସିପୁରା ଲକ୍ଷ୍ମୀ ବଜାରରେ ମା' ଗଜଲକ୍ଷ୍ମୀଙ୍କ ଭସାଣି

ଆନନ୍ଦପୁର, ୧।୧୧(ସମିସ): ଘସିପୁରା ଲକ୍ଷ୍ମୀ ବଜାରରେ ମା' ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରାରେ ଆଦିବାସୀ ନୃତ୍ୟ, ଆକର୍ଷଣୀୟ ଲାଇଟ୍ ପ୍ରୋଗ୍ରାମ ଓ ସିଂହ ବାଜା ପରିବେଷଣ ମୁଖ୍ୟ ଆକର୍ଷଣ ପାଲଟିଥିଲା। ବାଜା ଓ ନୃତ୍ୟର ତାଳେ ତାଳେ କମିଟି ସଦସ୍ୟ ଉତ୍ସବରେ ସାମିଲ ହୋଇଥିଲେ। ସମଗ୍ର ଅଞ୍ଚଳ ଉତ୍ସବମୁଖର ହୋଇଉଠିଥିଲା। ବୈତରଣୀରେ ଧନଦାତ୍ରୀଙ୍କୁ ମେଲାଣି ଦିଆଯାଇଥିଲା। କମିଟି ସଭାପତି ଶିବପ୍ରସାଦ ହେମ୍ବ୍ରମ ଓ ସମ୍ପାଦକ ଯଦୁନାଥ ଓଝାଙ୍କ ସମେତ ସଦସ୍ୟ ଖଗେଶ୍ୱର ସାହୁ, ମହେଶ୍ୱର ସାହୁ, ସତ୍ୟବ୍ରତ ସାହୁ, ସୀତାରାମ ସାହୁ, ଧନେଶ୍ୱର ସାହୁ, କାହ୍ନୁଚରଣ ସାହୁ, ମନୋଜ ସାହୁ, ଯଜ୍ଞପ୍ରସାଦ ସାହୁ, ସାଧୁଚରଣ ସାହୁ, ସଦାଶିବ ସାହୁ, ରବୀନ୍ଦ୍ର ସାହୁ, ଶିବାନନ୍ଦ ମହାରଣା, ସୁଜିତ ସାହୁ, ରଞ୍ଜନ ସାହୁ, ନୀଳମାଧବ ସାହୁ, ବିକି ସାହୁ, ଜଗନ୍ନାଥ ବାରିକ, ଖଗେଶ୍ୱର ପଣ୍ଡା, କାଳନ୍ଦୀ ସାହୁ, ନରି ସାହୁ, ହରିହର ସାହୁ ଓ ଦିଲ୍ଲୀପ ବେହେରା ପରିଚାଳନା କରିଥିଲେ।



ପାଣିରେ ବୁଡ଼ି ଜଣେ ମୃତ

ତୁରୁମୁଙ୍ଗା, ୧।୧୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା କପୁଣ୍ଡି ପଞ୍ଚାୟତ ଗୁଡ଼ିପୋଷି ମହାନ୍ତସାହିରେ ରବିବାର ଅପରାହ୍ନରେ ଗାଁ ପୋଖରୀକୁ ଗାଧୋଇବାକୁ ଯାଇ ଜଣେ ୫୩ ବର୍ଷୀୟ ବିବାହିତ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଜଗବନ୍ଧୁ ମହାନ୍ତ। ସେ ଗାଧୋଇବାକୁ ଯାଇଥିବା ସମୟରେ ପୋଖରୀରେ ବୁଡି ମୃତ୍ୟୁ ହୋଇଛି। ଏନେଇ ପାଟଣା ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

ଚଳନ୍ତା ଟ୍ରାକ୍ଟରରୁ ଖସି ଚାଳକ ମୃତ



ତୁରୁମୁଙ୍ଗା, ୧।୧୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଏରେଣ୍ଡେଇ ଡାଟିହୁଡ଼ି ନିକଟରେ ବିଳମ୍ବିତ ରାତିରେ ଭାରସାମ୍ୟ ହରାଇ ଚଳନ୍ତା ଟ୍ରାକ୍ଟରରୁ ଖସି ମଝିଚକ ତଳେ ଚାପି ହୋଇ ଜଣେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଏରେଣ୍ଡେଇ ଗ୍ରାମର ତ୍ରିଲୋଚନ ମହାନ୍ତଙ୍କ ପୁଅ ରଞ୍ଜନ ମହାନ୍ତ (୩୫)। ରଞ୍ଜନ ଧାନ ବୋହିବା କାମ ସାରି ଟ୍ରାକ୍ଟର ନେଇ ଫେରୁଥିବା ସମୟରେ ଏରେଣ୍ଡେଇ ଡାଟିହୁଡ଼ି ନିକଟରେ ସେ ଚଳନ୍ତା ଟ୍ରାକ୍ଟରରୁ ଭାରସାମ୍ୟ ହରାଇ ତଳକୁ ଖସିପଡ଼ିଥିଲେ। ଫଳରେ ଟ୍ରାକ୍ଟରର ମଝି ଚକ ତଳେ ଚାପି ହୋଇ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ପାଟଣା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରାକ୍ଟରକୁ ଜବତ କରିବା ସହ ମୃତଦେହକୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ପୂର୍ବତନ ବିଧାୟକ କାହ୍ନୁଚରଣ ନାଏକଙ୍କ ସ୍ମୃତିସଭା




ତୁରୁମୁଙ୍ଗା, ୧।୧୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ କାହ୍ନୁଚରଣ ନାଏକଙ୍କ ଏକାଦଶାହରେ ରବିବାର କଣ୍ଟିଆପଡା ପଞ୍ଚାୟତ ଅନ୍ତର୍ଗତ ଭଗପଶି ଗ୍ରାମରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଅବସର ପ୍ରାପ୍ତ ଅଧ୍ୟକ୍ଷ ଇଂରାଜୀ କବି ଡକ୍ଟର କୁଶଚନ୍ଦ୍ର ପ୍ରଧାନ ଏବଂ ଯୁବଲି ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ବହୁ ବିଶିଷ୍ଟ ବ୍ୟକ୍ତି ଓ ରାଜନେତା ସ୍ୱର୍ଗତ ନାଏକଙ୍କ ଗାରିମାମୟ ଜୀବନ, ରାଜନୈତିକ ଅବଦାନ ଓ ଜନସେବାମୂଳକ କାର୍ଯ୍ୟକୁ ସ୍ମରଣ କରିଥିଲେ। ପୂର୍ବତନ ତେଲକୋଇ ବିଧାୟକ ପ୍ରାଣବଲ୍ଲଭ ନାୟକ, ଗୋଣ୍ଡ ସମାଜ ସଭାପତି ଦନାର୍ଦ୍ଦନ ନାଏକ, କୋରେଇ ବିଧାୟକ ଅଶୋକ ବଳ, ପାଲଲହଡା ବିଧାୟକ ମୁକେଶ ପାଲ, ଜିଲ୍ଲା ବିଜେଡି ସଭାପତି ଆଶିଷ ଚକ୍ରବର୍ତ୍ତୀ, ତେଲକୋଇ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଫକୀର ମୋହନ ନାୟକ, ପୂର୍ବତନ ସାଂସଦ ମାଧବ ସର୍ଦ୍ଦାର, ପୂର୍ବତନ ଚମ୍ପୁଆ ବିଧାୟକ ଧନୁର୍ଜୟ ସିଧୁ, ସରୋଜିନୀ ସିଂ, ସାମ୍ବାଦିକ ନୃସିଂହନାଥ ସିଂହ, ବିରକିଶୋର ଦାଶ, ସତ୍ୟବ୍ରତ ନାଏକଙ୍କ ସମେତ ବହୁ ରାଜନେତା ଓ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେହିପରି ଘଷିପୁରା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ନାଏକ, ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ମମିତା ନାଏକ, ପୂର୍ବତନ ଜିଲ୍ଲା ବିଜେପି ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା, ପୂର୍ବତନ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, କରଞ୍ଜିଆ ପୂର୍ବତନ ବିଧାୟକ ବିଜୟ ନାଏକ, ଝୁମ୍ପୁରା ବ୍ଲକ ଅଧ୍ୟକ୍ଷା ମାଳତୀ ନାଏକ, ପାଟଣା ବ୍ଲକ ଅଧ୍ୟକ୍ଷା ବୀଣାପାଣି ନାଏକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ନାଏକ, ସୁକାନ୍ତି ନାଏକ, ଚମ୍ପୁଆ ବ୍ଲକ ପୂର୍ବତନ ବ୍ଲକ ଅଧ୍ୟକ୍ଷା ରମଣୀ ନାଏକ, ସାହାରପଡା ବ୍ଲକ ଅଧ୍ୟକ୍ଷା ରୀନା ନାଏକ, ଡୁମୁରିଆ ସରପଞ୍ଚ ଗୌରହରୀ ନାଏକ ଯୋଗ ଦେଇଥିଲେ। ବଡ଼ପୁଅ ଲୋକନାଥ ନାଏକ ସତ୍ୟବ୍ରତ ନାୟକ, ଜଗନ୍ନାଥଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ଲଘୁ ଖଣିଜ ଲୁଟ୍ କାର୍ପଟଦାରଙ୍କୁ ବାନ୍ଧିବାରେ କାର୍ପଣ୍ୟ କାହିଁକି?

ଗୋଟିଏ ଟି.ପିରେ ୧୧ ମାସ ବାଲି, ୧୫ ମାସ ପଥର ପରିବହନ

ଆନନ୍ଦପୁର, ୧।୧୧ (ସମିସ):






କେନ୍ଦୁଝର ଜିଲ୍ଲାରେ ଚାଲିଛି ବେଧଡ଼କ ଲଘୁ ଖଣିଜ ଲୁଟ୍। ଉତ୍ତୋଳନଠାରୁ ପରିବହନ ପର୍ଯ୍ୟନ୍ତ ସବୁଠି ମୋଡ଼ି ମକଚି ହୋଇପଡ଼ିଛି ଆଇନ। ଖନନ ବା ଉତ୍ତୋଳନ ଅନୁମତି ନଥିବା ସୈରାତ୍/ଖାଦାନଗୁଡ଼ିକରୁ ଚୋରା ଚାଲାଣ ହେଉଛି ପଥର ଓ ବାଲି ଭଳି ଲଘୁ ଖଣିଜ। ସରକାରୀ ଅଧିକାରୀଙ୍କଠାରୁ ଆରମ୍ଭ କରି ନେତା ଓ ଲିଜଧାରୀଙ୍କ ମହାମେଣ୍ଟରେ ଚାଲିଛି ଛାତିଥରା ଲଘୁ ଖଣିଜ ତସ୍କରୀ। କେନ୍ଦୁଝର ଜିଲ୍ଲାର ଖଣି ଦୁର୍ନୀତି ଭଳି ପଥର ଓ ବାଲି ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି। କେବଳ ଆନନ୍ଦପୁର ଉପଖଣ୍ଡରେ ଥିବା ସୈରାତ୍/ପଥର ଖାଦାନରୁ ୫ ହଜାର କୋଟି ଟଙ୍କାର ଲଘୁ ଖଣିଜ ଲୁଟ୍ ଅଭିଯୋଗ ହୋଇଛି। ଗତ ୨ ବର୍ଷରେ ଆଖିବୁଜା ଲୁଟ୍ ହୋଇଥିବା ନେଇ ଦୁର୍ନୀତି ବିରୋଧୀ ପ୍ରଗତିଶୀଳ ମଞ୍ଚ ପକ୍ଷରୁ ଆଜି ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ ହୋଇଛି। ଘଷିପୁରାଠାରେ ସାମାଜିକ କର୍ମୀ ହିମାଂଶୁ ଶେଖର ନାୟକ ଓ ଯଜ୍ଞପ୍ରସାଦ ସାହୁ ସାମ୍ବାଦିକ ସମ୍ମିଳନୀ କରି ପ୍ରାକୃତିକ ସମ୍ପଦର ସୁରକ୍ଷା ପାଇଁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ସୂଚନା ଅନୁଯାୟୀ, ୧ ଜାନୁଆରୀ ୨୦୨୫ରୁ ୨୭ ନଭେମ୍ବର ୨୦୨୫ ପର୍ଯ୍ୟନ୍ତ ମାତ୍ର ଗୋଟିଏ ଟିପି ବ୍ୟବହାର କରାଯାଇଛି। ବାସ୍ତବରେ ଏହି ଘାଟରୁ ପ୍ରତିଦିନ ଶହ ଶହ ଟ୍ରିପ ବାଲି ଉତ୍ତୋଳନ ଓ ପରିବହନ ହେଉଛି। ସରକାରୀ ନିୟମ ଅନୁଯାୟୀ ଉକ୍ତ ଘାଟରେ ମେସିନ୍ ବ୍ୟବହାର ହୋଇପାରିବ ନାହିଁ। ଅଭିଯୁକ୍ତ ନିରଞ୍ଜନ ୨ଟି ମେସିନ୍ ସାହାଯ୍ୟରେ ବାଲି ଉତ୍ତୋଳନ କରିଥିଲେ ବୋଲି ହିମାଂଶୁ ନାୟକ କହିଛନ୍ତି। ଏହି ଲୁଟରେ ସେତେବେଳର ଖଣି ଅଧିକାରୀ ତାରିଣୀ ସିଂ ସମ୍ପୃକ୍ତ ଥିବା ଶ୍ରୀ ନାୟକ ଅଭିଯୋଗ କରିଛନ୍ତି। ଘଷିପୁରା ତହସିଲ ଓସ୍ତପୁରା ମୌଜାରେ ଥିବା ପଥର ଖାଦାନ ଏମ୍ଏସ ଜେନା ମିନେରାଲ୍ସ ପ୍ରାଇଭେଟ୍ ଲିମିଟେଡକୁ ଲିଜ ସୂତ୍ରରେ ପ୍ରଦାନ କରାଯାଇଛି। ୫.୨୬ ହେକ୍ଟର ପରିମିତ ଅଞ୍ଚଳକୁ ଲିଜ ଆକାରରେ ଦିଆଯାଇଛି। ୨୦୨୫ ଜୁଲାଇ ୧ ତାରିଖରେ ଖଣି ଅଧିକାରୀ ନିଜ ଚିଠିରେ ଦର୍ଶାଇଥିଲେ ଯେ ଏହି ଅଞ୍ଚଳରେ ରାଜସ୍ୱ ଓ ବନ ବିଭାଗ ପକ୍ଷରୁ ମିଳିତ ଯାଞ୍ଚ ହୋଇଥିଲା। ଏଠାରେ ପୂର୍ବ ଲିଜଧାରି ମାତ୍ରାଧିକ ଖନନ କରି ନଥିବା ଖଣି ଅଧିକାରୀ ନିଜ ପତ୍ରରେ ଉଲ୍ଲେଖ କରିଥିଲେ। ହେଲେ ଗତ ଦେଢ଼ବର୍ଷ ଭିତରେ ଏଠାରେ ମାତ୍ରାଧିକ ଖନନ ହୋଇଛି। ଯାହାର ଗଭୀରତା ପ୍ରାୟ ୩୦୦ ଫୁଟ ହେବ ବୋଲି ସାମ୍ବାଦିକ ସମ୍ମିଳନୀରେ ଦାବି ହୋଇଛି। ଏହି ଖାଦାନରେ ବୁଡି ଗତ ଜୁନ୍ ୧୪ ତାରିଖରେ ଜଣେ ଛାତ୍ରଙ୍କ ମୃତ୍ୟୁ ମଧ୍ୟ ହୋଇଥିଲା। ଏହି ଖଣିର ବାର୍ଷିକ ଉତ୍ତୋଳନ କ୍ଷମତା ୩ହଜାର ୨୪ କ୍ୟୁବିକ ମିଟର ରହିଛି। ତେବେ ଏଠାରୁ ମାତ୍ରାଧିକ ଖନନ ଓ ଉତ୍ତୋଳନ କରାଯାଇ ସେଠାରେ ଥିବା କ୍ରସରରେ ପେଡା ଯାଇ ଚୋରା ଚାଲାଣ କରାଯାଉଥିବା ଅଭିଯୋଗ ହୋଇଆସୁଥିଲା। ଛାତ୍ର ମୃତ୍ୟୁ ଘଟଣା ପରେ ଲୁଟର ଗୁମର ଫିଟିଥିଲା ବୋଲି ଶ୍ରୀ ନାୟକ କହିଛନ୍ତି। ପଥର ଲୁଟ୍ ଘଟଣାରେ ଘଷିପୁରା ପୁଲିସ ନିରଞ୍ଜନ ସାହୁଙ୍କ ସମେତ ମୋଟ ୮ ଜଣଙ୍କୁ ଗିରଫ କରିଥିଲା। ତେବେ ଓସ୍ତପୁରା ଖାଦାନର ଲିଜଧାରୀଙ୍କୁ ପୁଲିସ ଅନୁକମ୍ପା ଦେଖାଉଥିବା ଅଭିଯୋଗ ହୋଇଛି। ପୂର୍ବରୁ ଏହି ଲିଜଧାରୀଙ୍କ ବିରୋଧରେ ୫୦ କୋଟିରୁ ଅଧିକ ଟଙ୍କାର ଜୋରିମାନା ଅର୍ଥ ଅନାଦେୟ ହୋଇରହିଛି। ଏହି ଘଟଣାର ତଦନ୍ତ ଦାୟିତ୍ୱ ରାଜ୍ୟ ସରକାର ଏକ ନିରପେକ୍ଷ ସଂସ୍ଥାକୁ ପ୍ରଦାନ କରନ୍ତୁ ବୋଲି ମଞ୍ଚର ଆବାହକ ଯଜ୍ଞ ପ୍ରସାଦ ସାହୁ ଦାବି କରିଛନ୍ତି। ଗଡବାନ୍ଦଗୋଡ଼ାରେ ଜବତ ହୋଇଥିବା ୩୦୦ ଟ୍ରିପର ପଥର କେଉଁଠାରୁ ଆସିଲା ବୋଲି ଯଜ୍ଞପ୍ରସାଦ ସାହୁ ପ୍ରଶ୍ନ କରିଛନ୍ତି।

କାଳୀ ତାଣ୍ଡବ ନୃତ୍ୟରେ ଗଜଲକ୍ଷ୍ମୀଙ୍କୁ ମେଲାଣି

ତୁରୁମୁଙ୍ଗା, ୧।୧୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ମୁଖ୍ୟାଳୟରେ କୁମାର ଉତ୍ସବ କମିଟି ତରଫରୁ ମା' ଗଜଲକ୍ଷ୍ମୀ ପୂଜା ଧୂମଧାମରେ ପାଳନ ହୋଇଥିଲା। ଶନିବାର ଭାସାଣି ଉତ୍ସବରେ ଛତିଶଗଡ଼ର ଅବତାର ଗ୍ରୁପର କାଳୀ ତାଣ୍ଡବ ଓ ଶିବ ତାଣ୍ଡବ ନୃତ୍ୟର ତାଳେ ତାଳେ ଏକ ବିରାଟ ଶୋଭାଯାତ୍ରାରେ ପାଟଣା ବଜାର ପରିକ୍ରମା କରିବା ପରେ ମୃଣ୍ମୟୀ ମୂର୍ତ୍ତିକୁ ବୈତରଣୀ ନଦୀରେ ବିସର୍ଜନ କରାଯାଇଥିଲା। ପାଟଣା କୁମାର ଉତ୍ସବ କମିଟିର ସଭାପତି ବିବେକାନନ୍ଦ ଦାଶ, ସମ୍ପାଦକ ଲିପକ ସାହୁଙ୍କ ତତ୍ତ୍ୱାବଧାନରେ ପ୍ରିୟବ୍ରତ ମିଶ୍ର, ଅଭିଷେକ ଦାଶ, କମଳାକାନ୍ତ ପତି, ପ୍ରୀତମ ପଣ୍ଡା, ସୁଜିତ ମିଶ୍ର ଓ ସୌମ୍ୟରଂଜନ ଦାଶଙ୍କ ସହ ଅନ୍ୟ ସଦସ୍ୟମାନେ ପରିଚାଳନା କରିଥିଲେ।



ରାଷ୍ଟ୍ରୀୟ ଏକତା ଦିବସରେ ନିଶାମୁକ୍ତି ସଚେତନତା

ତୁରୁମୁଙ୍ଗା, ୧।୧୧(ସମିସ): କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ଗଣିଆବରେଇ ଗ୍ରାମରେ ଶନିବାର ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଓ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ମାଇ ଭାରତ ସ୍ୱେଚ୍ଛାସେବୀ ସଙ୍ଗଠନ କେନ୍ଦୁଝର ଆନୁକୂଲ୍ୟରେ ଏବଂ ଅର୍ଜୁନପଶି ସିଦ୍ଧି ବିନାୟକ କ୍ଲବର ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କ୍ଲବର ଉପସଭାପତି ନିହାର ରଞ୍ଜନ ମହାକୁଡ଼ ସଭାପତିତ୍ୱ କରିଥିଲେ। ମଲାରପଦା ପଞ୍ଚାୟତର ପିଇଓ ତପନ ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ନାଏବ ସରପଞ୍ଚ ନେତ୍ରାନନ୍ଦ ମହାନ୍ତଙ୍କ ସମେତ ଦୀନବନ୍ଧୁ ନାଏକ, ଆଶିକ ହାଁସଦା, ବିବେକ ମହାନ୍ତ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଗ୍ରାମରେ ନିଶାମୁକ୍ତି ସଚେତନତା ଶୋଭାଯାତ୍ରା କରାଯାଇଥିଲା। ଗ୍ରାମର ମହିଳାମାନଙ୍କୁ ନିଶା ସେବନର କୁପରିଣାମ ସମ୍ପର୍କରେ ସଚେତନ କରାଯାଇ ନିଶାମୁକ୍ତ ଭାରତ ଗଠନ ପାଇଁ ଶପଥ ପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ କ୍ଲବର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।

ଦିନରେ ଆଲୋକ, ରାତିରେ ଅନ୍ଧାର!

ଚମ୍ପୁଆ ଏନ୍ଏସିରେ ଷ୍ଟ୍ରିଟ୍‌ଲାଇଟ୍ ପରିଚାଳନାରେ ମହାବିଭ୍ରାଟ

ଚମ୍ପୁଆ, ୧।୧୧(ସମିସ): ସହରବାସୀଙ୍କ ସୁବିଧା ଓ ସୁରକ୍ଷା ଦୃଷ୍ଟିରୁ ସହରର ମୁଖ୍ୟ ରାସ୍ତାଠାରୁ ଆରମ୍ଭ କରି ବିଭିନ୍ନ ୱାର୍ଡର ଗଳିକନ୍ଦି ପର୍ଯ୍ୟନ୍ତ ଷ୍ଟ୍ରିଟ୍ ଲାଇଟ୍ ଓ ସୋଲାର ଲାଇଟ୍ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ସରକାରଙ୍କ ପକ୍ଷରୁ ବିପୁଳ ଅର୍ଥ ବ୍ୟୟ କରାଯାଉଥିବା ବେଳେ ଏହାର ସଠିକ୍ ପରିଚାଳନା ଅଭାବରୁ ଚମ୍ପୁଆ ଏନ୍ଏସିରେ ଏବେ ଏକ ବିଚିତ୍ର ସ୍ଥିତି ସୃଷ୍ଟି ହୋଇଛି। କେଉଁଠି ଦିନ ଦ୍ୱିପ୍ରହରରେ ଷ୍ଟ୍ରିଟ୍ ଲାଇଟ୍ ଜଳୁଛି ତ ଆଉ କେଉଁଠି ରାତିରେ ମଧ୍ୟ ରାସ୍ତା ଅନ୍ଧାର ରହୁଛି। ଏଭଳି ଅବ୍ୟବସ୍ଥାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କେନ୍ଦୁଝର ଜିଲ୍ଲାର ଚମ୍ପୁଆ ଏନ୍ଏସି ଅଞ୍ଚଳରେ ଲାଗିଥିବା ଏଲଇଡି ଷ୍ଟ୍ରିଟ୍ ଲାଇଟ୍‌ଗୁଡ଼ିକର ପରିଚାଳନା ଏବେ ପ୍ରଶ୍ନବାଚୀ ହୋଇଛି। ଏନ୍ଏସିର ମୁଖ୍ୟ ରାସ୍ତା ସମେତ ବିଭିନ୍ନ ୱାର୍ଡରେ କେତେକ ଲାଇଟ୍ ଦିନରାତି ଅହରହ ଜଳୁଥିବା ବେଳେ ଅନ୍ୟ କେତେକ ସ୍ଥାନରେ ରାତି ହେଲେ ମଧ୍ୟ ଲାଇଟ୍ ଜଳୁନାହିଁ। ଫଳରେ ଦିନରେ ଅନାବଶ୍ୟକ ବିଦ୍ୟୁତ୍ ଖର୍ଚ୍ଚ ହେଉଥିବା ବେଳେ ରାତିରେ ଆଲୋକରୁ ବଞ୍ଚିତ ହେଉଛନ୍ତି ସ୍ଥାନୀୟ ବାସିନ୍ଦା। ଏହା କେବଳ ବିଦ୍ୟୁତ୍ ଅପଚୟ ନୁହେଁ, ବରଂ ଆଲୋକୀକରଣ ବ୍ୟବସ୍ଥାର ରକ୍ଷଣାବେକ୍ଷଣ ଓ ତଦାରଖ ଉପରେ ମଧ୍ୟ ଗୁରୁତର ପ୍ରଶ୍ନ ଉଠାଇଛି। ସରକାରଙ୍କ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏ ବାବଦରେ ବିଦ୍ୟୁତ୍ ବିଲ୍ ପୈଠ କରାଯାଉଥିବା ବେଳେ ପରିଚାଳନାଗତ ତ୍ରୁଟି ଯୋଗୁଁ ପ୍ରତିମାସରେ ସରକାରୀ ଅର୍ଥର ଅପଚୟ ହେଉଛି। ଦିନରେ ଜଳୁଥିବା ଲାଇଟ୍‌ଗୁଡ଼ିକୁ ସମୟାନୁସାରେ ବନ୍ଦ କରିବା ଏବଂ ରାତିରେ ଅଚଳ ଲାଇଟ୍‌ଗୁଡ଼ିକୁ ତୁରନ୍ତ ମରାମତି କରିବା ଦିଗରେ ଦାୟିତ୍ୱପ୍ରାପ୍ତ ସଂସ୍ଥା ଓ ବିଭାଗର ତତ୍ପରତା ଦେଖାଯାଉନଥିବା ଅଭିଯୋଗ ହେଉଛି। ଯଦି ନିୟମିତ ଯାଞ୍ଚ ଓ ଉପଯୁକ୍ତ ତଦାରଖ କରାଯାଆନ୍ତା, ତେବେ ଏଭଳି ବିଦ୍ୟୁତ୍ ଅପଚୟକୁ ରୋକାଯିବା ସହ ସହରବାସୀଙ୍କୁ ନିରବଚ୍ଛିନ୍ନ ଆଲୋକ ସେବା ମିଳିପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଏନେଇ ଚମ୍ପୁଆ ଏନ୍ଏସିର ନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରାଙ୍କୁ ପଚାରିବାରୁ ସେ କହିଥିଲେ ଯେ, ବିଭାଗ ପକ୍ଷରୁ ନିୟୋଜିତ ସୂର୍ଯ୍ୟରଶ୍ମି ସଂସ୍ଥା ଷ୍ଟ୍ରିଟ୍ ଲାଇଟ୍‌ଗୁଡ଼ିକର ରକ୍ଷଣାବେକ୍ଷଣ ଦାୟିତ୍ୱ ନେଇଛି। ଟାଇମିଂ ସେଟ୍‌ରେ ତ୍ରୁଟି ରହିଥିବାରୁ କେତେକ ସ୍ଥାନରେ ଲାଇଟ୍ ଅହରହ ଜଳୁଥିବା ବେଳେ ଅନ୍ୟ କେତେକ ସ୍ଥାନରେ ଆଦୌ ଜଳୁନାହିଁ। ତେବେ ଏହି ତ୍ରୁଟିର ସୁଧାର ପାଇଁ ସଂପୃକ୍ତ ସଂସ୍ଥା ପକ୍ଷରୁ ଟାଇମିଂ ସେଟ୍ ମରାମତି କାର୍ଯ୍ୟ ଆରମ୍ଭ କରାଯାଇଥିବା ସେ ସୂଚନା ଦେଇଥିଲେ।



ନିଶାମୁକ୍ତ ସମାଜ ଗଠନ ପାଇଁ ସାମୂହିକ ଶପଥପାଠ



ଆନନ୍ଦପୁର, ୧।୧୧ (ସମିସ): ପରମାନନ୍ଦ ଉଚ୍ଚ ମାଧମିକ ବିଦ୍ୟାଳୟ ପରିସରରେ ଯୁବପିଢ଼ିଙ୍କୁ ନିଶାର କବଳରୁ ଦୂରେଇ ରଖିବା ସହ ଏକ ସୁସ୍ଥ, ସୁନ୍ଦର ଓ ନିଶାମୁକ୍ତ ସମାଜ ଗଠନ ଲକ୍ଷ୍ୟରେ 'ନେବରହୁଡ୍ ଯୁଥ୍ ପାର୍ଲାମେଣ୍ଟ' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। 'ନଶାମୁକ୍ତ ଯୁବ' ବିଷୟବସ୍ତୁକୁ ଆଧାର କରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ନିଶା ନିବାରଣ, ଯୁବପିଢ଼ିଙ୍କ ଦାୟିତ୍ୱବୋଧ ଓ ସାମାଜିକ ସଚେତନତା ଉପରେ ଗୁରୁତ୍ୱ ଦିଆଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ନାରାୟଣ ମିଶ୍ର ମୁଖ୍ୟଅତିଥି ଭାବେ ଯୁବପିଢ଼ି ନିଜେ ନିଶାଠାରୁ ଦୂରେଇ ରହିବା ସହ ନିଜ ପରିବାର ଓ ସମାଜକୁ ମଧ୍ୟ ନିଶାମୁକ୍ତ ରହିବା ପାଇଁ ସଚେତନ କରିବା ଆବଶ୍ୟକ ବୋଲି ସେ ମତ ବ୍ୟକ୍ତ କରିଥିଲେ। ଅତିଥି, ଅଧ୍ୟାପକଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ନିଶାଦ୍ରବ୍ୟ ସେବନ ନକରିବା, ଅନ୍ୟମାନଙ୍କୁ ନିଶା ସେବନରୁ ନିବୃତ୍ତ ରହିବାକୁ ପ୍ରେରଣା ଦେବା ଏବଂ ନିଶାମୁକ୍ତ ସମାଜ ଗଠନ ପାଇଁ ସଚେତନତା ସୃଷ୍ଟି କରିବା ନିମନ୍ତେ ଶପଥ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀମାନେ ନିଶାର କୁପରିଣାମ ସମ୍ପର୍କରେ ଜାଣିବା ସହ ଏକ ସୁସ୍ଥ, ସୁନ୍ଦର ଓ ନିଶାମୁକ୍ତ ସମାଜ ଗଠନ ପାଇଁ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ସଚେତନ ହୋଇଥିଲେ। ଏହି ଅବସରରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଅନନ୍ତ ସାହୁ, ଅଧ୍ୟାପିକା ଜୟଶ୍ରୀ ଓଝା, ମମତା ସାହୁ ଓ ଶୁଭଶ୍ରୀ ମହାନ୍ତ ଅଧ୍ୟାପକ ରୋନିତ୍ ମହାନ୍ତି ଏବଂ କାର୍ଯ୍ୟକ୍ରମ ସଂଯୋଜିକା ତେଜସ୍ୱିନୀ ରାଜ ଯୋଗ ଦେଇଥିଲେ। ଫ୍ରେଣ୍ଡସ୍ କ୍ଲବର ସଭାପତି ବିଶ୍ୱରଞ୍ଜନ ପାତ୍ର ଓ ସମ୍ପାଦକ ପ୍ରକାଶ ନାୟକ ଉପସ୍ଥିତ ଥିଲେ।

କନିଷ୍ଠ ଅନୁଭବ ଅଧିକାରୀ ଓ ସିଆରସିସି ନିଯୁକ୍ତିକୁ ଶିକ୍ଷକ ସଂଘର ବିରୋଧ

ଘଟଗାଁ, ୧।୧୧(ସମିସ): ଘଟଗାଁ ବ୍ଲକ ମଣ୍ଡଳ ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ କନିଷ୍ଠ ଅନୁଭାଗ ଅଧିକାରୀ ଅମର କୁମାର ପାତ୍ରଙ୍କ ଘଟଣା ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟ ବଦଳିକୁ ନେଇ ଘଟଗାଁ ବ୍ଲକ ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। କିଛି ମାସ ତଳେ ଉକ୍ତ ଅଧିକାରୀଙ୍କ ହରିଚନ୍ଦନପୁର ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟକୁ ବଦଳି ବାତିଲ ହୋଇଥିବା ବେଳେ ଗୋଟିଏ ଶିକ୍ଷା ବର୍ଷରେ ଦୁଇ ଦୁଇ ଥର ବଦଳି କ'ଣ ପାଇଁ ବୋଲି ଘଟଗାଁ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପ୍ରଶ୍ନ କରିଛି। ଖୁବ କମ ସମୟ ଭିତରେ ନିଜସ୍ୱ ନିଆରା କାର୍ଯ୍ୟଧାରା ଓ ଶିକ୍ଷକଙ୍କ ମାସିକ ବେତନ ପ୍ରଦାନ, ଅନ୍ୟାନ୍ୟ ପାଉଣାକୁ ଖୁବ ଶୀଘ୍ର ତ୍ୱରିତ ପଦକ୍ଷେପ ଓ ସ୍ୱଚ୍ଛଟ ପଣିଆ ମାଧ୍ୟମରେ ସମାଧାନ କରି ଶିକ୍ଷକ କର୍ମଚାରୀଙ୍କ ବେଶ ପ୍ରିୟପାତ୍ର ହୋଇଥିବା କର୍ମଚାରୀ ଶ୍ରୀ ପାତ୍ରଙ୍କ ବଦଳିକୁ ସଂଘ ବିରୋଧ କରିବା ସହ ସାଂସଦ ଅନନ୍ତ ନାୟକଙ୍କ ମାଧ୍ୟମରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅନ୍ୟ ଏକ ଘଟଣାରେ ସିଆରସିସି ଧରଣୀଧର ମହାନ୍ତ ତୃତୀୟ ବର୍ଗ ପଦୋନ୍ନତି ପାଇ ବଡଜାମ୍ବୁପସୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅବସ୍ଥାପିତ ହୋଇଥିବାରୁ ଜିଲ୍ଲା ଶିକ୍ଷାଧିକାରୀଙ୍କ ଆଦେଶକ୍ରମେ ଖାଲି ଥିବା ଗଦାଧରପୁର ସିଆରସିସି ପାଇଁ ମଧୁପୁର ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସିମନ ସ୍ମିତା ପୃଷ୍ଟିଙ୍କ ନାମ ଘଟଗାଁ ବିଇଓ ହରେକୃଷ୍ଣ ନାଏକ ସୁପାରିସ କରିଥିଲେ। ଗତକାଲି ସିମନ ସ୍ମିତା ପୃଷ୍ଟିଙ୍କ ବଦଳରେ ବାଲିପୋଖରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଶିଶିର ପ୍ରଧାନଙ୍କ ନାମ ଚୂଡାନ୍ତ କରି ନିଯୁକ୍ତିପତ୍ର କେନ୍ଦୁଝର ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ପ୍ରେରଣ କରାଯାଇଛି। ଜଣେ ଦୁଇ ଜଣ ସିଆରସିସି ବିଭିନ୍ନ ଆଳରେ ଶିକ୍ଷକଙ୍କ ବଦଳି ବାତିଲ କରିବା ସେବା ପୁସ୍ତିକା ଲେଖାଯିବା, କନିଷ୍ଠ ଶିକ୍ଷକଙ୍କୁ ନିୟମିତ କରିବା ପାଇଁ ପର୍ଯ୍ୟାପ୍ତ ଅର୍ଥ ଆଦାୟ କରି କାର୍ଯ୍ୟାଳୟରେ ବିଶୃଙ୍ଖଳା ସୃଷ୍ଟି କରି କବଜା କରିବାକୁ ଚେଷ୍ଟା କରୁଛନ୍ତି ବୋଲି ସଂଘ ସଭାପତି ରମେଶଚନ୍ଦ୍ର ମହାନ୍ତ ଓ ସମ୍ପାଦକ ନବକିଶୋର ରାଉତ କ୍ଷୋଭ ପ୍ରକାଶ କରିବା ସହ ଏସବୁ କାର୍ଯ୍ୟ ଧାରା ବନ୍ଦ ନ ହେଲେ ଆଗାମୀ ଦିନରେ ଘଟଗାଁ ବିଇଓ କାର୍ଯ୍ୟାଳୟରେ ତାଲା ପଡିବା ସହ ଅନଶନ କରାଯିବ ଓ ଶିକ୍ଷା ନିର୍ଦ୍ଦେଶକ, ପ୍ରାଥମିକ ଶିକ୍ଷା ସଚିବଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସଂଘ ଚେତାବନୀ ଦେଇଛି।

ବାଣେଶ୍ୱର ଆଞ୍ଚଳିକ ବ୍ରାହ୍ମଣ ସମାଜ ସମିତିର ପରିଚାଳନା କମିଟି



ଘଟଗାଁ, ୧।୧୧(ସମିସ): ବାଣେଶ୍ୱର ଶୈବପୀଠରେ ଆଞ୍ଚଳିକ ବ୍ରାହ୍ମଣ ସମାଜ ସମିତି ବାଣେଶ୍ୱରର ନୂତନ ପରିଚାଳନା କମିଟି ଗଠନ ନିମନ୍ତେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଘଟଗାଁ, ତରା, ବାରହାଟିପୁରା, ନୁସୁରିପସି, ଖୁଣ୍ଟାପଡା, ବାଣକାଣ୍ଡ, ଶାସନର ବ୍ରାହ୍ମଣମାନେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ପଣ୍ଡିତ ବୈଦନାଥ ପଣ୍ଡାଙ୍କ ଦ୍ୱାରା ବେଦମନ୍ତ୍ର ପାଠ କରାଯାଇଥିଲା। ସଭାରେ ସର୍ବସମ୍ମତିକ୍ରମେ ସଭାପତି ଭାବେ ମଧୁସୂଦନ ଦାଶ, କାର୍ଯ୍ୟକାରୀ ସଭାପତି ବୈଦନାଥ ପଣ୍ଡା, ସମ୍ପାଦକ ଦିଲ୍ଲୀପ କୁମାର ପ୍ରହରାଜ, ସହସମ୍ପାଦକ ଦେବବ୍ରତ ପଣ୍ଡା ଓ କୋଷାଧ୍ୟକ୍ଷ ପ୍ରଳୟ ପ୍ରଭଞ୍ଜନ ଶତପଥୀଙ୍କୁ ମନୋନୀତ କରାଯାଇଛି। ପରିଚାଳନା କମିଟିର ସଭ୍ୟ ଭାବେ ଶ୍ରୀନିବାସ ଶତପଥୀ, ସରୋଜ ପଣ୍ଡା, ପ୍ରଦୀପ ପଣ୍ଡା, କେଶବଚନ୍ଦ୍ର ଆଚାର୍ଯ୍ୟ, ଅଜୟ ପଣ୍ଡା, ବିଜୟ ଶତପଥୀଙ୍କୁ ମନୋନୀତ କରାଯାଇଛି। ମାଗଦର୍ଶକମଣ୍ଡଳୀରେ ଜୟଦେବ ପଣ୍ଡା, ଗୋପୀନାଥ ପଣ୍ଡା, ଜଗନ୍ନାଥ ଶତପଥୀ, ସୁରେଶ ପାଣିଗ୍ରାହୀ ଓ ସନ୍ତୋଷ ପତିଙ୍କୁ ନେଇ ଏକ ପରାମର୍ଶଦାତାମଣ୍ଡଳୀ ଗଠନ କରାଯାଇଛି। ଏଥିରେ ଦୋଳଗୋବିନ୍ଦ ପଣ୍ଡା, କୈଳାଶ ପଣ୍ଡା, ନାରାୟଣ ଆଚାର୍ଯ୍ୟ, ନିତ୍ୟାନନ୍ଦ ପତି ଇତ୍ୟାଦି ବ୍ରାହ୍ମଣ ଗୋସେଇଁ ଯୋଗଦାନ କରିଥିଲେ। ସଭାରେ ସମାଜ ସଂସ୍କାର, କର୍ମକାଣ୍ଡ ଓ ଯୁବପିଢ଼ିଙ୍କ ମଧ୍ୟରେ ବ୍ରାହ୍ମଣ କର୍ମ ପ୍ରତି ନିଷ୍ଠା ବୃଦ୍ଧି ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ପଣ୍ଡିତ ବୈଦନାଥ ପଣ୍ଡା ଶାନ୍ତି ପାଠ କରିଥିଲେ।

ପେନାଲ୍ଟି ସୁଟ୍‌ଆଉଟ୍‌ରେ ଅର୍ଣିକା-ଅଂଶୁ ଏକାଦଶ ଚାମ୍ପିଅନ୍

ଚମ୍ପୁଆ, ୧।୧୧(ସମିସ):



ଚମ୍ପୁଆ ନେହରୁ ଷ୍ଟାଡିୟମ୍‌ରେ ମର୍ନିଂ କ୍ଲବ୍ ପକ୍ଷରୁ ତିନି ଦିନ ଧରି ଆୟୋଜିତ ଷଷ୍ଠ ଚନ୍ଦ୍ରଶେଖର କପ୍ ଫୁଟବଲ୍ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ୩୨ଟି ଦଳକୁ ନେଇ ଆୟୋଜିତ ଏହି ରାଜ୍ୟସ୍ତରୀୟ ଫୁଟବଲ୍ ପ୍ରତିଯୋଗିତାରେ ତିନି ଦିନ ମଧ୍ୟରେ ୨୦ ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ଖେଳର ରୋମାଞ୍ଚ ଉପଭୋଗ କରିଥିଲେ। ଫାଇନାଲ୍‌ରେ ମେନକା ଫୁଟବଲ୍ ଏକାଦଶ ଓ ଅର୍ଣିକା-ଅଂଶୁ ଏକାଦଶ ମଧ୍ୟରେ ରୋମାଞ୍ଚକର ମୁକାବିଲା ହୋଇଥିଲା। ଉଭୟ ଦଳ ନିର୍ଦ୍ଧାରିତ ଖେଳ ସମୟ ମଧ୍ୟରେ ୧-୧ ଗୋଲ୍‌ରେ ସମାନ ସ୍ଥିତିରେ ରହିଥିଲେ। ପେନାଲ୍ଟି ସୁଟ୍‌ଆଉଟ୍‌ରେ ଅର୍ଣିକା-ଅଂଶୁ ଏକାଦଶ ବିଜୟୀ ହୋଇ ଷଷ୍ଠ ଚନ୍ଦ୍ରଶେଖର କପ୍ ଚାମ୍ପିଅନ୍ ହେବାର ଗୌରବ ହାସଲ କରିଥିଲା। ବିଜୟୀ ଅର୍ଣିକା-ଅଂଶୁ ଏକାଦଶକୁ ୨ ଲକ୍ଷ ଟଙ୍କା ସହ ଚାମ୍ପିଅନ୍ ଟ୍ରଫି ଏବଂ ରନର୍ସଅପ୍ ମେନକା ଫୁଟବଲ୍ ଏକାଦଶକୁ ୧ ଲକ୍ଷ ୫୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଛି। ସେହିପରି ଦୁଇ ସେମିଫାଇନାଲ୍ ପରାଜିତ ଦଳକୁ ୬୫ ହଜାର ଟଙ୍କା ଲେଖାଏଁ ପୁରସ୍କାର ରାଶି ଦିଆଯାଇଛି। ସଖୀ କଲ୍ୟାଣୀ ମଣ୍ଡପ ପକ୍ଷରୁ ବିଜୟୀ ଦଳର ଟିମ୍ ମ୍ୟାନେଜରଙ୍କୁ ୨ ରାତି ୩ ଦିନର ବିଦେଶ ଗସ୍ତ ପାଇଁ ବିମାନ ଟିକେଟ୍ ପ୍ରଦାନ କରାଯିବାର ଘୋଷଣା କରାଯାଇଥିଲା। ଏଥିସହ ୪୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ଖେଳାଳିଙ୍କୁ ନେଇ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ ମ୍ୟାଚ୍‌ରେ କେନ୍ଦୁଝର ଏକାଦଶ ବିଜୟୀ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ବିଜେପି ଓବିସି ମୋର୍ଚ୍ଚାର ରାଜ୍ୟ ସଂଯୋଜକ ଚନ୍ଦ୍ରଗୁପ୍ତ ପ୍ରସାଦ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ପାଇତଡ଼ା ରାମକୃଷ୍ଣ ଗଣ୍ଡ, ଯୋଡ଼ା ବିଡିଓ ଚନ୍ଦନ ମଣ୍ଡଳ ଓ ବରିଷ୍ଠ ଓକିଲ ରମେଶ ପ୍ରଧା. ସମାଜସେବୀ ହବି ଦାଶ ଯୋଗ ଦେଇଥିଲେ। ଚଳଚ୍ଚିତ୍ର ଜଗତର ସେଲିବ୍ରିଟିଙ୍କ ଆଗମନ ଉତ୍ସବକୁ ଆହୁରି ଆକର୍ଷଣୀୟ କରିଥିଲା। ମର୍ନିଂ କ୍ଲବ୍‌ର ପରିଚାଳକ ଅଭୟ ଦାଶ (ବାବି ଭାଇ), ସଭାପତି ରଶ୍ମିରଞ୍ଜନ ବେହେରା ଓ ସମ୍ପାଦକ ଅମିତାଭ ପ୍ରଧାନଙ୍କ ତତ୍ତ୍ୱାବଧାନରେ ସମଗ୍ର ପ୍ରତିଯୋଗିତା ପରିଚାଳିତ ହୋଇଥିଲା। ଖେଳର ଧାରାବିବରଣୀ ବୁଲବୁଲ୍ ଆପଟ, କ୍ଷୀରୋଦ ଗିରି, ଭୋଳାନାଥ ଭୂଏଲ ଓ ଭାୟୋଲେଟ୍‌ଙ୍କ ଦ୍ୱାରା ହିନ୍ଦୀ, ଇଂରାଜୀ, ଓଡ଼ିଆ ଓ ମୁଣ୍ଡା ଭାଷାରେ ପ୍ରସାରଣ କରାଯାଇଥିଲା।

ଷଷ୍ଠ ଚନ୍ଦ୍ରଶେଖର କପ୍ ଫୁଟ୍‌ବଲ୍ ପ୍ରତିଯୋଗିତା ଉଦ୍‌ଯାପିତ

ବିଜେତା ଦଳର ମ୍ୟାନେଜରଙ୍କୁ ବିଦେଶ ଗସ୍ତ ଉପହାର

ମଦ୍ୟପ ଚାଳକଙ୍କ ପିକ୍‌ଅପ୍ ଜବତ



ମହୁଲଡିହା, ୧।୧୧(ସମିସ): ମହୁଲଡିହା ଥାନା ପୁଲିସ ୫୩ନଂ ରାଜ୍ୟ ରାଜପଥରେ ପାଟ୍ରୋଲିଂ କରୁଥିବାବେଳେ ଏକ ପିକଅପ ଜବତ କରିଥିଲେ। ଏହି ସମୟରେ ଆନନ୍ଦପୁର ଅଭିମୁଖେ ଯାଉଥିବା ଏକ ପିକ୍‌ଅପକୁ ବେପରୁଆ ଗାଡ଼ି ଚାଳନା କରୁଥିବାରୁ ଅଟକାଯାଇଥିଲା। ଡ୍ରାଇଭର କହିବା ଅନୁସାରେ ରାଇରଙ୍ଗପୁରରୁ ରିଲିଆନ୍ସ କମ୍ପାନୀର ଜିନିଷ ଚାବି ପଡ଼ି ସିଲ୍ ହୋଇ ଖୋର୍ଦ୍ଧା ଯାଉଥିଲା। ପିକଅପ ଚାଳକଙ୍କୁ ଯାଞ୍ଚ କରିବାରୁ ସେ ଅତ୍ୟଧିକ ମଦ୍ୟପାନ କରିଥିବାରୁ ବ୍ରେସ ଆନାଲାଇଜର ମେସିନ ଫୁଙ୍କି ପାରି ନ ଥିଲେ। ଫଳରେ ପିକଅପ୍‌କୁ ଜବତ କରି ଥାନାକୁ ଆଣି ଚାଳକଙ୍କ ନାମରେ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ଏହି ଯାଞ୍ଚ ପ୍ରକ୍ରିୟାରେ ମହୁଲଡିହା ଥାନା ଆଇଆଇସି ବିରେନ୍ଦ୍ର କୁମାର ରାଉତଙ୍କ ନେତୃତ୍ୱରେ ଏଏସଆଇ ବିଜୟକୃଷ୍ଣ ସାନ୍ତରା ଓ ପୁଲିସ ଟିମ ସାମିଲ ଥିଲେ।

ଗଛ କାଟି ରାସ୍ତା ସଫାକଲେ ଅଗ୍ନିଶମ କର୍ମଚାରୀ

ବିଶୋଇ, ୧।୧୧(ସମିସ): ଓଷାଡ଼ଲା ହାରିସାହି ରାସ୍ତା ଗଛ ପଡ଼ି ଅବରୋଧ ହୋଇଥିଲା। ଫଳରେ ରାସ୍ତାରେ ଯାତାୟାତ ଠପ୍ ହେବା ସାଙ୍ଗକୁ ବିଦ୍ୟୁତ ତାର ଛିଣ୍ଡି ବିଦ୍ୟୁତ ସରବରାହ ବିଚ୍ଛିନ୍ନ ହୋଇଥିଲା। ଖବରପାଇ ବିଶୋଇ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ବିଶାଳ



ଗଛ କାଟି ରାସ୍ତା ସଫା କରିଥିଲେ। ସେହିପରି ଗଛ ସଫା ହେବାପରେ ବିଦ୍ୟୁତ ବିଭାଗ ଦ୍ୱାରା ଗ୍ରାମକୁ ବିଦ୍ୟୁତ ସଂଯୋଗ କରାଯାଇଛି। ଅଗ୍ନିଶମ କର୍ମଚାରୀଙ୍କ କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଉଛି।

ଚଡ଼େଇଭୋଲରେ ମେଗା ସ୍ୱାସ୍ଥ୍ୟ ଶିବିର

କରଞ୍ଜିଆ, ୧।୧୧(ସମିସ): କରଞ୍ଜିଆ ବ୍ଲକ ଅନ୍ତର୍ଗତ ଚଡ଼େଇଭୋଲ ହାଇସ୍କୁଲ ପରିସରରେ ରବିବାର ଏକ ନିଃଶୁଳ୍କ ମେଗା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ମା' ତାରିଣୀ ଗ୍ରୁପ୍ ଅଫ୍ ମେଡିକାଲ ପକ୍ଷରୁ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ପାଳନ କମିଟି ସହଯୋଗରେ ଆୟୋଜିତ ଏହି ଶିବିରକୁ ଏସ୍‌ଡିପିଓ ନବକୃଷ୍ଣ ନାଏକ ଓ ଥାନା ଅଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ଡ. ଗଣେଶ୍ୱର ମହାନ୍ତ, ସିଇଓ ଡ. ପ୍ରମୋଦ ପାଣି, ଫାଣ୍ଡି ଅଧିକାରୀ ରଘୁନାଥ



ଦେହୁରୀ, ସୁବର୍ଣ୍ଣ ଜୟନ୍ତୀ କମିଟି ସଭାପତି ନୁରୁଲ ଇସଲାମ, ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ଶିବିରରେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡ. ପାର୍ଥ ପ୍ରୀତମ ମଣ୍ଡଳ, ଡ. ସୁମିତ ଜନାର୍ଦ୍ଦନ ସଲୱା ଓ ମେଡିସିନ୍ ବିଶେଷଜ୍ଞ ଡ. ଧନେଶ୍ୱର ମୁଣ୍ଡା ଶତାଧିକ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଚିକିତ୍ସା ପରାମର୍ଶ ଦେଇଥିଲେ। ସାବିତ୍ରୀ ଦେବୀ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ରୋଗୀଙ୍କୁ ମାଗଣାରେ ଔଷଧ ଯୋଗାଇ ଦିଆଯାଇଥିଲା। ଗୁରୁତର ରୋଗୀଙ୍କୁ କେନ୍ଦୁଝରସ୍ଥ ମା' ତାରିଣୀ ସୁପର ସ୍ପେସିଆଲିଟି ହସ୍ପିଟାଲରେ ନିଃଶୁଳ୍କ ଉଚ୍ଚତର ଚିକିତ୍ସା ସୁବିଧା ମିଳିବ ବୋଲି ଡ. ମହାନ୍ତ ପ୍ରକାଶ କରିଥିଲେ। ସ୍କୁଲ ପରିଚାଳନା ଓ ସୁବର୍ଣ୍ଣ ଜୟନ୍ତୀ କମିଟି ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ବାନ୍ଦନା ପରବ ଭେଟଘାଟ ପ୍ରସ୍ତୁତି ବୈଠକ



ସାରସକଣା, ୧।୧୧(ସମିସ): ଆସନ୍ତା ୧୫ ତାରିଖରେ ହେବାକୁ ଥିବା ବାନ୍ଦନା ପରବ ଭେଟଘାଟ ପାଇଁ ଆଜି ଧାନଘୋରୀ (ବଡଚାଟରା) କୁଡୁମୀ ଭବନରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କୁଡୁମୀ ସେନାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱନାଥ ମହାନ୍ତଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟ କୁଡୁମୀ ସେନା ପ୍ରତିଷ୍ଠାତା ସଭାପତି ଜୈମୁନି କୁମାର ମହାନ୍ତ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ କିପରି ଅଧିକ ଆକର୍ଷଣୀୟ ଓ ଲୋକାଭିମୁଖୀ କରାଯିବ, ସେଥିପାଇଁ ଆହ୍ୱାନ କରିଥିଲେ। ପ୍ରତିବର୍ଷ ଭଳି ଏବର୍ଷ ମଧ ଗୋରୁଖୁଣ୍ଟା, ଧେଙ୍ଗୁଆନ ପ୍ରତିଯୋଗିତା, ଝୁମର ମେଲୋଡି, ବନ୍ଧୁ ମିଳନ ଓ ବିଭିନ୍ନ ପ୍ରକାର କୁଡୁମୀ ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ସହିତ ବିଭିନ୍ନ କୁଡୁମୀ ବହୁଳ ରାଜ୍ୟରୁ କୁଡୁମୀ ସମ୍ପ୍ରଦାୟର ବିଶିଷ୍ଟ ନେତୃତ୍ୱକୁ ଆମନ୍ତ୍ରଣ ପାଇଁ ସିଦ୍ଧାନ୍ତ କରାଗଲା।କୁଡୁମୀସେନା ଜିଲ୍ଲା କାର୍ଯ୍ୟକାରୀ ସଭାପତି ସାଇରାମ ମହାନ୍ତ, କୁବେର ମହାନ୍ତ, ସଞ୍ଜୟ ମହାନ୍ତ, ଶୀତେଶ ମହାନ୍ତ, କାହ୍ନୁଚରଣ ମହାନ୍ତ, ଅଶୋକ ମହାନ୍ତ, କୁଡୁମୀ ଛାତ୍ର ସେନାର ଅଜିତ ମହାନ୍ତ, ଭବାନୀ ମହାନ୍ତ, ରାହୁଲ ମହାନ୍ତ, କୁଡୁମୀ ମହିଳା ସେନାର ଗୀତାଞ୍ଜଳି ମହାନ୍ତ, ଅହଲ୍ୟା ମହାନ୍ତ, କଳ୍ପନା ମହାନ୍ତ, ସ୍ୱପ୍ନାପ୍ରିୟ ମହାନ୍ତ, ରିତା ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

ପର୍ଯ୍ୟଟକଙ୍କ ପାଇଁ ଖୋଲିଲା ଶିମିଳିପାଳ

ଦୈନିକ ସର୍ବାଧିକ ୬୦ଟି ଗାଡ଼ିକୁ ପ୍ରବେଶ ଅନୁମତି



- ଅଫଲାଇନ୍ ଟିକଟ ବନ୍ଦ, କୋର୍ ଅଞ୍ଚଳକୁ ମୋବାଇଲ ବାରଣ
- ପିଠାବଟାରେ ନୂଆ ଆକର୍ଷଣ 'ଶିମିଳିପାଳ କାଫେ'

ବାରିପଦା/ଯଶିପୁର, ୧।୧୧(ସମିସ)

ପ୍ରକୃତିର ଅପୂର୍ବ ସୌନ୍ଦର୍ଯ୍ୟ, ସବୁଜ ବନାନୀ, ଉଚ୍ଛାଟ କରୁଥିବା ଝରଣା ଓ ବନ୍ୟଜନ୍ତୁଙ୍କ କାକଳିରେ ପୁଣିଥରେ ଚଳଚଞ୍ଚଳ ହୋଇଉଠିଛି ବିଶ୍ୱପ୍ରସିଦ୍ଧ ଶିମିଳିପାଳ ଅଭୟାରଣ୍ୟ। ପର୍ଯ୍ୟଟକଙ୍କ ଦୀର୍ଘ ଅପେକ୍ଷାର ଅନ୍ତ ଘଟାଇ ରବିବାରଠାରୁ ୨୦୨୬-୨୭ ପର୍ଯ୍ୟଟନ ଋତୁ ପାଇଁ ଶିମିଳିପାଳର ଦ୍ୱାର ଆନୁଷ୍ଠାନିକ ଭାବେ ଖୋଲିଛି। ବିଗତ ଦୁଇବର୍ଷ ଦୁର୍ଗାପୂଜା ଛୁଟିରେ ଏହା ଖୋଲୁଥିବାବେଳେ ଚଳିତଥର ଅର୍ଣ୍ଣବ ବାତ୍ୟା ପାଇଁ କ୍ଷତିଗ୍ରସ୍ତ ରାସ୍ତା ଓ ପୋଲ ମରାମତି ପାଇଁ ଦୁଇ ସପ୍ତାହ ବିଳମ୍ବରେ ପ୍ରବେଶ ଅନୁମତି ମିଳିଛି। ଜିଲ୍ଲାର ଧୋବାଡିହାସ୍ଥ ଖଇରି ନିବାସଠାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଫିତା କାଟି ଏହି ପର୍ଯ୍ୟଟନ ଋତୁର ଶୁଭାରମ୍ଭ କରିଛନ୍ତି। ପ୍ରଥମ ଦିନରେ ଭ୍ରମଣରେ ଆସିଥିବା ପର୍ଯ୍ୟଟକଙ୍କୁ ମନ୍ତ୍ରୀ ଓ ବନ ବିଭାଗ କର୍ତ୍ତୃପକ୍ଷ ଉତ୍ତରୀୟ ଓ ଗୋଲାପ ଫୁଲ ଦେଇ ଭବ୍ୟ ସ୍ୱାଗତ ଜଣାଇଥିଲେ। ଉଭୟ ଯଶିପୁର ଓ ପିଠାବଟା ପ୍ରବେଶ ପଥରେ ପାରମ୍ପାରିକ ବାଦ୍ୟ ଓ ଆଦିବାସୀ ନୃତ୍ୟର ତାଳେ ତାଳେ ପର୍ଯ୍ୟଟକଙ୍କୁ ସ୍ୱାଗତ କରାଯାଇଥିଲା। ଏଥର ପିଠାବଟା ପ୍ରବେଶ ଫାଟକ ନିକଟରେ ଆରମ୍ଭ ହୋଇଥିବା 'ଶିମିଳିପାଳ କାଫେ' ପର୍ଯ୍ୟଟକଙ୍କ ପାଇଁ ନୂଆ ଆକର୍ଷଣ ପାଲଟିଛି।

ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ଓ ପରିବେଶର ସନ୍ତୁଳନ ରକ୍ଷା ପାଇଁ ଶିମିଳିପାଳ କର୍ତ୍ତୃପକ୍ଷ ଏଥର ପ୍ରବେଶ ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ଆଣିଛନ୍ତି। ଦିନବେଳା ଅଫଲାଇନ୍ ଟିକଟ ବ୍ୟବସ୍ଥା ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ପର୍ଯ୍ୟଟକ କେବଳ ଅଧିକାରିକ ୱେବସାଇଟ୍ ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ ଡଟ୍ ଶିମିଳିପାଳ ଡଟ୍ ଓଆରଜି ମାଧ୍ୟମରେ ଆଗୁଆ ଅନଲାଇନ୍ ବୁକିଂ କରି ପ୍ରବେଶ ପାସ୍ ପାଇପାରିବେ। ଏଥିସହ ଜଙ୍ଗଲର କୋର୍ ଅଞ୍ଚଳକୁ ମୋବାଇଲ୍ ଫୋନ୍ ନେବା ଉପରେ କଟକଣା ଜାରି କରାଯାଇଛି। ଭିଡ଼ ନିୟନ୍ତ୍ରଣ ପାଇଁ ଦୈନିକ ସର୍ବାଧିକ ୬୦ଟି ଚାରିଚକିଆ ଯାନକୁ ଭିତରକୁ ଯିବାକୁ ଅନୁମତି ଦିଆଯିବ। କେବଳ ୧୮୦ ମିଲିମିଟର କିମ୍ବା ତା'ଠାରୁ ଅଧିକ ଗ୍ରାଉଣ୍ଡ କ୍ଲିୟରାନ୍ସ ଥିବା ଗାଡ଼ି ହିଁ ଜଙ୍ଗଲ ମଧ୍ୟକୁ ପ୍ରବେଶ କରିପାରିବ। ଯଶିପୁର କାଳିକାପ୍ରସାଦ/କାଳିଆମୀ ଫାଟକ ଓ ବାରିପଦା ପିଠାବଟା/ଲୁଲୁଙ୍ଗ ଫାଟକରୁ ସକାଳ ୫ଟାରୁ ୯ଟା ମଧ୍ୟରେ ଯଥାକ୍ରମେ ୩୫ ଓ ୨୫ଟି ଗାଡ଼ି ଅନୁମତି ମିଳିବ। ତେବେ ସକାଳ ୮ଟା ପରେ ପ୍ରବେଶ ଅନୁମତି ମିଳିବ। ବିଭାଗ ପକ୍ଷରୁ ଖୋଲା ଜିପ୍ ଭ୍ରମଣକୁ ଗୁରୁତ୍ୱ ଦିଆଯାଉଛି। ପ୍ରତ୍ୟେକ ଗାଡ଼ିରେ ଜଣେ ଲେଖାଏଁ ପଞ୍ଜିକୃତ ଇକୋ-ଗାଇଡ୍ ସାଙ୍ଗରେ ନେବା ବାଧ୍ୟତାମୂଳକ କରାଯାଇଛି। ପର୍ଯ୍ୟଟକ ଅପରାହ୍ନ ୪ଟା ସୁଦ୍ଧା ଯୋରନ୍ଦା ଓ ବରେହିପାଣି ଜଳପ୍ରପାତ ପରିଦର୍ଶନ ସାରି ପ୍ରସ୍ଥାନ କରିବେ ଓ ସନ୍ଧ୍ୟା ୬ଟା ପୂର୍ବରୁ ସମସ୍ତ ଯାନ ପ୍ରସ୍ଥାନ ଫାଟକ ଦେଇ ବାହାରିବା ନିୟମ କରାଯାଇଛି। କେବଳ ଦିନିକିଆ ଭ୍ରମଣ ନୁହେଁ, ଶିମିଳିପାଳର ପ୍ରକୃତି କୋଳରେ ରାତ୍ରିଯାପନ ପାଇଁ କୁମାରୀ, ଗୁଡ଼ଗୁଡ଼ିଆ, ତାଳବନ୍ଧ, ବରେହିପାଣି ଓ ଜାମୁଆଣିସ୍ଥ କଟେଜ୍ ପ୍ରସ୍ତୁତ ରହିଛି। ଏଥିପାଇଁ ପର୍ଯ୍ୟଟକ ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ ଡଟ୍ ଇକୋଟୁ୍ୟରିଜିମ୍‌ମୋଓଡ଼ିଶା ଡଟ୍ କମ୍ ମାଧ୍ୟମରେ ରହଣି ସହ ଖୋଲା ଜିପ୍ ସଫାରି ବୁକ୍ କରିପାରିବେ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ ପ୍ରକାଶ ଚାନ୍ଦ ଗୋଗନାନୀ କହିଛନ୍ତି। ପ୍ରଥମ ଦିନରେ ଭୁବନେଶ୍ୱରରୁ ଆସିଥିବା ପର୍ଯ୍ୟଟକ ସୁମିତ ପଟ୍ଟନାୟକ, କୋଲକାତାର ଡାକ୍ତର ସୋନାଲୀ ମୁଖାର୍ଜୀ ଓ ଦୀପାୟନ ମୁଖାର୍ଜୀ ବନ ବିଭାଗର ଭବ୍ୟ ଆତିଥେୟତାରେ ବେଶ୍ ଉତ୍ସାହିତ ଥିବା ପ୍ରକାଶ କରିଥିବାବେଳେ ମୋବାଇଲ ଫୋନ ବାରଣ ନିରୁତ୍ସାହିତ କରିଛି ବୋଲି କହିଛନ୍ତି।

ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ ଏଥର ପ୍ରବେଶ ଗେଟ୍ ନିକଟରେ ଏକ 'ଶିମିଳିପାଳ କାଫେ' ଖୋଲାଯାଇଛି। ଏଠାରେ ସ୍ଥାନୀୟ ଖାଦ୍ୟର ସ୍ୱାଦ ସାଙ୍ଗକୁ ବିଭିନ୍ନ ସୁବିଧା ଉପଲବ୍ଧ ହେବ। ଏହାଛଡ଼ା ପର୍ଯ୍ୟଟକଙ୍କ ସୁବିଧା ପାଇଁ ନିଯୁକ୍ତ 'ନେଚର ଗାଇଡ୍'ଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଇ କ୍ୟାପାସିଟି ବିଲ୍ଡିଂ କରାଯାଇଛି। ଯଦ୍ୱାରା ସେମାନେ ମୟୂରଭଞ୍ଜ ଓ ଓଡ଼ିଶାର ବିଭିନ୍ନ ଜୈବ ବିବିଧତା, ସ୍ଥାନୀୟ କ୍ଷେତ୍ର ବିଷୟରେ ପର୍ଯ୍ୟଟକଙ୍କୁ ସଠିକ୍ ସୂଚନା ଦେଇପାରିବେ। ସେହିପରି ସୁପ୍ରିମକୋର୍ଟ ଓ ଏନଟିସିଏର ମାର୍ଗଦର୍ଶୀ ନିର୍ଦ୍ଦେଶାବଳୀ ଅନୁଯାୟୀ, ଟାଇଗର ରିଜର୍ଭର କୋର୍ ଏରିଆ ଭିତରେ ମୋବାଇଲ୍ ଫୋନ୍ ବ୍ୟବହାରକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ତେବେ ବଫର ଓ ପେରିଫେରି ଏରିଆରେ ଏହା ବ୍ୟବହାର କରାଯାଇପାରିବ। କୋର୍ ଏରିଆରେ କେବଳ ଡିଏସ୍ଏଲଆର, ବ୍ରିଜ୍ କ୍ୟାମେରା କିମ୍ବା ମିରରଲେସ୍ କ୍ୟାମେରା ବ୍ୟବହାର କରିହେବ, କିନ୍ତୁ ମୋବାଇଲ୍ କ୍ୟାମେରା ବ୍ୟବହାର ନିଷେଧ। ଏହାଛଡ଼ା ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ଓ ଶବ୍ଦ ପ୍ରଦୂଷଣ ଉପରେ କଡ଼ା କଟକଣା ଜାରି କରାଯାଇଛି। ପର୍ଯ୍ୟଟକଙ୍କୁ ସଠିକ୍ ରେଟ୍ ଓ ସ୍ୱଚ୍ଛତା ପାଇଁ ଅନଲାଇନ୍ ବୁକିଂ କରିବାକୁ ବିଶେଷ ଭାବେ ଅନୁରୋଧ କରାଯାଇଛି। ଶିମିଳିପାଳ ଜାତୀୟ ଉଦ୍ୟାନର ସମସ୍ତ କର୍ମଚାରୀ ଓ ଗାଇଡ୍ ପର୍ଯ୍ୟଟକଙ୍କୁ ସ୍ୱାଗତ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ଦକ୍ଷିଣ ବନଖଣ୍ଡ ଉପନିର୍ଦ୍ଦେଶକ ସୁମିତ କର ସୂଚନା ଦେଇଛନ୍ତି।

ବିଜେଡିର ଜନସଚେତନତା ବୈଠକ

ଯଶିପୁର, ୧।୧୧(ସମିସ): ଯଶିପୁର ନିର୍ବାଚନମଣ୍ଡଳୀ ସ୍ତରୀୟ ବିଜୁ ଜନତା ଦଳ ପକ୍ଷରୁ ପଦ୍ମପୁର ଦୁର୍ଗାପୂଜା ମଣ୍ଡପରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯଶିପୁର ନିର୍ବାଚନମଣ୍ଡଳୀର ପୂର୍ବତନ ବିଜେଡି ବିଧାୟକ ପ୍ରାର୍ଥୀ ଚକ୍ରଧର ହେମ୍ବ୍ରମଙ୍କ ନେତୃତ୍ୱରେ କୁସୁମୀ ବ୍ଲକ ସଭାପତି ସୁଲୋଚନା



ହେମ୍ବ୍ରମ, ରରୁଆଁ ବ୍ଲକ ବିଜେଡି ସଭାପତି ମନ୍ମଥ ଗିରି, ଶୁକ୍ରୁଳି ବ୍ଲକ ସଭାପତି ପତି କାରୁଆ ଓ ଯଶିପୁର ବ୍ଲକ ବିଜେଡି ସଭାପତି ଦର୍ପନାରାୟଣ ମହାନ୍ତଙ୍କ ତତ୍ତ୍ୱାବଧାନରେ ଏହି ବୈଠକ ଆୟୋଜିତ ହୋଇଥିଲା। ବର୍ତ୍ତମାନ ଚାଲୁଥିବା ଏସ୍ଆଇଆର ପ୍ରକ୍ରିୟାରେ ବାଦ୍ ପଡ଼ିଥିବା ଭୋଟରଙ୍କୁ ପୁଣିଥରେ ଫର୍ମ ନମ୍ବର ୧୬ ସଂଯୋଗ କରିବା ଓ ଠିକ କରିବା, ୧୭ ନମ୍ବରରେ କାଟିବା, ଏନଏସି ନିମନ୍ତେ ଫର୍ମ ନମ୍ବର ୩ରେ ସଂଯୋଗ ଓ ଠିକ କରିବା ବିଷୟରେ ଆଲୋଚନା କରାଯାଇଥିଲା। ବିଜୁ ଜନତା ଦଳର ସଂଗଠନକୁ ଆହୁରି ସଶକ୍ତୀକରଣ କରିବା ପାଇଁ ପଞ୍ଚାୟତ, ବ୍ଲକ, ଜିଲ୍ଲା ଓ ରାଜ୍ୟସ୍ତରୀୟ ଓ ଏନଏସିର ନୂତନ ବିଜେଡି କମିଟି ଗଠନ କରାଯିବା ପାଇଁ ଚୂଡାନ୍ତ ନାମ ପ୍ରଦାନ କରିବା ଓ ଆଗାମୀ ଯଶିପୁର ନିର୍ବାଚନମଣ୍ଡଳୀ ସ୍ତରୀୟ ବିଜୁ ଜନତା ଦଳର ଜନସମ୍ପର୍କ ପଦଯାତ୍ରା କରାଯିବା ପାଇଁ ନିମନ୍ତେ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୟୁରଭଞ୍ଜ ଜିଲ୍ଲା-୨ ଜିଲ୍ଲା ଯୁବ ବିଜେଡି ସଭାପତି ଅଭିଷେକ ସାହୁ, ଜିଲ୍ଲା ମହିଳା ବିଜେଡି ସଭାପତି କମଳା ମହାନ୍ତ, ପୂର୍ବତନ ବିଧାୟକ ମଙ୍ଗଲ ସିଂ ମୁଦି, ଆଇଟି ସେଲ ଜିଲ୍ଲା ସଂଯୋଜକ ନଳିନୀ ରଞ୍ଜନ ସାହୁ, ଜିଲ୍ଲା ପରିଷଦ ସଦସ୍ୟା ସୁଜାତା ହୋ, ଭରତ ନାଏକ, ମହିଳା ନେତ୍ରୀ ଶାନ୍ତି ମହାକୁଡ଼, ସାର୍ଥକ ମହାନ୍ତ, ନରେଶ ଗିରି, ସେକ ତୋରାବ ହୁସେନ, ନରହରି ମହାନ୍ତ, ରାଜୁ ତିୟୁ, ଅହିଦ ଖାନ, ଲକ୍ଷ୍ମୀ ସେଠୀ, ରାଜୁ ଖାନ, ଜହର ନାଏକ, ଲକ୍ଷ୍ମଣ ବେହେରା, ପଙ୍କଜ ନାଏକ, ସରୋଜ ସେଠୀ, ସରୋଦା ବାରିକ, ରହିତ ସାହୁ, ସେକ ଜାବୀର, ଦେବେନ୍ଦ୍ର ନାଏକ, ରାଜେନ୍ଦ୍ର ନାଏକ, ପ୍ରଫୁଲ୍ଲ ନାଏକ, ବେଣୁଧର ମହାନ୍ତ, ସୁବାସ ନାଏକ, ବାବୁଲା ନାଏକ, ସୁନୀଲ ମହାନ୍ତି, ଧାନବେଡା ନାଏକ, ଭଞ୍ଜକିଶୋର ମହାନ୍ତ, ହରିଶ ସେଠୀ, ନରହରି ଦାସ, ସଂଗ୍ରାମ ମୁଣ୍ଡୁଆ, ପ୍ରବୀଣ ବେହେରା, ଏମଡି ଜାବିର, ଆଜମାଦ ଖାନ, ପୂର୍ଣ୍ଣ ମହାରଣା, ଇମ୍ରାନ ଖାନ, ବାବୁଲୁ ଖାନ, ହରେକୃଷ୍ଣ ମହାନ୍ତ, ସୁରେନ୍ଦ୍ର ନାଏକ, ଚିକୁ ଖାନ, ପ୍ରଦୀପ ବେହେରା ଓ ଅନ୍ୟ କର୍ମୀ ଉପସ୍ଥିତ ଥିଲେ।

୧୪ରେ ଆଦିବାସୀ ସେଙ୍ଗେଲ ଅଭିଯାନ ପକ୍ଷରୁ ସହରାୟ ପାରାବ

ବାରିପଦାରେ ହେବ ଭବ୍ୟ ଜାଜଲେ ଜୁଲୁସ୍

ବାରିପଦା, ୧।୧୧(ସମିସ): ଆଦିବାସୀ ସମାଜର ମହାନ ପାରମ୍ପରିକ ଗଣପର୍ବ 'ସହରାୟ ପାରାବ' ଉପଲକ୍ଷେ ଆଦିବାସୀ ସେଙ୍ଗେଲ ଅଭିଯାନ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ରବିବାର ସ୍ଥାନୀୟ ବାରିପଦା କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ରାଜ୍ୟ ସଭାପତି ନାରାନ ମୁର୍ମୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଚଳିତ ମାସ ୧୪ ତାରିଖରେ ବାରିପଦା ସହରରେ ଏକ ବିଶାଳ 'ଜାଜଲେ ଜୁଲୁସ୍' କାର୍ଯ୍ୟକ୍ରମ ଆୟୋଜନ କରିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକରେ ଅଲ୍ ଇଣ୍ଡିଆ ମାଝୀ ପାର୍ଗାନା ମାଡୱାର ରାଜ୍ୟ ସଭାପତି କାଲୁରାମ ମୁର୍ମୁ ଯୋଗଦେଇ ପର୍ବ ପାଳନର ରୂପରେଖ ସମ୍ପର୍କରେ ଆଲୋକପାତ କରିଥିଲେ।

ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁସାରେ, ଆସନ୍ତା ନଭେମ୍ବର ୧୦ ତାରିଖରେ ପ୍ରତ୍ୟେକ ଗ୍ରାମରେ 'ଗଟ୍ ବଙ୍ଗା', ୧୧ରେ 'ଗଳା ବଙ୍ଗା', ୧୨ରେ 'ଖୁଣ୍ଟାଉ (ବାନ୍ଧଣା)', ୧୩ରେ 'ଜାଜଲେ ନାଚ' ଅନୁଷ୍ଠିତ ହେବ। ପରବର୍ତ୍ତୀ ଦିନ ଅର୍ଥାତ୍ ୧୪ ତାରିଖ ଶନିବାର ବାରିପଦାଠାରେ ଭବ୍ୟ ଜାଜଲେ ଜୁଲୁସ୍ ଶୋଭାଯାତ୍ରା ବାହାରିବ। ସହରାୟ ପାରାବ ହେଉଛି ସାର୍ନା ଧର୍ମାବଲମ୍ବୀଙ୍କ ଏକ ମୁଖ୍ୟ ପଶୁଭିତ୍ତିକ ଓ ସାଂସ୍କୃତିକ ପର୍ବ। ଯେଉଁଥିରେ ଗୃହପାଳିତ ଗୋରୁଗାଈଙ୍କୁ ଧୂପଦୀପ ଦେଇ ବନ୍ଦନା କରାଯିବା ସହ ଖୁଣ୍ଟାଉ କରାଯାଇଥାଏ। ଆଦିବାସୀ ସମାଜର ଭାଷା, ସଂସ୍କୃତି, ପରମ୍ପରା ଓ ଐତିହ୍ୟର ସୁରକ୍ଷା ସହ ଯୁବପିଢ଼ିଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଓ ସାମାଜିକ ଏକତା ସୁଦୃଢ଼ କରିବା ଏହି ଜୁଲୁସର ମୁଖ୍ୟ ଉଦ୍ଦେଶ୍ୟ ବୋଲି ରାଜ୍ୟ ସଭାପତି ଶ୍ରୀ ମୁର୍ମୁ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ଛାତ୍ରଛାତ୍ରୀ, ଯୁବକ/ଯୁବତୀ ଓ ସଂସ୍କୃତିପ୍ରେମୀ ଜନସାଧାରଣଙ୍କୁ ବହୁ ସଂଖ୍ୟାରେ ସାମିଲ ହେବା ପାଇଁ ଆହ୍ୱାନ ଦିଆଯାଇଛି। ଏହି ପ୍ରସ୍ତୁତି ବୈଠକରେ ମୟୂରଭଞ୍ଜ ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଉଦୟନାଥ ହେମ୍ବ୍ରମ, କଟକ ଜିଲ୍ଲା ସେଙ୍ଗେଲ ସଭାପତି ଶିଙ୍ଗ୍ରାୟ ହେମ୍ବ୍ରମ, ଜିବିନଗର-ଖୁଣ୍ଟା ବ୍ଲକ ସଭାପତି ନୀଳରତ୍ନ ରୁତମାରାଣ୍ଡି, ଉଦଳା ବ୍ଲକ ସେଙ୍ଗେଲ ପାର୍ଗାନା ସୁରେଶ ହେମ୍ବ୍ରମ, ରାଇରଙ୍ଗପୁର ଜୋନାଲ ଟ୍ରାଇବଲ ଏମ୍ପ୍ଲଇଜ୍ ଆସୋସିଏସନ ସଭାପତି ସାଲଖୁ ସୋରେନ ଓ ରାମ ମାଝୀଙ୍କ ସମେତ ବହୁ ସଂଗଠକ ଉପସ୍ଥିତ ଥିଲେ।

● ଭେଙ୍କିସ ରିସର୍ଚ୍ଚ ଫାର୍ମ କର୍ତ୍ତୃପକ୍ଷଙ୍କ ପ୍ରତାରଣା

ପ୍ରତିଶ୍ରୁତି ଭୁଲିଲେ କର୍ତ୍ତୃପକ୍ଷ, ୧୫ ଦିନରେ ସମାଧାନ ନ ହେଲେ ଆନ୍ଦୋଳନ



ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଛାତନା ଗ୍ରାମବାସୀଙ୍କ ଦାବିପତ୍ର

ମୋରଡ଼ା, ୧।୧୧(ସମିସ): ଭେଙ୍କିସ ରିସର୍ଚ୍ଚ ଏଣ୍ଡ ବ୍ରିଡିଂ ଫାର୍ମ କର୍ତ୍ତୃପକ୍ଷଙ୍କ ମନମୁଖୀ କାର୍ଯ୍ୟକଳାପ ଓ ପ୍ରତାରଣା ବିରୋଧରେ ଅସନ୍ତୋଷ ତେଜିବାରେ ଲାଗିଛି। ଜମି ଦେଇଥିବା ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ପ୍ରଦାନ ସହ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ରବିବାର ମୋରଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରାସଗୋବିନ୍ଦପୁର ବ୍ଲକର ଛାତନା ପଞ୍ଚାୟତ ସରପଞ୍ଚ ଓ ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରେରଣ କରିଛନ୍ତି। ଏଥିସହ ଉକ୍ତ ଦାବିପତ୍ରର ଏକ କପି ଫାର୍ମ କର୍ତ୍ତୃପକ୍ଷଙ୍କୁ ମଧ ହସ୍ତାନ୍ତର କରାଯାଇଛି। ୧୫ ଦିନ ମଧ୍ୟରେ ସମାଧାନ ନ ହେଲେ ଜମି ହରାଇଥିବା ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି। ଅଭିଯୋଗ ମୁତାବକ, ଫାର୍ମ ପ୍ରତିଷ୍ଠା ସମୟରେ ଜମି ଦେଇଥିବା ପ୍ରତ୍ୟେକ ପରିବାରର ସଦସ୍ୟଙ୍କୁ ନିଯୁକ୍ତି ପ୍ରଦାନ କରାଯିବ ବୋଲି କର୍ତ୍ତୃପକ୍ଷ ମୌଖିକ ଭାବେ ପ୍ରତିଶ୍ରୁତି ଦେଇଥିଲେ। ଇତିମଧ୍ୟରେ ୧୫ ବର୍ଷ ବିତିଯାଇଥିଲେ ହେଁ ଜମି ହରାଇଥିବା ଲୋକଙ୍କୁ ଏ ପର୍ଯ୍ୟନ୍ତ ନିଯୁକ୍ତି ମିଳିପାରିନାହିଁ। କଥା ଦେଇ କଥା ରଖିବା ବଦଳରେ କମ୍ପାନୀ ବିନା ନୋଟିସରେ ଡୋନେସନ ନେଇ ବାହାର ପିଲାଙ୍କୁ ନିଯୁକ୍ତି ଦେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଫାର୍ମରେ କାର୍ଯ୍ୟରତ ୪୮ ଜଣ ଅସ୍ଥାୟୀ ଶ୍ରମିକଙ୍କ ମଧ୍ୟରୁ ୩୬ ଜଣଙ୍କୁ ସ୍ଥାୟୀ ନିଯୁକ୍ତି ଦିଆଯାଇଥିବାବେଳେ ୧୨ ଜଣଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ବାଦ୍ ଦିଆଯାଇଛି। ସେହିପରି ବାର୍ଦ୍ଧକ୍ୟ ଓ ଅସୁସ୍ଥତା କାରଣରୁ କାର୍ଯ୍ୟ ଛାଡ଼ିଥିବା ଶ୍ରମିକଙ୍କ ପରିବାରବର୍ଗଙ୍କୁ କାମ ମିଳିନାହିଁ କିମ୍ବା କାର୍ଯ୍ୟରତ ଅବସ୍ଥାରେ ମୃତ୍ୟୁବରଣ କରିଥିବା କର୍ମଚାରୀଙ୍କ ଉତ୍ତରାଧିକାରୀଙ୍କୁ ଅନୁକମ୍ପାମୂଳକ ନିଯୁକ୍ତି ଦିଆଯାଉନାହିଁ। ବରଂ ସେମାନଙ୍କୁ ମାନସିକ ନିର୍ଯାତନା ଦିଆଯାଉଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ତୁରନ୍ତ ସ୍ଥାନୀୟ ଯୋଗ୍ୟ ବ୍ୟକ୍ତିଙ୍କୁ ପ୍ରାଥମିକତା ଭିତ୍ତିରେ ଚାକିରି ପ୍ରଦାନ କରିବାକୁ ଦାବି କରାଯାଇଛି। ଆଗାମୀ ୧୫ ଦିନ ମଧ୍ୟରେ ଯଦି କୌଣସି ଠୋସ୍ ପଦକ୍ଷେପ ଗ୍ରହଣ କରା ନ ଯାଏ, ତେବେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇ ବ୍ୟାପକ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ମୟୂରଭଞ୍ଜ ବ୍ରାହ୍ମଣ ମହାସଭାର ଜିଲ୍ଲାସ୍ତରୀୟ ବୈଠକ

ୟୁଜିସି ନୂତନ ନିୟମାବଳୀର ପୁନର୍ବିଚାର ଦାବିରେ ସ୍ମାରକପତ୍ର ପ୍ରଦାନ ନିଷ୍ପତ୍ତି

ବାରିପଦା, ୧।୧୧(ସମିସ)



ଓଡ଼ିଶା ବ୍ରାହ୍ମଣ ମହାସଭାର ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସ୍ଥାନୀୟ ମଧୁବନସ୍ଥ ଶ୍ରୀ ଶ୍ରୀ ହରିବଳ ଦେବଜୀଉ ଶିଶୁ ମନ୍ଦିର ପରିସରରେ ଜିଲ୍ଲା ସଭାପତି ଅଲଖ ରଞ୍ଜନ ପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସଂଗଠନର ସାଂଗଠନିକ ସୁଦୃଢ଼ୀକରଣ, ସଂସ୍କୃତ ଭାଷାର ପ୍ରଚାର ଓ ପ୍ରସାର ସହିତ ଦେଶର ଉଚ୍ଚଶିକ୍ଷା ବ୍ୟବସ୍ଥାରେ ସମାନତା ଓ ନ୍ୟାୟ ସମ୍ପର୍କିତ ବିଭିନ୍ନ ବିଷୟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ପ୍ରାରମ୍ଭରେ ଜିଲ୍ଲା ସମ୍ପାଦକ ଡା ଆଦିତ୍ୟ କୁମାର ପଣ୍ଡା ସଭାର ଆଭିମୁଖ୍ୟ ଓ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲା ଉପସଭାପତି ତଥା ବରିଷ୍ଠ ଆଇନଜୀବୀ କ୍ଷେତ୍ରମୋହନ ପଣ୍ଡା ବ୍ରାହ୍ମଣ ମହାସଭାକୁ ତୃଣମୂଳ ସ୍ତରରୁ ଅଧିକ ସୁଦୃଢ଼ ଓ ସକ୍ରିୟ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସଂଗଠନର କାର୍ଯ୍ୟକଳାପକୁ ଜିଲ୍ଲାର ପ୍ରତ୍ୟେକ ବ୍ଲକ ଓ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ପହଞ୍ଚାଇବା ସହ ଅଧିକରୁ ଅଧିକ ସଦସ୍ୟଙ୍କୁ ଯୋଡ଼ିବା ଦିଗରେ ସମସ୍ତେ ମିଳିତ ଉଦ୍ୟମ କରିବାକୁ ସେ ମତ ପ୍ରକାଶ କରିଥିଲେ।

ସେହିପରି ଜିଲ୍ଲା ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ସଞ୍ଜୟ ଚୌଧୁରୀ ଭାରତୀୟ ସଂସ୍କୃତି, ପରମ୍ପରା ଓ ଜ୍ଞାନର ମୂଳ ଆଧାର ଭାବେ ସଂସ୍କୃତ ଭାଷାର ଗୁରୁତ୍ୱ ଉପରେ ନିଜର ମତ ରଖିଥିଲେ। ସଂସ୍କୃତ ଭାଷାର ସୁରକ୍ଷା, ସଂରକ୍ଷଣ ଓ ଲୋକପ୍ରିୟତା ବୃଦ୍ଧି ପାଇଁ ଏହାକୁ ପ୍ରାଥମିକ ବିଦ୍ୟାଳୟ ସ୍ତରରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଏକ ବାଧ୍ୟତାମୂଳକ ପାଠ୍ୟବିଷୟ ଭାବେ ପ୍ରଚଳନ କରିବା ନିମନ୍ତେ ସରକାରଙ୍କ ନିକଟରେ ଦାବି ଓ ଉଦ୍ୟମ କରାଯିବା ଉଚିତ ବୋଲି ସେ ପ୍ରସ୍ତାବ ଆଗତ କରିଥିଲେ। ବୈଠକର ଅନ୍ୟତମ ପ୍ରମୁଖ ଆଲୋଚ୍ୟ ବିଷୟ ଥିଲା ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗଙ୍କ ଦ୍ୱାରା ଜାନୁଆରୀ ୧୩, ୨୦୨୬ରେ ଅଧିସୂଚିତ ଉଚ୍ଚ ଶିକ୍ଷାନୁଷ୍ଠାନରେ ସମାନତା ପ୍ରୋତ୍ସାହନ ସମ୍ପର୍କିତ ନୂତନ ନିୟମାବଳୀ। ଏହି ନିୟମାବଳୀର କେତେକ ବ୍ୟବସ୍ଥାର ପରିସର, ପ୍ରୟୋଗ ଓ ଛାତ୍ରଛାତ୍ରୀଙ୍କ ଅଧିକାର ଉପରେ ସମ୍ଭାବ୍ୟ ପ୍ରଭାବକୁ ନେଇ ସଭାରେ ମତବିନିମୟ ହୋଇଥିଲା। ସମାଜର ସମସ୍ତ ବର୍ଗର ଛାତ୍ରଛାତ୍ରୀଙ୍କୁ ସମାନ ନ୍ୟାୟ, ସୁରକ୍ଷା ଓ ମର୍ଯ୍ୟାଦା ମିଳିବା ସହିତ ଅଭିଯୋଗର ନିରପେକ୍ଷ ତଦନ୍ତ, ମିଥ୍ୟା ଓ ଉଦ୍ଦେଶ୍ୟମୂଳକ ଅଭିଯୋଗ ବିରୋଧରେ ଉପଯୁକ୍ତ ସୁରକ୍ଷା, ନିଜ ପକ୍ଷ ରଖିବାର ଯଥେଷ୍ଟ ସୁଯୋଗ ରହିବା ଉଚିତ୍ ବୋଲି ମତ ପ୍ରକାଶ ପାଇଥିଲା। ଏଥିସହିତ ଶିକ୍ଷାନୁଷ୍ଠାନରେ ଜାତିଗତ ଭେଦଭାବ ଓ ନିର୍ଯାତନାର ସମ୍ପୂର୍ଣ୍ଣ ଉଚ୍ଛେଦ ସହ ସାମାଜିକ ସଦ୍‌ଭାବ, ପାରସ୍ପରିକ ସମ୍ମାନ ଓ ଭାଇଚାରା ବଜାୟ ରଖିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

ଏ ପରିପ୍ରେକ୍ଷୀରେ ଉକ୍ତ ନୂତନ ନିୟମାବଳୀର କେତେକ ବ୍ୟବସ୍ଥାର ପୁନର୍ବିଚାର, ଆବଶ୍ୟକୀୟ ସଂଶୋଧନ ଓ ସମସ୍ତ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ସମାନ ଆଇନଗତ ସୁରକ୍ଷା ସୁନିଶ୍ଚିତ କରିବା ଦାବିରେ ଆସନ୍ତା ୩ ତାରିଖରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପୃଥକ୍ ପୃଥକ୍ ସ୍ମାରକପତ୍ର ପ୍ରଦାନ କରିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଶିକ୍ଷାନୁଷ୍ଠାନରେ କୌଣସି ପ୍ରକାରର ଜାତିଗତ ଭେଦଭାବ, ଅପମାନ, ନିର୍ଯାତନା କିମ୍ବା ଅନ୍ୟାୟକୁ କଦାପି ସମର୍ଥନ କରାଯାଇପାରିବ ନାହିଁ ବୋଲି ସଭାରେ ମତ ପ୍ରକାଶ ପାଇଥିଲା। ଐତିହାସିକ ଭାବେ ବଞ୍ଚିତ ଓ ଦୁର୍ବଳ ବର୍ଗର ଛାତ୍ରଛାତ୍ରୀଙ୍କ ସୁରକ୍ଷା ନିଶ୍ଚିତ କରିବା ଯେତିକି ଆବଶ୍ୟକ, ସେହିପରି ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ଅଭିଯୋଗର ନିରପେକ୍ଷ ଶୁଣାଣି ଓ ନ୍ୟାୟସଙ୍ଗତ ତଦନ୍ତର ସୁଯୋଗ ଦେବା ମଧ ସମାନ ଭାବେ ଜରୁରୀ। ଏହି ପଦକ୍ଷେପ କୌଣସି ବର୍ଗର ଅଧିକାରକୁ କ୍ଷୁର୍ଣ୍ଣ କରିବା କିମ୍ବା ଭେଦଭାବକୁ ପ୍ରୋତ୍ସାହନ ଦେବା ପାଇଁ ନୁହେଁ; ବରଂ ସମ୍ବିଧାନର ସମାନତା, ନ୍ୟାୟ, ମର୍ଯ୍ୟାଦା ଓ ଭ୍ରାତୃତ୍ୱ ଭଳି ମୌଳିକ ଆଦର୍ଶକୁ ଶିକ୍ଷା କ୍ଷେତ୍ରରେ ସୁନିଶ୍ଚିତ କରିବା ଏହାର ମୂଳ ଉଦ୍ଦେଶ୍ୟ ବୋଲି ଉପସ୍ଥିତ ସଦସ୍ୟମାନେ ମତ ଦେଇଥିଲେ। ବୈଠକରେ ସଂଗଠନର ଏକତା, ସାଂଗଠନିକ ଶୃଙ୍ଖଳା ଓ ସାମୂହିକ ଉଦ୍ୟମ ମାଧ୍ୟମରେ ସମାଜର ବିଭିନ୍ନ ଗଠନମୂଳକ କାର୍ଯ୍ୟରେ ମହାସଭାର ଭୂମିକାକୁ ଆହୁରି ବ୍ୟାପକ କରିବା ଉପରେ ମଧ ଆଲୋଚନା ହୋଇଥିଲା। ଜିଲ୍ଲା ଯୁଗ୍ମସମ୍ପାଦକ କମଳାଂଶୁ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ କୋଷାଧ୍ୟକ୍ଷ ଦୋଳଗୋବିନ୍ଦ ଦାଶ, ବରିଷ୍ଠ ସଦସ୍ୟ ଗୋପୀନାଥ କର, ଅରୁଣ କୁମାର ମହାପାତ୍ର, ମାନସ କୁମାର ଆଚାର୍ଯ୍ୟ, ପ୍ରଦୀପ କୁମାର ପାଣିଗ୍ରାହୀ, ଚିତ୍ତରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

● ୧୨ରୁ ବୈରାଟପୁର ପ୍ରିମିୟର ଲିଗ୍ ସିଜିନ୍-୨

ଶେଷ ହେଲା ଖେଳାଳି ନିଲାମୀ, ହୃଷୀକେଶ ଦାସ ସବୁଠୁ ମହଙ୍ଗା


ଉଦଳା, ୧।୧୧(ସମିସ): ଉଦଳା ବ୍ଲକ ଅନ୍ତର୍ଗତ ବୈରାଟପୁରଠାରେ ଆୟୋଜିତ ହେବାକୁ ଥିବା 'ବୈରାଟପୁର ପ୍ରିମିୟର ଲିଗ୍ (ବିପିଏଲ) ସିଜିନ୍-୨' ପାଇଁ ରବିବାର ଖେଳାଳି ନିଲାମୀ ପ୍ରକ୍ରିୟା ଶେଷ ହୋଇଛି। ଆସନ୍ତା ନଭେମ୍ବର ୧୨ରୁ ୨୨ ତାରିଖ ପର୍ଯ୍ୟନ୍ତ ଏହି କ୍ରିକେଟ୍ ମହାକୁମ୍ଭ ଅନୁଷ୍ଠିତ ହେବାକୁ ଥିବାବେଳେ ଏହାକୁ ନେଇ ସ୍ଥାନୀୟ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଓ ଉଦ୍ଦୀପନା ପ୍ରକାଶ ପାଇଛି। ଚଳିତ ସିଜିନ୍‌ରେ ଭାଗ ନେବା ପାଇଁ ୧୫୦ରୁ ଊର୍ଦ୍ଧ୍ୱ ଖେଳାଳି ପଞ୍ଜୀକରଣ କରିଥିଲେ। ନିଲାମୀ ପ୍ରକ୍ରିୟା ଜରିଆରେ ମୋଟ ୬ଟି ଫ୍ରାଞ୍ଚାଇଜ୍ ଟିମ୍



ପ୍ରତ୍ୟେକ ୧୫ ଜଣ ଲେଖାଏଁ ମୋଟ ୯୦ ଜଣ ଖେଳାଳିଙ୍କୁ ନିଜ ଦଳରେ ସାମିଲ କରିଛନ୍ତି। ଏହି ପ୍ରତିଯୋଗିତାରେ ଇଲାଇଟ୍ ଇଲେଭେନ୍, ତ୍ରିଶକ୍ତି ଫାଇଟର୍, ଏ.ଜେ. ଫାଇଟର୍, ରାଜବି ଫାଇଟର୍, ଏନ୍.ଏସ୍. ଫାଇଟର୍ ଓ ମା' ଜଗଦ୍ଧାତ୍ରୀ ୱାରିୟର୍ ମଧ୍ୟରେ ଜୋରଦାର ମୁକାବିଲା ଦେଖିବାକୁ ମିଳିବ। ଏଥିରେ ଉଦଳା ଏନ୍ଏସି ସମେତ ଉଦଳା, ଜିବିନଗର, ବଡ଼ସାହି, ଖୁଣ୍ଟା ଓ କପ୍ତିପଦା ବ୍ଲକ ଅଞ୍ଚଳର ପ୍ରତିଭାବାନ ଖେଳାଳି ଭାଗ ନେଉଛନ୍ତି। ନିଲାମୀରେ ଉଦଳା ଏନ୍ଏସିର ହୃଷିକେଶ ଦାସ ସବୁଠାରୁ ମହଙ୍ଗା ଖେଳାଳି ବିବେଚିତ ହୋଇଛନ୍ତି। ତାଙ୍କୁ ଇଲାଇଟ୍ ଇଲେଭେନ୍ ଦଳ ସର୍ବାଧିକ ୬ ହଜାର ୩୦୦ ଟଙ୍କାରେ କିଣି ନିଜ ଦଳରେ ସାମିଲ କରିଛି। ଆଜିର ଏହି ନିଲାମୀ କାର୍ଯ୍ୟକ୍ରମରେ ଲିଗ୍‌ର ମୁଖ୍ୟ ଉପଦେଷ୍ଟା ଦୀପକ ମିଶ୍ର, ଉପଦେଷ୍ଟା ସୁନୀଲ ବେହେରା, ସରୂପ ମହାପାତ୍ର, ମୁକେଶ ରଣା, ସଭାପତି ହେମନ୍ତ ବେହେରା, ସମ୍ପାଦକ ଦୀପକ ବେହେରାଙ୍କ ସମେତ କମଳାକାନ୍ତ ମିଶ୍ର, ରୁଦ୍ରନାରାୟଣ ରଣା, ରବିନାରାୟଣ ମହାପାତ୍ର, ସ୍ୱପ୍ନେଶ୍ୱର ମହାପାତ୍ର, ହୃଦୟରଞ୍ଜନ ବେହେରା, ଲାପୁନ ତିଆଡ଼ି, ସୌମ୍ୟକ ମହାପାତ୍ର, ଶଶିକାନ୍ତ ମାଝୀ, ହିମାଂଶୁ ସେଠୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସକାଳ
THE SAKALA

ସମ୍ପାଦକୀୟ



ଦୁର୍ନୀତି ଯେକୌଣସି ଦେଶର ବିକାଶରେ ସବୁଠାରୁ ବଡ଼ ବାଧକ।
-ଲାଲ ବାହାଦୂର ଶାସ୍ତ୍ରୀ

ବାତ୍ୟା ପରେ ମରୁଡ଼ି ସଙ୍କଟ

ଡ. ପ୍ରଦୀପ କୁମାର ରଥ

ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥା ଆଜି ସମଗ୍ର ବିଶ୍ୱରେ ଅନୁକରଣୀୟ ମଡେଲ ଭାବରେ ସ୍ୱୀକୃତି ପାଇଛି। ୧୯୯୯ ମସିହାର ଭୟାନକ ମହାବାତ୍ୟାରେ ପ୍ରାୟ ଦଶହଜାର ଲୋକଙ୍କ ଜୀବନହାନି ଘଟିବା ପରେ ରାଜ୍ୟ ପ୍ରଶାସନ ଉପକୂଳ ସୁରକ୍ଷା ଓ ଲୋକଙ୍କୁ ନିରାପଦ ସ୍ଥାନାନ୍ତରଣ କ୍ଷେତ୍ରରେ ଯେଉଁ ଦୃଢ଼ ପଦକ୍ଷେପ ନେଇଥିଲା, ତାହାର ସୁଫଳ ଆଜି ସ୍ପଷ୍ଟ ଦେଖିବାକୁ ମିଳୁଛି। ଫାଇଲିନ୍, ଫନି, ୟାସ୍ ଭଳି ପ୍ରଳୟଙ୍କରୀ ସାମୁଦ୍ରିକ ଝଡ଼ ସମୟରେ ଆମେ ଜୀବନହାନିକୁ ପ୍ରାୟ 'ଶୂନ'ରେ ସୀମିତ ରଖିପାରିଛୁ। କିନ୍ତୁ ବିଡ଼ମ୍ବନାର ବିଷୟ ହେଉଛି, ଆମର ସମସ୍ତ ସରକାରୀ ଯନ୍ତ୍ର, ନୀତି ନିର୍ଦ୍ଧାରଣ, ବଜେଟ ଓ ସମ୍ବଳ କେବଳ ବଙ୍ଗୋପସାଗରରୁ ମାଡ଼ି ଆସୁଥିବା ବାତ୍ୟା ଉପରେ ହିଁ କେନ୍ଦ୍ରୀଭୂତ ହୋଇ ରହିଯାଇଛି। ଅନ୍ୟପଟେ, ଲୋକଲୋଚନର ଅନ୍ତରାଳରେ ଏକ ନିରବ ଓ ମନ୍ଥର ବିପର୍ଯ୍ୟୟ ରାଜ୍ୟର ଅର୍ଥନୀତି, କୃଷି ଓ ଗ୍ରାମୀଣ ସମାଜକୁ ଭିତରୁ ଧ୍ୱଂସ କରିଚାଲିଛି। ତାହା ହେଉଛି କ୍ରମବର୍ଦ୍ଧିଷ୍ଣୁ ମରୁଡ଼ି ଓ ଅତ୍ୟଧିକ ଉତ୍ତାପ।

ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି), ଜାତୀୟ ମଧ୍ୟମ-ମିଆଦୀ ପାଣିପାଗ ପୂର୍ବାନୁମାନ କେନ୍ଦ୍ର (ଏନ୍‌ସିଏମ୍‌ଆରଡବ୍ଲୁଏଫ୍) ଏବଂ ଆଟ୍ରିଆ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନଙ୍କ ଦ୍ୱାରା ୧୯୭୧ରୁ ୨୦୨୨ ପର୍ଯ୍ୟନ୍ତ କରାଯାଇଥିବା ୫୨ ବର୍ଷର ଏକ ତଥ୍ୟଭିତ୍ତିକ ଗବେଷଣା ନିକଟରେ ଅନ୍ତର୍ଜାତୀୟ ପତ୍ରିକାରେ ପ୍ରକାଶିତ ହୋଇଛି। ଏହି ଅଧ୍ୟୟନରେ ବ୍ୟବହୃତ 'ଭାରତୀୟ ଚରମ ଜଳବାୟୁ ସୂଚକାଙ୍କ' ବା 'ଇଣ୍ଡିଆ କ୍ଲାଇମେଟ୍ ଏକ୍ସଟ୍ରିମ୍ସ ଇଣ୍ଡେକ୍ସ'(ଇଣ୍ଡସିଇଆଇ) ଆଧାରରେ ଏକ ଚିନ୍ତାଜନକ ସତ୍ୟ ସାମ୍ନାକୁ ଆସିଛି। ଓଡ଼ିଶା କେବଳ ଏକ ବାତ୍ୟାପ୍ରବଣ ରାଜ୍ୟ ହୋଇ ରହିନାହିଁ, ବରଂ ଦେଶର ଅନ୍ୟତମ ପ୍ରମୁଖ ତଥା ନିରନ୍ତର ମରୁଡ଼ିପ୍ରବଣ କେନ୍ଦ୍ରରେ ପରିଣତ ହୋଇସାରିଛି।

ସାଧାରଣତଃ ମୌସୁମୀ ଋତୁର ମୋଟ ବୃଷ୍ଟିପାତକୁ ଆଧାର କରି ମରୁଡ଼ି ଘୋଷଣା କରାଯାଏ, ଯାହା ପ୍ରକୃତ କ୍ଷେତ୍ରସ୍ତରୀୟ ସମସ୍ୟାକୁ ସମ୍ପୂର୍ଣ୍ଣ ରୂପେ ପ୍ରତିଫଳିତ କରିପାରେନାହିଁ। ତେଣୁ ଏହି ଗବେଷଣାରେ ଦିନର ସର୍ବୋଚ୍ଚ ତାପମାତ୍ରା, ରାତିର ତାପମାତ୍ରା ବୃଦ୍ଧି, କ୍ରମାଗତ ଶୁଖିଲା ଦିନ ବା କନ୍‌ଜିକ୍ୟୁଟିଭ୍ ଡ୍ରାଏ ଡେଜ୍ (ସିଡିଡି), ମାନକୀକୃତ ବୃଷ୍ଟିପାତ-ବାଷ୍ପୀଭବନ ସୂଚକାଙ୍କ ବା ଷ୍ଟାଣ୍ଡାର୍ଡାଇଜ୍‌ଡ ପ୍ରେସିପିଟେସନ୍ ଇଭାପୋରେସନ୍ ଇଣ୍ଡେକ୍ସ (ଏସ୍‌ପିଇଆଇ), ହିଟ୍ ଇଣ୍ଡେକ୍ସ ଏବଂ ଅତ୍ୟଧିକ ଗରମ ଭଳି ସାତୋଟି ପ୍ରମୁଖ ଉପାଦାନକୁ ବିଚାରକୁ ନିଆଯାଇଛି।

ଅନୁଧ୍ୟାନରୁ ଜଣାପଡ଼ିଛି ଯେ ଉତ୍ତର-ପଶ୍ଚିମ ଭାରତ ଅଂଶୁଘାତର ମୁଖ୍ୟ କେନ୍ଦ୍ର ପାଲଟିଥିବା ବେଳେ ଓଡ଼ିଶା, ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁ ଭଳି ପୂର୍ବ ଉପକୂଳବର୍ତ୍ତୀ ଅଞ୍ଚଳ ସବୁଠାରୁ ଦ୍ରୁତଗତିରେ ଶୁଷ୍କତାର ଶିକାର ହେଉଛି। ୧୯୮୧ରୁ ୧୯୯୧ ମଧ୍ୟରେ ମରୁଡ଼ି ପ୍ରଭାବିତ ଅଞ୍ଚଳ ପ୍ରାୟ ୩୦ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ପରବର୍ତ୍ତୀ ସମୟରେ, ବିଶେଷ କରି ୨୦୧୧ରୁ ୨୦୨୧ ମଧ୍ୟରେ, ଏହି ବିସ୍ତାର ପ୍ରତିଦଶନ୍ଧିରେ ୨୦ ପ୍ରତିଶତ ହାରରେ ବଢ଼ିଚାଲିଛି। ଅଶୀ ଦଶକରେ ଯେଉଁ ମରୁଡ଼ି ଅଳ୍ପ କିଛି ଅଞ୍ଚଳରେ ସୀମିତ ଥିଲା, ତାହା କାଳକ୍ରମେ ଏକ ବଡ଼ ଭୌଗୋଳିକ ଅଞ୍ଚଳକୁ ବ୍ୟାପିସାରିଛି। ଏପରିକି ଏକାଧିକ ବର୍ଷରେ ଏହି ସମ୍ପୂର୍ଣ୍ଣ ଅଞ୍ଚଳର ପ୍ରାୟ ୪୦ ପ୍ରତିଶତରୁ ଅଧିକ ଭାଗ ଏକସଙ୍ଗରେ ଭୟଙ୍କର ମରୁଡ଼ିର ସମ୍ମୁଖୀନ ହୋଇଛି।

ଏହି ଜଳବାୟୁ ସଙ୍କଟର ମୁଖ୍ୟକାରଣ ହେଉଛି ଓଡ଼ିଶାରେ ମୌସୁମୀ ବର୍ଷାର ଢାଞ୍ଚା ସମ୍ପୂର୍ଣ୍ଣ ବଦଳିଯିବା। ମୌସୁମୀର ସ୍ୱାଭାବିକ ୬୦-୭୦ ଦିନ ମଧ୍ୟରେ ସମାନ ବ୍ୟବଧାନରେ ବର୍ଷା ନ ହୋଇ କିଛି ନିର୍ଦ୍ଦିଷ୍ଟ ଦିନରେ ଅତ୍ୟଧିକ ମୂଷଳଧାରାରେ ବର୍ଷା ହୋଇଯାଉଛି ଏବଂ ଏହାପରେ ଲଗାତାର ୧୦ରୁ ୧୫ ଦିନ ଧରି ପ୍ରଚଣ୍ଡ ଖରା ଓ ଶୁଖିଲା ପାଗ ଲାଗିରହୁଛି। ଏହି ଦୀର୍ଘ ବର୍ଷାହୀନ ସମୟରେ ଅତ୍ୟଧିକ ତାପମାତ୍ରା ଓ ଗୁଳୁଗୁଳି ଯୋଗୁଁ ବାୟୁମଣ୍ଡଳ ମାଟିର ସମସ୍ତ ଆର୍ଦ୍ରତାକୁ ଶୋଷି ନେଉଛି। ପଶ୍ଚିମ ଓଡ଼ିଶାର କେବିକେ (କଳାହାଣ୍ଡି, ବଲାଙ୍ଗୀର, କୋରାପୁଟ) ଅଞ୍ଚଳ ସମେତ ରାଜ୍ୟର ଅନ୍ୟାନ୍ୟ ଚାଷଜମିରେ ଥିବା ଲାଟେରାଇଟ୍ ଓ ବାଲିଆ ମାଟି ମାତ୍ର ସପ୍ତାହେ/ଦଶଦିନ ମଧ୍ୟରେ ପୂରା ଶୁଖି ଫାଟିଯାଉଛି। ଫଳରେ ସରକାରୀ କାଗଜପତ୍ରରେ 'ସ୍ୱାଭାବିକ ବର୍ଷା' ରେକର୍ଡ ହୋଇଥିଲେ ମଧ୍ୟ କ୍ଷେତରେ ଫସଲ ଶୁଖି ଜଳିଯାଏ ଏବଂ କୃଷିଭିତ୍ତିକ ମରୁଡ଼ି ସୃଷ୍ଟି ହୁଏ। ଏହାସହିତ ଏକ ବିଚିତ୍ର ସଙ୍କଟ ବା କମ୍ପାଉଣ୍ଡ ଏକ୍ସଟ୍ରିମ୍ ମଧ୍ୟ ଦେଖାଦେଉଛି; ଯେଉଁଠି ଦୀର୍ଘ ମରୁଡ଼ି ପରେ ହଠାତ୍ ଅସରାଏ ଅତିପ୍ରବଳ ବର୍ଷା ବା ବନ୍ୟା ଆସି ଶୁଷ୍କ ମାଟିର ଉପର ଉର୍ବରସ୍ତରକୁ ସମ୍ପୂର୍ଣ୍ଣ ଧୋଇ ନେଇଯାଉଛି ଏବଂ ଚାଷ ଜମିରେ ବାଲିଚର ମଡ଼ାଇ ଦେଉଛି।

ଏହାର ସିଧାସଳଖ କୁପ୍ରଭାବ ଗ୍ରାମୀଣ ଅର୍ଥନୀତି ଉପରେ ପଡ଼ୁଛି। ବର୍ଷା ଅଭାବରୁ ଫସଲ ବଞ୍ଚାଇବାକୁ ଚାଷୀମାନେ ଧାରକରଜ କରି କଠିନ ପଥୁରିଆ ସ୍ତରରେ ଗଭୀର ନଳକୂପ ଖୋଳୁଛନ୍ତି, ଯାହା ଭୂତଳ ଜଳସ୍ତରକୁ ଆହୁରି ତଳକୁ ଖସାଇ ଦେଉଛି। ଏହି ଅବିଚାରିତ ନଳକୂପ ଖନନ ଭୂତଳ ଜଳଭଣ୍ଡାରକୁ ଶେଷ କରିଦେବା ସହିତ ଚାଷୀକୁ ଋଣବୋଝ ତଳେ ଚାପି ଦେଉଛି। ପରିସ୍ଥିତି ଏପରି ହୁଏ ଯେ ନୂଆଁଖାଇ ପରେ ପରେ ବଲାଙ୍ଗୀର, ନୂଆପଡ଼ା, ବରଗଡ଼ ଭଳି ଅଞ୍ଚଳରୁ ହଜାର ହଜାର ଚାଷୀ ଓ ଶ୍ରମିକ ପରିବାର ପେଟ ପୋଷିବା ପାଇଁ ଅନ୍ୟ ରାଜ୍ୟର ଇଟାଭାଟିକୁ ଦାଦନ ଖଟିବାକୁ ବାଧ୍ୟ ହୁଅନ୍ତି। ବାତ୍ୟା ଗୋଟିଏ ରାତିରେ ଘରଦ୍ୱାର ଭାଙ୍ଗି ଦେଉଥିବାରୁ ତାହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରେ ଏବଂ ସରକାର ତୁରନ୍ତ ରିଲିଫ୍ ନେଇ ପହଞ୍ଚିଯାଆନ୍ତି। କିନ୍ତୁ ମରୁଡ଼ି ଧୀରେ ଧୀରେ ଚାଷୀର ମେରୁଦଣ୍ଡ ଭାଙ୍ଗି ସମଗ୍ର ଗ୍ରାମୀଣ ସମାଜକୁ ପଙ୍ଗୁ କରିଦିଏ।

ଏହି ଚିନ୍ତାଜନକ ସ୍ଥିତିରୁ ମୁକୁଳିବା ପାଇଁ ତୁରନ୍ତ ନୀତିଗତ ପରିବର୍ତ୍ତନ ଜରୁରୀ। ସର୍ବପ୍ରଥମେ, ସରକାର କେବଳ ବର୍ଷାର ମୋଟ ପରିମାଣ ନଦେଖି ବ୍ଲକ ଓ ପଞ୍ଚାୟତ ସ୍ତରରେ ଶୁଖିଲା ଦିନ ଏବଂ ମାଟିର ଆର୍ଦ୍ରତା ସୂଚକାଙ୍କ (ଇଣ୍ଡସିଇଆଇ ଓ ଏସ୍‌ପିଇଆଇ) ଆଧାରରେ ନିରନ୍ତର ପୂର୍ବସତର୍କତା ବ୍ୟବସ୍ଥା ଲାଗୁ କରିବା ଉଚିତ। ଏହାଦ୍ୱାରା ଫସଲ ଶୁଖିବା ପୂର୍ବରୁ କୃଷି ବିଭାଗ ସହାୟତା ପହଞ୍ଚାଇ ପାରିବ। ଦ୍ୱିତୀୟରେ, ଫସଲ ବିବିଧିକରଣକୁ ବ୍ୟାପକ ପ୍ରୋତ୍ସାହନ ମିଳିବା ଦରକାର। 'ଓଡ଼ିଶା ମିଲେଟ୍ ମିଶନ' ଏକ ଭଲ ପଦକ୍ଷେପ ହୋଇଥିଲେ ମଧ୍ୟ ସରକାରୀ ଧାନ କ୍ରୟ ନୀତି ଏବେ ବି ଚାଷୀଙ୍କୁ ଅଧିକ ଜଳ ଆବଶ୍ୟକ କରୁଥିବା ଧାନ ଚାଷ ଆଡ଼କୁ ଠେଲି ଦେଉଛି। ଏଣୁ ମରୁଡ଼ିପ୍ରବଣ ଅଞ୍ଚଳରେ ମାଣ୍ଡିଆ, କ୍ଷୁଦ୍ର ଶସ୍ୟ, ହରଡ଼, ମୁଗ ଓ ତୈଳବୀଜ ଚାଷ ପାଇଁ ଉପଯୁକ୍ତ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ସହ ସରକାରୀ ମଣ୍ଡି ସୁନିଶ୍ଚିତ କରାଯାଉ। ତୃତୀୟରେ, ଅନିୟନ୍ତ୍ରିତ ନଳକୂପ ଖନନ ଉପରେ କଟକଣା ଲଗାଇ ଭିଜିରାମ୍‌ଜି ଓ ଜଳଛାୟା ପ୍ରକଳ୍ପ ମାଧ୍ୟମରେ ଚେକ୍ ଡ୍ୟାମ୍, ମାଟି ବନ୍ଧ ଓ ଫାର୍ମ ପଣ୍ଡ (ଛକ ବନ୍ଧ) ନିର୍ମାଣ ସହିତ ମଲ୍‌ଚିଂ ପଦ୍ଧତି ଆପଣାଇ ମାଟିର ଆର୍ଦ୍ରତା ଧରି ରଖିବାକୁ ପ୍ରାଥମିକତା ଦିଆଯାଉ। ଚତୁର୍ଥରେ, ପଞ୍ଚାୟତ ଓ ପାଣି ପଞ୍ଚାୟତ ସ୍ତରରେ ଫସଲ-ଜଳ ବଜେଟ୍ (କ୍ରପ୍-ୱାଟର ବଜେଟିଂ) ଲାଗୁ କରାଯାଇ ପୋଖରୀ ଓ ନାଳରେ ଉପଲବ୍ଧ ଜଳ ଅନୁଯାୟୀ ଫସଲ ବାଛିବାକୁ ଚାଷୀଙ୍କୁ ସଚେତନ କରାଯାଉ। ଶେଷରେ, ସହର ଭଳି ଗ୍ରାମାଞ୍ଚଳରେ ମଧ୍ୟ କୃଷି ଶ୍ରମିକ ଓ ଗୃହପାଳିତ ପଶୁଙ୍କ ପାଇଁ 'ହିଟ୍ ଆକ୍ସନ ପ୍ଲାନ' କାର୍ଯ୍ୟକାରୀ କରାଯାଉ।

ସାମୁଦ୍ରିକ ଝଡ଼ର ମୁକାବିଲାରେ ଓଡ଼ିଶା ସାରା ବିଶ୍ୱରେ ପ୍ରଶଂସା ସାଉଁଟିଛି। ଏବେ ସମୟ ଆସିଛି, ସେହି ସମାନ ପ୍ରଶାସନିକ ଦକ୍ଷତା ଓ ରାଜନୈତିକ ଇଚ୍ଛାଶକ୍ତି ପ୍ରୟୋଗ କରି ମରୁଡ଼ିର ମୁକାବିଲା କରିବାକୁ ହେବ, ଯାହାଦ୍ୱାରା ଆମ କୃଷକ ଓ ଗ୍ରାମୀଣ ଓଡ଼ିଶାର ଭବିଷ୍ୟତ ସୁରକ୍ଷିତ ରହିପାରିବ।

ଭୁବନେଶ୍ୱର, ମୋ: ୯୪୩୭୫୦୦୫୫୬

ଚାରିଧାମରେ ସ୍ୱର୍ଗାରୋହଣ

ବଦ୍ରିନାଥରୁ ଡେରାଡୁନ୍ ଫେରୁଥିବା ଏକ ଯାତ୍ରୀବାହୀ ହେଲିକପ୍ଟର ଗତ ମାସ ୩୦ତାରିଖରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ପାଇଲଟ୍‌ଙ୍କ ସମେତ ସମସ୍ତ ୫ ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ଉତ୍ତରାଖଣ୍ଡରେ ଘଟିଥିବା ଏହି ଦୁର୍ଘଟଣା ପୁଣିଥରେ ଭାରତର ଅନ୍ୟତମ ଦୁର୍ଗମ ଓ ଆହ୍ୱାନପୂର୍ଣ୍ଣ ଆକାଶପଥରେ ହେଲିକପ୍ଟର ଚଳାଚଳ ସହ ଜଡ଼ିତ ସୁରକ୍ଷା ବିପଦକୁ ସାମ୍ନାକୁ ଆଣିଛି। ହିମାଳୟ ପାର୍ବତ୍ୟାଞ୍ଚଳ ଉତ୍ତରାଖଣ୍ଡରେ ଗତ କିଛିବର୍ଷ ମଧ୍ୟରେ ହେଲିକପ୍ଟର ଦୁର୍ଘଟଣା, ଜରୁରୀକାଳୀନ ଅବତରଣ ଏବଂ ଅନ୍ୟାନ୍ୟ ସୁରକ୍ଷାଜନିତ ଅଘଟଣ ବଢ଼ିବାରେ ଲାଗିଛି। ଏହାପରେ ହେଲିକପ୍ଟରରେ ତୀର୍ଥଯାତ୍ରା ପର୍ଯ୍ୟଟନର ସୁରକ୍ଷାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି।

ଗତ କିଛିବର୍ଷ ଧରି ଘରୋଇ ବିମାନ ଚଳାଚଳ ସଂସ୍ଥାଗୁଡ଼ିକ ଦ୍ୱାରା ପରିଚାଳିତ ହେଲିକପ୍ଟର ସେବା ଉତ୍ତରାଖଣ୍ଡର ଧାର୍ମିକ ପର୍ଯ୍ୟଟନ ଅର୍ଥନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ପାଲଟିଛି। ଏହି ସେବା ଯୋଗୁଁ ଶ୍ରଦ୍ଧାଳୁମାନେ ହିମାଳୟର ଦୁର୍ଗମ ଅଞ୍ଚଳରେ ଥିବା ମନ୍ଦିରଗୁଡ଼ିକରେ କମ୍‌ସମୟ ଓ ସହଜରେ ପହଞ୍ଚିପାରୁଛନ୍ତି। ବିଶେଷକରି ଚାରିଧାମ ଯାତ୍ରାକୁ ହେଲିକପ୍ଟର ସେବା ଲୋକାଦୃତ କରିପାରିଛି। ତେଣୁ ହେଲିକପ୍ଟର ପରିଚାଳନାକାରୀ ସଂସ୍ଥାଗୁଡ଼ିକ ପାଇଁ ଏହି ସେବା ଏକ ଲାଭଜନକ ବ୍ୟବସାୟରେ ପରିଣତ ହୋଇଛି। ତା'ସହିତ ଦୁର୍ଘଟଣା ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି। ଗତବର୍ଷ ଜୁଲାଇ ମାସରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ସଂସଦରେ ଦେଇଥିବା ସୂଚନା ଅନୁଯାୟୀ, ୨୦୨୦ ମସିହାଠାରୁ ଦେଶରେ ଘଟିଥିବା ୧୨ଟି ହେଲିକପ୍ଟର ଦୁର୍ଘଟଣା ମଧ୍ୟରୁ ୭ଟି କେବଳ ଉତ୍ତରାଖଣ୍ଡରେ ଘଟିଛି। ଦୁର୍ଘଟଣାରେ ପ୍ରାଣ ହରାଇଥିବା ମୋଟ ୩୦ ଜଣଙ୍କ ମଧ୍ୟରୁ ୨୧ ଜଣଙ୍କ ମୃତ୍ୟୁ ଉତ୍ତରାଖଣ୍ଡରେ ହୋଇଥିଲା।

ବିଶେଷଜ୍ଞଙ୍କ ମତରେ, ତୀର୍ଥଋତୁରେ ଅଧିକସଂଖ୍ୟକ ହେଲିକପ୍ଟର ଉଡ଼ାଣ, ପାଣିପାଗର ଦ୍ରୁତ ପରିବର୍ତ୍ତନ, ଦୁର୍ଗମ ଭୌଗୋଳିକ ସ୍ଥିତି ଏବଂ ସୁରକ୍ଷା ସମ୍ବନ୍ଧୀୟ ନିୟମ ଅନୁପାଳନରେ ଆନ୍ତରିକତା ରହୁ ନ ଥିବାରୁ ଜୀବନ ବାଜିରେ ଲାଗୁଛି। ଗତବର୍ଷ ଗ୍ରୀଷ୍ମ ଋତୁରେ ମାତ୍ର ଦୁଇ ମାସ ମଧ୍ୟରେ ୫ଟି ହେଲିକପ୍ଟର ଦୁର୍ଘଟଣା ପରେ ରାଜ୍ୟ ପ୍ରଶାସନ, ବିମାନ ଚଳାଚଳ କର୍ତ୍ତୃପକ୍ଷ, ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଏବଂ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ ତତ୍ପର ହୋଇଉଠିଥିଲେ। ସୁରକ୍ଷା ଅଡିଟ୍ ଏବଂ ହେଲିକପ୍ଟର ଚଳାଚଳକୁ ଅସ୍ଥାୟୀ ଭାବେ ବନ୍ଦ ରଖିବା ସମେତ ଅନେକ ସଂସ୍କାରମୂଳକ ପଦକ୍ଷେପ ଘୋଷଣା କରାଯାଇଥିଲା। କିନ୍ତୁ ସମୟ ସହିତ ସେହି କଟକଣା କୋହଳ ହୋଇଗଲା।

ଚାରିଧାମ ଯାତ୍ରାର ଅଧିକାଂଶ ମାର୍ଗ ଗଭୀର ଉପତ୍ୟକା ଏବଂ ଉଚ୍ଚ ପାହାଡ଼ ଦେଇ ଗତି କରିଛି। ଏହି ଅଞ୍ଚଳରେ ହେଲିକପ୍ଟର ଚଳାଚଳ କରିବା ଅତ୍ୟନ୍ତ କଷ୍ଟକର। ବିଶେଷକରି ପାଣିପାଗ ହଠାତ୍ ଖରାପ ହେବା, ଦୃଶ୍ୟମାନତା କମିଯିବା କିମ୍ବା ହେଲିକପ୍ଟରରେ ଯାନ୍ତ୍ରିକ ତ୍ରୁଟି ଦେଖାଦେବା ସମୟରେ ପାଇଲଟ୍‌ଙ୍କ ପାଇଁ ହେଲିକପ୍ଟରକୁ ନିୟନ୍ତ୍ରଣ କରିବା ଓ ଦିଗ ପରିବର୍ତ୍ତନ କରିବାର ସୁଯୋଗ ବହୁତ କମ୍ ରହିଥାଏ। ପାହାଡ଼ିଆ ଅଞ୍ଚଳ ପବନର ଗତି ଓ ଦିଗକୁ ମଧ୍ୟ ପ୍ରଭାବିତ କରେ। ଏଭଳି ପରିସ୍ଥିତିର ପୂର୍ବାନୁମାନ କରିବା କଷ୍ଟକର। ଏଣୁ ଏହି ଅଞ୍ଚଳରେ ହେଲିକପ୍ଟର ସେବା ମୁଖ୍ୟତଃ 'ଭିଜୁଆଲ୍ ଫ୍ଲାଇଟ୍ ରୁଲ୍ସ' ଅନୁଯାୟୀ ପରିଚାଳିତ ହୋଇଥାଏ। ଅର୍ଥାତ୍ ହେଲିକପ୍ଟର ଉଡ଼ାଣର ସୁରକ୍ଷା ସମ୍ପୂର୍ଣ୍ଣ ରୂପେ ପାଇଲଟ୍‌ମାନଙ୍କ ଦକ୍ଷତା ଓ ଅଭିଜ୍ଞତା ଉପରେ ନିର୍ଭରଶୀଳ। କିନ୍ତୁ ସେଠାରେ ଏଭଳି ମଧ୍ୟ ପରିସ୍ଥିତି ରହିଛି, ଯାହା ପାଇଲଟ୍‌ଙ୍କ ନିୟନ୍ତ୍ରଣ ବାହାରେ। ତଥାପି ପର୍ଯ୍ୟଟନ ଅର୍ଥନୀତିର ଦ୍ୱାହି ଦେଇ ଏଭଳି ଜଟିଳ ଆହ୍ୱାନପୂର୍ଣ୍ଣ ବିପଦଜନକ ହେଲିକପ୍ଟର ଉଡ଼ାଣକୁ ଅନୁମତି ମିଳିଛି। ଉତ୍ତରାଖଣ୍ଡରେ ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ହେଉଥିବା ଅଦୂରଦର୍ଶୀ କାର୍ଯ୍ୟକଳାପ ଯୋଗୁଁ ଯେଭଳି ପ୍ରାକୃତିକ ବିପର୍ଯ୍ୟୟମାନ ଘଟି ଅସୁମାରି ଧନଜୀବନ କ୍ଷୟକ୍ଷତି ହେଉଛି ସେହି ସମାନ କାରଣ ଏବେ ହେଲିକପ୍ଟର ଦୁର୍ଘଟଣାରେ ଦେଖିବାକୁ ମିଳୁଛି। ଅଦୂରଦର୍ଶୀ ଅର୍ଥନୈତିକ ବିକାଶ ଜନିତ ପ୍ରାକୃତିକ ଦୁର୍ବିପାକ ଜଳ-ସ୍ଥଳ-ଆକାଶକୁ ବ୍ୟାପିଛି।

ଭିତ୍ତିଭୂମି ପରିଚାଳନା ଏବଂ ବିମାନ ଚଳାଚଳ ପରିଚାଳନା ଦୁଇଟି ଭିନ୍ନ ଦାୟିତ୍ୱ। ହେଲିପ୍ୟାଡ୍ ପରିଚାଳନା କରୁଥିବା ସଂସ୍ଥା ଏୟାର ଟ୍ରାଫିକ୍ ସେବା ପ୍ରଦାନକାରୀ କିମ୍ବା ଜାତୀୟ ବିମାନ ଚଳାଚଳ ନିୟାମକ ସଂସ୍ଥା ଭାବେ ଉଡ଼ାଣ ଉପରେ ସିଧାସଳଖ ନିୟନ୍ତ୍ରଣ ରଖି ନ ପାରେ। ତେଣୁ ପୂର୍ବରୁ ଘଟିଥିବା ଦୁର୍ଘଟଣାର ତଦନ୍ତ ରିପୋର୍ଟରେ ହେଲିପ୍ୟାଡ୍‌ଗୁଡ଼ିକରେ ପରିଚାଳନାଗତ ସୁରକ୍ଷା ଓ ତଦାରଖ ଦାୟିତ୍ୱ ଉପରେ ପ୍ରଶ୍ନ ଉଠିଛି। ବାରମ୍ବାର ହେଲିକପ୍ଟର ଦୁର୍ଘଟଣା ଘଟିବା ପରେ ଏହି ଅଞ୍ଚଳରେ ଦୃଢ଼ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ୍ ବ୍ୟବସ୍ଥାର ଅଭାବ ଏବଂ କେନ୍ଦ୍ରୀୟ ନିୟାମକ ସଂସ୍ଥା ଓ ରାଜ୍ୟ ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷଙ୍କ ମଧ୍ୟରେ ସମନ୍ୱୟ ରହୁ ନଥିବା ମନେ ହେଉଛି। ଗତବର୍ଷ ଅଗଷ୍ଟ ମାସରେ ପରିବହନ, ପର୍ଯ୍ୟଟନ ଓ ସଂସ୍କୃତି ସଂକ୍ରାନ୍ତୀୟ ସଂସଦୀୟ ସ୍ଥାୟୀ କମିଟିର ଏକ ରିପୋର୍ଟରେ ଉଲ୍ଲେଖ କରିଥିଲା ଯେ ଚାରିଧାମ ଅଞ୍ଚଳରେ ହେଲିକପ୍ଟର ପରିଚାଳନାର ସ୍ଥିତି ଭାରତର ବିମାନ ଚଳାଚଳ ପ୍ରଶାସନର ଏକ ବିପଜ୍ଜନକ ଢାଞ୍ଚାଗତ ତ୍ରୁଟିର ପ୍ରତିଫଳନ। ନିୟାମକ ନିୟନ୍ତ୍ରଣ ବ୍ୟବସ୍ଥାରେ ଅସ୍ପଷ୍ଟତା ଓ ଦାୟିତ୍ୱ ବଣ୍ଟନରେ ଦ୍ୱନ୍ଦ୍ୱ ରହିଥିବା ଉକ୍ତ ରିପୋର୍ଟରେ ଉଲ୍ଲେଖ ଥିଲା।

ଉତ୍ତରାଖଣ୍ଡରେ ବାରମ୍ବାର ଘଟୁଥିବା ହେଲିକପ୍ଟର ଦୁର୍ଘଟଣା କେବଳ ପାଣିପାଗ କିମ୍ବା ଭୌଗୋଳିକ ସ୍ଥିତିର ପରିଣାମ ନୁହେଁ। ଏହାସହିତ ସୁରକ୍ଷା ବ୍ୟବସ୍ଥା, ନିୟାମକ ସଂସ୍ଥାର ତଦାରଖ, ପାଣିପାଗ ସୂଚନାର ଉପଲବ୍ଧତା ଏବଂ ବ୍ୟବସାୟିକ ଚାପ ଭଳି ଅନେକ ଦିଗ ଜଡ଼ିତ ରହିଛି। ବ୍ୟବସାୟିକ ସ୍ୱାର୍ଥ ଯୋଗୁଁ ପାଇଲଟ୍ ଓ ହେଲିକପ୍ଟର ସେବା ପରିଚାଳନାକାରୀ ସଂସ୍ଥାଗୁଡ଼ିକ ସୁରକ୍ଷା ନିୟମ ପାଳନ ଏବଂ ଉଡ଼ାଣ ସମ୍ପର୍କିତ ନିଷ୍ପତ୍ତି ନେବାରେ ସାଲିସ୍ କରୁଛନ୍ତି କି ନାହିଁ ତାହା ମଧ୍ୟ ତଦନ୍ତ ପରିସରଭୁକ୍ତ ହେବା ଆବଶ୍ୟକ। ତୀର୍ଥଯାତ୍ରୀଙ୍କ ଜୀବନ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେଇ ଏହି ସମସ୍ତ ବ୍ୟବସ୍ଥାରେ ଆବଶ୍ୟକ ସୁଧାର ଆଣିବା ଅତ୍ୟନ୍ତ ଜରୁରୀ। ନ ହେଲେ ଚାରିଧାମ ଯାତ୍ରାରେ ସ୍ୱର୍ଗାରୋହଣ କରୁଥିବା ଯାତ୍ରୀଙ୍କ ସଂଖ୍ୟା ବଢ଼ିଚାଲିଥିବ।

ଲାଇନଚ୍ୟୁତ ପ୍ରଶାସନିକ ବ୍ୟବସ୍ଥା

ଶ୍ରୀଧର ବେହେରା

ସୃଷ୍ଟିର ଆଦିରୁ ମାନବ ସମାଜ ଯେତେବେଳେ ସଂଗଠିତ ହେବାକୁ ଆରମ୍ଭ କଲା, ସେତେବେଳେ ଏକ 'ନିୟମବଦ୍ଧ ବ୍ୟବସ୍ଥା'ର ଆବଶ୍ୟକତା ଅନୁଭୂତ ହେଲା। ସେହି ବ୍ୟବସ୍ଥା ହିଁ କାଳକ୍ରମେ 'ପ୍ରଶାସନ' ନାମରେ ନାମିତ ହେଲା। 'ପ୍ରଶାସନ'ର ମୂଳ ଲକ୍ଷ୍ୟ ଥିଲା ପ୍ରଜାର ମଙ୍ଗଳ, ଦୁର୍ବଳର ରକ୍ଷା, ନ୍ୟାୟର ପ୍ରତିଷ୍ଠା ଏବଂ ରାଷ୍ଟ୍ରର ସର୍ବାଙ୍ଗୀନ ଉନ୍ନତି। କିନ୍ତୁ ଯେତେବେଳେ ସେହି ପ୍ରଶାସନ ନିଜ ଧର୍ମରୁ ସ୍ଖଳିତ ହୁଏ, ନିଜ ପଥରୁ ବିଚ୍ୟୁତ ହୁଏ, ସେତେବେଳେ ତାହା ଜନତା ପାଇଁ ଅଭିଶାପ ପାଲଟିଯାଏ। ଆଜି ଓଡ଼ିଶାର ପ୍ରଶାସନିକ ବ୍ୟବସ୍ଥାକୁ ଦେଖିଲେ ଏହି ଅଭିଶାପର ପ୍ରତିଛବି ସ୍ପଷ୍ଟ ଦୃଶ୍ୟମାନ ହୁଏ। ଏହା ଆଉ ଲୋକଙ୍କ ପାଇଁ ନୁହେଁ, ବରଂ ଲୋକଙ୍କ ଉପରେ ଲଦି ଦିଆଯାଇଥିବା ଏକ ଦୁର୍ବହ ବୋଝ ମନେ ହୁଏ। ଲୌହ ପଥରୁ ବିଚ୍ୟୁତ ରେଳଗାଡ଼ି ଯେପରି ନିଜେ ଧ୍ୱଂସ ହୁଏ ଓ ଅନ୍ୟକୁ ଧ୍ୱଂସ କରେ, ଓଡ଼ିଶାର ପ୍ରଶାସନିକ ବ୍ୟବସ୍ଥା ଆଜି ସେହି ଦଶାକୁ ପ୍ରାପ୍ତ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ।

ଏହି ବ୍ୟବସ୍ଥାର ପ୍ରଥମ କ୍ଷତ ହେଉଛି ଅମଲାତାନ୍ତ୍ରିକ ଜଡ଼ତାର ମହାମାରୀ। ପୂର୍ବେ କୁହାଯାଉଥିଲା ଯେ ସରକାରୀ କାମ କେବେ ବି ସରେନାହିଁ। କିନ୍ତୁ ଆଜି ଏହା ଏପରି ଏକ ସତ୍ୟ, ଯାହାକୁ କେହି ଅସ୍ୱୀକାର କରିପାରିବ ନାହିଁ। ଫାଇଲର ଗତି ଏତେ ମନ୍ଥର ଯେ ତାହା ଦେଖି କଚ୍ଛପ ମଧ୍ୟ ଲଜ୍ଜା ଅନୁଭବ କରିବ। ପ୍ରତ୍ୟେକ ଟେବୁଲରେ ଫାଇଲ ସପ୍ତାହ ସପ୍ତାହ ଧରି ପଡ଼ି ରହେ। ଅଧିକାରୀମାନେ ନିଷ୍ପତ୍ତି ନେବାକୁ ଭୟ କରନ୍ତି। କାରଣ ନିଷ୍ପତ୍ତି ନେଲେ ଦାୟିତ୍ୱ ନେବାକୁ ପଡ଼ିବ। ଆଉ ଦାୟିତ୍ୱ ନେଲେ ଯଦି ଭୁଲ ହୁଏ ତେବେ ଉପରମହଲର ରୋଷର ଶିକାର ହେବାକୁ ପଡ଼ିବ। ତେଣୁ ସବୁଠୁ ସୁରକ୍ଷିତ ଉପାୟ ହେଉଛି ଫାଇଲକୁ ଘୁଞ୍ଚାଇ ଘୁଞ୍ଚାଇ ଚଳାଇବା, ଆପତ୍ତି ଉଠାଇବା, ଅନ୍ୟ ବିଭାଗକୁ ପଠାଇବା। ଏହି ପ୍ରକ୍ରିୟାରେ ଜନସାଧାରଣର ମୂଲ୍ୟବାନ ସମୟ, ଅର୍ଥ ଓ ଶ୍ରମ ନଷ୍ଟ ହୁଏ। ଜଣେ ବୃଦ୍ଧ ନିଜ ଭତ୍ତା ପାଇଁ, ଜଣେ ଛାତ୍ର ନିଜ ଛାତ୍ରବୃତ୍ତି ପାଇଁ, ଜଣେ କୃଷକ ନିଜ କ୍ଷତିପୂରଣ ପାଇଁ ବର୍ଷ ବର୍ଷ ଧରି ଅପେକ୍ଷା କରି ରହେ। ଏହି ଅପେକ୍ଷା ତା'କୁ ମାନସିକ ଓ ଆର୍ଥିକ ଭାବେ ଭାଙ୍ଗି ଦିଏ।

ଏହି ଜଡ଼ତା ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ହୋଇଛି ଦୁର୍ନୀତିର ବିରାଟ ବଟବୃକ୍ଷ, ଯାହାର ଶାଖାପ୍ରଶାଖା ରାଜ୍ୟର ପ୍ରତ୍ୟେକ କୋଣଅନୁକୋଣକୁ ବ୍ୟାପିଛି। ପୂର୍ବେ ଦୁର୍ନୀତି ଏକ ଗୋପନୀୟ ପାପ ଥିଲା, ଏବେ ତାହା ଏକ ସାଧାରଣ ବ୍ୟବସାୟ। ପ୍ରତ୍ୟେକ କାର୍ଯ୍ୟର ଏକ ଦର ନିର୍ଦ୍ଧାରିତ ହୋଇଛି। ଏହି ଦର ପ୍ରଥା ଏତେ ସ୍ୱାଭାବିକ ହୋଇଯାଇଛି ଯେ ଲୋକେ ମଧ୍ୟ ତାକୁ ନିୟତି ବୋଲି ଗ୍ରହଣ କରି ନେଇଛନ୍ତି। ଗରିବ ଲୋକର ମାଗଣା ଘର, ମାଗଣା ଚାଉଳ, ମାଗଣା ଔଷଧ ସବୁଥିରେ 'କମିଶନ' ଖିଆ ଯାଉଛି। ଏହି 'କମିଶନ'ର ଅର୍ଥ କେବଳ ତଳସ୍ତରର କର୍ମଚାରୀ ନୁହେଁ, ଉପରସ୍ତର ପର୍ଯ୍ୟନ୍ତ ଯାଏ। ଏକ ସୁସଂଗଠିତ ଶୃଙ୍ଖଳରେ ଏହି ଅର୍ଥ ବଣ୍ଟନ ହୁଏ। ଭିଜିଲାନ୍ସ ବା ଲୋକାୟୁକ୍ତ ଯେତେବେଳେ ଧରନ୍ତି, ସେତେବେଳେ କେବଳ ଗୋଟିଏ ପତ୍ର ଝଡ଼େ, ପୁରା ବୃକ୍ଷ ସେମିତି ଛିଡ଼ା ହୋଇ ରହେ। ଏହି ବୃକ୍ଷର ବିଷ ଏତେ ତୀବ୍ର ଯେ ସାଧୁ ଓ ସତ୍ ଲୋକମାନେ ଏହି ବ୍ୟବସ୍ଥାରେ ନିଜକୁ ଅସହାୟ ମନେ କରନ୍ତି।

ଏହାପରେ ଆସେ ରାଜନୈତିକ ହସ୍ତକ୍ଷେପର କରାଳ ଅଧ୍ୟାୟ। ଗଣତନ୍ତ୍ରରେ ରାଜନୀତି ପ୍ରଶାସନକୁ ଦିଗଦର୍ଶନ ଦେବ, କିନ୍ତୁ ନିୟନ୍ତ୍ରଣ କରିବ ନାହିଁ। କିନ୍ତୁ ଓଡ଼ିଶାରେ ଏହାର ବିପରୀତ ଘଟୁଛି। ପ୍ରଶାସନ ସମ୍ପୂର୍ଣ୍ଣ ରାଜନୈତିକ ଦାସତ୍ୱର ଶୃଙ୍ଖଳରେ ବନ୍ଧା। ଜଣେ ବିଡିଓ, ତହସିଲଦାର, ଜିଲ୍ଲାପାଳଙ୍କ ବଦଳି ପାଇଁ ବିଧାୟକଙ୍କ ସୁପାରିସ ଆବଶ୍ୟକ। ଯୋଗ୍ୟତା ନୁହେଁ, ଅନୁଗତ୍ୟ ହିଁ ମାନଦଣ୍ଡ। ଯିଏ ଯେତେ ଅଧିକ ଅନୁଗତ, ସେ ସେତେ ଅଧିକ ଲାଭବାନ ପଦବୀ ପାଏ। ଫଳରେ ଅଧିକାରୀମାନେ ଆଇନ ପୁସ୍ତକ ନ ପଢ଼ି ରାଜନୈତିକ ନେତାଙ୍କ ମୁହଁ ପଢ଼ିବାରେ ବ୍ୟସ୍ତ। ସେମାନେ ଭୁଲି ଯାଆନ୍ତି ଯେ ସେମାନେ ଭାରତୀୟ ସମ୍ବିଧାନର ଶପଥ ନେଇଛନ୍ତି, କୌଣସି ଦଳର ନୁହେଁ। ଏହି 'ରାଜନୈତିକ ଦାସତ୍ୱ' ହିଁ ପ୍ରଶାସନକୁ ମେରୁଦଣ୍ଡହୀନ କରିଦେଇଛି। ଏହି ମେରୁଦଣ୍ଡହୀନ ପ୍ରଶାସନ କେବେ ବି ସାଧାରଣ ଲୋକର ସ୍ୱାର୍ଥ ରକ୍ଷା କରିପାରିବ ନାହିଁ।

ଚତୁର୍ଥ କାରଣ ହେଉଛି ପ୍ରଶାସନର ଜନ-ବିମୁଖତା ଓ ଆତ୍ମକୈନ୍ଦ୍ରିକତା। ପ୍ରଶାସନିକ ଅଧିକାରୀମାନେ ଆଜି ନିଜକୁ ଏକ ସ୍ୱତନ୍ତ୍ର ବର୍ଗ ବୋଲି ମନେ କରୁଛନ୍ତି। ସେମାନେ ସାଧାରଣ ଜନତାଠାରୁ ନିଜକୁ ବିଚ୍ଛିନ୍ନ ରଖିବାକୁ ଚାହାନ୍ତି। ସେମାନଙ୍କ କାର୍ଯ୍ୟାଳୟର କବାଟ ସାଧାରଣ ଲୋକ ପାଇଁ ପ୍ରାୟ ବନ୍ଦ। ଯଦି କେହି ସାହସ କରି ପଶେ, ତେବେ ତା'କୁ ଅପମାନ ସହିବାକୁ ପଡ଼େ। 'ଅଭିଯୋଗ ଶୁଣାଣି ଦିବସ', 'ଜନସମ୍ପର୍କ ଶିବିର' ସବୁ କେବଳ ଲୋକଦେଖାଣିଆ। ସେଠାରେ ଅଭିଯୋଗ ନିଆଯାଏ ସତ, କିନ୍ତୁ ତାହାର ସମାଧାନ କେବେ ହୁଏନାହିଁ। ଡାକବାଜି ଯୋଜନାରେ ଫୋନ କଲ ଆସେ ସତ, କିନ୍ତୁ ତାହା ପରେ କାର୍ଯ୍ୟ କିଛି ହୁଏ ନାହିଁ। ଏହି ଅବିଶ୍ୱାସର ପରିବେଶ ହିଁ ପ୍ରଶାସନକୁ ଜନତାର ଶତ୍ରୁ ଭାବେ ଉପସ୍ଥାପନ କରିଛି।

ଶେଷରେ ଡିଜିଟାଲ ଶାସନର ମାୟାଜାଲ। ସରକାର କହୁଛନ୍ତି ସବୁ କିଛି ଅନଲାଇନ ହୋଇଛି, ପାରଦର୍ଶିତା ଆସିଛି। କିନ୍ତୁ ବାସ୍ତବତା ହେଉଛି ଅନଲାଇନ ନାମରେ ଜଟିଳତା ବଢ଼ିଛି। ଭୂଲେଖ, ଇ-ପଞ୍ଜିକରଣ, ଇ-ଡିଷ୍ଟ୍ରିକ୍ଟର ପୋର୍ଟାଲ ପ୍ରାୟତଃ ସର୍ଭର ଡାଉନ, ଲିଙ୍କ ଫେଲ୍ ପରି ସମସ୍ୟା ଜର୍ଜରିତ। ଗାଁରେ ଇଣ୍ଟରନେଟ ନାହିଁ। ଜନସେବା କେନ୍ଦ୍ରରେ ବସିଥିବା ଅପରେଟର ଭାଗ୍ୟବିଧାତା ସାଜିଛି। ସେ ଚାହିଁଲେ କାମ ହେବ, ନ ଚାହିଁଲେ ହେବନାହିଁ। 'ଡିଜିଟାଲ ଇଣ୍ଡିଆ' ରେ ଗରିବ ଓ ଅଶିକ୍ଷିତ ଲୋକ ଆହୁରି ହଇରାଣ ହେଉଛନ୍ତି।

ଏହି ସମସ୍ତ କାରଣକୁ ଏକାଠି କଲେ ଯେଉଁ ଚିତ୍ର ସାମ୍ନାକୁ ଆସେ, ତାହା ହେଉଛି ଏକ ଲାଇନ୍‌ଚ୍ୟୁତ ପ୍ରଶାସନର। ଏହାକୁ ପୁଣି ଲାଇନକୁ ଆଣିବା ପାଇଁ କେବଳ ନୂଆ ଆଇନ ନୁହେଁ, ନୂଆ ନୈତିକତା ଦରକାର। କେବଳ ନୂଆ ଯୋଜନା ନୁହେଁ, ପୁରୁଣା ଯୋଜନାର ନିଷ୍ଠାପର ରୂପାୟନ ଦରକାର। ପ୍ରତ୍ୟେକ ଅଧିକାରୀଙ୍କୁ ବୁଝିବାକୁ ପଡ଼ିବ ଯେ ସେମାନେ ଶାସକ ନୁହେଁ, ସେବକ। ପ୍ରତ୍ୟେକ ନେତାଙ୍କୁ ବୁଝିବାକୁ ପଡ଼ିବ ଯେ ପ୍ରଶାସନ ତାଙ୍କ ଜାଗିର ନୁହେଁ, ଜନତାର ସମ୍ପତ୍ତି। ଆଉ ପ୍ରତ୍ୟେକ ନାଗରିକଙ୍କୁ ନିଜ ଅଧିକାର ପାଇଁ ସ୍ୱର ଉତ୍ତୋଳନ କରିବାକୁ ପଡ଼ିବ। ଯେଉଁଦିନ ଏହି ତ୍ରିବେଣୀ ସଙ୍ଗମ ହେବ, ସେହିଦିନ ହିଁ ଓଡ଼ିଶାର ପ୍ରଶାସନିକ ରେଳଗାଡ଼ି ପୁଣି ନିଜ ଲୌହପଥକୁ ଫେରିବ ଏବଂ ବିକାଶର ନୂଆ ଦିଗନ୍ତ ଆଡ଼କୁ ଦ୍ରୁତଗତିରେ ଧାଇଁବ। ନଚେତ୍ ଏହି ଅନ୍ଧକାର ଆହୁରି ଘନୀଭୂତ ହେବ ଏବଂ ଆମେ ସମସ୍ତେ ଏହି ଲାଇନ୍‌ଚ୍ୟୁତ ବ୍ୟବସ୍ଥାର ଚକ୍ରବ୍ୟୂହରେ ଫସି ରହିବା।

ଗୌରାଙ୍ଗପାଟଣା(ଗଞ୍ଜାମ), ମୋ: ୯୩୯୧୫୯୪୭୯୭

ଆମ ବୃକ୍ଷଲତା ଆମ ଜୀବନ

ସୌଭାଗ୍ୟସୁନ୍ଦର

ଗୁଜରାତି
(Green Cardamom- Elettaria cardamomum)

ପ୍ରକୃତି-ପରିବେଶ

'ମସଲାର ରାଜା' ଭାବେ ପରିଚିତ ଗୁଜରାତି କିମ୍ବା ଛୋଟ ବା ସବୁଜ ଅଳେଇଚ ଭାରତର ମୂଳଜାତ ଉଦ୍ଭିଦ। ଏହା ଦକ୍ଷିଣ-ଭାରତର ପଶ୍ଚିମଘାଟ ପର୍ବତମାଳାରେ ଝରଣା, ଗଡ଼ାଣିଆ ଜାଗା, ଗଭୀର ସଂକୀର୍ଣ୍ଣ ଫାଙ୍କ ଆଦି ସ୍ଥାନରେ ପ୍ରାକୃତିକ ଭାବେ ବଢ଼ିଥାଏ ଏବଂ ଏହାର ସୁଗନ୍ଧିତ ମସଲା ତଥା ଔଷଧୀୟ ଗୁଣ ପାଇଁ ଏଠାରେ ବହୁଳ ଭାବରେ ଚାଷ ମଧ୍ୟ ହୁଏ। ତେଣୁ ପଶ୍ଚିମଘାଟ ପର୍ବତମାଳା 'ଗୁଜରାତି ପାହାଡ଼' ଭାବରେ ଜଣାଯାଏ। ଗୁଜରାତି ଶ୍ରୀଲଙ୍କା, ନେପାଳ, ଭିଏତନାମ, ଥାଇଲ୍ୟାଣ୍ଡ, ଗୁଆଟେମାଲା, ନ୍ୟୁ ଗିନି, ତାଞ୍ଜାନିଆ ଓ ଉତ୍ତର ଆମେରିକା ଭଳି ଅନ୍ୟାନ୍ୟ ଦେଶରେ ମଧ୍ୟ ମିଳିଥାଏ। ରିୟୁନିଅନ୍ (ଭାରତୀୟ ମହାସାଗରରେ ଅବସ୍ଥିତ ଏକ ଦ୍ୱୀପ), ଇଣ୍ଡୋଚାଇନା ଓ କୋଷ୍ଟାରିକାରେ ଏହାର ପ୍ରାକୃତିକୀକରଣ ହୋଇଥିବା ଜଣାଯାଏ।

ଚତୁର୍ଥ ଶତାବ୍ଦୀରୁ ଗୁଜରାତି ମସଲା ଓ ଔଷଧ ଭାବରେ ବ୍ୟବହାର କରାଯାଇ ଆସୁଛି। ଏହା କଫ ଓ ପିତ୍ତ ଦୋଷକୁ ଶାନ୍ତ କରେ। କାଶ, କଫ ନିଷ୍କାସନ, ଶ୍ୱାସରୋଗ, ପାଇଲ୍ସ ବା ଅର୍ଶ ରୋଗ, ଯନ୍ତ୍ରଣାଦାୟକ ପରିସ୍ରା, ପେଟ ଯନ୍ତ୍ରଣା, ହୃତପିଣ୍ଡ ଜ୍ୱଳନ, ବଦହଜମୀ, ପେଟ ବାୟୁଦୋଷ, ବାନ୍ତି ଇତ୍ୟାଦି ଉପଶମ କରେ। ଏହା ଫୁସଫୁସ ସମ୍ବନ୍ଧୀୟ ଅନେକ ରୋଗ ଚିକିତ୍ସାରେ ବହୁତ ଲାଭଦାୟକ ଅଟେ। ଏହା ପାଚନ, ରେଚକ ଭାବରେ ମଧ୍ୟ ବ୍ୟବହୃତ ହୁଏ। ଗୁଜରାତିର ବିହନକୁ ପାଟିର ଦୁର୍ଗନ୍ଧ ଦୂର କରିବା ପାଇଁ ଚୋବାଇ ଖିଆଯାଏ ଏବଂ ସାଧାରଣତଃ ଶ୍ୱାସ ସତେଜକ ଭାବରେ ବ୍ୟବହୃତ ହୁଏ। ଏହା ଗଳା ସମ୍ବନ୍ଧୀୟ ସମସ୍ୟା, ଆଖିପତା, ଦାନ୍ତ ଓ ମାଢ଼ିର ପ୍ରଦାହ ଚିକିତ୍ସା ପାଇଁ ବ୍ୟବହୃତ ହୁଏ। କିଡନୀ ବା ବୃକ୍କ ପଥର ଏବଂ ସମ୍ପର୍କିତ ଅନ୍ୟାନ୍ୟ ରୋଗ ପାଇଁ ପାରମ୍ପରିକ ପଦ୍ଧତିରେ ଗୁଜରାତିକୁ ଔଷଧ ଭାବରେ ବ୍ୟବହାର କରାଯାଏ। ଏହା ଯନ୍ତ୍ରଣା ନିବାରକ, ଗଣ୍ଠି, ମାଂସପେଶୀ ଏବଂ ନିମ୍ନ ପିଠି ଯନ୍ତ୍ରଣାର ଚିକିତ୍ସାରେ ସର୍ବୋତ୍ତମ ବ୍ୟବହାର କରାଯାଏ। ଏହା ଫଙ୍ଗସ, ବ୍ୟାକ୍ଟେରିଆ ଏବଂ ଭାଇରାସ ବା ଭୂତାଣୁ ପ୍ରତିରୋଧକ ଏବଂ ବିଭିନ୍ନ ସଂକ୍ରମଣ ବିରୁଦ୍ଧରେ ବ୍ୟବହୃତ ହୁଏ। ତାହା ସହିତ ଗୁଜରାତି ବିହନ ଫୁଟାଇ ସେବନ କଲେ ଡିପ୍ରେସନ ବା ମାନସିକ ଚାପ ଏବଂ କ୍ଲାନ୍ତ ଉପଶମ ହୁଏ। ଗୁଜୁରାତି ବିହନ ପାଉଡର ଅଁଳା ରସ ସହିତ ମିଶ୍ରିତ ହୋଇ ମୂତ୍ରବର୍ଦ୍ଧକ ଭାବରେ କାର୍ଯ୍ୟ କରେ ଏବଂ ସିଷ୍ଟାଇଟିସ୍, ଗନୋରିଆ ଏବଂ ଅଳ୍ପ ପରିସ୍ରା ଚିକିତ୍ସାରେ ବହୁତ ପ୍ରଭାବଶାଳୀ। ଅଳେଇଚ ବିହନ ଯୌନ ଅକ୍ଷମତା, ନପୁଂସକତା, ଅକାଳ ବୀର୍ଯ୍ୟପାତ ଦୂର କରିବାରେ ଉପଯୋଗୀ। ଏହି ଔଷଧୀ ବିହନରେ ମାଇରସିନ୍, ଲିମୋନିନ୍, ଗାମା-ଟେରପିନେନ୍, ପି-ସାଇମେନ୍, ଟେରପିନୋଲିନ୍, ଜେରାନିଓଲ୍, ଟ୍ରାନ୍ସ-ନେରୋଲିଡୋଲ୍, ହେପ୍ଟେନ୍, ଲିନାଲୁଲ୍, କର୍ପୂର, ସାଇଟ୍ରାଲ୍, ଫାର୍ନେସୋଲ୍ ଏବଂ ବିଟା-ସିଟୋଷ୍ଟେରୋଲ୍, ଟେରପିନାଇଲ୍ ଆସେଟେଟ୍, ୟୁକାଲିପ୍ଟୋଲ୍ ଇତ୍ୟାଦି ଜୈବ ରାସାୟନିକ ଉପାଦାନ ପ୍ରଚୁର ପରିମାଣ ଗଚ୍ଛିତ ଥାଏ।

ଗୁଜୁରାତି ଏକ ତୀବ୍ର କଟୁ ଏବଂ ସୁଗନ୍ଧିତ ବିହନ ରନ୍ଧନ ମସଲା ଭାବରେ ଏବଂ ବିଭିନ୍ନ ଔଷଧକୁ ସ୍ୱାଦିଷ୍ଟ କରିବା ପାଇଁ ବ୍ୟବହୃତ ହୁଏ। ଏହି ଗଛର ପତ୍ର ମଞ୍ଜି ଭଳି ସୁଗନ୍ଧିତ ନୁହେଁ; କିନ୍ତୁ ଏହା ରାନ୍ଧିବା ସମୟରେ ମାଛ, ଚାଉଳ, ପନିପରିବା ଇତ୍ୟାଦି ଗୁଡ଼ାଇବା ପାଇଁ ବ୍ୟବହୃତ ହୁଏ। ଏହାର ସବୁଜ ବିହନ ଶୁଖାଯାଏ ଏବଂ ଫଳ ବା ପୋଡ଼ ଭିତରେ ଥିବା ବିହନକୁ ବ୍ୟବହାର କରାଯାଏ।

ଚତୁର୍ଥ ଶତାବ୍ଦୀ ଖ୍ରୀଷ୍ଟପୂର୍ବର କୌଟିଲ୍ୟଙ୍କ ଅର୍ଥଶାସ୍ତ୍ରରେ ଗୁଜୁରାତି ଅର୍ପଣ ବିଷୟରେ ଉଲ୍ଲେଖ ରହିଛି। ଗୁଜୁରାତିର ତିନୋଟି ଗୁରୁତ୍ୱପୂର୍ଣ୍ଣ ପ୍ରାକୃତିକ ପ୍ରକାର ହେଉଛି - 'ମାଲାବାର', ଯାହା କେରଳର ସ୍ଥାନୀୟ; ମହୀଶୂରର 'କର୍ଣ୍ଣାଟକ'; 'ଗ୍ରୀନ୍ ଗୋଲ୍ଡ', ଯାହା କେରଳରେ ଅମଳ କରାଯାଉଥିବା ସବୁଠାରୁ ସାଧାରଣ ପ୍ରକାର। ସମ୍ପ୍ରତି 'ଞାଲାନି', 'ଭାଝୁକା' ଆଦି କେତେକ ଲୋକପ୍ରିୟ ଉଚ୍ଚ-ଅମଳକାରୀ ବର୍ଗର ଗୁଜୁରାତି ଚାଷ କରାଯାଉଛି। 'ଭାଝୁକା' ହେଉଛି ମାଲାବାର ଏବଂ ମହୀଶୂର ଜାତୀୟ ଗୁଜୁରାତି ମଧ୍ୟରେ ଏକ ପ୍ରାକୃତିକ ଭାବରେ ଘଟୁଥିବା ହାଇବ୍ରିଡ୍ ବା ଶଙ୍କରଜାତୀୟ। ଏହି ଔଷଧୀ ଉଦ୍ଭିଦ ପ୍ରାୟ ହଜାର ବର୍ଷ ଧରି ଭାରତରେ ବ୍ୟବସାୟ ହୋଇଆସୁଛି। ଭାରତରେ ସିକିମ୍ ଓ କେରଳ ଗୁଜୁରାତିର ମୁଖ୍ୟ ଉତ୍ପାଦକ। ଏକବିଂଶତମ ଶତାବ୍ଦୀ ସୁଦ୍ଧା ଗ୍ୱାଟେମାଲା ଓ ଭାରତ ବିଶ୍ୱରେ ସର୍ବାଧିକ ଗୁଜୁରାତି ଉତ୍ପାଦକ। (କ୍ରମଶଃ...)

ମୋ: ୯୭୭୭୮୦୦୪୦୮

ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

୨,୦୬୭ ଜଣଙ୍କୁ ନିଯୁକ୍ତି ପତ୍ର ବାଣ୍ଟିଲେ ମୁଖ୍ୟମନ୍ତ୍ରୀ

ପିଲାଙ୍କ ମନରେ ସୁରକ୍ଷା, ଆତ୍ମବିଶ୍ୱାସ ଜାଗ୍ରତ କରିବାକୁ ପରାମର୍ଶ



ଭୁବନେଶ୍ୱର,୧।୧୧(ସମିସ): ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧୀନସ୍ଥ ବିଦ୍ୟାଳୟଗୁଡ଼ିକରେ ୨୦୬୭ ଜଣ ସେବକ-ସେବିକା ଓ ଜନଜାତି ଭାଷା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନ ଅଡିଟୋରିୟମ ଠାରେ ରବିବାର ନିଯୁକ୍ତିପତ୍ର ବଣ୍ଟିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସରକାର ନିଯୁକ୍ତିକୁ ପ୍ରାଥମିକତା ଦେଉଛନ୍ତି। ଏଯାଏଁ ସମୁଦାୟ ୪୮,୭୪୨ ଜଣଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ଶିକ୍ଷକ ନିଯୁକ୍ତି ଉପରେ ଗୁରୁତ୍ୱାରୋପ କରାଯାଇ ଆଜି ସୁଦ୍ଧା ୨୮,୬୯୩ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି ଦିଆଯାଇଛି। ରାଜ୍ୟର ମୋଟ ଜନସଂଖ୍ୟାର ପ୍ରାୟ ୪୦ ପ୍ରତିଶତ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ହୋଇଥିବାରୁ, ସେମାନଙ୍କ ଶିକ୍ଷାଗତ ମାନବୃଦ୍ଧି କରିବାକୁ ମଧ୍ୟ ପଦକ୍ଷେପ ନିଆଯାଇଛି। ବିଦ୍ୟାଳୟ ସ୍ତରରେ ସାନ୍ତାଳୀ ସମେତ ୧୦ଟି ଆଦିବାସୀ ଭାଷାରେ ଶିକ୍ଷାଦାନ କରାଯାଉଥିବାବେଳେ ଡ୍ରପ୍-ଆଉଟ୍ ହାର ରୋକିବା ପାଇଁ "ଶହୀଦ ମାଧୋ ସିଂ ହାତଖର୍ଚ୍ଚ ଯୋଜନା', ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ ସଂଖ୍ୟା ୬୯କୁ ବୃଦ୍ଧି ଏବଂ ବର୍ଷକୁ ୫୦ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ "ବିଦେଶ ଶିକ୍ଷାବୃତ୍ତି ଯୋଜନା' ଆରମ୍ଭ କରାଯାଇଛି। ନବନିଯୁକ୍ତ ଶିକ୍ଷକଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପିଲାଙ୍କ ମନରେ ସୁରକ୍ଷା ଓ ଆତ୍ମବିଶ୍ୱାସର ଭାବ ଜାଗ୍ରତ କରିବାକୁ ପ୍ରାଥମିକତା ଦିଅନ୍ତୁ। କଠିନ ନହୋଇ ଛାତ୍ରଛାତ୍ରୀଙ୍କ ଆଦର୍ଶ ବନ୍ଧୁ ହୁଅନ୍ତୁ। କାର୍ଯ୍ୟକ୍ଷେତ୍ରର ବିଭିନ୍ନ ଆହ୍ୱାନକୁ ଧୈର୍ଯ୍ୟ, ନିଷ୍ଠା ଓ ସକାରାତ୍ମକ ମନୋଭାବ ସହ ସମାଧାନ କରିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ ଯେ, ଶିକ୍ଷକତା କେବଳ ଗୋଟିଏ ଚାକିରି ନୁହେଁ, ବରଂ ଏହା ଏକ ମହାନ ସେବା। ଶିକ୍ଷକ ହେଉଛନ୍ତି ରାଷ୍ଟ୍ର ନିର୍ମାତା, ଦେଶର ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବାର ଉତ୍ତରଦାୟିତ୍ୱ ଶିକ୍ଷକଙ୍କ କାନ୍ଧରେ। ଉତ୍ତମ ମଣିଷ ଗଢ଼ିବାରେ ସଫଳ ହେଲେ ଦେଶ ବିକଶିତ ଓ ସମୃଦ୍ଧ ହୋଇପାରିବ। ସେହିପରି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ବିଧାୟକ ବାବୁ ସିଂ ପ୍ରମୁଖ ନବନିଯୁକ୍ତ ପ୍ରାର୍ଥୀଙ୍କୁ ମାର୍ଗଦର୍ଶନ କରିଛନ୍ତି। କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ଡିକେ ସିଂହ ଉପସ୍ଥିତ ଥିବାବେଳେ ବିଭାଗୀୟ ଶାସନ ସଚିବ ବି. ପରମେଶ୍ୱରନ ସ୍ୱାଗତ ଭାଷଣ ପ୍ରଦାନ ଓ ସ୍ୱତନ୍ତ୍ର ଶାସନ ସଚିବ ସୁଜାତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ବାତ୍ୟା 'ଅର୍ଣ୍ଣବ' କ୍ଷୟକ୍ଷତି ଆକଳନ ପାଇଁ ଆଜି ଓଡ଼ିଶା ଆସିବ କେନ୍ଦ୍ରୀୟ ଟିମ୍

ଗୃହ ମନ୍ତ୍ରଣାଳୟର ଯୁଗ୍ମ ସଚିବଙ୍କ ନେତୃତ୍ୱରେ ଆସିବେ ୮ ଜଣିଆ ଟିମ୍

ଭୁବନେଶ୍ୱର,୧।୧୧(ସମିସ): ବାତ୍ୟା "ଅର୍ଣ୍ଣବ' ପ୍ରଭାବରେ ଓଡ଼ିଶାରେ ହୋଇଥିବା କ୍ଷୟକ୍ଷତିର ଆକଳନ ପାଇଁ ଓଡ଼ିଶା ଆସିବ କେନ୍ଦ୍ରୀୟ ଟିମ୍। ସୋମବାରଠାରୁ ଏହି ଟିମ୍ ଓଡ଼ିଶା ଗସ୍ତରେ ଆସି ୪ ତାରିଖ ଯାଏଁ ଏହି ଟିମ୍ ବାତ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବା ସହ କ୍ଷୟକ୍ଷତିର ସ୍ଥିତି ଅନୁଧ୍ୟାନ କରିବ। ଏଥିପାଇଁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ୮ ଜଣିଆ ଟିମ୍ ଗଠନ କରାଯାଇଛି। ଗୃହ ମନ୍ତ୍ରଣାଳୟର ଯୁଗ୍ମ ସଚିବ ରବି ଶଙ୍କର ଏହି ଟିମ୍‌ର ନେତୃତ୍ୱ ନେବେ। କେନ୍ଦ୍ର ଗୃହ ମନ୍ତ୍ରଣାଳୟର ବିପର୍ଯ୍ୟୟ ପରିଚାଳନା ଡିଭିଜନ୍ ପକ୍ଷରୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ଏନେଇ ଚିଠି ମାଧ୍ୟମରେ ଅବଗତ କରାଯାଇଛି।

ଏହି ଚିଠିରେ ଦର୍ଶାଯାଇଛି ଯେ ଏହି ଟିମ୍ ନଭେମ୍ବର ୨ ତାରିଖ ସନ୍ଧ୍ୟାରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ଅନ୍ୟ ସଦସ୍ୟମାନେ ଏହାପରେ ଟିମ୍ ରାଜ୍ୟ ସରକାରଙ୍କ ଅଧିକାରୀଙ୍କ ସହ ଆଲୋଚନା କରି କ୍ଷେତ୍ର ପରିଦର୍ଶନରେ ଯିବେ। ଏହି ୮ ଜଣିଆ ଟିମ୍‌ରେ କୃଷି ଓ କୃଷକ କଲ୍ୟାଣ ବିଭାଗର ଚାଉଳ ବିକାଶ ନିର୍ଦ୍ଦେଶାଳୟ, ନିର୍ଦ୍ଦେଶକ ଡଃ ମନ୍ ସିଂହ, କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟର ବ୍ୟୟ ବିଭାଗର ଉପନିର୍ଦ୍ଦେଶକ ରାହୁଲ ଚୌରାସିଆ, ଜଳଶକ୍ତି ମନ୍ତ୍ରଣାଳୟର ଦିଲୀପ କୁମାର ଜେନା, ବିଦ୍ୟୁତ୍ ମନ୍ତ୍ରଣାଳୟର କରନ ସରିନ୍, ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟର ସୁନୀଲ କୁମାର, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟର ଅଜୟ କୁମାର ସାହୁ ଏବଂ ଇସ୍ରୋ ଅଧୀନ ଜାତୀୟ ରିମୋଟ୍ ସେନ୍ସିଂ କେନ୍ଦ୍ରର ବୈଜ୍ଞାନିକ ସି.ସାଇ କୃଷ୍ଣ ସାମିଲ ଅଛନ୍ତି।

୪ ତାରିଖ ଯାଏଁ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ ଓ ଲୋକଙ୍କ ସହ ଆଲୋଚନା

ଏହି ଗସ୍ତ ସମୟରେ କେନ୍ଦ୍ରୀୟ ଟିମ୍ ବାତ୍ୟା ଓ ପରବର୍ତ୍ତୀ ବନ୍ୟା ଯୋଗୁଁ କୃଷି, ଭିତ୍ତିଭୂମି, ସଡ଼କ, ବିଦ୍ୟୁତ୍, ଜଳସମ୍ପଦ ତଥା ଅନ୍ୟାନ୍ୟ କ୍ଷେତ୍ରରେ ହୋଇଥିବା କ୍ଷୟକ୍ଷତିର ଅନୁଧ୍ୟାନ କରିବେ। ଏଥିସହିତ ପ୍ରଭାବିତ ଅଞ୍ଚଳର ସ୍ଥିତି, ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ସମ୍ପର୍କରେ ମଧ୍ୟ ଅନୁଧ୍ୟାନ କରିବେ।

କେନ୍ଦ୍ରୀୟ ଟିମ୍‌ର ଗସ୍ତ ପାଇଁ ଆବଶ୍ୟକ ରହଣି ଓ ଯାତାୟାତ ବ୍ୟବସ୍ଥା କରିବାକୁ ରାଜ୍ୟ ସରକାରଙ୍କୁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଅନୁରୋଧ କରିଛି। ଏଥିସହ କ୍ଷେତ୍ର ପରିଦର୍ଶନ ପାଇଁ ଏକ ପ୍ରସ୍ତାବିତ କାର୍ଯ୍ୟସୂଚୀ ମଧ୍ୟ ଯୋଗାଇ ଦେବାକୁ କୁହାଯାଇଛି। କେନ୍ଦ୍ରୀୟ ଟିମ୍‌ର ଏହି ଗସ୍ତ ପରେ ବାତ୍ୟା ଯୋଗୁଁ ରାଜ୍ୟରେ ହୋଇଥିବା କ୍ଷୟକ୍ଷତିର ବାସ୍ତବ ଚିତ୍ର ସାମ୍ନାକୁ ଆସିବ। ଏହାସହ କ୍ଷତିଗ୍ରସ୍ତ ଅଞ୍ଚଳର ପୁନରୁଦ୍ଧାର ଓ ସହାୟତା ସମ୍ପର୍କିତ ପରବର୍ତ୍ତୀ ପଦକ୍ଷେପ ପାଇଁ ଏହି ଆକଳନ ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଦକ୍ଷିଣକୁ ପୁଣି...

କରାଯାଉଛି। ଏହି କ୍ରମରେ ୩ ତାରିଖ ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ବର୍ଷା ସବୁଠୁ ଅଧିକ ରହିବ। ଏହି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସାଙ୍ଗକୁ ପବନର ବେଗ ବଢ଼ି ଘଣ୍ଟା ପ୍ରତି ୫୦-୬୦ କିମି ଝଟ୍‌କା ପବନ ୭୦ କିମି ପହଞ୍ଚିବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ୫ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ସେହିପରି କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ଆଶଙ୍କା କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି। ୪ ତାରିଖରେ ମଧ୍ୟ ଦକ୍ଷିଣ ଓଡ଼ିଶା ସମେତ ଛତିଶଗଡ଼କୁ ଲାଗିଥିବା ଓଡ଼ିଶାର ସୀମାନ୍ତବର୍ତ୍ତୀ ଜିଲ୍ଲାରେ ବର୍ଷା ଆଶଙ୍କା କରାଯାଇଛି। ବାତ୍ୟା ପ୍ରଭାବରେ ୨ ତାରିଖ ସନ୍ଧ୍ୟାରେ ରାଜ୍ୟର କିଛି ସ୍ଥାନରେ ପାଗ ବଦଳିବା ସହି ଦକ୍ଷିଣ ଓଡ଼ିଶାରେ ହାଲୁକାରୁ ମଧ୍ୟମ ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର କହିଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ବାତ୍ୟା ମୁରାସୁ ଆନ୍ଧ୍ରପ୍ରଦେଶର ନେଲ୍ଲୋର-କାଭାଲିଓଙ୍ଗୋଲ ଉପକୂଳ, ବିଶେଷକରି କାଭାଲିଓଙ୍ଗୋଲ ଅଞ୍ଚଳରେ ୨ ନଭେମ୍ବର ବିଳମ୍ବିତ ରାତିରୁ ୩ ନଭେମ୍ବର ଭୋର ସମୟରେ ସ୍ଥଳଭାଗ ଅତିକ୍ରମ କରିବ। ୩ ନଭେମ୍ବର ସକାଳ ୫ଟା ୩୦ ସୁଦ୍ଧା ଘଣ୍ଟାକୁ ୧୨୦ କିମି, ଝଟକା ପବନ ୧୪୮ କିମି ବେଗରେ ପବନ ରହିବ। ସ୍ଥଳଭାଗ ଅତିକ୍ରମ ପରେ ୩ ନଭେମ୍ବର ଅପରାହ୍ଣ ୫ଟା ୩୦ ସୁଦ୍ଧା ଆନ୍ଧ୍ରପ୍ରଦେଶର ଭିତର ଅଞ୍ଚଳରେ ପବନର ବେଗ କମି ୮୩ କିମି/ଘଣ୍ଟା ହୋଇପାରେ। ତେବେ ବାତ୍ୟାର ବାହାର ପାର୍ଶ୍ୱର ବର୍ଷାମେଘ ଓଡ଼ିଶା ଆଡ଼କୁ ବ୍ୟାପିଲେ ଦକ୍ଷିଣ ଓଡ଼ିଶାରେ ବର୍ଷା ବଢ଼ିପାରେ। ଗଞ୍ଜାମର ଗୋପାଳପୁର, ଛତ୍ରପୁର, ବ୍ରହ୍ମପୁର ଓ ଚିକିଟି ସମେତ କେତେକ ସ୍ଥାନରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ଗଜପତିର ପାହାଡ଼ିଆ ଅଞ୍ଚଳରେ କେତେକ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ମାତ୍ର ଓଡ଼ିଶାରେ ବାତ୍ୟାର ମୁଖ୍ୟ ଅଂଶର କ୍ଷତିକାରକ ପବନ ପହଞ୍ଚିବାର ସମ୍ଭାବନା କମ୍ ରହିଛି। ତେବେ ଦକ୍ଷିଣ ଉପକୂଳରେ ଝଟକା ପବନ ଓ ସମୁଦ୍ରରେ ଉଚ୍ଚ ଢେଉ ହୋଇପାରେ ବୋଲି ପ୍ରଫେସର ପଶୁପାଳ କହିଛନ୍ତି।

ବାତ୍ୟା ଯୋଗୁଁ ପାହାଡ଼ିଆ ଓ ଭୂସ୍ଖଳନ ପ୍ରବଣ ଅଞ୍ଚଳରେ ରହୁଥିବା ଲୋକେ ବିଶେଷ ସାବଧାନତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି। ଏହାସହ ବାତ୍ୟା ପ୍ରଭାବରେ ସମୁଦ୍ର ଅଶାନ୍ତ ରହିବାର ଆଶଙ୍କା ଥିବାରୁ ନଭେମ୍ବର ୨ରୁ ୪ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ନ ଯିବାକୁ ପରାମର୍ଶ ଦିଆଯାଇଛି। ଯେଉଁ ମତ୍ସ୍ୟଜୀବୀମାନେ ଏବେ ସମୁଦ୍ର ମଧ୍ୟରେ ଅଛନ୍ତି, ସେମାନେ ଶୀଘ୍ର କୂଳକୁ ଫେରି ଆସିବାକୁ କୁହାଯାଇଛି।

ପରିବାର ପିଛା ୫୦ କେଜି...

ଦିନରୁ ଅଧିକ ସମୟ ବନ୍ୟାଜଳରେ ଜଳମଗ୍ନ ରହିଥିବା କିମ୍ବା ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ଘରର ପରିବାରକୁ ପୋଷାକପତ୍ର ପାଇଁ ୨,୫୦୦ ଟଙ୍କା ଏବଂ ବାସନକୁସନ ଓ ଘରକରଣା ସାମଗ୍ରୀ ପାଇଁ ଆଉ ୨,୫୦୦ ଟଙ୍କା ଅନୁଗ୍ରହମୂଳକ ସହାୟତା ଦିଆଯିବ।

ଫସଲ ନଷ୍ଟ ହୋଇଥିବା ଚାଷୀଙ୍କୁ ସର୍ବାଧିକ ୨ ହେକ୍ଟର ଜମି ପର୍ଯ୍ୟନ୍ତ କୃଷି ନିବେଶ ସହାୟତା ମିଳିବ। ୩୩ ପ୍ରତିଶତରୁ ଅଧିକ ଫସଲ କ୍ଷତି ହୋଇଥିବା ଚାଷୀ ଏହି ସହାୟତା ପାଇବେ। ଅଣଜଳସେଚିତ ଜମି ପାଇଁ ହେକ୍ଟର ପିଛା ୮,୫୦୦ ଟଙ୍କା, ନିଶ୍ଚିତ ଜଳସେଚିତ ଜମି ପାଇଁ ୧୭ ହଜାର ଟଙ୍କା ଏବଂ ବାରମାସୀ ଫସଲ ପାଇଁ ୨୨,୫୦୦ ଟଙ୍କା ଦିଆଯିବ। ଆମ୍ବ, କାଜୁ ଓ କିଆ ଭଳି ଫସଲ ଏହି ବାରମାସୀ ଫସଲ ଶ୍ରେଣୀରେ ରହିଛି। ଚାଷଜମିରେ ବାଲି ଓ ପଟୁମାଟି ଜମିଥିଲେ ତାହାକୁ ହଟାଇବା ପାଇଁ ହେକ୍ଟର ପିଛା ୧୮ ହଜାର ଟଙ୍କା ସହାୟତା ମିଳିବ। ଚାଷୀଙ୍କୁ ଡାଲି, ତୈଳବୀଜ ଓ ପନିପରିବା ମଞ୍ଜି ମିଶାଇ ମୋଟ ୧ ଲକ୍ଷ ୭୫ ହଜାର ସ୍ୱତନ୍ତ୍ର ମିନି କିଟ୍ ଯୋଗାଇ ଦିଆଯିବ। ଏଥିରେ ୧ ଲକ୍ଷ ୨୦ ହଜାର ଡାଲି ଜାତୀୟ ଫସଲର ମିନି କିଟ୍, ୫ ହଜାର ତୈଳବୀଜ ମିନି କିଟ୍ ଏବଂ ୫୦ ହଜାର ପନିପରିବା ମଞ୍ଜି କିଟ୍ ରହିଛି। ଏହା ସହ ୨୦ ହଜାର ହେକ୍ଟର ଜମିରେ ଅତିରିକ୍ତ ଫସଲ ପ୍ରଦର୍ଶନ କାର୍ଯ୍ୟକ୍ରମ ହାତକୁ ନିଆଯିବ। ଆଖୁ ଚାଷୀଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ସହାୟତା ରହିଛି। ପ୍ରଭାବିତ ୨ ହଜାର ହେକ୍ଟର ଅଞ୍ଚଳରେ ଆବଶ୍ୟକତା ଅନୁଯାୟୀ ସ୍ପେସ୍ ଟ୍ରାନ୍ସପ୍ଲାଣ୍ଟିଂ ପଦ୍ଧତି ପ୍ରଦର୍ଶନ ପାଇଁ ହେକ୍ଟର ପିଛା ୨୭,୫୦୦ ଟଙ୍କା କିମ୍ବା ରାଟୁନ୍ ଫସଲ ପରିଚାଳନା ପାଇଁ ୧୨,୫୦୦ ଟଙ୍କା ଦିଆଯିବ। ୨୦୨୬-୨୭ ରବି ଋତୁରେ କୀଟନାଶକ ଓ ଜୈବ କୀଟନାଶକ କିଣିବା ଉପରେ ୭୫ ପ୍ରତିଶତ ସବସିଡି ମିଳିବ। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ବୀମାଭୁକ୍ତ ଚାଷୀଙ୍କ ଦାବିର ତ୍ୱରିତ ସମାଧାନ ପାଇଁ ସରକାର ପଦକ୍ଷେପ ନେବେ।

ଖରିଫ୍ ୨୦୨୬ରେ ଫସଲର ୩୩ ପ୍ରତିଶତ କିମ୍ବା ତା'ଠାରୁ ଅଧିକ କ୍ଷତି ହୋଇଥିବା ଅଞ୍ଚଳର ଇଚ୍ଛୁକ ଚାଷୀଙ୍କ ସ୍ୱଳ୍ପମିଆଦି ଖରିଫ୍ ଋଣକୁ ମଧ୍ୟମମିଆଦି ଋଣରେ ପରିଣତ କରାଯିବ। ଭାଗଚାଷୀ, ଭୂମିହୀନ ଚାଷୀ ଏବଂ ମୌଖିକ ଚୁକ୍ତିରେ ଚାଷ କରୁଥିବା ଚାଷୀଙ୍କୁ ଋଣ ଯୋଗାଇବା ପାଇଁ ଜଏଣ୍ଟ ଲାଏବିଲିଟି ଗ୍ରୁପ୍ ଗଠନ କରାଯିବ। ବାତ୍ୟାରେ କ୍ଷତିଗ୍ରସ୍ତ ଛୋଟ ବ୍ୟବସାୟୀ, ଉଠାଦୋକାନୀ ଓ ଅନ୍ୟ ଏମ୍ଏସ୍ଏମ୍ଇ ପ୍ରତିଷ୍ଠାନ ପାଇଁ ସହାୟତା ସ୍ୱରୂପ ପ୍ରଭାବିତ ଅସ୍ଥାୟୀ ଦୋକାନୀଙ୍କୁ ୬,୦୦୦ ଟଙ୍କା ଏବଂ ବଡ଼ ଦୋକାନ ପାଇଁ ୨୫ ହଜାର ଟଙ୍କା ଦିଆଯିବ। ବ୍ୟବସାୟକୁ ପୁଣି ଥରେ ଠିଆ କରିବା ପାଇଁ ପ୍ରତି ପ୍ରତିଷ୍ଠାନକୁ ସର୍ବାଧିକ ୧୨ ଲକ୍ଷ ଟଙ୍କାର ସବସିଡିଯୁକ୍ତ ଋଣ ଯୋଗାଇ ଦିଆଯିବ। ପ୍ରତି ପ୍ରତିଷ୍ଠାନ ପାଇଁ ଗୋଟିଏ ସବସିଡିଯୁକ୍ତ ଋଣର ବ୍ୟବସ୍ଥା ରହିବ।

ପ୍ରଭାବିତ ଦୁଗ୍ଧଚାଷୀଙ୍କ ପାଇଁ ୫୦୦ କେଜି ପର୍ଯ୍ୟନ୍ତ ଗୋଖାଦ୍ୟ ଯୋଗାଇ ଦିଆଯିବ। ଅନ୍ୟପଟେ ପଶୁସମ୍ପଦ ହରାଇଥିବା ଚାଷୀଙ୍କୁ ବଡ଼ ଦୁଧିଆଳି ପଶୁ ଯଥା ଗାଈ ଓ ମଇଁଷିର ମୃତ୍ୟୁ ପାଇଁ ୩୭,୫୦୦ ଟଙ୍କା ଏବଂ ଛୋଟ ଦୁଧିଆଳି ପଶୁ ଯଥା ଛେଳି, ମେଣ୍ଢା ଓ ଘୁଷୁରି ପାଇଁ ୪,୦୦୦ ଟଙ୍କା ସହାୟତା ମିଳିବ। ଭାରବାହୀ ପଶୁ ଯଥା ବଳଦ, ଘୋଡ଼ା ଓ ଓଟର ମୃତ୍ୟୁ ପାଇଁ ୩୨ ହଜାର ଟଙ୍କା ଦିଆଯିବ। ବାତ୍ୟାରେ କ୍ଷତିଗ୍ରସ୍ତ ମତ୍ସ୍ୟଚାଷୀଙ୍କୁ ହେକ୍ଟର ପିଛା ସର୍ବାଧିକ ୧ ଲକ୍ଷ ୧୨ ହଜାର ୫୦୦ ଟଙ୍କା ପର୍ଯ୍ୟନ୍ତ କ୍ଷତିପୂରଣ ଦିଆଯିବ। ସମୁଦ୍ର ଓ ଚିଲିକାରେ ଆଂଶିକ କ୍ଷତିଗ୍ରସ୍ତ ଡଙ୍ଗା ପିଛା ୫,୦୦୦ ଟଙ୍କା ସହାୟତା ମିଳିବ। ଏହାଦ୍ୱାରା ମତ୍ସ୍ୟଚାଷ ଓ ମାଛଧରା ଉପରେ ନିର୍ଭର କରୁଥିବା ପରିବାରଙ୍କୁ କିଛିଟା ଆଶ୍ୱସ୍ତି ମିଳିବ। ବାତ୍ୟା ଦ୍ୱାରା ପ୍ରଭାବିତ ସମସ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୫,୦୦୦ ଟଙ୍କାର ସିଡ୍ ମନି ଦିଆଯିବ। ଏହି ଅର୍ଥକୁ ଗୋଷ୍ଠୀଗୁଡ଼ିକ ନିଜର ଜୀବିକା ଓ ଆୟମୂଳକ କାର୍ଯ୍ୟକଳାପ ପୁଣି ଆରମ୍ଭ କରିବାରେ ବ୍ୟବହାର କରିପାରିବେ।

ରାମଲୀଳାରେ ଶକ୍ତି...

ପ୍ରତିକ୍ରିୟା ପ୍ରକାଶ କରିବା ସହିତ ଜ୍ଞାନେଶ କୁମାରଙ୍କ ସପକ୍ଷରେ ଯୁକ୍ତି ବାଢ଼ିଛନ୍ତି। ଜ୍ଞାନେଶ କୁମାରଙ୍କୁ ହଟାଇବା ଲାଗି ବିରୋଧୀ ଦଳ ଓ ବିଭିନ୍ନ ସଂଗଠନ ପକ୍ଷରୁ ଚାଲିଥିବା ଆନ୍ଦୋଳନକୁ ରାମଲୀଳା ମଇଦାନ ମହାସମାବେଶ ଆଜି ନୂଆ ମୋଡ଼ ଦେଇଛି। ଏହି ଆନ୍ଦୋଳନରେ ସମସ୍ତ ବିରୋଧୀ ଦଳ ଏକଜୁଟ ଅଛନ୍ତି ବୋଲି ବାର୍ତ୍ତା ଦିଆଯାଇଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ, ମଲ୍ଲିକାର୍ଜୁନ ଖଡ଼ଗେଙ୍କ ଠାରୁ ଆରମ୍ଭ କରି ଟିଏମସି ନେତ୍ରୀ ମମତା ବାନାର୍ଜୀ, ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ, ଏନ୍‌ସି ନେତା ଫାରୁକ ଅବଦୁଲ୍ଲା, ପିଡିପି ନେତ୍ରୀ ମେହବୁବା ମୁଫତି ଏବଂ ବାମପନ୍ଥୀ ଦଳର ନେତା ମଞ୍ଚରେ ସାମିଲ ହୋଇ ନିର୍ବାଚନ କମିସନ ଓ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି।

ସରକାରଙ୍କ ଉପରେ ଆକ୍ରମଣର ନେତୃତ୍ୱ ନେଇ ରାହୁଲ ୨୦୨୪ ଲୋକସଭା ନିର୍ବାଚନରେ ଇଭିଏମ୍ ଓ ଭୋଟର ତାଲିକାରେ ହେରଫେର କରି ଭୋଟ ଚୋରି କରାଯାଇଥିବା ଅଭିଯୋଗ ଆଣିବା ସହିତ ଗତ ନିର୍ବାଚନକୁ 'ଅବୈଧ' ବୋଲି କହିଥିଲେ। ।।ସେ କହିଥିଲେ, ଏହାକୁ ଦେଶଦ୍ରୋହ କୁହାଯାଏ। ନିର୍ବାଚନ ପରେ ଦେଶର ୧୫ ପ୍ରତିଶତ ଭୋଟରଙ୍କ ନାମ ତାଲିକାରୁ ହଟାଯାଇଥିବା ସେ ଦାବି କରିଥିଲେ। ଇଣ୍ଡିଆ ମେଣ୍ଟ ଓ ଏନ୍‌ଡିଏ ମଧ୍ୟରେ ଭୋଟ ବ୍ୟବଧାନ ମାତ୍ର ୩ ପ୍ରତିଶତ ଥିବାରୁ ଏହି ହେରଫେର ନିର୍ବାଚନ ଫଳାଫଳକୁ ପ୍ରଭାବିତ କରିଥିବା ରାହୁଲ ଯୁକ୍ତି ବାଢ଼ିଥିଲେ। ଜ୍ଞାନେଶ କୁମାରଙ୍କ ବିନା ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ଏବଂ ଅମିତ ଶାହ ଗୃହମନ୍ତ୍ରୀ ହୋଇପାରି ନଥାନ୍ତେ ବୋଲି ମଧ୍ୟ ସେ ମନ୍ତବ୍ୟ ଦେଇଥିଲେ। ସେ କହିଥିଲେ ଯେ ଜ୍ଞାନେଶ କୁମାର ନିଶ୍ଚିତ ରୂପେ ହଟିବେ। ପଦରୁ ହଟିବା ସହିତ ଜ୍ଞାନେଶ ଜେଲ ମଧ୍ୟ ଯିବେ। ଜ୍ଞାନେଶଙ୍କ ପରେ ପ୍ରଧାନମନ୍ତ୍ରୀ ଓ ଗୃହ ମନ୍ତ୍ରୀଙ୍କ ପାଳି ପଡ଼ିବ ବୋଲି ସେ କହିଥିଲେ।

କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ କେନ୍ଦ୍ର ସମେତ ମହାରାଷ୍ଟ୍ର, ବିହାର ଓ ଉତ୍ତରପ୍ରଦେଶ ସରକାର ଭୋଟ ଚୋରି ମାଧ୍ୟମରେ କ୍ଷମତାକୁ ଆସିଥିବା ଅଭିଯୋଗ କରିଥିଲେ। ମୋଦୀ କ୍ଷମତାରୁ ହଟିଲେ ହିଁ ଗଣତନ୍ତ୍ର ବଞ୍ଚିବ ବୋଲି ସେ କହିଥିଲେ। ମମତା ବାନାର୍ଜୀ କହିଥିଲେ ଯେ ଏସଆଇଆର ଜରିଆରେ ଜାଲିଆତି କରି ବିଜେପି ପଶ୍ଚିମ ବଙ୍ଗରେ କ୍ଷମତା ହଡ଼ପ କରିଛି। ସେହିଭଳି ଅଖିଳେଶ ଯାଦବ ଆଜିର ରାଲିକୁ ଐତିହାସିକ ବର୍ଣ୍ଣନା କରିବା ସହିତ କହିଥିଲେ ଯେ ଏହା ରାଜନୈତିକ ପରିବର୍ତ୍ତନର ସଙ୍କେତ ଦେଉଛି। ରାମଲିଳା ସମାବେଶକୁ ସେ ଗଣତନ୍ତ୍ର ହଳଦିଘାଟ ବୋଲି କହିଥିଲେ।

ଅପରାହ୍ନରେ ସମାବେଶ ପୂର୍ବରୁ ମେଣ୍ଟର ନେତାମାନେ ହଜାର ହଜାର ସମର୍ଥକଙ୍କ ସହିତ ଏକ ବିଶାଳ ଶୋଭାଯାତ୍ରା ବାହାର କରିଥିଲେ। ଏହା କନ୍ନଟ ପ୍ଲେସରୁ ଆରମ୍ଭ ହୋଇ ରାମଲୀଳା ମଇଦାନକୁ ଆସିଥିଲା। ନେତାମାନେ ଖୋଲା ଗାଡ଼ିରେ ସଭାସ୍ଥଳକୁ ଆସିଥିଲେ।

ଅନ୍ୟପକ୍ଷରେ ବିଜେପି ନେତାମାନେ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ ରାହୁଲ କେବେ ବି ପ୍ରଧାନମନ୍ତ୍ରୀ ହୋଇପାରିବେ ନାହିଁ। ରାହୁଲ କେବଳ ମିଛ କହୁଛନ୍ତି ଏବଂ ଅରାଜକତା ସୃଷ୍ଟି କରିବାକୁ ଉଦ୍ୟମ କରିଛନ୍ତି। ଏଥିରେ ସେ ସଫଳ ହେବେ ନାହିଁ ବୋଲି ସେ କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ଏସ୍ଆଇଆର୍‌କୁ ସମର୍ଥନ କରି ଏହାକୁ ଏକ ସାମ୍ବିଧାନିକ ପ୍ରକ୍ରିୟା ବୋଲି କହିଛନ୍ତି। ତାଙ୍କ ମତରେ, ଦୀର୍ଘ ବର୍ଷ ଧରି ହୋଇଥିବା ଜନସ୍ଥାନାନ୍ତର ଓ ସହରୀକରଣ ଯୋଗୁଁ ଭୋଟର ତାଲିକାରେ ଅଯୋଗ୍ୟ ଏବଂ ଦୋହରା ନାମ ରହିଛି।

ଇଣ୍ଡିଆ ମେଣ୍ଟ ବିରୋଧରେ...

ହୋଇନାହିଁ। ମୃତ, ସ୍ଥାନାନ୍ତରିତ ଏବଂ ଅନୁପ୍ରବେଶକାରୀଙ୍କ ନାମ ହିଁ ଭୋଟର ତାଲିକାରୁ କାଟି ଦିଆଯାଇଛି। ୧୯୮୪ରେ ଦିଲ୍ଲୀରେ ହୋଇଥିବା ଶିଖ-ବିରୋଧୀ ଦଙ୍ଗାରେ କଂଗ୍ରେସ ସାମିଲ ଥିଲା। ଏହି ଦଙ୍ଗା ପାଇଁ ଅନୁତାପ କରିବା ପରିବର୍ତ୍ତେ କଂଗ୍ରେସ କଟା ଘାରେ ଚୂନ ମାରୁଛି। 'ଲୋକତନ୍ତ୍ର ବଚାଓ ଅରୋଜକତା ହଟାଓ' ନାମରେ ହୋଇଥିବା ଏହି ରାଲିରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା, କେନ୍ଦ୍ର ମନ୍ତ୍ରୀ ହରଦିପ ସିଂହ ପୁରୀ ଏବଂ ଦିଲ୍ଲୀ ବିଜେପି ମୁଖ୍ୟ ହର୍ଷ ମାଲହୋତ୍ରା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଦଳର ଅନେକ ନେତା ସାମିଲ ହୋଇଥିଲେ। ଏଥିରେ ଦଳର ହଜାର ହଜାର ସମର୍ଥକଙ୍କ ସମେତ ଶିଖ ସଂପ୍ରଦାୟର ଲୋକ ମଧ୍ୟ ଯୋଗ ଦେଇଥିଲେ।

'ଅର୍ଣ୍ଣବ'ରେ ସର୍ବସ୍ୱାନ୍ତ...

କରିଥିଲେ। ଘର ସାମନାରେ କରିଥିବା ଧାନ ଏବଂ ପନିପରିବା ଚାଷରେ ବାଲି ଚରି ଯାଇଥିଲା। ଏହାକୁ ଦେଖି ଚାଷୀ ଅର୍ଜୁନ ଭାଙ୍ଗି ପଡ଼ିଥିଲେ। ଋଣ ପରିଶୋଧ କିଭଳି କରିବେ ଓ ଘରର ଗୁଜୁରାଣ କେମିତି ମେଣ୍ଟାଇବେ ତାକୁ ନେଇ ଚିନ୍ତାଗ୍ରସ୍ତ ଥିଲେ। ଗତକାଲି ସନ୍ଧ୍ୟାରେ ଅର୍ଜୁନ ନିଜ ପନିପରିବା ଫସଲରେ ପକାଇବାକୁ ରଖିଥିବା କୀଟନାଶକ ପିଇ ଦେଇଥିଲେ। ଫଳରେ ସେ ଗୁରୁତର ହୋଇ ପଡ଼ିଥିଲେ। ଅର୍ଜୁନ ଗୁରୁତର ହେବାର ଦେଖି ପରିବାର ସଦସ୍ୟ ପ୍ରଥମେ ହିଞ୍ଜିଳିକାଟୁ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସାଙ୍ଘାତିକ ହେବାରୁ ବ୍ରହ୍ମପୁର ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ବ୍ରହ୍ମପୁର ବଡ଼ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଅର୍ଜୁନଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ବ୍ରହ୍ମପୁର ବୈଦ୍ୟନାଥପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହ ୭୭୩/୨୦୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ଲାଗି ପଠାଇଥିଲେ। ବ୍ରହ୍ମପୁର ବଡମେଡିକାଲରେ ମୃତ ଚାଷୀଙ୍କ ପରିବାରକୁ ପୂର୍ବତନ ସାଂସଦ ଚନ୍ଦ୍ରଶେଖର ସାହୁ, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ ପରିବାର ସଦସ୍ୟଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ମୃତକଙ୍କ ପରିବାରକୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ବିଜେଡି ପକ୍ଷରୁ ପ୍ରଶାସନ ନିକଟରେ ଦାବି କରାଯାଇଛି। ଖବର ଲେଖା ହେବା ବେଳକୁ ପରିବାର ନିକଟରେ ଶବ ପହଞ୍ଚି ନଥିବା ବେଳେ ଶେରଗଡ଼ ତହସିଲଦାର ତ୍ରିଦେବ ରଥ, ଅତିରିକ୍ତ ତହସିଲଦାର ସୂର୍ଯ୍ୟକାନ୍ତ ବୈରୀଗଞ୍ଜନ, ଶେରଗଡ଼ ଥାନାଧିକାରୀ ବରେନ୍ଦ୍ର ସିଅଲ, ଅତିରିକ୍ତ ଥାନାଧିକାରୀ ଜ୍ଞାନ ରଞ୍ଜନ ସେଠୀ ପରିବାର ନିକଟରେ ପହଞ୍ଚି ମୃତ ଅର୍ଜୁନଙ୍କ ସ୍ତ୍ରୀଙ୍କୁ ରେଡକ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କା ପ୍ରଦାନ କରିଥିଲେ।

ଯୌନ ନିର୍ଯାତନା ମାମଲାରେ...

୧୯୯୩ବ୍ୟାଚ୍‌ର ଏହି ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କ ବିରୋଧରେ ମାମଲା ରୁଜୁହେବା ଓ ତତ୍‌କ୍ଷଣାତ୍ ବଦଳି ନିର୍ଦ୍ଦେଶ ଜାରି ହେବା ରାଜ୍ୟ ପୁଲିସ ଓ ଜେଲ୍ ପ୍ରଶାସନରେ ଚର୍ଚ୍ଚାର ବିଷୟ ପାଲଟିଛି। ଅନ୍ୟପକ୍ଷରେ ରାଜ୍ୟ ଫୋରେନ୍ସିକ୍ ସାଇନ୍ସ ଲାବୋରେଟୋରିର ନିର୍ଦ୍ଦେଶକ ଡ. ସନ୍ତୋଷ ବାଲାଙ୍କୁ ଜେଲ୍ ଓ ସଂସ୍କାରମୂଳକ ସେବା ବିଭାଗର ଅତିରିକ୍ତ ଦାୟିତ୍ୱରେ ରଖାଯାଇଛି।

ସୂଚନା ଅନୁଯାୟୀ, ଶନିବାର ରାତିରେ ସମ୍ପୃକ୍ତ ପୂର୍ବତନ ମହିଳା ଜେଲର ଚୌଦ୍ୱାର ଥାନାରେ ସୁଶାନ୍ତ ନାଥ ଓ ତାଙ୍କ ବନ୍ଧୁ କୁଲଦୀପ ରଥଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଆଧାର କରି ଥାନାରେ ୭୧୩/୨୦୨୬ ନମ୍ବରରେ ଭାରତୀୟ ନ୍ୟାୟ ସଂହିତାର ଧାରା ୭୫(୨), ୩୫୧(୨) ଓ ୩(୫) ଅନୁଯାୟୀ ମାମଲା ରୁଜୁ ହୋଇଛି। ଚୌଦ୍ୱାର ଥାନାଧିକାରୀ ଡ. ବିକାଶ କୁମାର ସେଠୀ ଏହି ମାମଲାର ତଦନ୍ତ ଦାୟିତ୍ୱ ନେଇଥିବା ଜଣାପଡ଼ିଛି। ଏତଲା ଅନୁଯାୟୀ, ୨୦୨୫ ଜୁନ୍ ୧୬ ତାରିଖରେ ନାଥ ଚୌଦ୍ୱାର ସର୍କଲ ଜେଲ୍ ପରିଦର୍ଶନରେ ଆସିଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ବନ୍ଧୁ କୁଲଦୀପ ରଥ ତାଙ୍କ ମୋବାଇଲ୍ ନମ୍ବର ସଂଗ୍ରହ କରି ଅଶୋଭନୀୟ ବାର୍ତ୍ତା ପଠାଇବା ସହ ବ୍ୟକ୍ତିଗତ ଭାବେ ଭେଟିବାକୁ ଉଦ୍ୟମ କରିଥିଲେ। ଅଗଷ୍ଟ ୨୯ ଓ ସେପ୍ଟେମ୍ବର ୨୫ କିମ୍ବା ୨୬ ତାରିଖରେ କଟକର ବିଭିନ୍ନ ହୋଟେଲ୍‌ରେ ଏକାକୀ ଭେଟିବାକୁ ଡକାଯାଇଥିବା ବେଳେ ସେ ଏହାକୁ ପ୍ରତ୍ୟାଖ୍ୟାନ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି।

ଏହି ମାମଲା ସହ ଚୌଦ୍ୱାର ସର୍କଲ ଜେଲ୍‌ରୁ ଦୁଇ ବିଚାରାଧୀନ କଏଦୀ ଫେରାର ଘଟଣା ମଧ୍ୟ ଯୋଡ଼ିହୋଇଛି। ୨୦୨୫ ଅକ୍ଟୋବରରେ ଦୁଇ କଏଦୀ ଫେରାର ହେବା ପରେ ଜେଲ୍ ପ୍ରଶାସନରେ ବିବାଦ ଦେଖାଦେଇଥିଲା। ତତ୍କାଳୀନ ବରିଷ୍ଠ ଅଧୀକ୍ଷକ ସୁଜିତ କୁମାର ରାଉଳଙ୍କ ବିରୋଧରେ ସରକାରୀ ନଥିପତ୍ରରେ ଜାଲିଆତି ଓ ତାଙ୍କ ଦସ୍ତଖତ ଜାଲ୍ କରିବା ନେଇ ସେ ଅଭିଯୋଗ ଆଣିଥିଲେ। ଏହି ଘଟଣାରେ ରାଉଳ ପୂର୍ବରୁ ଗିରଫ ହୋଇଥିଲେ। ତେବେ ରାଉଳଙ୍କ ବିରୋଧରେ ଦାୟର ଏତଲା ପ୍ରତ୍ୟାହାର ପାଇଁ ନାଥ ତାଙ୍କ ଉପରେ ଚାପ ପକାଇଥିବା ସେ ଅଭିଯୋଗ କରିଛନ୍ତି। ଏପରିକି ତାଙ୍କୁ ୨୦୨୬ ଫେବୃଆରୀ ୧୯ ତାରିଖରେ ନିଲମ୍ବିତ କରାଯିବା ସହ ଦରମା ଓ ଭତ୍ତା ବନ୍ଦ କରାଯାଇଥିଲା। ତାଙ୍କ ବିରୋଧରେ ପାଞ୍ଚଟି ବିଭାଗୀୟ ଶୃଙ୍ଖଳାଗତ ପ୍ରକ୍ରିୟା ଆରମ୍ଭ ହୋଇଥିବା ମଧ୍ୟ ଏତଲାରେ ଉଲ୍ଲେଖ ରହିଛି। ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ହସ୍ତକ୍ଷେପରେ ତାଙ୍କ ଭତ୍ତା ମିଳିଥିବା ଖବର ପ୍ରକାଶ ପାଇଛି। ସେପ୍ଟେମ୍ବର ୭ ଓ ୮ ତାରିଖରେ ନାଥଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟିବା ସମୟରେ ପୂର୍ବରୁ ବ୍ୟକ୍ତିଗତ ଭାବେ ଭେଟିଥିଲେ ଏଭଳି ପରିସ୍ଥିତି ଉପୁଜି ନଥାନ୍ତା ବୋଲି କୁହାଯାଇଥିବା ସେ ଅଭିଯୋଗ କରିଛନ୍ତି। ଏତଲା ପ୍ରତ୍ୟାହାର ନକଲେ ଚାକିରିରୁ ବହିଷ୍କାର, ପଦାବନତି ଏପରିକି ତାଙ୍କ ସନ୍ତାନମାନଙ୍କୁ କ୍ଷତି ପହଞ୍ଚାଇବାର ଧମକ ଦିଆଯାଇଥିବା ମଧ୍ୟ ସେ ଦର୍ଶାଇଛନ୍ତି। ଏହି ଅଭିଯୋଗ ପରେ କଟକ ଡିସିପି ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ପୁଲିସ କମିସନରଙ୍କୁ ମାମଲା ସମ୍ପର୍କରେ ଅବଗତ କରାଇଛନ୍ତି। ଜଣେ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କ ବିରୋଧରେ ଅଧସ୍ତନ ମହିଳା ଅଧିକାରୀଙ୍କ ଏଭଳି ଅଭିଯୋଗ ସରକାରୀ କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ସୁରକ୍ଷା, ଅଭିଯୋଗ ସମାଧାନ ବ୍ୟବସ୍ଥା ଓ ପ୍ରଶାସନିକ ସ୍ୱଚ୍ଛତାକୁ ନେଇ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ସୃଷ୍ଟି କରିଛି। ବିଶେଷକରି କଏଦୀ ଫେରାର ଘଟଣା, ଜେଲ୍ ଅଧିକାରୀଙ୍କ ଗିରଫଦାରି ଓ ଏବେ ଜେଲ୍ ଡିଜିଙ୍କ ବିରୋଧରେ ମାମଲା ରୁଜୁ ହେବା ଚୌଦ୍ୱାର ଜେଲ୍ ପ୍ରଶାସନକୁ ପୁଣି ଚର୍ଚ୍ଚାର କେନ୍ଦ୍ରକୁ ଆଣିଛି।

ଜେଲ୍‌ରେ ଅଭିଯୋଗ...

ପକ୍ଷରୁ ଚିଠି କରାଯାଇଛି। ରାଜ୍ୟସଭା ସାଂସଦ ସୁଜିତ କୁମାରଙ୍କ ଅଧ୍ୟକ୍ଷତାରେ ଗଠିତ କର୍ମଚାରୀ, ଜନ ଅଭିଯୋଗ, ଆଇନ ଓ ନ୍ୟାୟ ସମ୍ପର୍କିତ ସଂସଦୀୟ ସ୍ଥାୟୀ କମିଟି ଜେଲ୍‌ଗୁଡ଼ିକରେ ରହିଥିବା ଅଭିଯୋଗ ପରିଚାଳନା ବ୍ୟବସ୍ଥାର ଅନୁଧ୍ୟାନ କରିବ। ରାଜ୍ୟସଭା ସଚିବାଳୟର ଯୁଗ୍ମ ସଚିବ ଅଜୟ କୁମାର ମଲ୍ଲିକ ଓଡ଼ିଶାର ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମାଙ୍କୁ ଏନେଇ ଚିଠି ଲେଖିଛନ୍ତି। ଏହି ବୈଠକରେ ଜେଲ୍‌ରେ ଅନ୍ତେବାସୀଙ୍କଠାରୁ ଅଭିଯୋଗ ଗ୍ରହଣ, ତାହାର ଶୁଣାଣି, ସମାଧାନ ଏବଂ ଅଭିଯୋଗର ଫଇସଲା ପାଇଁ ରହିଥିବା ପ୍ରକ୍ରିୟା ସମ୍ପର୍କରେ ଆଲୋଚନା ହେବ। ଏଥିସହ ବର୍ତ୍ତମାନର ବ୍ୟବସ୍ଥା କେତେ ପ୍ରଭାବଶାଳୀ ଏବଂ ଅନ୍ତେବାସୀଙ୍କ ଅଭିଯୋଗ କିପରି ସମାଧାନ ହେଉଛି, ସେ ସମ୍ପର୍କରେ ରାଜ୍ୟର ଅଧିକାରୀଙ୍କ ମତାମତ ନିଆଯିବ। ନଭେମ୍ବର ୩ ତାରିଖ (ମଙ୍ଗଳବାର) ଅପରାହ୍ଣ ୩ଟା ୩୦ରେ ନୂଆଦିଲ୍ଲୀସ୍ଥିତ ପାର୍ଲାମେଣ୍ଟ ହାଉସ୍ ଆନେକ୍ସ ଏକ୍ସଟେନ୍‌ସନ୍ ବିଲ୍ଡିଂର ବ୍ଲକ୍-ଏ'ର କମିଟି ରୁମ୍ ନମ୍ବର-୨ରେ ଏହି ବୈଠକ ହେବାକୁ ସ୍ଥିର ହୋଇଛି। ଏଥିରେ ଗୃହ ସଚିବଙ୍କ ସହ ଜେଲ୍ ଡିଜି ଓ ଅନ୍ୟ ସମ୍ପୃକ୍ତ ଅଧିକାରୀ ଯୋଗଦେବାକୁ କୁହାଯାଇଛି। ଏଥିସହ ଜେଲ୍‌ରେ ଅଭିଯୋଗ ପରିଚାଳନା ବ୍ୟବସ୍ଥା ସମ୍ପର୍କରେ ଇଂରାଜୀ ଓ ହିନ୍ଦୀ ଭାଷାରେ ଏକ ପୃଷ୍ଠଭୂମି ରିପୋର୍ଟ ଏବଂ ଉପସ୍ଥାପନା ପ୍ରସ୍ତୁତ କରି ଅକ୍ଟୋବର ୨୯ ତାରିଖ ସୁଦ୍ଧା ରାଜ୍ୟସଭା ସଚିବାଳୟକୁ ପଠାଇବାକୁ ନିର୍ଦ୍ଦେଶ ରହିଛି। ଏହି ସମୀକ୍ଷାରେ ଓଡ଼ିଶାର ଜେଲ୍‌ଗୁଡ଼ିକରେ ଅଭିଯୋଗ ଶୁଣାଣି ବ୍ୟବସ୍ଥା, ଅନ୍ତେବାସୀଙ୍କ ସମସ୍ୟା ଏବଂ ତାହାର ସମାଧାନ ପ୍ରକ୍ରିୟା ସମ୍ପର୍କରେ କମିଟି ଅବଗତ ହେବ।

୩ ଶିଶୁଙ୍କ ସଲିଳ...

ସୂଚନା ଅନୁଯାୟୀ, ଝାଡେଶ୍ୱରପୁର ଗ୍ରାମର ଇମ୍ରାନ ଖାଁଙ୍କ ଦୁଇ ପୁଅ ଏବଂ ଅନୱାର ଖାଁଙ୍କ ମଝିଆ ପୁଅ ଘର ନିକଟରେ ଥିବା ଏକ ପୋଖରୀକୁ କଇଁ ଫୁଲ ତୋଳିବାକୁ ଯାଇଥିଲେ। ପୋଖରୀର ଗଭୀର ପାଣିରେ ବୁଡ଼ିଯିବାରୁ ତିନି ଶିଶୁଙ୍କ ଜୀବନ ଚାଲିଯାଇଛି। ମୃତ ଶିଶୁମାନେ ହେଲେ ଇମ୍ରାନ ଖାଁଙ୍କ ୩ ବର୍ଷର ପୁଅ ଜିସାନ ଖାଁ, ୫ ବର୍ଷର ପୁଅ ସଲମାନ ଖାଁ ଏବଂ ଅନୱାର ଖାଁଙ୍କ ୪ ବର୍ଷର ପୁଅ ଅରହମ ଖାଁ। ଘଟଣା ସମ୍ପର୍କରେ ଖବର ପାଇ ଅଗ୍ନିଶମ ବିଭାଗ ପହଞ୍ଚିଥିଲା। ତେବେ ଏହା ପୂର୍ବରୁ ଗ୍ରାମବାସୀ ତିନି ଶିଶୁଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ମେଡିକାଲକୁ ନେଇଯାଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନିଷ୍ପାପ ଶିଶୁଙ୍କ ଅକାଳ ବିୟୋଗରେ ଆଜି ସମଗ୍ର ଝାଡେଶ୍ୱରପୁର ଗାଁ ସ୍ତବ୍ଧ। ଏ ନେଇ ଭଦ୍ରେଶ୍ୱର ଥାନା ପୁଲିସ ଶବକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କଟକ ପଠାଇ ଘଟଣାଟିର ଅଧିକ ତଦନ୍ତ ଚଳାଇଛି।

ରାଜରାସ୍ତାରେ ବିପନ୍ନଙ୍କ...

ବନ୍ୟା ପରବର୍ତ୍ତୀ ଦୁର୍ଦ୍ଦଶାରୁ ମୁକୁଳି ପାରିନାହାନ୍ତି। ଘରେ ଖାଦ୍ୟ ସାମଗ୍ରୀ ନଥିବାରୁ ପରିବାର ସଦସ୍ୟଙ୍କୁ ଭୋକ ଉପାସରେ ଦିନ କାଟିବାକୁ ପଡୁଛି। ବନ୍ୟା ସମୟରେ ଓ ପରବର୍ତ୍ତୀ ଦିନ ଗୁଡ଼ିକରେ ପ୍ରଶାସନ ପକ୍ଷରୁ ଗ୍ରାମରେ ଆବଶ୍ୟକ ରିଲିଫ୍ ସାମଗ୍ରୀ ପହଞ୍ଚାଯାଇ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିପନ୍ନଙ୍କ ଦୁଃଖଦୁର୍ଦ୍ଦଶା ସମୟରେ କୌଣସି ଜନପ୍ରତିନିଧି ଗ୍ରାମକୁ ଆସି ସେମାନଙ୍କ ସମସ୍ୟା ବୁଝି ନଥିବା ମଧ୍ୟ ଅସନ୍ତୋଷର ଅନ୍ୟତମ କାରଣ ପାଲଟିଛି। ଗ୍ରାମବାସୀଙ୍କ କହିବାନୁଯାୟୀ, ପାନୀୟଜଳ ଓ ରିଲିଫ୍ ସାମଗ୍ରୀ ଯୋଗାଣ ପାଇଁ ସେମାନେ ବାରମ୍ବାର ପ୍ରଶାସନ ସମେତ ସ୍ଥାନୀୟ ଏନ୍ଏସି ଭାରପ୍ରାପ୍ତ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ପଣ୍ଡା ଏବଂ ୧୩ ନମ୍ବର ୱାର୍ଡ କାଉନସିଲର ଗିରିଜା ବେହେରାଙ୍କୁ ଅବଗତ କରାଇଥିଲେ। ହେଲେ ଅଭିଯୋଗ ସତ୍ତ୍ୱେ ସେମାନେ ଗ୍ରାମରେ ପହଞ୍ଚି ବିପନ୍ନଙ୍କ ସମସ୍ୟା ବୁଝିବା କିମ୍ବା ଆଶ୍ୱାସନା ଦେବା ପରିବର୍ତ୍ତେ ଅସଭ୍ୟ ଭାଷା ପ୍ରୟୋଗ କରିଥିବା ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ବିପତ୍ତି ସମୟରେ ସହାୟତା ଆଶା କରିଥିବା ଲୋକଙ୍କୁ ଏଭଳି ବ୍ୟବହାର ଅଧିକ କ୍ଷୁବ୍ଧ କରିଥିଲା। ଶେଷରେ ବାଧ୍ୟ ହୋଇ ସେମାନେ ରାସ୍ତା ଅବରୋଧ କରିଥିଲେ। ସକାଳ ପ୍ରାୟ ୭ଟାରୁ ଶତାଧିକ ମହିଳା ଓ ପୁରୁଷ କୁମାରୀ ନିକଟରେ ରାଜ୍ୟ ରାଜପଥ-୩୧ ଉପରେ ବସି ରହିବାରୁ ହୁମା-ପୁରୁଷୋତ୍ତମପୁର ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଥିଲା। ଖବର ପାଇ ସ୍ଥାନୀୟ ତହସିଲଦାର ବିନୋଦ କୁମାର ବେହେରା, ଏନ୍ଏସି ନିର୍ବାହୀ ଅଧିକାରୀ ଅଜିତ କୁମାର ପଟ୍ଟନାୟକ, ଏସ୍‌ଡିପିଓ ସୁଜିତ କୁମାର ନାୟକ, ଥାନା ଅଧିକାରୀ କୁଳମଣି ସେଠୀ ଓ ପୋଲସରା ଥାନା ଅଧିକାରୀ କୈଶିକ ମାଝୀ ପୋଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଧିକାରୀମାନେ ଉକ୍ତ ଗ୍ରାମବାସୀଙ୍କ ସହ ଆଲୋଚନା କରି ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ତେବେ ସକାଳ ୭ଟାରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ଦୀର୍ଘ ସମୟ ଧରି ରାଜପଥ ଅବରୋଧ ରହିବା ଘଟଣା ରିଲିଫ୍ ବଣ୍ଟନ ବ୍ୟବସ୍ଥାରେ ଥିବା ଅବ୍ୟବସ୍ଥାକୁ ସାମ୍ନାକୁ ଆଣିଛି।

ଗଞ୍ଜାମରେ ଚାଷକାର୍ଯ୍ୟ ପ୍ରଭାବିତ

ଜିଲ୍ଲା ପ୍ରଶାସନକୁ ସହଯୋଗ କରିବେ ୧୪୫ କୃଷି ଅଧିକାରୀ

ଭୁବନେଶ୍ୱର,୧।୧୧(ସମିସ): ବାତ୍ୟା ପରବର୍ତ୍ତୀ ସମୟରେ ସୃଷ୍ଟି ହୋଇଥିବା ବନ୍ୟା ପାଇଁ ଗଞ୍ଜାମ ଓ ଗଜପତି ଜିଲ୍ଲାରେ କୃଷି କାର୍ଯ୍ୟ ବ୍ୟାପକ କ୍ଷୟକ୍ଷତି ହୋଇଛି। ଅଧିକାଂଶ ସ୍ଥାନରେ ଚାଷ ଧୋଇ ଯାଇଥିବାବେଳେ ଚାଷୀକୂଳ ହତାସ ହୋଇଛନ୍ତି। ଏପରି ସ୍ଥିତିରେ ବନ୍ୟା ପରିସ୍ଥିତିର ସଠିକ୍ ପରିଚାଳନା, ପ୍ରଭାବିତ ଅଞ୍ଚଳରେ କ୍ଷୟକ୍ଷତିର ତ୍ୱରିତ ଆକଳନ ଏବଂ ପୁନରୁଦ୍ଧାର କାର୍ଯ୍ୟକୁ ସୁଗମ କରିବା ପାଇଁ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପଦକ୍ଷେପ ନେଇଛି। କେବଳ ଗଞ୍ଜାମ ଜିଲ୍ଲାରେ ୧୪୫ ଜଣ ଅଧିକାରୀ ଓ କର୍ମଚାରୀଙ୍କୁ ଜିଲ୍ଲା ପ୍ରଶାସନକୁ ସହଯୋଗ କରିବା ପାଇଁ ନିୟୋଜିତ କରାଯାଇଛି। ତନ୍ମଧ୍ୟରେ ୬ ଜଣ ବ୍ଲକ୍ କୃଷି ଅଧିକାରୀ (ବିଏଏ) ଓ ସହକାରୀ କୃଷି ଅଧିକାରୀ (ଏଏଓ) ରହିଥିବାବେଳେ ୫୫ ଜଣ କୃଷି ଓଭରସିୟର, ୩୦ ଜଣ ଗ୍ରାମ୍ୟ କୃଷି କର୍ମଚାରୀ (ଭିଏଡବ୍ଲ୍ୟୁ), ୩୫ ଜଣ ଉଦ୍ୟାନ କୃଷି ଓଭରସିୟର ଏବଂ ୧୯ ଜଣ ଉଦ୍ୟାନ କୃଷି ସମ୍ପ୍ରସାରଣ କର୍ମୀ ରହିଛନ୍ତି। ଏହି ସମସ୍ତ ଅଧିକାରୀଙ୍କୁ ତ୍ୱରିତ ରିଲିଭ୍ କରିବାକୁ ନିର୍ଦ୍ଦେଶ ଦିଆଯିବା ସହ ତ୍ୱରିତ କ୍ଷତିଗ୍ରସ୍ତ ଅଞ୍ଚଳରେ କାର୍ଯ୍ୟ କରିବାକୁ କୁହାଯାଇଛି।

ପୂର୍ବ ତଟ ରେଳପଥ
ଟେଣ୍ଡର ସଂ: eT-M-RS-MP-50-PUI-2026
କାର୍ଯ୍ୟର ନାମ: ଦୁଇ ବର୍ଷର ଅବଧି ଲାଗି ପୁରୀ କୋଚିଂ ଡିପୋଠାରେ ରୋଲିଂ ଷ୍ଟକର ରକ୍ଷଣାବେକ୍ଷଣ ନିମନ୍ତେ ଆଉଟସୋର୍ସିଂ ଭିତ୍ତିରେ ମାନବ ସମ୍ବଳ ନିଯୁକ୍ତି।
ବିଜ୍ଞାପିତ ମୂଲ୍ୟ : ₹10,66,41,481.35, EMD: ₹6,83,200.00, ଟେଣ୍ଡର ନଥିପତ୍ରର ମୂଲ୍ୟ: ₹11,800, ଶେଷ ହେବା ଅବଧି: 24 ମାସ।
ବିଡ୍ ଆରମ୍ଭ ହେବା ତାରିଖ: ତା 04.11.2026 ରିଖ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.18.11.2026 ରିଖ 13:00 ଘଟିକାରେ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡରର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବସାଇଟ୍: www.ireps.gov.in ରେ ଉପଲବ୍ଧ ଅଟେ।
ଆସିଷ୍ଟାଣ୍ଟ ଡିଭିଜନାଲ ମେକାନିକାଲ ଇଞ୍ଜିନିୟର/ପୁରୀ
PR-523/R/26-27

ପୂର୍ବ ତଟ ରେଳପଥ
ଟେଣ୍ଡର ସଂ.ELS-ANGL-OT-26-27-13
କାର୍ଯ୍ୟର ନାମ: ଅନୁଗୁଳ ସ୍ଥିତ ବିଦ୍ୟୁତ୍ ଲୋକୋ ସେଡ୍ ରେ କନଭେନସନାଲ ଏବଂ ତିନି ଫେଜ୍ ବିଦ୍ୟୁତ ଇଞ୍ଜିନ ଗୁଡ଼ିକର (ଲୋକୋମୋଟିଭ) ଟ୍ରାକ୍ସନ ମୋଟରକୁ ଖୋଲିବା, ସଫା କରିବା ଏବଂ ସାମାନ୍ୟ ମରାମତି କାର୍ଯ୍ୟ।
ବିଜ୍ଞାପିତ ମୂଲ୍ୟ: ₹15,24,530.30, EMD : ₹30,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ: ₹2,360/-, ଶେଷ ହେବା ଅବଧି: 24 ମାସ।
ବିଡ୍ ଆରମ୍ଭ ହେବା ତାରିଖ : ତା.06.11.2026ରିଖ
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.20.11.2026ରିଖ 1500 ଘଟିକାରେ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡରର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRS), ଅନୁଗୁଳ
PR- 528/R/26-27

ଦଲିଲ ହଜିଛି
ମୁଁ ସଲେଜୁ ବିଡିଓ ଦୋରା, ପି- ସଲେଜୁ ତାରିଣୀ ଦୋରା, ନିବାସୀ - କଂସାମାରୀ, ପୋଷ୍ଟ - ପୋଡାମାରୀ, ଥାନା - ପାଟପୁର, ଜିଲ୍ଲା - ଗଞ୍ଜାମ, ଗତ ୨୫/୦୮/୨୦୨୬ ରିଖରେ ମୁଁ ପୋଡାମାରୀ - ବ୍ରହ୍ମପୁର ରାସ୍ତାରେ ମୋର ଲିଙ୍କ୍ ଦଲିଲ୍ ସଂଖ୍ୟା ନଂ - ୧୦୬୩୧୩୦୩୨୮୬ ତା - ୧୧/୦୬/୧୩ ରିଖରେ ହୋଇଥିଲା, ତାହା ହଜିଯାଇଛି ଯଦି କେହି ସହୃଦସ୍ ବ୍ୟକ୍ତି ପାଆନ୍ତି ତେବେ ଏହାକୁ Veritas Finance Ltd, Brahmapur ସ୍ଥିତ ଶାଖାରେ ହସ୍ତାନ୍ତର କରିବାକୁ ଅନୁରୋଧ। ମୁଁ ଏହି ଦଲିଲ୍‌କୁ ବ୍ୟାଙ୍କ କିମ୍ବା କୌଣସି ଆର୍ଥିକ ଅନୁଷ୍ଠାନରେ ବନ୍ଧକ ଦେଇ ନାହିଁ। ଯୋଗାଯୋଗ-୮୨୪୯୭୩୦୦୬୬

ବିପଦସଙ୍କୁଳ ଅବସ୍ଥାରେ ଫୁଲାଡ଼ି ବୁଢ଼ାବଳଙ୍ଗ ପୋଲ

କଂକ୍ରିଟ୍‌ରେ ଫାଟ; ଅଘଟଣ ଆଶଙ୍କା

ବାଲେଶ୍ୱର,୧।୧୧ (ସମିସ)



ବାଲେଶ୍ୱର ସହରର ଅନ୍ୟତମ ପ୍ରମୁଖ ଯୋଗାଯୋଗ ମାଧ୍ୟମ ଫୁଲାଡ଼ି ବୁଢ଼ାବଳଙ୍ଗ ଓଭରବ୍ରିଜ୍ ଅବହେଳିତ। ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ସ୍ଥାୟୀ ମରାମତି ଅଭାବରୁ ପୋଲର ସ୍ଥିତି କ୍ରମଶଃ ଦୁର୍ବଳ ହେବାରେ ଲାଗିଛି। ପୋଲର ବିଭିନ୍ନ ସ୍ଥାନରେ କଂକ୍ରିଟ୍ ଫାଟି ଆଁ କରିଥିବାବେଳେ ଅନେକ ସ୍ଥାନରେ ଉପରିଭାଗର କଂକ୍ରିଟ୍ ଉଠିଯାଇଛି। କେତେକ ସ୍ଥାନରେ କଂକ୍ରିଟ୍ ଖସି ଲୁହା ରଡ୍ ଦେଖାଯାଉଛି। ଏଭଳି ସ୍ଥିତିରେ ପ୍ରତିଦିନ ହଜାର ହଜାର ଲୋକ ଜୀବନକୁ ବିପଦରେ ପକାଇ ଏହି ପୋଲ ଦେଇ ଯାତାୟାତ କରୁଛନ୍ତି। ବାଲେଶ୍ୱର ସହରକୁ ସଂଯୋଗ କରୁଥିବା ଚାରୋଟି ପ୍ରମୁଖ ପ୍ରବେଶ ପଥ ମଧ୍ୟରୁ ଫୁଲାଡ଼ି ରାସ୍ତା ଅନ୍ୟତମ। ଏହି ରାସ୍ତା ଦେଇ ମୟୂରଭଞ୍ଜ ଜିଲ୍ଲା, ଉତ୍ତର ବାଲେଶ୍ୱର ଏବଂ ପଶ୍ଚିମବଙ୍ଗରୁ ପ୍ରତିଦିନ ବହୁ ଲୋକ ବାଲେଶ୍ୱର ସହରକୁ ଆସିଥାନ୍ତି। ବୁଢ଼ାବଳଙ୍ଗ ନଦୀ ଯୋଗୁଁ ଯାତାୟାତରେ ସମସ୍ୟା ହେଉଥିବାରୁ ବ୍ରିଟିଶ ଶାସନ ସମୟରେ ଏଠାରେ ଏକ ଲୁହା ପୋଲ ନିର୍ମାଣ ହୋଇଥିଲା। ପରବର୍ତ୍ତୀ ସମୟରେ ପୁରୁଣା ପୋଲଟି ଦୁର୍ବଳ ଓ ଜରାଜୀର୍ଣ୍ଣ ହୋଇପଡ଼ିବାରୁ ନୂତନ ପୋଲ ନିର୍ମାଣ ପାଇଁ ଦୀର୍ଘଦିନ ଧରି ଦାବି ହୋଇଆସୁଥିଲା। ଜନସାଧାରଣଙ୍କ ଦାବିକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାର ପୁରୁଣା ପୋଲ ନିକଟରେ ନୂତନ ପୋଲ ନିର୍ମାଣ ଲାଗି ପଦକ୍ଷେପ ନେଇଥିଲେ। ୨୦୧୫ ମସିହାରେ ପ୍ରାୟ ୮ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ୨୦୧୯ରେ ପୋଲର ଗୋଟିଏ ଅଂଶ ଭୁଶୁଡ଼ି ପଡ଼ିଥିବାବେଳେ ୨୦୨୦ରେ ବାତ୍ୟା 'ଅମ୍ଫନ' ପ୍ରଭାବରେ ଅନ୍ୟ ଏକ ଅଂଶ କ୍ଷତିଗ୍ରସ୍ତ ହୋଇଥିଲା। ପରେ ନିର୍ମାଣ କାର୍ଯ୍ୟ ଶେଷ କରାଯାଇ ପୋଲଟିକୁ ଲୋକଙ୍କ ଯାତାୟାତ ପାଇଁ ଉଦ୍‌ଘାଟନ କରାଯାଇଥିଲା। କିନ୍ତୁ ଉଦ୍‌ଘାଟନର କିଛି ବର୍ଷ ମଧ୍ୟରେ ପୋଲର ଅବସ୍ଥା ପୁଣି ଚିନ୍ତାଜନକ ହୋଇପଡ଼ିଛି। ବାରମ୍ବାର ପୋଲ ଉପରେ ଗର୍ତ୍ତ ସୃଷ୍ଟି ହେବା, କଂକ୍ରିଟ୍ ଖସିବା ଏବଂ ରାସ୍ତା ଖରାପ ହେବା ଘଟଣା ସାମ୍ନାକୁ ଆସୁଛି। ବିଭାଗ ପକ୍ଷରୁ ମରାମତି କରାଯାଉଥିଲେ ମଧ୍ୟ ତାହା ସାମୟିକ ଭାବେ ସୀମିତ ରହୁଥିବା ଅଭିଯୋଗ ହେଉଛି। ଗର୍ତ୍ତରେ ପ୍ୟାଚ୍ ପକାଇ ଦାୟିତ୍ୱ ସାରିଦିଆଯାଉଛି। ହେଲେ ପୋଲର ମୂଳ ଗଠନ କେତେ ସୁରକ୍ଷିତ ରହିଛି, ସେନେଇ କୌଣସି ବ୍ୟାପକ ବୈଷୟିକ ଯାଞ୍ଚ ହେଉଛି କି ନାହିଁ, ତାହା ଏବେ ବଡ଼ ପ୍ରଶ୍ନ। ବିଶେଷଜ୍ଞଙ୍କ ମତରେ, ପୋଲରେ ସୃଷ୍ଟି ହୋଇଥିବା ଫାଟ ଦେଇ ବର୍ଷାଜଳ ପ୍ରବେଶ କଲେ ଭିତରେ ଥିବା ଲୁହା ରଡ୍‌ରେ କଳଙ୍କି ଲାଗିବା ସହ କଂକ୍ରିଟ୍‌ର ସ୍ଥାୟିତ୍ୱ ହ୍ରାସ ପାଇପାରେ। ତେଣୁ କେବଳ ଉପରିଭାଗରେ ମରାମତି କରିଦେଲେ ସମସ୍ୟାର ସମାଧାନ ହେବ ନାହିଁ। ପୋଲର ସମ୍ପୂର୍ଣ୍ଣ ଗଠନର ବୈଷୟିକ ଯାଞ୍ଚ କରାଯିବା ସହ ଆବଶ୍ୟକ ସ୍ଥଳେ ସ୍ଥାୟୀ ମରାମତି କରିବା ଜରୁରି। ଅନ୍ୟଥା କୌଣସି ସମୟରେ ବଡ଼ ଅଘଟଣ ଘଟିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଏ ନେଇ ସ୍ଥାନୀୟ ବାସିନ୍ଦା ରମେଶ ଚନ୍ଦ୍ର ନାୟକ ପୋଲର ନିର୍ମାଣ ଓ ରକ୍ଷଣାବେକ୍ଷଣକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି ପ୍ରମୁଖ ଯୋଗାଯୋଗ ମାଧ୍ୟମର ନିର୍ମାଣ ଓ ରକ୍ଷଣାବେକ୍ଷଣରେ ହୋଇଥିବା ଅବହେଳାର ତଦନ୍ତ କରାଯାଇ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଉତ୍ତରଦାୟିତ୍ୱ ସ୍ଥିର କରାଯିବା ଦରକାର। ଏହାଛଡ଼ା ଏଠାରେ କୌଣସି ଏକ ବଡ଼ ଧରଣର ଅଘଟଣ ଘଟିଲେ ପ୍ରଶାସନ ଚେତିବ ବୋଲି କହିଛନ୍ତି। ତେବେ ଏ ସମ୍ପର୍କରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ପୋଲର ବର୍ତ୍ତମାନ ସ୍ଥିତିକୁ ନେଇ ସାଧାରଣରେ ଅସନ୍ତୋଷ ବଢୁଥିବାବେଳେ କୌଣସି ଅଘଟଣ ପୂର୍ବରୁ ବିଭାଗ ପକ୍ଷରୁ ତୁରନ୍ତ ବୈଷୟିକ ଯାଞ୍ଚ, ସ୍ଥାୟୀ ମରାମତି ଓ ନିୟମିତ ରକ୍ଷଣାବେକ୍ଷଣ ବ୍ୟବସ୍ଥା କରିବାକୁ ଜିଲ୍ଲାବାସୀ ଦାବି କରିଛନ୍ତି।

ଯାତ୍ରା କଳାକାରଙ୍କ ମୃତ୍ୟୁ ଘଟଣା

ଡାକ୍ତରଖାନା କର୍ମଚାରୀଙ୍କୁ ପିୟୁଷଙ୍କ ମାଡ଼ ଅଭିଯୋଗ



ଥାନାରେ ଅଭିଯୋଗ ପରେ ଭୁଲ ମାଗିଲେ

ସୋର/ସିମୁଳିଆ,୧।୧୧(ସମିସ): ଯାତ୍ରା ଜଗତର ଚର୍ଚ୍ଚିତ ଅଭିନେତା ପିୟୁଷ ତ୍ରିପାଠୀଙ୍କ ନାମରେ ଡାକ୍ତରଖାନା କର୍ମଚାରୀଙ୍କୁ ମାଡ଼ ମାରିଥିବା ନେଇ ସୋର ଥାନାରେ ସଙ୍ଗୀନ ଅଭିଯୋଗ ହୋଇଛି। ଶବ ବ୍ୟବଚ୍ଛେଦକୁ ନେଇ ଡାକ୍ତରଖାନା ପରିସରରେ ଡାକ୍ତରଖାନା କର୍ମଚାରୀଙ୍କୁ ମାଡ଼ ମାରିଥିବା ନେଇ ଅଭିଯୋଗ ହେବା ପରେ ସେ ଭୁଲ ମାଗିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିବା ଜଣାପଡିଛି। ଗତକାଲି ରାତିରେ ଯାତ୍ରା ସିଂହବାହିନୀ ବେତଡାରେ ଯାତ୍ରା ପରିବେଷଣ କରୁଥିବା ବେଳେ ଯାତ୍ରା ପାର୍ଟିର ନୃତ୍ୟ କଳାକାର ତଥା ବାଲେଶ୍ୱର ଜିଲ୍ଲା ଲଙ୍ଗଳେଶ୍ୱର ଅଞ୍ଚଳର ପ୍ରଶାନ୍ତ ମାଝୀ ଆତ୍ମହତ୍ୟା କରିଥିଲେ। ସାଥୀ କଳାକାରମାନେ ତାଙ୍କୁ ଉଦ୍ଧାର କରି ସିମୁଳିଆ ଡାକ୍ତରଖାନାକୁ ଆଣିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଫଳରେ ସିମୁଳିଆ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ରଖିଥିଲା। ଆଜି ପୁଲିସ ତାଙ୍କର ଶବ ବ୍ୟବଚ୍ଛେଦ ପାଇଁ ସୋର ଡ଼ାକ୍ତରଖାନାକୁ ଆଣିଥିବା ବେଳେ ଡାକ୍ତରଖାନା କର୍ମଚାରୀ ନିରଞ୍ଜନ ଗୋଛାୟତଙ୍କ ସହିତ କଳାକାରମାନଙ୍କର କଥା କଟା କଟି ହୋଇଥିଲା। ଏହି ସମୟରେ ଯାତ୍ରା କଳାକାର ପୀୟୁଷ ତ୍ରିପାଠୀଙ୍କ ସମେତ ଅନ୍ୟମାନେ ତାଙ୍କୁ ଘେରିଯାଇ ମାଡ଼ ମାରିଥିଲେ। ଏ ନେଇ ଡାକ୍ତରଖାନା ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ସୋର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ବୁଝାସୁଝା କରିଥିଲେ। ଘଟଣା ନେଇ ନିରଞ୍ଜନ ସୋର ଥାନାରେ ଅଭିଯୋଗ କରିଥିଲେ। ଫଳରେ ପୁଲିସ ଉଭୟ ପକ୍ଷଙ୍କୁ ଡାକି ବୁଝାସୁଝା କରିବା ପରେ ପିୟୁଷ ନିଜର ଦୋଷ ସ୍ୱୀକାର କରିବା ସହିତ ନିରଞ୍ଜନଙ୍କୁ ଭୁଲ ମାଗିଥିଲେ। ଫଳରେ ଉତ୍ତେଜନା ପ୍ରଶମିତ ହୋଇଥିଲା। ପରେ ସୋର ପୁଲିସ ଉପସ୍ଥିତିରେ ସୋର ମେଡିକାଲରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

ଗୁରୁତର ଅପରାଧ ମାମଲା ଗୁଡ଼ିକର ଦ୍ୱରିତ ବିଚାର ଏବଂ ଦଣ୍ଡହାର ବୃଦ୍ଧିନେଇ ସମନ୍ୱୟ ବୈଠକ

ବାଲେଶ୍ୱର, ୧।୧୧ (ସମିସ): ଗୁରୁତର ଅପରାଧ ମାମଲାଗୁଡ଼ିକର ଦ୍ୱରିତ ବିଚାର, ସଠିକ୍ ଭାବେ ମାମଲା ପରିଚାଳନା ଏବଂ ଦୋଷୀଙ୍କ ଦଣ୍ଡହାର ବୃଦ୍ଧି ଉପରେ ଗୁରୁତ୍ୱାରୋପ କରି ବାଲେଶ୍ୱର ଜିଲ୍ଲା ଅଭିଯୋଜନା ନିର୍ଦ୍ଦେଶାଳୟ ପରିସରରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲା ଅଭିଯୋଜନାର ଉପନିର୍ଦ୍ଦେଶକ ଦୀପ୍ତିରଞ୍ଜନ ସେଣ୍ଠଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଗୁରୁତର ଅପରାଧ ମାମଲାଗୁଡ଼ିକର ସଠିକ୍ ପରିଚାଳନା, ଅଦାଲତରେ ମାମଲାର ଶୁଣାଣିକୁ ତ୍ୱରାନ୍ୱିତ କରିବା ଏବଂ ପୀଡ଼ିତଙ୍କୁ ଶୀଘ୍ର ନ୍ୟାୟ ପ୍ରଦାନ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକରେ ସହକାରୀ ନିର୍ଦ୍ଦେଶିକା କୁମାରୀ ରାଣୀ ସସ୍ମିତା, ପ୍ରିୟମ୍ବଦା ନାଏକ, ପବ୍ଲିକ ପ୍ରସିକ୍ୟୁଟର ଗଞ୍ଜନ ଶବର, ନବୀନ କୁମାର ପାତ୍ର ଓ ଗୁରୁପ୍ରସାଦ ବେହେରା ସହଯୋଗ କରିଥିଲେ। ଏଥିରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଅଦାଲତରେ କାର୍ଯ୍ୟରତ ଅତିରିକ୍ତ ସରକାରୀ ଓକିଲ ଏବଂ ସ୍ୱତନ୍ତ୍ର ସରକାରୀ ଓକିଲମାନେ ଯୋଗଦେଇଥିଲେ। ମାମଲା ଗୁଡ଼ିକର ସଫଳ ପରିଚାଳନା ସହ ଅଭିଯୋଜନା ପକ୍ଷରୁ ଦୃଢ଼ ଯୁକ୍ତି ଉପସ୍ଥାପନ ମାଧ୍ୟମରେ ଦୋଷୀ ସାବ୍ୟସ୍ତ ହାର ବୃଦ୍ଧି କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।

ବେଆଇନ ବାଣ ତିଆରିର ଏନ୍ତୁଡ଼ିଶାଳ ପାଲଟିଛି ବାଲିକୁଟୀ

କାଳିପଦା, ୧।୧୧ (ସମିସ): ସରକାରଙ୍କ ପକ୍ଷରୁ ବାଣ ଫୁଟାଇବା ଉପରେ କଟକଣା ଥିଲେ ମଧ୍ୟ ମାନୁ ନାହାନ୍ତି ବ୍ୟବସାୟୀ, ଗ୍ରାହକ କି ଅନୁଷ୍ଠାନର କର୍ମକର୍ତ୍ତା । ଯାହାକି ଦେଖିବାକୁ ମିଳିଥିଲା ବିଗତ ଦିନରେ ରାବଣ ପୋଡିରେ। ଶହଶହ ଅନୁଷ୍ଠାନରେ ରାବଣ ପୋଡିରେ ବାଣ ଫୁଟାଇ ମଜା ନେଇଥିଲେ ଲୋକେ। ବାୟୁ ପ୍ରଦୂଷଣ କି ଜନଜୀବନ ଉପରେ ସରକାରଙ୍କ ନିୟମ ପ୍ରଣୟନ କେବଳ ନାମକୁ ମାତ୍ର। ଆଗକୁ ଆସୁଛି ଦୀପାବଳି। ବାଣ ତିଆରି କରିବାରେ ଲାଗିପଡିଛନ୍ତି ବ୍ୟବସାୟୀଙ୍କ ସହିତ ପରିବାର ବର୍ଗ ଓ ସାଇପଡିଶାର ଲୋକମାନେ। ଅସାବଧାନତା ପାଇଁ ବଡ଼ବଡ଼ ଅଘଟଣ ଘଟିଯାଇ ଧନଜୀବନ ନଷ୍ଟ ହୋଇଯାଏ। ବାଲିଆପାଳ ବ୍ଲକର ବାଲିକୁଟୀ ପଞ୍ଚାୟତର ଛଡ଼ା ଗାଁରେ ଚାଲିଛି ରୀତମତ ବାଣ ତିଆରି ହେଉଛି। ମାତ୍ର ପୁଲିସ ସବୁ ଜାଣି ମଧ୍ୟ ଚୁପ୍ ରହିଛି। କିଛି ବର୍ଷ ତଳେ ବାଲିକୁଟୀ ଗ୍ରାମରେ ବାଣ ବିସ୍ଫୋରଣରେ ଜଣେ ୬୦ ବର୍ଷର ବୃଦ୍ଧ ଓ ୩ ବର୍ଷର ଶିଶୁର ମୃତ୍ୟୁ ହେବା ସହିତ ବଡାଶ ଗ୍ରାମର ଜଣେ ଯୁବକଙ୍କର ହାତ ପୋଡି ଯାଇଥିଲା। ଏହି ବେଆଇନ ବାଣ ତିଆରି ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ଗଗନ ବେହେରା, ମୁକୁନ୍ଦ ଟୁଡୁ, ଜୀବନକୃଷ୍ଣ ମାଝୀ, ମନ୍ମଥ କୁମାର ଦେହୁରୀ, ସୁକୁମାର ଦତ୍ତ, କିଶୋ ରାମ ମାଝୀ, ସଞ୍ଜୟ କୁମାର ପିଳା, ସୁନା ମଣି ବେହେରା, ଖଗେଶ୍ୱର ଜେନା, ବୁଦ୍ଧିରାମ ଜେନା ପ୍ରମୁଖ ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି।



ଡାକ୍ତରଙ୍କ ବଦଳି ବାତିଲ ଦାବି

ଜଳେଶ୍ୱର ବ୍ଲକ, ୧।୧୧ (ସମିସ): ରାଜ୍ୟ ସରକାର ଓ କେନ୍ଦ୍ର ସରକାର ଗ୍ରାମାଞ୍ଚଳର ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ଗ୍ରାମାଞ୍ଚଳରେ ପ୍ରତି ପଞ୍ଚାୟତ ସ୍ତରରେ ସ୍ୱାସ୍ଥ୍ୟ ଆରୋଗ୍ୟ ମନ୍ଦିର ଠାରୁ ଆରମ୍ଭ କରି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାଧ୍ୟମରେ ଜନସାଧାରଣଙ୍କୁ ମାଗଣାରେ ଉତ୍ତମ ସ୍ୱାସ୍ଥ୍ୟ ଶିବିର ବ୍ୟବସ୍ଥା କରାଯାଉଛି। ରାଇବଣିଆ ଅଞ୍ଚଳର ୧୪ଟି ଗ୍ରାମ ପଞ୍ଚାୟତର ରୋଗୀ ମାନେ ସେମାଙ୍କର ସ୍ୱାସ୍ଥ୍ୟ ସେବା ପାଇଁ ହାତୀଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରିଥାନ୍ତି। ଏଠାରେ ଦାୟିତ୍ୱରେ ଥିବା ଡାକ୍ତର ସୌମେଶ ମଣ୍ଡଳ ଜଣେ ନମ୍ର ଭଦ୍ର ଓ ରୋଗୀ ମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ନିରନ୍ତର ଭାବେ ଯୋଗାଇ ଆସୁଥିବା ବେଳେ ତାଙ୍କୁ ହଠାତ ଏଠାରୁ ବଦଳି କରାଯାଉଅଛି। ଯାହା ଫଳରେ ହାତୀଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ ସେବାରେ ବ୍ୟାଘାତ ଘଟିବା ସହିତ ସାଧାରଣ ଗରିବ ଖଟିଖିଆ ରୋଗୀ ମାଗଣା ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେବାକୁ ପଡିବ। ଯାହାକୁ ନେଇ ରାଇବଣିଆ ଅଞ୍ଚଳରେ ସଚେତନ ଯୁବ ନାଗରିକ ବ୍ରଜକିଶୋର ଗିରି, ଅଶ୍ରୁମୋଚନ ଘୋଷ, ଜଗନ୍ନାଥ ମହାନ୍ତ, ନିହାର ରଞ୍ଜନ ଦାସ, ଗଣେଶ ସୋରେନ, ରବୀନ୍ଦ୍ର ମହାନ୍ତ, ଉମାଶଙ୍କର ଜେନା, ସପନ ବିନ୍ଧାଣି, ହାପନା ମାରାଣ୍ଡି, ମଙ୍ଗଳ ହେମରେମ, ଦିଗାମ୍ବର ଦାସ, ରଞ୍ଜିତ କୁମାର ଦାସ, ଶରତ କୁମାର ଶାସମାଲ, ଉଦୟନାଥ ମୁର୍ମୁ, କମଳାକାନ୍ତ ପାତ୍ର, ଦେବାଶିଷ ପ୍ରଧାନ, ସାକିଲା ମହାନ୍ତ ପ୍ରମୁଖ ଅନେକ ଅଞ୍ଚଳବାସୀ ଦସ୍ତଖତ ସମ୍ବଳିତ ଦାବି ପତ୍ର ହାତୀଗର୍ଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଡା. ଭୀଷ୍ମ ପରିଡ଼ାଙ୍କୁ ପ୍ରଦାନ କରିଥିଲେ। ଆଗକୁ ଯଦି ମେଡିକାଲ କର୍ତ୍ତୃପକ୍ଷ ଆଗକୁ ଏ ବାବଦରେ କୌଣସି ପଦକ୍ଷେପ ଗ୍ରହଣ ନ କରନ୍ତି ଆନ୍ଦୋଳନ କରିବାର ଚେତାବନୀ ଦେଇଛନ୍ତି।

ଦେଶୀ ମଦ ସହିତ ସ୍କୁଟି ଓ ବାଇକ୍ ଜବତ; ୨ ଗିରଫ

ସିମୁଳିଆ, ୧।୧୧ (ସମିସ): ବାଲେଶ୍ୱର ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଖଇରା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହ୍ଲାଦ ସାମଲ ଏବଂ ଷ୍ଟାଫମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ଦ୍ୱାରା ସିମୁଳିଆ ଥାନା ଅନ୍ତର୍ଗତ ବାରାପୁର ବଜାର ଓ ବରଦା କେନାଲ ଛକ ନିକଟରେ ଚଢ଼ଉ କରାଯାଇ ୨୦୦ ଲିଟର ଦେଶୀ ମଦ ସହିତ ଗୋଟିଏ ମୋଟର ସାଇକେଲ ଓ ଗୋଟିଏ ସ୍କୁଟି ଜବତ କରିବା ସହିତ ଶରତ ଥାନା ଅନ୍ତର୍ଗତ ଦୁଗୁଧା ଗ୍ରାମର କମଳଲୋଚନ ଦେହୁରୀ ଓ ସୋସ ଥାନା ଅନ୍ତର୍ଗତ ପଡ଼ିଆରୀପଲ୍ଲୀ ଗ୍ରାମର ଭୀମ ସୋରେନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଜବତ ହୋଇଥିବା ମଦ, ସ୍କୁଟି ଓ ମୋଟର ସାଇକେଲର ଆନୁମାନିକ ମୂଲ୍ୟ ୧ ଲକ୍ଷ ୮୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଉକ୍ତ ଚଢ଼ଉରେ ଖଇରା ଅବକାରୀ ଥାନା ସହ ଉପ-ନିରୀକ୍ଷକ ଦୀପିକା ପରିଡ଼ା ଓ କନେଷ୍ଟବଳ ଦେବାଶିଷ ମଲ୍ଲିକ, ଶଶୀକାନ୍ତ ସାହୁ ସାମିଲ ଥିଲେ।

ମୁଖ୍ୟମନ୍ତ୍ରୀ କପ୍-୨୦୨୬ ପାଇଁ ବାଲେଶ୍ୱରରେ କ୍ରୀଡ଼ା ପ୍ରସ୍ତୁତି

ବାଲେଶ୍ୱର, ୧।୧୧(ସମିସ) : ରାଜ୍ୟରେ କ୍ରୀଡ଼ା ପ୍ରତିଭା ଚିହ୍ନଟ ସହ ଯୁବ କ୍ରୀଡ଼ାବିତ୍‌ଙ୍କୁ ଉପଯୁକ୍ତ ମଞ୍ଚ ଯୋଗାଇଦେବା ଲକ୍ଷ୍ୟରେ ଆୟୋଜିତ ହେବାକୁ ଯାଉଛି ମୁଖ୍ୟମନ୍ତ୍ରୀ କପ୍-୨୦୨୬। ଏଥିପାଇଁ ବାଲେଶ୍ୱର ଜିଲ୍ଲାରେ ଫୁଟବଲ୍, ଖୋଖୋ, ଭଲିବଲ୍ ଓ କବାଡ଼ି ଭଳି ଚାରିଟି କ୍ରୀଡ଼ାରେ ପ୍ରତିଯୋଗିତା ଆୟୋଜନ ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଛି। ବାଲେଶ୍ୱର ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍ ପକ୍ଷରୁ ଗତ ୩୧ ତାରିଖରେ ଏକ ବିଜ୍ଞପ୍ତି ଜରିଆରେ ଏନେଇ ସୂଚନା ଦିଆଯାଇଛି। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ, ରାଜ୍ୟ ଫୁଟବଲ୍ ସଂଘ, ଖୋଖୋ ସଂଘ, କବାଡ଼ି ସଂଘ, ଭଲିବଲ୍ ସଂଘ ଏବଂ ଜିଲ୍ଲା କ୍ରୀଡ଼ାସଂଘର ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜିତ ହେବ। ଫୁଟବଲ୍, ଖୋଖୋ ଓ ଭଲିବଲ୍‌ରେ ୧୪ ବର୍ଷରୁ କମ୍ ବାଳକ ଓ ବାଳିକା ଏବଂ କବାଡ଼ିରେ ୧୭ ବର୍ଷରୁକମ୍ କ୍ରୀଡ଼ାବିତ୍‌ଙ୍କୁ ନେଇ ପ୍ରତିଯୋଗିତା ହେବାକୁ ଥିବା ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ଆସନ୍ତା ନଭେମ୍ବର ୩୦ ତାରିଖରୁ ଏହି କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହେବ। ଏଥିରେ ଭାଗ ନେବାକୁ ଇଚ୍ଛୁକ ଖେଳାଳିମାନେ ନିର୍ଦ୍ଧାରିତ ବୟସ ସୀମା ଓ ଜନ୍ମ ତାରିଖ ସମ୍ପର୍କିତ ନିୟମ ପୂରଣ କରିବାକୁ କୁହାଯାଇଛି। ଅଂଶଗ୍ରହଣକାରୀଙ୍କ ପଞ୍ଜୀକରଣ ପାଇଁ ଅନଲାଇନ୍ ଫର୍ମର ବ୍ୟବସ୍ଥା କରାଯାଇଛି। ନଭେମ୍ବର ୧୪ ତାରିଖ ସୁଦ୍ଧା ପଞ୍ଜୀକରଣ ପ୍ରକ୍ରିୟା ଶେଷ କରିବାକୁ ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍ ପକ୍ଷରୁ ଆହ୍ୱାନ ଦିଆଯାଇଛି। ଅନ୍ୟପକ୍ଷରେ ଏହି ପ୍ରତିଯୋଗିତାରେ ସଫଳ ଖେଳାଳିଙ୍କୁ ପରବର୍ତ୍ତୀ ପର୍ଯ୍ୟାୟରେ ସୁଯୋଗ ମିଳିବା ସହ ଜିଲ୍ଲାରୁ ନୂତନ କ୍ରୀଡ଼ା ପ୍ରତିଭା ସୃଷ୍ଟି କରିବାର ଆଶା ରହିଛି। ତେଣୁ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ, କ୍ଲବ୍ ଓ ଅନୁଷ୍ଠାନର ଖେଳାଳିମାନେ ଏହି ସୁଯୋଗର ସଦୁପଯୋଗ କରିବାକୁ ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍‌ର କାର୍ଯ୍ୟକାରୀ ସଭାପତି ଅଭୟ ମହାପାତ୍ର ଅନୁରୋଧ କରିଛନ୍ତି।

- ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ପାଇଁ ୧୪ ସୁଦ୍ଧା ପଞ୍ଜୀକରଣ
- ୩୦ରୁ ଆରମ୍ଭ ହେବ କ୍ରୀଡ଼ା ମହାକୁମ୍ଭ

ରାୟ ବଳିୟାର ସିଂହ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ପାଳନ ପ୍ରସ୍ତୁତି

ଜଳେଶ୍ୱର ବ୍ଲକ, ୧।୧୧ (ସମିସ): ରାୟ ବଳିୟାର ସିଂହ ସରକାରୀ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ପାଳନ ନିମନ୍ତେ ବିଦ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଜୟନ୍ତୀ ପାଳନର ତାରିଖ ଧାର୍ଯ୍ୟ, ବିଭିନ୍ନ କମିଟି ଗଠନ ଏବଂ ପର୍ଯ୍ୟାୟକ୍ରମେ କାର୍ଯ୍ୟକ୍ରମ ଆୟୋଜନ ନିମନ୍ତେ ଯୋଜନା ପ୍ରସ୍ତୁତି ସମ୍ପର୍କରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଛି। ପୁରାତନ ଶିକ୍ଷକ ନିରଞ୍ଜନ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ବିଦ୍ୟାଳୟର ପୁରାତନ ପ୍ରଧାନଶିକ୍ଷକ ରାଜାରାମ କରଶର୍ମା, ବର୍ତ୍ତମାନର ପ୍ରଧାନଶିକ୍ଷକ ବୁଦ୍ଧରାୟ ମୁର୍ମୁ, ଆଲୁମିନି କମିଟି ସଭାପତି ନାରାୟଣ ପ୍ରସାଦ ଦାସଙ୍କ ସମେତ ପୁରାତନ ଛାତ୍ର କିଶାରାମ ମହାପାତ୍ର, ସୁକୁମାର ପ୍ରଧାନ, ଜଗନ୍ନାଥ ପାତ୍ର, ବସନ୍ତ ଘୋଷ, ସଞ୍ଜୟ ଜେନା, କମଳାକାନ୍ତ ଗାନ୍ଧୀ, ସୁଦେବ ଚନ୍ଦ୍ର ବାଗ, ରାଜେନ୍ଦ୍ର ନାଥ ଜେନା, ନିତ୍ୟଗୋପାଳ ଦାଁ, ହୃଦୟ ଚନ୍ଦ, ଚନ୍ଦନ ସାସମଲ, କ୍ଷିତିଶ ଦେ ଓ ଅନ୍ୟାନ୍ୟ ଶିକ୍ଷକ/ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ବୈଠକରେ ଉପସ୍ଥିତ ପୁରାତନ ଛାତ୍ର, ଶିକ୍ଷକ ଓ ବିଦ୍ୟାଳୟ ପକ୍ଷରୁ ପ୍ରାଥମିକ ପର୍ଯ୍ୟାୟରେ ଆର୍ଥିକ ଅନୁଦାନ ଯୋଗାଇ ଦେବାକୁ ସମସ୍ତେ ଆଗ୍ରହ ପ୍ରକାଶ କରିଥିଲେ। ଆସନ୍ତା ୨୦୨୭ ନଭେମ୍ବର ୧୨, ୧୩ ଓ ୧୪ ତାରିଖ ତିନିଦିନ ଧରି ଏହି ଜୟନ୍ତୀ ଉତ୍ସବ ପାଳନ କରିବାକୁ ସ୍ଥିର ହୋଇଛି। ଏ ନେଇ ପରବର୍ତ୍ତୀ ପ୍ରସ୍ତୁତି ବୈଠକ ଆସନ୍ତା ନଭେମ୍ବର ୨୦ରେ ଅନୁଷ୍ଠିତ ହେବ।

ଲୟର୍ସ ଫୋରମ୍‌ର ପ୍ରଥମ ବୈଠକ



ବାଲେଶ୍ୱର,୧।୧୧(ସମିସ): ଓକିଲସଂଘର ସମ୍ପାଦକ ସଂବିତ୍ ନନ୍ଦୀଙ୍କ ଚର୍ଚ୍ଚଲେନ୍‌ସ୍ଥିତ ବାସଭବନରେ ଲୟାର୍ସ୍ ଫୋରମ୍, ବାଲେଶ୍ୱରର ପ୍ରଥମ ବୈଠକ ବରିଷ୍ଠ ଆଇନଜୀବୀ ରଘୁନାଥ ମହାଳିକଙ୍କ ସଭାପତିତ୍ୱ ସଭାପତିତ୍ୱରେ ଆଜି ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ୨୦ ଜଣରୁ ଅଧିକ ଆଇନଜୀବୀ ଉପସ୍ଥିତ ରହିଥିଲେ। ଉପସ୍ଥିତ ଆଇନଜୀବୀମାନଙ୍କର ପ୍ରସ୍ତାବ ଓ ଅନୁମୋଦନକ୍ରମେ ଏହି ସଂଗଠନର ନାମକରଣ "ଲୟାର୍ସ୍ ଫୋରମ୍ ବାଲେଶ୍ୱର' ରଖାଯାଇଥିଲା। ବୈଠକରେ ସର୍ବପ୍ରଥମେ ଆଇ ଇନଜୀବୀ ମହମ୍ମଦ ଇସ୍‌ଲାମ୍ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିଲେ। ଆଇନଜୀବୀ ତଥା ଓକିଲ ସଂଘ ସମ୍ପାଦକ ସନ୍ଦୀପ କୁମାର ନନ୍ଦୀ, ରଘୁନାଥ ନାଥ ମହାଳିକ, ବିଚିତ୍ରାନନ୍ଦ ଦାସ, ନରେନ୍ଦ୍ରନାଥ ପାଣିଗ୍ରାହୀ ପ୍ରମୁଖ ମୁଖ ମଞ୍ଚରେ ଉପସ୍ଥିତ ରହି ସଭାକାର୍ଯ୍ୟ ତୁଲାଇଥିଲେ। ବୈଠକରେ ସଂଗଠନର ର ମୁଖ୍ୟ ଉଦ୍ଦେଶ୍ୟ ବାବଦରେ ଆଲୋଚନା ହୋଇଥିଲା। ଏ ସଂଗଠନ ବାଲେଶ୍ୱରରେ କିପରି ଏକ ପ୍ରମୁଖ ସଂଗଠନ ହୋଇପାରିବ, ଏ ବିଷୟରେ ଉପ ଉପସ୍ଥିତ ସମସ୍ତ ଆଇନଜୀବୀ ନିଜନିଜର ମତ ରଖୁଥିଲେ। ସଂଗଠନର ମୁଖ୍ୟ ଉଦ୍ଦେଶ୍ୟ ଓକିଲମାନଙ୍କର ବିବିଧ ସମସ୍ୟା, କଲ୍ୟାଣକାରୀ ଯୋଜନା, ସାଂସ୍କୃତିକ କାର୍ଯ୍ୟକ୍ରମ, ଖେଳ କସରତ ଓ ମହିଳା ଓକିଲଙ୍କ ଅଧିକାର ଆଦି ଆଦି ରହିବ ବୋଲି ସର୍ବସମ୍ମତିକ୍ରମେ ବୈଠକରେ ଅନୁମୋଦିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ସୁଦୀପ୍ତ ଦାସ, ଯଶୋବନ୍ତୀ ସାହୁ, ଶେଖର ଚନ୍ଦ୍ର, ମିର୍ ଅବଦୁଲ ମଜିଦ୍, ରାମକୃଷ୍ଣ ଜେନା, ରମାକାନ୍ତ ପରିଡ଼ା, ସୁବ୍ରତ କୁମାର ଦେ, ଜ୍ଞାନ ରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆଇନଜୀବୀ ରାମକୃଷ୍ଣ ଜେନା ଧନ୍ୟବାଦ ଦେଇଥିଲେ।

ଦୂଷିତ ପାଣି ପିଉଛନ୍ତି ଝାଡ଼ପିମ୍ପଳବାସୀ

ଜଳେଶ୍ୱର, ୧।୧୧ (ସମିସ)



ଜଳେଶ୍ୱର ବ୍ଲକ ବନ୍ୟା ପ୍ରଭାବିତ ଝାଡପିମ୍ପଳ ପଞ୍ଚାୟତରେ ୬୦ ପ୍ରତିଶତ ଅନୁସୂଚିତ ଜନ ଜାତିର ଲୋକେ ବସବାସ କରନ୍ତି। କିନ୍ତୁ ଏବେ ସୁଦ୍ଧା ପଞ୍ଚାୟତ ବାସୀଙ୍କୁ ବହୁ ମୌଳିକ ସୁବିଧା ଯୋଗାଇ ଦିଆଯାଇ ପାରି ନାହିଁ। ପଞ୍ଚାୟତ ଅଧୀନ ଘଣ୍ଟିଆଡି ଗାଁର ୨ଟି ୱାର୍ଡ ଏବଂ ଝାଡପିମ୍ପଳ ଗାଁର ୫ଟି ୱାର୍ଡକୁ ନେଇ ଏକ ମାତ୍ର ବସୁଧା ପାନୀୟ ଜଳ ପ୍ରକଳ୍ପ ରୁଗ୍‌ଣ ଭାବେ କାର୍ଯ୍ୟ କରୁଛି। ଦୀର୍ଘ ୧୫ ବର୍ଷ ତଳେ ଏହି ପ୍ରକଳ୍ପ ଯେନତେନ ପ୍ରକାରେଣ ନିମ୍ନମାନର ନିର୍ମାଣ ହୋଇ ଛିଡା ହୋଇଛି। ଉକ୍ତ ପାଣି ଟାଙ୍କି ଉପରେ ୧୫ ଶହରୁ ଅଧିକ ଲୋକେ ନିର୍ଭରଶୀଳ ଥିବା ବେଳେ ପ୍ରାୟ ହଜାରେ ଲୋକ ଠିକ୍ ଭାବେ ପାଣି ପାଇ ପାରୁ ନାହାଁନ୍ତି। ପାଇପ୍ ବିଛାଇବାରେ ଅଦୂରଦର୍ଶିତା ଏବଂ ନିମ୍ନ ମାନର କାର୍ଯ୍ୟ ଯୋଗୁଁ ୩ଟି ୱାର୍ଡକୁ ପାଣି ପହଞ୍ଚି ପାରୁନଥିବା ଅଭିଯୋଗ ହୋଇଛି। ଆଜିପର୍ଯ୍ୟନ୍ତ ପ୍ରକଳ୍ପ ଡ୍ରାଇଭର ପାରିଶ୍ରମିକ ପାଇନଥିବା ବେଳେ ୧୫ ବର୍ଷରେ କେବଳ ଥରେ ମାତ୍ର ଟାଙ୍କି ସଫା ହୋଇଥିବା ସଙ୍ଗୀନ ଅଭିଯୋଗ ହୋଇଛି। ପ୍ରକଳ୍ପ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବା ରୁ ଓଭର ହେଡ ଟାଙ୍କି ଫାଟି ତଳକୁ ପାଣି ପଡୁଥିବା ଦେଖାଯାଇଥିଲା। ପରେ ଠିକାଦାର, ପାଣି ଟାଙ୍କିରେ ପେଚ୍ ପକାଇ କାମ ଚଳାଉଥିବା ଅଭିଯୋଗ ହୋଇଛି। ବସୁଧା ପ୍ରକଳ୍ପ ଗୃହର ପରିସର ପରିତ୍ୟକ୍ତ ହୋଇ ପଡିଥିବାବେଳେ ପାଣି ପମ୍ପ ସ୍ଥାନରେ ପୁଣି ଗନ୍ଧ ମୟ ପରିବେଶ ରହିଛି। ସମ୍ମୁଖରେ ପିମ୍ପଳେଶ୍ୱର ଗାର୍ଲ୍ସ ହାଇସ୍କୁଲ ରହିଥିବାରୁ ବିଦ୍ୟୁତ୍ ସବ୍ ଷ୍ଟେସନରେ ଲଟା ବୁଦା ମାଡ଼ି ବିପଦ ସଙ୍କୁଳ ଭାବେ ବିପଦକୁ ଆମନ୍ତ୍ରଣ କରୁଛି। ଚଳିତ ବର୍ଷ ସୁବର୍ଣ୍ଣରେଖାରେ ୪ଥର ବନ୍ୟା ଫଳରେ ପଞ୍ଚାୟତ ପ୍ଲାବିତ ହୋଇ ବିଶେଷ ପ୍ରଭାବିତ ହୋଇଥିଲା। ଫଳରେ ପ୍ରକଳ୍ପର ପାଣି ଉତ୍ସ ଉପରେ ଦୂଷିତ କାଦୁଅ ମାଟି,ଦଳ ଲାଖି ହୋଇ ପାଣି ସଂକ୍ରମିତ ହେବାର ଆଶଙ୍କା ରହିଛି। ବନ୍ୟା ପରେ ଅଞ୍ଚଳରେ ଥିବା ପିଇବା ପାଣି ଉତ୍ସରେ ଜୀବାଣୁ ନାଶକ ପାଉଡର ସିଞ୍ଚନ ହୋଇନଥିବା ଅଭିଯୋଗ ହୋଇଛି। ପ୍ରକଳ୍ପ ନିର୍ମାଣ ବେଳେ ପ୍ରାଚେରୀ ହେବାକୁ ଥିବା ବେଳେ ୧୫ ବର୍ଷ ପରେ ପ୍ରାଚେରୀ ଲାଗି ବୋଙ୍ଗି ହେଉଥିବା ଦେଖାଯାଇଛି। ଏହି ଅବହେଳିତ ପଞ୍ଚାୟତରେ, ଆଦର୍ଶ ପାନୀୟ ଜଳ ଯୋଗାଣ, ପରିମଳ, ରାସ୍ତା ଘାଟ, ସ୍ୱାସ୍ଥ୍ୟ ସେବା, ଆଲୋକ ବ୍ୟବସ୍ଥା ଇତ୍ୟାଦି ଘୋର ସମସ୍ୟା ହୋଇ ରହିଛି। ପର୍ଯ୍ୟାପ୍ତ ଶୁଦ୍ଧ ପାନୀୟ ଜଳ ଅଭାବରୁ ଗ୍ରାମବାସୀ ନିତିଦିନ ଦୂଷିତ ଗାଡ଼ିଆ ଜଳ ବ୍ୟବହାର କରି ରୋଗରେ ପଡୁଛନ୍ତି। ତେଣୁ ଅଞ୍ଚଳରେ ହଇଜା ବ୍ୟାପିବା ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ ବୋଲି ଗ୍ରାମବାସୀ କହିଛନ୍ତି। ପଞ୍ଚାୟତରେ ଥିବା ପାନୀୟ ଜଳ ପ୍ରକଳ୍ପକୁ ପରିଷ୍କାର କରିବା ସହିତ ବିପଦପୂର୍ଣ୍ଣ ଟ୍ରାନ୍ସଫର୍ମର ସଫେଇ ଏବଂ ମରାମତିର ଆବଶ୍ୟକତା ରହିଛି। ଏହା ସହିତ ପଞ୍ଚାୟତର ସମସ୍ତ ପରିବାରକୁ ଶୁଦ୍ଧ ପିଇବା ପାଣି ଯୋଗାଇ ଦେବାକୁ ଗ୍ରାମବାସୀ ଦୃଷ୍ଟି ଆକର୍ଷଣ କରିଛନ୍ତି।

ସମସ୍ୟା ଘେରରେ କୁଆମରା ଫାଣ୍ଡି

୩୦ ହଜାର ଲୋକଙ୍କ ସୁରକ୍ଷା ପାଇଁ ମାତ୍ର ୪ କର୍ମଚାରୀ

କୁଆମରା, ୧।୧୧(ସମିସ):

ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଥାନା ଅଧୀନ କୁଆମରା ପୁଲିସ ଫାଣ୍ଡି ଏବେ ବିଭିନ୍ନ ସମସ୍ୟାରେ ଉବୁଟୁବୁ ହେଉଛି। ଫାଣ୍ଡି ପ୍ରତିଷ୍ଠା ହେବାର ଦୀର୍ଘ ୬୦ ବର୍ଷ ବିତିଯାଇଥିଲେ ମଧ୍ୟ ଆବଶ୍ୟକ ଭିତ୍ତିଭୂମି ଓ କର୍ମଚାରୀଙ୍କ ଅଭାବ ଯୋଗୁଁ ଆଇନଶୃଙ୍ଖଳା ରକ୍ଷା କରିବା ପୁଲିସ ପାଇଁ କାଠିକର ପାଠ ହୋଇପଡ଼ିଛି।

ପ୍ରାୟ ୪୦ ବର୍ଷ ଧରି ଏକ ଭଡ଼ା ଘରେ ଚାଲିବା ପରେ ୨୦୦୫ରେ ସ୍ୱତନ୍ତ୍ର ସ୍ଥାନ ଚିହ୍ନଟ କରାଯାଇ ଫାଣ୍ଡିର ନୂତନ ଗୃହ ନିର୍ମାଣ ହୋଇଥିଲା। ବର୍ତ୍ତମାନ ଏହି ଫାଣ୍ଡି ଅଧୀନରେ ଗୋପବନ୍ଧୁନଗର ବ୍ଲକର ଆରପଟା, କୁଆମରା, ପୁରୁଣା ବାରିପଦା, ସାଇଁକୁଳା ଓ କୁଶଳଦା ଭଳି ୫ଟି ପଞ୍ଚାୟତର ୪୨ଟି ଗ୍ରାମ ରହିଛି। ୩୦ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣଙ୍କ ଧନଜୀବନ ସୁରକ୍ଷା ଦାୟିତ୍ୱ ଏହି ଫାଣ୍ଡି ଉପରେ ନ୍ୟସ୍ତ ଥିବାବେଳେ ଏଠାରେ ମାତ୍ର ୪ ଜଣ କର୍ମଚାରୀ ନିୟୋଜିତ ଅଛନ୍ତି। ନିୟମାନୁଯାୟୀ ଜଣେ ଅଫିସରଙ୍କ ସମେତ ୬ ଜଣ କନଷ୍ଟେବଳ ପଦବୀ ରହିବା କଥା। ମାତ୍ର ଦୀର୍ଘଦିନ ଧରି ୨ଟି ପଦବୀ ଫାଙ୍କା ପଡ଼ିଛି। କର୍ମଚାରୀଙ୍କ ଅବସର କିମ୍ବା ବଦଳି ପରେ ଏହି



● ଛାତରୁ ଗଳୁଛି ପାଣି, ଥାନାର ଦୂରତା ୩୦ କିମି

● ୟାସ୍ ବାତ୍ୟାରେ ଭାଙ୍ଗିଥିବା ପାଚେରି ୫ ବର୍ଷ ପରେ ବି ହେଲାନି ମରାମତି

ଶୂନ୍ୟସ୍ଥାନ ପୂରଣ କରାଯାଉନାହିଁ। ବର୍ଷକୁ ଥାନାର ମୋଟ ମାମଲାର ପ୍ରାୟ ୫୦ ପ୍ରତିଶତ ଏହି ଅଞ୍ଚଳରୁ ରହୁଥିବା ଜଣାପଡ଼ିଛି। କୁଆମରା ଫାଣ୍ଡିଟି ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲା ସୀମାନ୍ତରେ ଅବସ୍ଥିତ ଥିବାରୁ ଏଠାରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ସୀମାନ୍ତ ଅଞ୍ଚଳ ହୋଇଥିବାରୁ ଦୁର୍ବୃତ୍ତ ଅପରାଧ ଘଟାଇ ସହଜରେ ଖସିଯାଉଛନ୍ତି। ପର୍ଯ୍ୟାପ୍ତ କର୍ମଚାରୀ ଓ ପାଟ୍ରୋଲିଂ ପାଇଁ ଚାରିଚକିଆ ଯାନ ନ ଥିବାରୁ ଅଞ୍ଚଳରେ ଚୋରି, ଡକାୟତି ଓ ରାହାଜାନୀ ଭଳି ସାଂଘାତିକ ଅପରାଧ ଦିନକୁ ଦିନ ବଢ଼ିବାରେ ଲାଗିଛି। ଖୁଣ୍ଟା ଥାନାଠାରୁ ଏହି ଫାଣ୍ଡିର ଦୂରତା ପ୍ରାୟ ୩୦ କିଲୋମିଟର ହୋଇଥିବାରୁ କୌଣସି ଜରୁରୀ ସମୟରେ ତୁରନ୍ତ ସହାୟତା ପହଞ୍ଚିବାରେ ଅହେତୁକ ବିଳମ୍ବ ଘଟୁଛି। ଅନ୍ୟପକ୍ଷରେ, ୨୦ ବର୍ଷ ତଳେ ନିର୍ମିତ ଫାଣ୍ଡି ଗୃହ ଛାତରୁ ବର୍ଷାଦିନେ ପାଣି ଗଳୁଛି। କର୍ମଚାରୀଙ୍କ ପାଇଁ ସରକାରୀ ବାସଗୃହ ନଥିବାରୁ ସେମାନେ ନାନା ସମସ୍ୟା ମଧ୍ୟରେ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ୨୦୨୧ ମେ' ମାସରେ ସାମୁଦ୍ରିକ ଝଡ଼ "ୟାସ୍'ର ପ୍ରକୋପରେ ଫାଣ୍ଡିର ଉତ୍ତର ପାଶ୍ୱର୍ ସୁରକ୍ଷା ପାଚେରି ଭୁଶୁଡ଼ି ପଡ଼ିଥିଲା। ତତ୍କାଳୀନ ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ ପରିଦର୍ଶନ କରି ପାଚେରି ନିର୍ମାଣର ପ୍ରତିଶ୍ରୁତି ଦେଇଥିଲେ। ତାଙ୍କ ରିପୋର୍ଟ ଆଧାରରେ ୫ ଜଣିଆ କେନ୍ଦ୍ରୀୟ ଟିମ୍ ସମେତ ତତ୍କାଳୀନ ଜିଲ୍ଲାପାଳ ବିନୀତ ଭରଦ୍ୱାଜ, ଉପଜିଲ୍ଲାପାଳ, ଏସପି, ତହସିଲଦାର ଓ ବିଡିଓ ପ୍ରମୁଖ କ୍ଷୟକ୍ଷତି ଆକଳନ କରି ତୁରନ୍ତ ପାଚେରି ନିର୍ମାଣ କରାଯିବ ବୋଲି କହିଥିଲେ। ବିଡ଼ମ୍ବନାର ବିଷୟ, ଇତିମଧ୍ୟରେ ୫ ବର୍ଷ ବିତିଯାଇଥିଲେ ସୁଦ୍ଧା ପାଚେରି ନିର୍ମାଣର ନାଁ ଗନ୍ଧ ନାହିଁ। ପାଚେରି ନ ଥିବାରୁ ସୁରକ୍ଷା ବ୍ୟବସ୍ଥା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଫାଣ୍ଡିର ଗୃହ ମରାମତି, ପାଚେରି ନିର୍ମାଣ, କର୍ମଚାରୀ ପଦବୀ ପୂରଣ ଓ ଚାରିଚକିଆ ଯାନ ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ବନଭୂମି ମହାବିଦ୍ୟାଳୟରେ 'ବିକାଶିତ ଭାରତ ଯୁବ ସମ୍ବାଦ' କାର୍ଯ୍ୟକ୍ରମ



ବାରିପଦା, ୧।୧୧(ସମିସ): କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନ "ମେରା ଯୁବ ଭାରତ' ମୟୂରଭଞ୍ଜ ଶାଖା ପକ୍ଷରୁ ରଙ୍ଗାମାଟିଆସ୍ଥ ବନଭୂମି ମହାବିଦ୍ୟାଳୟ ପରିସରରେ "ବିକଶିତ ଭାରତ ଯୁବ ସମ୍ବାଦ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବପିଢ଼ିଙ୍କ ମଧ୍ୟରେ ଗଣତାନ୍ତ୍ରିକ ଚେତନା ଜାଗ୍ରତ କରିବା, ସକ୍ରିୟ ନାଗରିକ ଭାବେ ଅଂଶଗ୍ରହଣ ବୃଦ୍ଧି ଓ ରାଷ୍ଟ୍ର ନିର୍ମାଣରେ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଉଜାଗର କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଦେଶ ବ୍ୟାପୀ ୫୦୦ଟି ଶିକ୍ଷାନୁଷ୍ଠାନରେ ଆୟୋଜିତ ହେଉଥିବା "ବିକଶିତ ଭାରତ ଯୁବ ସମ୍ବାଦ' ଅଭିଯାନର ଅଂଶବିଶେଷ ଭାବେ ଆୟୋଜିତ ଏହି ସମାବେଶରେ ମହାବିଦ୍ୟାଳୟର ଅଧ୍ୟକ୍ଷ ହରିଶ ଚନ୍ଦ୍ର ମହାନ୍ତ ଅଧ୍ୟକ୍ଷତା କରିଥିଲେ। ଏଥିରେ ବିଶିଷ୍ଟ ଯୁବ ପ୍ରତିଭା ପ୍ରଭୁରଞ୍ଜନ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ନେତୃତ୍ୱ ବିକାଶ, କ୍ରୀଡ଼ା କ୍ଷେତ୍ରର ଉତ୍କର୍ଷତା ଓ ଯୁବପିଢ଼ିର ଦାୟିତ୍ୱବୋଧ ଉପରେ ଆଲୋକପାତ କରିଥିଲେ। ଏ ଅବସରରେ ୮୩ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ଯୁବ ନାଗରିକ ଉପସ୍ଥିତ ରହି ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ଦାୟିତ୍ୱପୂର୍ଣ୍ଣ ନାଗରିକତାର ସୁରକ୍ଷା ପାଇଁ ସାମୂହିକ ଶପଥ ଗ୍ରହଣ କରିଥିଲେ। ଆଗାମୀ "ବିକଶିତ ଭାରତ-୨୦୪୭'ର ସ୍ୱପ୍ନ ସାକାର କରିବାରେ ଯୁବଶକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅଧ୍ୟକ୍ଷ ଶ୍ରୀ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

୧୫ରେ ପ୍ରତିଭା ପୂଜନ ଅନୁଷ୍ଠାନର ସମ୍ବର୍ଦ୍ଧନା ଉତ୍ସବ

ବେତନଟୀ, ୧।୧୧(ସମିସ): ସାରା ରାଜ୍ୟର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପାରଦର୍ଶିତା ଲାଭ କରିଥିବା ପ୍ରତିଭାଙ୍କୁ ଲୋକଲୋଚନକୁ ଆଣି ପ୍ରେରଣା ଯୋଗାଇବା ଉଦ୍ଦେଶ୍ୟରେ "ପ୍ରତିଭା ପୂଜନ ଅନୁଷ୍ଠାନ' ପକ୍ଷରୁ ପ୍ରୟାସ ଜାରି ରହିଛି। ଏ ପରିପ୍ରେକ୍ଷୀରେ ଆସନ୍ତା ୧୫ ତାରିଖରେ ଅନୁଷ୍ଠାନର ପଞ୍ଚମ ବାର୍ଷିକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ମୁଖ୍ୟ ଟ୍ରଷ୍ଟି ତଥା ସଭାପତି ଆଇନଜୀବୀ ସଚ୍ଚିଦାନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପିଏମଶ୍ରୀ ବିଦ୍ୟାଳୟ ପରିସରରେ ଆୟୋଜିତ ହେବାକୁ ଥିବା ଏହି ସମାରୋହରେ ୧୦ଟି ଭିନ୍ନ ଭିନ୍ନ ବିଭାଗରୁ ମନୋନୀତ ୨୧ ଜଣ ପ୍ରତିଭାଧରଙ୍କୁ ମାନପତ୍ର, ଉପଢୌକନ, ପୁଷ୍ପଗୁଚ୍ଛ ଓ ପଦକ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିବାକୁ ନିଷ୍ପତ୍ତି ନିଆଯାଇଛି ବୈଠକରେ ଅତିଥି ଚୟନ, ପ୍ରତିଭା ନିର୍ବାଚନ, ମଞ୍ଚ ପରିଚାଳନା, ଅଭ୍ୟର୍ଥନା ଓ ଖାଦ୍ୟପେୟ ବ୍ୟବସ୍ଥା ନେଇ ବିସ୍ତୃତ ଆଲୋଚନା ସହ ସଦସ୍ୟଙ୍କ ମଧ୍ୟରେ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଏହି ପ୍ରସ୍ତୁତି ବୈଠକରେ ଟ୍ରଷ୍ଟର ବରିଷ୍ଠ ସାମ୍ବାଦିକ ହରିଶ୍ଚନ୍ଦ୍ର ନନ୍ଦ ଗୋସ୍ୱାମୀ, ଆଶୁକବି ବାସୁଦେବ ନାପିତ, କୋଷାଧ୍ୟକ୍ଷ ରବୀନ୍ଦ୍ରନାଥ ଖଟୁଆ, ଉପଦେଷ୍ଟା ରବୀନ୍ଦ୍ର ନାଥ ମିଶ୍ର, କାର୍ଯ୍ୟକାରୀ କମିଟି ସଦସ୍ୟ ନିରୋଦ ସୁନ୍ଦର ଜେନା, ପ୍ରକାଶ ବେହେରା, ସର୍ବେଶ୍ୱର ଦାସ, କମଳଲୋଚନ କର ଓ ଦୁର୍ଯ୍ୟୋଧନ ସିଂ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ମତାମତ ଉପସ୍ଥାପନ କରିଥିଲେ। ବରିଷ୍ଠ ସଦସ୍ୟ ଅରୁଣ କୁମାର ଓତା ଧନ୍ୟବାଦ ଅର୍ପଣ କରିଥିଲେ।

ରାସଗୋବିନ୍ଦପୁର ଥାନାରେ ରାଷ୍ଟ୍ରୀୟ ଏକତା ଦିବସ



ରାସଗୋବିନ୍ଦପୁର, ୧।୧୧(ସମିସ): ରାସଗୋବିନ୍ଦପୁର ଥାନା ପରିସରରେ ଶନିବାର ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଏସ୍‌ଆଇ ମାନସ ରଞ୍ଜନ ମଲ୍ଲିକ, ସରକାରୀ ଓକିଲ ଦେବରଞ୍ଜନ ପାଲ, ସମାଜସେବୀ ପ୍ରଦୀପ କୁମାର ମହାନ୍ତି ଓ ସରପଞ୍ଚ ସୁଧାଂଶୁ ନାଏକ ପ୍ରମୁଖ ଉପସ୍ଥିତ ରହି ଦେଶର ଏକତା, ଅଖଣ୍ଡତା ଓ ଭାଇଚାରା ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ଏ ଅବସରରେ ଉପସ୍ଥିତ ଜନସାଧାରଣ ପ୍ରଧାନମନ୍ତ୍ରୀଙ୍କ ଉଦ୍‌ବୋଧନ ଶୁଣିବା ସହ ନୂତନ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ଆଇନ, ନାଗରିକ ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କରେ ସଚେତନ ହୋଇଥିଲେ।

ବିଶୋଇ ଥାନାରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ

ବିଶୋଇ, ୧।୧୧ (ସମିସ): ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ରାଇରଙ୍ଗପୁର ପୁଲିସ ପ୍ରଶାସନ ନିର୍ଦ୍ଦେଶକ୍ରମେ ବିଶୋଇ ଥାନା ପରିସରରେ ଏକତା ଦିବସ ପାଳିତ ହୋଇଯାଇଛି। ଥାନା ଅଧିକାରିଣୀ ସୁବର୍ଣ୍ଣ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଦସ୍ୟା ବିନ୍ଦୁସ୍ମିତା ଦେଓ, ବିଶୋଇ ସିଡିପିଓ ବିଟୁ ଟୁଡୁ, ସରପଞ୍ଚ କରୁଣା ସାଗର ମାରାଣ୍ଡି, ସାଂସଦ ପ୍ରତିନିଧି ଉମାକାନ୍ତ ନନ୍ଦ, ବିଧାୟକ ପ୍ରତିନିଧି ଜୁରିଲାଲ ମହାନ୍ତ, ଯୁବମୋର୍ଚ୍ଚା ସଭାପତି ଆନନ୍ଦ ରାମଙ୍କ ସମେତ ସ୍ଥାନୀୟ ଜନପ୍ରତିନିଧି ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏ ଅବସରରେ ଉପସ୍ଥିତ ସମସ୍ତେ ଦେଶର ଏକତା, ଅଖଣ୍ଡତା ଓ ଆଭ୍ୟନ୍ତରୀଣ ସୁରକ୍ଷା ବଜାୟ ରଖିବା ନେଇ ସାମୂହିକ ଶପଥ ପାଠ କରିଥିଲେ। ଏଥିସହ ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ବାଲ୍ୟବିବାହ ମୁକ୍ତ ଭାରତ ଓ ପୁଲିସ ପକ୍ଷରୁ ନିଶାମୁକ୍ତ ଓଡ଼ିଶା ଗଠନ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। କାର୍ଯ୍ୟକ୍ରମରେ ଏସ୍‌ଆଇ ରଶ୍ମିତା ଦାସ, ବିବେକାନନ୍ଦ ବେହେରା, ଏଏସ୍‌ଆଇ ସନାତନ ବେହେରା, ମଣଦା ଫାଣ୍ଡି ଅଧିକାରୀ ରାଜେନ୍ଦ୍ର ସାହୁଙ୍କ ସମେତ ଥାନା କର୍ମଚାରୀ ସହଯୋଗ କରିଥିଲେ।

ଦୀପକ ମହାନ୍ତ ଭଞ୍ଜସେନାର ନୂତନ ଜିଲ୍ଲା ଅଧ୍ୟକ୍ଷ



ବାରିପଦା, ୧।୧୧(ସମିସ): ମୟୂରଭଞ୍ଜ ଜିଲ୍ଲାର ଅଗ୍ରଣୀ ସଂଗ୍ରାମୀ ଯୁବଛାତ୍ର ସଂଗଠନ "ଭଞ୍ଜସେନା'ର କର୍ମକର୍ତ୍ତା ସ୍ତରରେ ବଡ଼ଧରଣର ପରିବର୍ତ୍ତନ କରାଯାଇଛି। ବର୍ତ୍ତମାନର ଉପାଧ୍ୟକ୍ଷ ତଥା ପାଞ୍ଚପୀଢ଼ ଉପଖଣ୍ଡର ଦୀପକ (ଦକ୍ଷିଣା) ମହାନ୍ତଙ୍କୁ ନୂତନ ଜିଲ୍ଲା ଅଧ୍ୟକ୍ଷ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ସଂଗଠନର ନିଷ୍ପତ୍ତି ଅନୁଯାୟୀ, କେବଳ ଜିଲ୍ଲାର ସ୍ୱାର୍ଥ ଓ ସାମଗ୍ରିକ ବିକାଶକୁ ଅଗ୍ରାଧିକାର ଦେଉଥିବା ବ୍ୟକ୍ତିବିଶେଷଙ୍କୁ ହିଁ ଗୁରୁତ୍ୱପୂର୍ଣ୍ଣ ସାଂଗଠନିକ ଦାୟିତ୍ୱ ପ୍ରଦାନ କରାଯାଇଥାଏ। ଏ ପରିପ୍ରେକ୍ଷୀରେ ବର୍ତ୍ତମାନ ସୁଦ୍ଧା ଅଧ୍ୟକ୍ଷ ଦାୟିତ୍ୱ ନିର୍ବାହ କରୁଥିବା ସଂଜୀବ ରାଉତଙ୍କୁ ତାଙ୍କ ପଦବୀରୁ ଅପସାରିତ କରାଯାଇଛି। ଏହାପରେ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ସ୍ୱତନ୍ତ୍ର ଅନୁମୋଦନ କ୍ରମେ ଦୀପକଙ୍କୁ ଏହି ଗୁରୁଦାୟିତ୍ୱରେ ଅବସ୍ଥାପିତ କରାଯାଇଛି ବୋଲି ସଂଗଠନର ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ଏକ ପ୍ରେସ ବିବୃତି ଜରିଆରେ ସୂଚନା ଦେଇଛନ୍ତି। ଶ୍ରୀ ମହାନ୍ତ ନୂତନ ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇବା ପରେ ସଂଗଠନର କାର୍ଯ୍ୟକର୍ତ୍ତା ଓ ଯୁବଶକ୍ତି ଆଗାମୀ ଦିନରେ ଜିଲ୍ଲା ସ୍ୱାର୍ଥ ପାଇଁ ଆହୁରି ସକ୍ରିୟ ଭାବେ ଲଢ଼େଇ କରିବେ ବୋଲି ଆଶା ପ୍ରକାଶ ପାଇଛି।

ମୟୂରଭଞ୍ଜ ସାହିତ୍ୟ ଏକାଡେମୀର ଆଲୋଚନାଚକ୍ର



ବାରିପଦା, ୧।୧୧(ସମିସ): ସ୍ଥାନୀୟ ମୁର୍ଗାବାଡିସ୍ଥ ମୟୂରଭଞ୍ଜ ସିଭିଲ ସର୍ଭିସ ଏକାଡେମୀ ପରିସରରେ ମୟୂରଭଞ୍ଜ ସାହିତ୍ୟ ଏକାଡେମୀ ପକ୍ଷରୁ 'ଓଡ଼ିଆ ସାହିତ୍ୟ ଓ ପର୍ବପର୍ବାଣି' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟ ଶିକ୍ଷକ ଶିକ୍ଷା ବିଭାଗର ବିଭାଗୀୟ ମୁଖ୍ୟ ଡ ସରୋଜ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଆଲୋଚକ ଭାବେ ଅଧ୍ୟାପକ ଅଶୋକ ପୃଷ୍ଟି, ବରିଷ୍ଠ ସାହିତ୍ୟିକ ଅମିତାଭ ମିଶ୍ର, ଇଂ ସୌରଭ ତ୍ରିପାଠୀ ଓ ବିଜୟ କୁମାର ମହାନ୍ତ ଯୋଗଦେଇ ଓଡ଼ିଶାର ବିଭିନ୍ନ ପର୍ବପର୍ବାଣି ଓଡ଼ିଆ ସାହିତ୍ୟରେ କିଭଳି ସୁନ୍ଦର ସ୍ଥାନିତ ହୋଇଛି, ସେ ବିଷୟରେ ସବିଶେଷ ଆଲୋଚନା କରିଥିଲେ। ଏସ ପି ଜ୍ୟୋତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏସ ରାମକୃଷ୍ଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଆସନ୍ତା ଜାନୁଆରୀ ମାସରେ ଏକାଡେମୀ ପକ୍ଷରୁ ଏକ ଜାତୀୟ ଆଲୋଚନା ବାରିପଦାରେ ଆୟୋଜନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି।

ଦ୍ୱାଦଶ ସଂସ୍କାର ଶିଶୁ ମହୋତ୍ସବ ମୟୂରୀ ପାଇଁ ପଞ୍ଜୀକରଣ ଆରମ୍ଭ

● ୬୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗିତା ସହ ପଥ ଉତ୍ସବରେ କଂସ ମହାରାଜଙ୍କ ଦରବାର



ବାରିପଦା, ୧।୧୧(ସମିସ): ସହରର ବହୁ ପ୍ରତୀକ୍ଷିତ ତଥା ଲୋକପ୍ରିୟ ଶିଶୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ "ଦ୍ୱାଦଶ ସଂସ୍କାର ଶିଶୁ ମହୋତ୍ସବ ମୟୂରୀ' ପାଇଁ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ସ୍ଥାନୀୟ ମ୍ୟୁନିସିପାଲଟି ଗେଷ୍ଟ ହାଉସ ପରିସରରେ ଆରମ୍ଭ ହୋଇଥିବା ଏହି ପଞ୍ଜୀକରଣ କାର୍ଯ୍ୟକ୍ରମ ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଦିନରୁ ହିଁ ଶିଶୁ ପ୍ରତିଯୋଗୀ ଓ ଅଭିଭାବକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିବାବେଳେ ଆୟୋଜକ କମିଟି ପକ୍ଷରୁ ସମସ୍ତ ପଞ୍ଜିକୃତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଆୟୋଜକ କମିଟି ସୂଚନା ଅନୁଯାୟୀ, ଆସନ୍ତା ୧୨ରୁ ୧୫ ତାରିଖ ପର୍ଯ୍ୟନ୍ତ ୪ ଦିନ ଧରି ଏହି ମହୋତ୍ସବ ଅନୁଷ୍ଠିତ ହେବ। ଏଥିରେ ନର୍ସରୀଠାରୁ ଆରମ୍ଭ କରି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ୪ଟି ବର୍ଗରେ ବିଭକ୍ତ କରାଯାଇ ୬୦ରୁ ଅଧିକ ପ୍ରତିଯୋଗିତା କରାଯିବ। ପିଲାଙ୍କ ସହିତ ମାଆମାନଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ପ୍ରତିଯୋଗିତାର ବ୍ୟବସ୍ଥା ରହିଛି। ନଭେମ୍ବର ୧୪ ତାରିଖରେ ହେବାକୁ ଥିବା ପଥ ଉତ୍ସବରେ ବିଶିଷ୍ଟ ଟିଭି ଉପସ୍ଥାପକ ତଥା ଚଳଚ୍ଚିତ୍ର ଅଭିନେତା ମାଗନ୍ମା ମୁଖ୍ୟ ଆକର୍ଷଣ ସାଜିବେ। ଏହାସହ ପ୍ରଥମ ଥର ପାଇଁ ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାର କଂସ ମହାରାଜଙ୍କ ଠାଣି, ରାଜକୀୟ ଚଳନି ଓ ଦମଦାର ସଂଳାପରେ କମ୍ପିବ ମଞ୍ଚ।। ଅନ୍ୟପକ୍ଷରେ ପିଲାଙ୍କ ସୃଜନଶୀଳତାକୁ ଉତ୍ସାହିତ କରିବା ପାଇଁ ବିଶିଷ୍ଟ ଚିତ୍ରଶିଳ୍ପୀ କେଶୁ ଦାସଙ୍କ ଦ୍ୱାରା ପାରମ୍ପରିକ "ଜଉ କଣ୍ଢେଇ' ନିର୍ମାଣ କର୍ମଶାଳା, ଚିତ୍ରଶିଳ୍ପୀ ସୁନାରାମ ସିଂଙ୍କ ଦ୍ୱାରା କାର୍ଟୁନ ଓ ବ୍ୟଙ୍ଗଚିତ୍ର ଅଙ୍କନ କର୍ମଶାଳା, ଚିତ୍ରଶିଳ୍ପୀ ସମରେନ୍ଦ୍ର ବେହେରାଙ୍କ ଦ୍ୱାରା ଲାଇଭ ସ୍କୋକ ଆର୍ଟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ଏଥିସହ ପ୍ରତିବର୍ଷ ଭଳି ବାଲୁକା ଶିଳ୍ପୀ ଦଶରଥ ମହାନ୍ତ ଓ ତାଙ୍କ ଟିମ୍ ଦ୍ୱାରା ବାଲୁକା କଳା ପ୍ରଶିକ୍ଷଣ ଦିଆଯିବ। କୁନି ପିଲାଙ୍କ ଯୋଗାଯୋଗ ଦକ୍ଷତା ଓ ବ୍ୟକ୍ତିତ୍ୱ ବିକାଶ ପାଇଁ 'କୁନି ରିପୋର୍ଟର' କର୍ମଶାଳାରେ ଆଙ୍କରିଂ, ଭଏସ୍ ମଡ୍ୟୁଲେସନ୍ ଓ ରିପୋର୍ଟିଂର କଳା କୌଶଳ ଶିଖାଯିବ। କୁନି କୁନି ପ୍ରତିଭାଙ୍କ ଅନ୍ତର୍ନିହିତ ଗୁଣର ବିକାଶ ତଥା ଉପଯୁକ୍ତ ମଞ୍ଚ ପ୍ରଦାନ ଲକ୍ଷ୍ୟରେ ଆୟୋଜିତ ଏହି ମହୋତ୍ସବରେ ବହୁସଂଖ୍ୟାରେ ସାମିଲ ହେବାକୁ ଅଭିଭାବକ ଓ ଶିଶୁଙ୍କୁ ଆହ୍ୱାନ ଦିଆଯାଇଛି।

ଏମ୍‌ସିଏମ୍‌ରେ ଜାତୀୟ ଏକତା ଦିବସ ଓ ଦୁର୍ନୀତି ନିବାରଣ ସପ୍ତାହ



ବାରିପଦା, ୧।୧୧(ସମିସ): ସ୍ଥାନୀୟ ମହାରାଜପୁରସ୍ଥ ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟ (ଏମସିଏମ)ରେ କଲେଜର ଜାତୀୟ ସେବା ଯୋଜନା ୟୁନିଟ୍ ପକ୍ଷରୁ ଜାତୀୟ ଏକତା ଦିବସ ପାଳିତ ହେବା ସହ ସପ୍ତାହବ୍ୟାପୀ ଦୁର୍ନୀତି ନିବାରଣ ସଚେତନତା ଅଭିଯାନ ଆରମ୍ଭ ହୋଇଯାଇଛି। କଲେଜ ସମ୍ମିଳନୀ କକ୍ଷରେ ବାଣିଜ୍ୟ ବିଭାଗ ମୁଖ୍ୟ ତଥା ଭାରପ୍ରାପ୍ତ ଅଧ୍ୟକ୍ଷା ସବିତାରାଣୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଓଡ଼ିଆ ବିଭାଗ ମୁଖ୍ୟ ଡ. ଠାକୁରା ଚରଣ ମାରାଣ୍ଡି, ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ଅଭିସ୍ମା ନାୟକ, ରସାୟନ ବିଜ୍ଞାନ ମୁଖ୍ୟ ପୂର୍ଣ୍ଣିମା ମହାନ୍ତି, ଇତିହାସ ବିଭାଗ ମୁଖ୍ୟ ପ୍ରତିଭା ଦାସ ଓ ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଦେବଶ୍ରିତା ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଆଦର୍ଶ, ଦେଶର ଅଖଣ୍ଡତା ଓ ଭାଇଚାରା ବଜାୟ ରଖିବା ଉପରେ ଆଲୋକପାତ କରିଥିଲେ। ଏ ଅବସରରେ ଦୁର୍ନୀତିମୁକ୍ତ ସମାଜ ଗଠନ ଓ ନୈତିକ ମୂଲ୍ୟବୋଧ ଜାଗ୍ରତ ଲକ୍ଷ୍ୟରେ ଆରମ୍ଭ ହୋଇଥିବା ସଚେତନତା ଅଭିଯାନରେ ଛାତ୍ରଛାତ୍ରୀ ସଚ୍ଚୋଟତା ଆପଣେଇବାକୁ ଆହ୍ୱାନ ଦିଆଯାଇଥିଲା। ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ସୁଶ୍ରୀ ନାୟକ ମଞ୍ଚ ସଂଯୋଜନା କରିଥିବାବେଳେ ବହୁ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

ବୀର ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଅବସରରେ ରକ୍ତଦାନ ଶିବିର



ଉଦଳା, ୧।୧୧(ସମିସ): ସ୍ୱାଧୀନତା ସଂଗ୍ରାମୀ ବୀର ବିର୍ସା ମୁଣ୍ଡାଙ୍କ ୧୫୧ତମ ଜୟନ୍ତୀ ଉପଲକ୍ଷେ ଆଜି ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟ ରକ୍ତଭଣ୍ଡାର ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥ ବିର୍ସା ମୁଣ୍ଡା ଆଥଲେଟିକ୍ ଆଣ୍ଡ କଲଚରାଲ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ୫୪ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ମୁଖ୍ୟଅତିଥି ଭାବେ ଉଦଳା ବିଧାୟକ ଭାସ୍କର ମଢ଼େଇ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ଉଦଳା ଏନ୍‌ଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା ଓ ଉପାଧ୍ୟକ୍ଷା ଲିଲି ଭୋଳ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ରକ୍ତଦାତାଙ୍କୁ ଉତ୍ସାହିତ କରିବା ସହ ରକ୍ତଦାନ ଏକ ମହତ ଦାନ, ଏହାଦ୍ୱାରା ଅନେକ ମୂଲ୍ୟବାନ ଜୀବନ ବଞ୍ଚିପାରିବା ସଙ୍ଗେ ସଙ୍ଗେ ସମାଜରେ ରକ୍ତର ଅଭାବ ଦୂର ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ରକ୍ତଭଣ୍ଡାରର କର୍ମଚାରୀ ରକ୍ତ ସଂଗ୍ରହ କାର୍ଯ୍ୟ ପରିଚାଳନା କରିଥିଲେ। କ୍ଲବ୍‌ର କର୍ମକର୍ତ୍ତା ଓ ସଦସ୍ୟଙ୍କ ସକ୍ରିୟ ସହଯୋଗରେ ଶିବିରଟି ସଫଳତା ପୂର୍ବକ ସମ୍ପନ୍ନ ହୋଇଥିଲା। ଆଗାମୀ ଦିନରେ ମଧ୍ୟ ଏଭଳି ସମାଜ କଲ୍ୟାଣମୂଳକ କାର୍ଯ୍ୟକ୍ରମ ଜାରି ରହିବ ବୋଲି କ୍ଲବ୍ ସଭାପତି ପ୍ରକାଶ କରିଛନ୍ତି।

ଘର ବାରଣ୍ଡାରୁ ବାଇକ୍ ଚୋରି

କୁଆମରା, ୧।୧୧(ସମିସ): ଖୁଣ୍ଟା ଥାନା ଅନ୍ତର୍ଗତ ଚାପଲଡିହି ଗ୍ରାମର ଏକ ଘର ବାରଣ୍ଡାରୁ ବାଇକ୍ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସୁନାରାମ ଟୁଡୁ ନାମକ ଜଣେ ବ୍ୟକ୍ତି କୌଣସି କାମରେ ବାହାରକୁ ଯାଇଥିବାବେଳେ ସେ ତାଙ୍କ ବାଇକ୍‌କୁ ଘର ବାରଣ୍ଡାରେ ପାର୍କ କରିଥିଲେ। କେହି ଦୁର୍ବୃତ୍ତ ବାଇକ୍‌କୁ ଚୋରି କରିନେଇଛି। ଘରକୁ ଫେରିବା ପରେ ସୁନାରାମ ବାଇକ ଚୋରି ହୋଇଥିବା ଜାଣି ଆଜି ଥାନା ରେ ଅଭିଯୋଗ କରିଛନ୍ତି। ଏ ନେଇ ଏକ ମାମଲା ରୁଜୁ କରିବା ସହ ପୁଲିସ ତଦନ୍ତ ଚଳାଇଛି।

ଚାକିଡ଼ି ପଞ୍ଚାୟତବାସୀ ବିଦ୍ୟୁତ୍ ସେବାରୁ ବଞ୍ଚିତ

୨ ବର୍ଷ ହେଲା ପୋତାଯାଇଛି ଖୁଣ୍ଟ, ଟଣାଯାଇନି ତାର

ବାଙ୍ଗିରିପୋଷି, ୧।୧୧ (ସମିସ):

ବାଙ୍ଗିରିପୋଷି ବ୍ଲକ୍ ମୁଖ୍ୟାଳୟଠାରୁ ପ୍ରାୟ ୩୦ କିଲୋମିଟର ଦୂର ଶିମିଳିପାଳ ପାହାଡ଼ ଘେରା ଚାକିଡ଼ି ଗ୍ରାମ ପଞ୍ଚାୟତରେ ବିଦ୍ୟୁତ ସେବା ସମ୍ପୂର୍ଣ୍ଣ ଦିଗହରା ହୋଇପଡ଼ିଛି। ୨୦୧୭ରେ ସ୍ୱତନ୍ତ୍ର ପଞ୍ଚାୟତ ଭାବେ ଗଠନ ହୋଇଥିବା ଏହି ଅଞ୍ଚଳରେ ବିକାଶ କହିଲେ କେବଳ ପ୍ରହସନ ପାଲଟିଛି। ସରିସପାଳରୁ ଚାକିଡ଼ି ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ୪ କିଲୋମିଟର ଘଞ୍ଚ ଶାଳ ଜଙ୍ଗଲ ମଧ୍ୟ ଦେଇ ବିଦ୍ୟୁତ ସଂଯୋଗ ଯାଇ କାର୍ଯ୍ୟାଳୟ ଓ ଫୁଲଝରଣ ଭଳି ଅଳ୍ପ କେତେକ ଗାଁରେ ପହଞ୍ଚିଥିବାବେଳେ ଅନ୍ୟାନ୍ୟ ଜନବହୁଳ ଗ୍ରାମ ଏବେବି ଅନ୍ଧାରରେ ରହିଛି। ବିଶେଷକରି ବାରିବେଡ଼ା, ପୁରୁଣାପାଣି, ଚାକିଡ଼ି, କୁସୁମତଟା ଓ ଜାମତଳିଆ ଭଳି ଗ୍ରାମରେ ଦୀର୍ଘ ଦୁଇବର୍ଷ ହେବ ଖୁଣ୍ଟ ପୋତା ହୋଇ ରହିଥିଲେ ହେଁ ବିଦ୍ୟୁତ ତାର ସଂଯୋଗ କରାଯାଇନାହିଁ। ବିଦ୍ୟୁତ ସଂଯୋଗ ନିମନ୍ତେ ଗ୍ରାମବାସୀ ଓ ସ୍ଥାନୀୟ ସରପଞ୍ଚ ବହୁବାର ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ



ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏ ସମ୍ପର୍କରେ କୁଳିଅଣା ବିଦ୍ୟୁତ ଡିଭିଜନ ଏସଡିଓଙ୍କୁ ଯୋଗାଯୋଗ କରିବାରୁ ଚାକିଡ଼ି ପଞ୍ଚାୟତ ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟର କୋର୍ ଏରିଆରେ ଥିବାରୁ କେନ୍ଦ୍ର ସରକାରଙ୍କ ବିନା ଅନୁମତିରେ ସେଠାରେ ତାର ଓ ଖୁଣ୍ଟ ନେବା ସମ୍ଭବ ନୁହେଁ ବୋଲି ସଫେଇ ଦେଇଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ରର ଅନୁମତି ନ ଥିଲେ ବିଭାଗ କିଭଳି ଭାବେ ଲକ୍ଷାଧିକ ଟଙ୍କା ବ୍ୟୟରେ ସିମେଣ୍ଟ ଖୁଣ୍ଟ ପୋତିଲା, ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏହି ପଞ୍ଚାୟତର କୁକୁରଭୁକା, ବାସିଲା, ଆମଦାପାଣି ଓ ଆହ୍ଲାପାଣି ଗ୍ରାମରେ ମିଟର ବକ୍ସ ଲାଗି ନିୟମିତ ବିଲ୍ ଆଦାୟ ହେଉଛି ଓ ଘଞ୍ଚ ଜଙ୍ଗଲ ଦେଇ ପଞ୍ଚାୟତ ଅଫିସକୁ ଲାଇନ୍ ଆସିପାରିଛି। ତେଣୁ ଗାଁଗୁଡ଼ିକ ମଧ୍ୟରେ କୌଣସି ଜଙ୍ଗଲ ନ ଥିବା ସତ୍ତ୍ୱେ ଅନୁମତିର ଆଳ ଦେଖାଇ ଲୋକଙ୍କୁ ବିଦ୍ୟୁତ୍ ସେବାରୁ ବଞ୍ଚିତ ରଖିବାକୁ ଗ୍ରାମବାସୀ ସହଜରେ ଗ୍ରହଣ କରିପାରୁନାହାନ୍ତି। ବିଦ୍ୟୁତ ଅଭାବରୁ ଛାତ୍ରଛାତ୍ରୀଙ୍କ ପାଠପଢ଼ା, ରୋଗୀ ସେବା, ମୋବାଇଲ୍ ଚାର୍ଜିଂ ଓ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ଗୋଟିଏ ପଞ୍ଚାୟତରେ ବିଭାଗର ଏଭଳି ଦୋମୁହାଁ ନୀତିକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲା ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଗାଁଗୁଡ଼ିକୁ ବିଦ୍ୟୁତ ସଂଯୋଗ ଯୋଗାଇ ଦେବାକୁ ସାଧାରଣରେ ଦୃଢ଼ ଦାବି ହୋଇଛି।

ମରଣଯନ୍ତା ପାଲଟିଛି ରେଳ ଓଭରବ୍ରିଜ୍ ରାସ୍ତା

ଯୋଡ଼ା, ୧।୧୧(ସମିସ):



କେନ୍ଦୁଝର ଜିଲ୍ଲା ଯୋଡ଼ା ସହର ଦେଇ ପଲାଶପଙ୍ଗାକୁ ସଂଯୋଗ କରୁଥିବା ରାଜ୍ୟ ରାଜପଥର ବାଂଶପାଣି ରେଳ ଓଭରବ୍ରିଜ୍ ତଳେ ଆଣ୍ଠୁଏ ଖାଲ ହୋଇ ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ବେଳେ ଅସରାଏ ବର୍ଷା ହେଲେ ପାଣି ଜମା ହୋଇ ରହୁଛି। ଲଗାଣ ବର୍ଷା ହେଲେ ପରିସ୍ଥିତି ଅଣାୟତ୍ତ ହେଉଛି। ବଡ଼ ବଡ଼ ଖଣିଜ ବୋଝେଇ ଟ୍ରକ ଯେନତେନ ପ୍ରକାରେ ପାରି ହେଉଛି ହେଲେ ଚାରିଚକିଆ ଓ ଦୁଇଚକିଆ ଯାନ ପାଇଁ ମରଣଯନ୍ତା ପାଲଟିଛି। ଓଭରବ୍ରିଜ ତଳ ଅହରହ ପାଣି ଜମା ହୋଇରହିବା ସହ ବଡ଼ ବଡ଼ ଖାଲ ମଧ ବିପଦ ସୃଷ୍ଟି କରୁଛି। ଏହାସହ ଉକ୍ତ ରାଜ୍ୟ ରାଜପଥଟି ମରାମତି ଅଭାବରୁ ଜରାଜୀର୍ଣ୍ଣ ହୋଇପଡ଼ିଛି। ସାମାନ୍ୟ ବର୍ଷା ହେଲେ ରାସ୍ତାରେ ଖାଲଖମା ସୃଷ୍ଟି ହେବା ସହ ଯାନବାହନ ଚଳାଚଳରେ ବାଧା ଉପୁଜୁଛି। ଏନେଇ ଖଣି ଅଞ୍ଚଳରେ ଜନଅସନ୍ତୋଷ ବୃଦ୍ଧି ପାଉଛି। ସୂଚନା ଅନୁଯାୟୀ, ଦକ୍ଷିଣ ପୂର୍ବ ରେଳପଥର ବାଂଶପାଣି ରେଳ ଷ୍ଟେସନରୁ ଯୁରୁଡ଼ି ରେଳ ଷ୍ଟେସନ ଦେଇ ରେଳ ଚଳାଚଳ କରୁଥିବା ହେତୁ ଏହି ରାସ୍ତାର ବାଂଶପାଣି ନିକଟରେ ଏକ ରେଳ ଓଭରବ୍ରିଜ୍ ନିର୍ମାଣ କରାଯାଇଛି। ଏହି ଓଭରବ୍ରିଜ୍ ତଳ ଦେଇ ଯାଇଥିବା ରାଜ୍ୟ ରାଜପଥ ନମ୍ବର ୨ରେ ହଜାର ହଜାର ଖଣିଜ ପଦାର୍ଥ ବୋଝେଇ ଟ୍ରକ୍ ଯାତାୟାତ କରୁଛି। ମରାମତି ଅଭାବରୁ ଓଭରବ୍ରିଜ୍ ନିକଟରୁ ପ୍ରାୟ ଶହେ ମିଟର ଦୂର ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଦୀର୍ଘଦିନ ଧରି ରାସ୍ତାରେ ଖାଲଖମା ସୃଷ୍ଟି ହୋଇଥିବା ବେଳେ ବର୍ଷା ଦିନେ ଏହି ଖାଲରେ ପାଣି ଜମି ପୋଖରୀର ଭ୍ରମ ସୃଷ୍ଟି କରୁଛି। ଜଳ ନିଷ୍କାସନ ବ୍ୟବସ୍ଥା ନଥିବାରୁ ରାସ୍ତା ଜଳମଗ୍ନ ହୋଇପଡୁଛି। ଫଳରେ ଏହି ଖାଲରେ ଅନେକ ସମୟରେ ଛୋଟବଡ଼

ଭୁଲ ନିର୍ମାଣ ପାଇଁ ଅସୁବିଧାରେ ଜନସାଧାରଣ

ଯାନବାହନ ଫସି ଦୁର୍ଘଟଣାର ଶିକାର ହେଉଛନ୍ତି। ଖଣିଜ ପଦାର୍ଥ ବୋଝେଇ ଭାରୀ ଟ୍ରକ୍‌ର ଅତ୍ୟଧିକ ଚଳାଚଳ ଏବଂ ରାସ୍ତାର ରକ୍ଷଣାବେକ୍ଷଣ ଅଭାବରୁ ଦିନକୁ ଦିନ ରାସ୍ତାର ଅବସ୍ଥା ଅଧିକ ଖରାପ ହେଉଛି। ଏହି ରାସ୍ତାଦେଇ ବିଭିନ୍ନ ଖଣି ଓ ଶିଳ୍ପ ସଂସ୍ଥାର ଶହଶହ ଖଣିଜ ପଦାର୍ଥ ବୋଝେଇ ଟ୍ରକ୍ ଯାତାୟାତ କରୁଥିବା ସତ୍ତ୍ୱେ ରାସ୍ତା ମରାମତି ପ୍ରତି କାହାର ଦୃଷ୍ଟି ପଡୁନାହିଁ। ଫଳରେ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି।

ଉକ୍ତ ଓଭରବ୍ରିଜ୍‌ଠାରୁ କମାରଯୋଡ଼ା ଫ୍ଲାଏଓଭର ପର୍ଯ୍ୟନ୍ତ ରାସ୍ତା ମରାମତି ହୋଇ ନଥିବାରୁ ଯାନବାହନ ଚଳାଚଳରେ ନାନା ସମସ୍ୟା ସୃଷ୍ଟି ହେଉଛି। ଖାଲଖମା ଭର୍ତ୍ତି ରାସ୍ତାରେ ଛୋଟ ଗାଡ଼ି ଓ ବାଇକ୍ ଚାଳକମାନେ ପ୍ରତିଦିନ ଦୁର୍ଘଟଣାର ଶିକାର ହେଉଛନ୍ତି। ରାସ୍ତା ମରାମତି ପ୍ରତି ଅବହେଳା ଯୋଗୁଁ ଯାନବାହନ ଚଳାଚଳ ସମୟରେ ଟ୍ରାଫିକ୍ ଜାମ୍ ସମସ୍ୟା ମଧ ଉପୁଜୁଛି। ଏନେଇ ଯୋଡ଼ା ବିକାଶ ପରିଷଦର ସଭାପତି ନିରଞ୍ଜନ ଉହିଦାର କହିଛନ୍ତି ଯେ ଯୋଡ଼ା ସହରକୁ ସଂଯୋଗ କରୁଥିବା ଏହି ମୁଖ୍ୟ ରାସ୍ତା ପ୍ରତି ପ୍ରଶାସନର ଦୃଷ୍ଟି ନପଡ଼ିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଯେତେବେଳେ ଜିଲ୍ଲା ଖଣିଜ ପାଣ୍ଠିରେ ହଜାର ହଜାର କୋଟି ଟଙ୍କା ଜମା ରହିଛି, ସେତେବେଳେ ଏଭଳି ରାସ୍ତାର ଦୁରବସ୍ଥା ଚିନ୍ତାଜନକ। ସରକାରଙ୍କ ପକ୍ଷରୁ ରାଜ୍ୟ ରାଜପଥକୁ ୬ ଲେନ୍‌ରେ ପରିଣତ କରିବା ନେଇ ଘୋଷଣା କେବଳ ଘୋଷଣାରେ ସୀମିତ ରହିଯାଇଛି। ସାଧାରଣ ଯାତାୟାତ ପାଇଁ ରାସ୍ତା ମରାମତି ହେବା ତ ଦୂରର କଥା, ୬ ଲେନ୍ ନିର୍ମାଣ ମଧ ଆରମ୍ଭ ହୋଇପାରିନାହିଁ। ଏହାକୁ ନେଇ ଯୋଡ଼ା ଖଣି ଅଞ୍ଚଳରେ ଜନଅସନ୍ତୋଷ ବ୍ୟାପକ ହେବାରେ ଲାଗିଛି।

ଝୁମ୍ପୁରାରେ ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା



ବାଲିବନ୍ଧ, ୧।୧୧(ସମିସ): ଝୁମ୍ପୁରା ବ୍ଲକ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଆନୁକୂଲ୍ୟରେ ରବିବାର ଅନୁଷ୍ଠିତ ହୋଇଛି ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା। ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ସତ୍ୟଲକ୍ଷ୍ମୀ ବେହେରା ଏବଂ ମତ୍ସ୍ୟାଧିକାରୀ ସୁଶ୍ରୀ ପ୍ରିୟଦର୍ଶିନୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସଭାରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡ଼. ଅମୀୟ ମହାନ୍ତି ମୁଖ୍ୟଅତିଥି ଏବଂ ଚମ୍ପୁଆ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼. ପ୍ରଶାନ୍ତ ମହାନ୍ତ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ ବିଭିନ୍ନ ପ୍ରକାର ଚାରା ରୋପଣ କରିଥିଲେ। ଏହି ମେଳାରେ ମୋଟ ୧୨ଟି ବିଭିନ୍ନ ଷ୍ଟଲ୍ ଲାଗିଥିଲା। ଅତିଥିମାନଙ୍କ ଦ୍ୱାରା ୧୩ ଜଣ ହିତାଧିକାରୀଙ୍କୁ ବିଭିନ୍ନ ସରକାରୀ ଯୋଜନାରେ କାର୍ଯ୍ୟାଦେଶପତ୍ର ପ୍ରଦାନ କରାଯାଇଛି। ଭାସ୍କରଚନ୍ଦ୍ର ମିଶ୍ର ସଭା ସଞ୍ଚାଳନ କରିଥିଲେ। ଜିଲ୍ଲା ମୁଖ୍ୟ ମତ୍ସ୍ୟାଧିକାରୀ ଉମେଶଚନ୍ଦ୍ର ଧାରୁଆ, କେନ୍ଦୁଝର ସାଂସଦଙ୍କ ଝୁମ୍ପୁରା ବ୍ଲକ ପ୍ରତିନିଧି ପଞ୍ଚାନନ ସାହୁ, ସହକାରୀ ଜିଲ୍ଲା ପ୍ରାଣୀ ଅଧିକାରୀ ପ୍ରସନ୍ନ ମୁଣ୍ଡା, ମତ୍ସ୍ୟାଧିକାରୀ ବିରେନ ନାଏକ, ଝୁମ୍ପୁରା ଥାନାଧିକାରୀ ସମବାରୀ ହାଁସଦା ପ୍ରମୁଖ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ରହିଥିଲେ। ଶତାଧିକ ଚାଷୀ ଯୋଗଦେଇ ବିଭିନ୍ନ ଯୋଜନା ଓ ପ୍ରଶିକ୍ଷଣରୁ ଉପକୃତ ହୋଇଥିଲେ। ଝୁମ୍ପୁରା ଭିଏଏସ ନରେନ୍ଦ୍ର ହେମ୍ବ୍ରମ, ଉଖୁଣ୍ଡା ଭିଏଏସ ରବିରଞ୍ଜନ ନାଏକଙ୍କ ସମେତ ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟ ଓ ମତ୍ସ୍ୟ ବିଭାଗର ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ।

ଶ୍ରୀଜଗନ୍ନାଥ ସଂସ୍କୃତି ଜ୍ଞାନ ପରୀକ୍ଷା

ଆନନ୍ଦପୁର, ୧।୧୧ (ସମିସ): ଅନ୍ତର୍ଜାତୀୟ ଚାରଣ ଗୋଷ୍ଠୀ ପୁରୀ ପକ୍ଷରୁ ଶ୍ରୀଜଗନ୍ନାଥ ସଂସ୍କୃତି ଜ୍ଞାନ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ଜିଲ୍ଲାର ହାଟଡିହି ଉଚ୍ଚବିଦ୍ୟାଳୟ ପଞ୍ଚାୟତ ଉଚ୍ଚବିଦ୍ୟାଳୟ ଶାସଙ୍ଗ, ବରାହୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବଞ୍ଝୋ, ବରାହୀ ସରକାରୀ ଉଚ୍ଚ ବିଦ୍ୟାଳୟ ବଞ୍ଝୋ ବିଦ୍ୟାଳୟରେ ଅନୁଷ୍ଠିତ ଏହି ପରୀକ୍ଷାରେ



୫୦ଟି ପ୍ରଶ୍ନ ଦିଆଯାଇଥିଲା। ଚାରଣ ଜିଲ୍ଲା ପରୀକ୍ଷା ନିୟନ୍ତ୍ରକ ତପନ ନାୟକଙ୍କ ସୂଚନା ଅନୁଯାୟୀ, ହାଟଡିହି, ହରିଚନ୍ଦନପୁର, ତେଲକୋଇ, ଘସିପୁରା, ଆନନ୍ଦପୁର ବ୍ଲକରେ ପାଖାପାଖି ୨୨୪୫ ଜଣ ଛାତ୍ରଛାତ୍ରୀ ଜିଲ୍ଲାସ୍ତରୀୟ ପରୀକ୍ଷାରେ ଭାଗ ନେଇଥିଲେ। ବରିଷ୍ଠ ସାମ୍ବାଦିକ କିଶୋର ଆଚାର୍ଯ୍ୟ, ହାଟଡିହି ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଗଂଜନ ଘଡ଼େଇ, ବାରାହୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରତାପଚନ୍ଦ୍ର ବେହେରା, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଶାସଙ୍ଗର ପ୍ରଧାନଶିକ୍ଷକ ରାଧାଶ୍ୟାମ ପତି ଓ ନବଘନ ନାୟକ ପରୀକ୍ଷା ଆରମ୍ଭ କରିଥିଲେ। ଚାରଣ ତୁଷାର ସା ଓ ଚାରଣ ଜିଲ୍ଲା ସଙ୍ଗଠନର ସମସ୍ତ ମା' ଓ ଭାଇମାନେ ସହଯୋଗ କରିଥିଲେ।

ସଦଗୁରୁ ଶିବ ମୁନିଙ୍କ ଜୟନ୍ତୀ

ମହୁଲଡିହା,୧।୧୧(ସମିସ): ଠାକୁରମୁଣ୍ଡା ବ୍ଲକ ହାତୀଗୋଡା ପଞ୍ଚାୟତର ହାତିଗୋଡାସ୍ଥ ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣି ମୁନି ସମାଜ ଯୋଗାଶ୍ରମରେ ସଦଗୁରୁ ଶିବ ମୁନିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ହାତିଗୋଡା ଯୋଗାଶ୍ରମର ଯୋଗଗୁରୁ ଚାରୁ ଚନ୍ଦ୍ର ମୁନି ଓ ବୁଧୁରାମ ମୁନିଙ୍କ ଦ୍ୱାରା ଏହି ଉତ୍ସବ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଠାକୁରମୁଣ୍ଡା ବ୍ଲକର



ମୁଖ୍ୟ ଜାମୁନାଳିଆ ଆଶ୍ରମର ଯୋଗଗୁରୁ ଶ୍ରୀଚୈତନ୍ୟ ମୁନି ସତ୍ୟ ପତାକା ଉତ୍ତୋଳନ କରି ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଯୋଗଗୁରୁ ପ୍ରଫୁଲ୍ଲ ମୁନି, ମୁଖ୍ୟବକ୍ତା ଭାବେ ଠାକୁରମୁଣ୍ଡା ମା' ବାସୁଳୀ ଡିଗ୍ରୀ କଲେଜ ଅଧ୍ୟାପକ ଗୋବର୍ଦ୍ଧନ ମୁନି, ସମ୍ମାନିତ ବକ୍ତା ଭାବେ ଭରତ ମୁନି, ତପନ ମୁନି, ସମାଜସେବୀ ତଥା ଆଧ୍ୟାତ୍ମିକ ପ୍ରବକ୍ତା ପଦ୍ମଲୋଚନ ନନ୍ଦ, ଯୋଗୀ ଯୋଗେଶ୍ୱର ମୁନି ପ୍ରମୁଖ ମଞ୍ଚାସୀନ ହୋଇ ସ୍ୱର୍ଗତ ଅନ୍ତଃରାଷ୍ଟ୍ରୀୟ ଯୋଗଗୁରୁ ଶିବ ମୁନିଙ୍କ ବିଷୟରେ ଆଲୋକପାତ କରିବା ସହିତ ସାମ୍ପ୍ରତିକ ପରିସ୍ଥିତିରେ ଆଧ୍ୟାତ୍ମିକ ଜ୍ଞାନ ଓ ଯୋଗର ଆବଶ୍ୟକତା ବିଷୟରେ ବକ୍ତବ୍ୟ ଦେଇଥିଲେ। ଆଧ୍ୟାତ୍ମିକ ଜ୍ଞାନୀ ଯୋଗୀ ଓ ଜଣେ ସମାଜ ସଂଗଠକ ରଘୁନାଥ ମୁନି ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ୨୦୦ରୁ ଅଧିକ ମୁନି ଓ ମୁନିମତି ଯୋଗ ଦେଇଥିଲେ।

● ତିନି ଏଲ୍‌ଇଡି ଡିସ୍‌ପ୍ଲେ ଅଚଳ

ପୌର ପ୍ରଶାସନର ଅବହେଳାରୁ ଅସନ୍ତୋଷ; ମରାମତି ଦାବି

ବଡ଼ବିଲ, ୧।୧୧(ସମିସ): କେନ୍ଦୁଝର ଜିଲ୍ଲାର ଖଣି ସମୃଦ୍ଧ ସହର ବଡ଼ବିଲ ପୌରାଞ୍ଚଳରେ ଜନସାଧାରଣଙ୍କ ସୂଚନା ପ୍ରସାରଣ ପାଇଁ ଲଗାଯାଇଥିବା ତିନୋଟି ଏଲ୍‌ଇଡି ଡିସ୍‌ପ୍ଲେ ଅଚଳ ହୋଇପଡ଼ିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସହରର ବିଭିନ୍ନ ପ୍ରମୁଖ ସ୍ଥାନରେ ଲାଗିଥିବା ଏହି ଡିସ୍‌ପ୍ଲେଗୁଡ଼ିକ ଦୀର୍ଘଦିନ ଧରି ଠିକ୍ ଭାବେ କାର୍ଯ୍ୟ କରୁନଥିଲେ ମଧ ଏହାର ମରାମତି ଦିଗରେ ପୌର ପ୍ରଶାସନର ଦୃଷ୍ଟି ପଡୁନଥିବା ଅଭିଯୋଗ ହେଉଛି। ସୂଚନା ଅନୁଯାୟୀ, ବଡ଼ବିଲ ସହରକୁ ପ୍ରବେଶ ପଥରେ ଥିବା କିରିବୁରୁ ଛକରେ ସ୍ଥାପିତ ଏଲ୍‌ଇଡି ଡିସ୍‌ପ୍ଲେରେ ଦୀର୍ଘଦିନ ଧରି



ଅଧା ଛବି ଦେଖାଯାଉଛି। ସେହିପରି ବଙ୍ଗଳା ଛକରେ ଲାଗିଥିବା ଡିସ୍‌ପ୍ଲେଟି ସମ୍ପୂର୍ଣ୍ଣ ବନ୍ଦ ହୋଇପଡ଼ିଛି। ଅନ୍ୟପକ୍ଷରେ ପୁରୁଣା ବସ୍‌ଷ୍ଟାଣ୍ଡରେ ଥିବା ଏଲ୍‌ଇଡି ଡିସ୍‌ପ୍ଲେ ମଧ ଠିକ୍ ଭାବେ ଦୃଶ୍ୟମାନ ହେଉନାହିଁ। ଫଳରେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା, ଜନସଚେତନତା ବାର୍ତ୍ତା ଓ ସ୍ଥାନୀୟ ପାରମ୍ପରିକ କାର୍ଯ୍ୟକ୍ରମ ସମ୍ପର୍କିତ ସୂଚନା ପ୍ରସାରଣର ଉଦ୍ଦେଶ୍ୟ ବାଧାପ୍ରାପ୍ତ ହେଉଛି। ଜନସାଧାରଣଙ୍କ ସୂଚନା ପ୍ରସାରଣ ଓ ସଚେତନତା ସୃଷ୍ଟି କରିବା ପାଇଁ ଏହି ଡିସ୍‌ପ୍ଲେଗୁଡ଼ିକ ସ୍ଥାପନ କରାଯାଇଥିବା ବେଳେ ଏଗୁଡ଼ିକ ଅଚଳ ହୋଇ ରହିବା ଦ୍ୱାରା ସରକାରୀ ଅର୍ଥର ସଦୁପଯୋଗକୁ ନେଇ ମଧ ପ୍ରଶ୍ନ ଉଠୁଛି। ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ କାହାର ଏବଂ ଦୀର୍ଘଦିନ ଧରି ଅଚଳ ରହିଥିବା ସତ୍ତ୍ୱେ କାହିଁକି ମରାମତି କରାଯାଉନାହିଁ, ତାହାକୁ ନେଇ ସାଧାରଣରେ ଆଲୋଚନା ହେଉଛି। ତେଣୁ ବଡ଼ବିଲ ପୌର ପ୍ରଶାସନ ଏହି ସମସ୍ୟା ପ୍ରତି ତୁରନ୍ତ ଦୃଷ୍ଟି ଦେବା ସହ ତିନୋଟି ଏଲ୍‌ଇଡି ଡିସ୍‌ପ୍ଲେର ମରାମତି କରି ସେଗୁଡ଼ିକୁ ପୁନର୍ବାର କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବି ହେଉଛି।

ହିନ୍ଦୁ ସମ୍ମିଳନୀ ଓ ବିଶ୍ୱଶାନ୍ତି ପଞ୍ଚମହାଯଜ୍ଞ ପ୍ରସ୍ତୁତି ବୈଠକ



ବୈଶିଙ୍ଗା,୧।୧୧(ସମିସ): ଆଗାମୀ ଜାନୁଆରୀ ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ ତିନିଦିନ ବ୍ୟାପୀ ଐତିହାସିକ ହାତିପତୁକା ଯଜ୍ଞ ପଡ଼ିଆରେ ଆୟୋଜିତ ହେବାକୁ ଥିବା ବିଶାଳ ହିନ୍ଦୁ ସମ୍ମିଳନୀ ଓ ବିଶ୍ୱଶାନ୍ତି ପଞ୍ଚମହାଯଜ୍ଞର ସଫଳ ଆୟୋଜନ ନିମନ୍ତେ ଆଜି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶତାଧିକ କର୍ମୀଙ୍କ ଉପସ୍ଥିତିରେ ଆୟୋଜିତ ଏହି ବୈଠକରେ ସଞ୍ଜୀବ କୁମାର ପଣ୍ଡା ଯଜ୍ଞର ଉଦ୍ଦେଶ୍ୟ, ମହତ୍ତ୍ୱ ଓ ଆୟୋଜନ ସମ୍ପର୍କରେ ମାର୍ଗଦର୍ଶନ ଦେଇଥିବାବେଳେ ରାଜେନ୍ଦ୍ର ପ୍ରସାଦ ବିନ୍ଧାଣୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଆଗାମୀ ତିନିଦିନିଆ କାର୍ଯ୍ୟକ୍ରମରେ ଘୃତଯଜ୍ଞ, ଦୀପଯଜ୍ଞ, ଅନ୍ନଯଜ୍ଞ, ଜ୍ଞାନଯଜ୍ଞ, କଳସ ଯାତ୍ରା ସହିତ ଭାରତୀୟ ସଂସ୍କୃତିର ସୁରକ୍ଷା, ସ୍ୱାସ୍ଥ୍ୟ ଶିବିର, ସ୍ୱାବଲମ୍ବନ, ସ୍ୱଦେଶୀ ଭାବଧାରାର ପ୍ରଚାର ଓ ପରିବେଶ ସୁରକ୍ଷା ଭଳି ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ବୈଠକରେ ସ୍ଥିର କରାଯାଇଥିଲା। କାର୍ଯ୍ୟକ୍ରମର ସୁପରିଚାଳନା ନିମନ୍ତେ କମିଟି ଗଠନ କରାଯାଇଥିଲା। କମିଟି ସଭାପତି ଭାବେ ସଞ୍ଜୟ ସାହୁ, ଉପସଭାପତି ରାମଜିତ ଟୁଡୁ ଓ ଅର୍ଜୁନ ପାଣି, ସମ୍ପାଦକ ଭାବେ ଅଶୋକ ବେହେରା ଓ କୋଷାଧ୍ୟକ୍ଷ ଭାବେ ବିଶ୍ୱଜିତ୍ ନନ୍ଦୀଙ୍କୁ ମନୋନୀତ କରାଯାଇଥିଲା। ଏଥିସହ ଅନ୍ୟାନ୍ୟ ଦାୟିତ୍ୱ ପାଇଁ ମଧ କର୍ମକର୍ତ୍ତା ଚୟନ କରାଯାଇଥିଲା। ଆସନ୍ତା ୨୨ ତାରିଖ ସକାଳ ୯ଟା ସମୟରେ ଯଜ୍ଞ ପଡ଼ିଆରେ ଭୂମିପୂଜନ କାର୍ଯ୍ୟକ୍ରମ ସହିତ ପରବର୍ତ୍ତୀ ପ୍ରସ୍ତୁତି ବୈଠକ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ସମ୍ପାଦକ ଅଶୋକ ବେହେରା ଧନ୍ୟବାଦ ଦେଇଥିବାବେଳେ ସୁରଜ ସାହୁ ଶାନ୍ତିପାଠ କରିଥିଲେ।

■ ଆନ୍ଦୋଳନ ଆଗରେ ମୁଣ୍ଡ ନୁଆଁଇଲା ଶିକ୍ଷା ବିଭାଗ

ବୈଶିଙ୍ଗା ଉଚ୍ଚପ୍ରାଥମିକ ବିଦ୍ୟାଳୟରୁ ବିବାଦୀୟ ଶିକ୍ଷୟିତ୍ରୀଙ୍କ ବଦଳି

ବେତନଟୀ, ୧।୧୧(ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ୍ ଅନ୍ତର୍ଗତ ବୈଶିଙ୍ଗାସ୍ଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘ ଏକମାସ ଧରି ଚାଲିଥିବା ଆନ୍ଦୋଳନରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଶୁକ୍ରବାର ସନ୍ଧ୍ୟା ସମୟରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ୨୯୮୬/୩୦/୧୦/୨୦୨୬ ନିର୍ଦ୍ଦେଶନାମା ଜାରି କରାଯାଇ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ଗିରିଙ୍କୁ ଏଠାରୁ ବଦଳି କରାଯାଇ ଗଡ଼ଦେଉଳିଆ ପ୍ରାଥମିକ ବିଦ୍ୟାଳୟରେ ଯୋଗ ଦେବାକୁ ଉଲ୍ଲେଖ ରହିଛି। ତେବେ କୋମଳମତି ଶିଶୁଙ୍କୁ ଶୋଷଣ କରୁଥିବା ଜଣେ ଶିକ୍ଷୟିତ୍ରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବଦଳରେ କେବଳ ବଦଳି କରି ନିଜ ଦାୟିତ୍ୱ ସାରିଦେବା ଜିଲ୍ଲା ଶିକ୍ଷା ଅଧିକାରୀ ଓ ବେତନଟୀ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ସହିତ ଉକ୍ତ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଥିବା ମଧୁଚନ୍ଦ୍ରିକା ତଥା ଅପାରଗତାକୁ ସାମ୍ନାକୁ ଆଣିଛି।

ଶିକ୍ଷୟିତ୍ରୀ କୋମଳମତି ପିଲାଙ୍କୁ ଗୋଡ଼ ମୋଡ଼ିବାକୁ ବାଧ କରିବା ସହ ବିଦ୍ୟାଳୟ ପରିସରରେ ଥିବା ଅନାବନା ଲଟା ଓ ଘାସ ସଫା କରିବାକୁ ବାଧ କରୁଥିବା ନେଇ ପରିଚାଳନା କମିଟି ସଦସ୍ୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଗୁରୁ-ଶିଷ୍ୟର ପବିତ୍ର ସମ୍ପର୍କକୁ କଳଙ୍କିତ କରି ପିଲାଙ୍କୁ ନିଜର ବ୍ୟକ୍ତିଗତ ଚାକର ଭଳି ଖଟାଉଥିବା ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ଗିରିଙ୍କ



ଏହି ଅମାନବୀୟ ଆଚରଣ ଶିକ୍ଷକ ସମାଜ ପାଇଁ ଲଜ୍ଜାଜନକ। ଅଭିଯୋଗ ପରେ ମଧ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇରହିଥିବା ପ୍ରଶାସନର କାର୍ଯ୍ୟକଳାପ ଅତ୍ୟନ୍ତ ନିନ୍ଦନୀୟ। ଶେଷରେ ବାଧହୋଇ ଚରମ ନିଷ୍ପତ୍ତି ଗ୍ରହଣ କରିଥିଲେ ଅଭିଭାବକ ଓ ପରିଚାଳନା କମିଟିର ସଦସ୍ୟ ଓ ୨୮ ତାରିଖ ବୁଧବାର ଦିନ ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଘଟଣା ସମ୍ପର୍କରେ ଖବର ପାଇ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଗୋଷ୍ଠୀ ଶିକ୍ଷାଧିକାରୀ ବିପ୍ଳବ କୁମାର କର ପହଞ୍ଚି ସମାଧାନ ପାଇଁ ଆଲୋଚନା କରିଥିଲେ ମଧ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ଗିରିଙ୍କ ବଦଳି ପାଇଁ ଅଡି ବସିଥିଲେ ଆନ୍ଦୋଳନକାରୀ। ତେବେ ସେ ଦୁଇଦିନ ସମୟ ଦେବାକୁ ଅଭିଭାବକଙ୍କୁ ଅନୁରୋଧ କରିଥିଲେ। ମିଳିଥିବା ଶେଷ ତଥ୍ୟ ଅନୁଯାୟୀ ଶୁକ୍ରବାର ସନ୍ଧ୍ୟାରେ ଏ ନେଇ ଏକ ନିର୍ଦ୍ଦେଶନାମା ଜାରି କରାଯାଇଥିଲା ଓ ଏହାକୁ ଭିତ୍ତି କରି ଶନିବାର ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ରିଲିଭ୍ କରାଯାଇଥିବା ଜଣାପଡ଼ିଛି। ବିଦ୍ୟାଳୟରେ ଏଭଳି ସମ୍ବେଦନଶୀଳ ଅଭିଯୋଗ ଥାଇ ମଧ ମାସେ ଧରି କାର୍ଯ୍ୟାନୁଷ୍ଠାନ ନ ନେବା ଓ ଶେଷରେ ଜନଆକ୍ରୋଶର ଶିକାର ହୋଇ କେବଳ ଅନ୍ୟତ୍ର ବଦଳି କରି ସମସ୍ୟାକୁ ଟାଳିଦେବା ଜିଲ୍ଲା ଶିକ୍ଷା ବିଭାଗ ଓ ବ୍ଲକ୍ ଶିକ୍ଷାଧିକାରୀଙ୍କ ଦାୟିତ୍ୱହୀନତାର ସ୍ପଷ୍ଟ ପ୍ରମାଣ ଦେଉଛି। କେବଳ ବଦଳି ନୁହେଁ, ଶିକ୍ଷା ବ୍ୟବସ୍ଥାରେ ଶୃଙ୍ଖଳା ଫେରାଇ ଆଣିବାକୁ ହେଲେ ଏଭଳି ଶିକ୍ଷୟିତ୍ରୀଙ୍କ ବିରୋଧରେ କଠୋର ବିଭାଗୀୟ ଦଣ୍ଡବିଧାନ ଜରୁରୀ ବୋଲି ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି।

ବାରିପଦାରେ 'ବୈଜ୍ଞାନିକ ମେଧା ଅନ୍ୱେଷା ଡ୍ରାଇଭ୍'

ବରିଷ୍ଠ ବିଭାଗରେ ଏମ୍‌ପିସି ଓ କନିଷ୍ଠରେ ଏମ୍‌ଏସ୍‌ଇ ସ୍କୁଲ ଚାମ୍ପିଅନ୍

ବାରିପଦା, ୧।୧୧(ସମିସ):

ରାଷ୍ଟ୍ରହିତ ଓ ମାନବ କଲ୍ୟାଣ ଉଦ୍ଦେଶ୍ୟରେ ଛାତ୍ରଛାତ୍ରୀଙ୍କ ସ୍ୱନିର୍ମିତ ବୈଜ୍ଞାନିକ ପ୍ରକଳ୍ପକୁ ନେଇ ସ୍ଥାନୀୟ ବାରିପଦା ଡିଗ୍ରୀ କଲେଜ ପରିସରରେ "ବୈଜ୍ଞାନିକ ମେଧା ଅନ୍ୱେଷା ଡ୍ରାଇଭ୍-୨୦୨୬' ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ଅଗ୍ରଣୀ ବିଜ୍ଞାନ ଫୋରମ୍ "ଆହ୍ୱାନ' ଓ ବାରିପଦା ଡିଗ୍ରୀ କଲେଜର ମିଳିତ ସହଯୋଗରେ ଆୟୋଜିତ ଏହି ପ୍ରଦର୍ଶନୀରେ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ବହୁ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ନିଜର ବୈଜ୍ଞାନିକ ପ୍ରତିଭା ପ୍ରଦର୍ଶନ କରିଥିଲେ। ଏହି ଶୈକ୍ଷିକ କାର୍ଯ୍ୟକ୍ରମକୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର୍ ମହେନ୍ଦ୍ର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। "ସାଇନ୍ସ ଫର୍ କଣ୍ଟ୍ରି ଆଣ୍ଡ ସାଇନ୍ସ ଫର୍ ମ୍ୟାନକାଇଣ୍ଡ' ଧ୍ୱନି ମଧ୍ୟରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ପ୍ରଖ୍ୟାତ କୃଷି ବିଜ୍ଞାନୀ ତଥା କୁଳପତି ଶ୍ରୀ ମହାନ୍ତି ପ୍ରତ୍ୟେକ ପ୍ରକଳ୍ପ ବୁଲି ଦେଖିବା ସହ



ଛାତ୍ରଛାତ୍ରୀ ଓ ଆୟୋଜକଙ୍କ ଏଭଳି ପ୍ରୟାସକୁ ଉଚ୍ଚ ପ୍ରଶଂସା କରିଥିଲେ। ପ୍ରଦର୍ଶନୀର ବରିଷ୍ଠ (ଡିଗ୍ରୀ) ବିଭାଗରେ ୧୫ଟି ଓ କନିଷ୍ଠ (ହାୟର୍ ସେକେଣ୍ଡାରୀ) ବିଭାଗରେ ମୋଟ ୧୭ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ବରିଷ୍ଠ ବିଭାଗରେ ବାରିପଦା ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରକଳ୍ପ ଏକତରଫା ସଫଳତା ହାସଲ କରି ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛି। ଏଥିରେ ଅଧ୍ୟାପିକା ଦୀପିକା ରଣାଙ୍କ ତତ୍ତ୍ୱାବଧାନରେ ଖ୍ୟାତି ଦାସ, ସ୍ମୃତି ଶତପଥୀ ଓ ଧୀରଜ କୁମାର ଦେ ପ୍ରଥମ; ଅଧ୍ୟାପକ କୌଶିକ ଘୋଷଙ୍କ ମାର୍ଗଦର୍ଶନରେ ସୌମ୍ୟରଞ୍ଜନ ବେହେରା, ନରେଶ କୁମାର ମହାନ୍ତ ଓ ରଞ୍ଜନ କୁମାର ଦାସ ଦ୍ୱିତୀୟ ଓ ଡଃ ଅନ୍ନପୂର୍ଣ୍ଣା ଧଳଙ୍କ ମାର୍ଗଦର୍ଶନରେ କୃଷ୍ଣଚନ୍ଦ୍ର ପରିଡ଼ା ଓ ପ୍ରତ୍ୟୁଷ କୁମାର ବେହେରା ତୃତୀୟ ବିବେଚିତ ହୋଇଛନ୍ତି।

ସେହିପରି କନିଷ୍ଠ ବିଭାଗରେ ଲକ୍ଷ୍ମୀପୋଷି ଏମ୍‌ଏସଇ ହାୟର୍ ସେକେଣ୍ଡାରୀ ସ୍କୁଲର ଅଧ୍ୟାପକ ବିଭୁରଞ୍ଜନ ବେହେରାଙ୍କ ମାର୍ଗଦର୍ଶନରେ ଛାତ୍ର ସାଗର ମଣ୍ଡଳ, କ୍ରିସ୍ ମଣ୍ଡଳ ଓ ତନ୍ମୟ ଜେନା ପ୍ରଥମ ସ୍ଥାନ ହାସଲ କରିଛନ୍ତି। ବାଲେଶ୍ୱର ଡିଏଭି ପବ୍ଲିକ ସ୍କୁଲର ଅଧ୍ୟାପକ ଧର୍ମାନନ୍ଦ ସାହୁଙ୍କ ତତ୍ତ୍ୱାବଧାନରେ ନିଖିଲ କୁମାର ଜେନା, ଋଷିରାଜ ନାୟକ ଓ ମୃତ୍ୟୁଞ୍ଜୟ ରଥ ଦ୍ୱିତୀୟ ଓ ଶିରିଶବଣି ସ୍ୱାମୀ ବିବେକାନନ୍ଦ ଶିକ୍ଷାଶ୍ରମର ଅଧ୍ୟାପକ ପ୍ରତ୍ୟୁଷ ମହାନ୍ତଙ୍କ ତତ୍ତ୍ୱାବଧାନରେ ହରିପ୍ରସାଦ ଦେବତା, ଶ୍ରୁତିରେଖା ଖିଲାର ଓ ରୂପେଶ କୁମାର ସାହୁ ତୃତୀୟ ସ୍ଥାନ ହାସଲ କରିଛନ୍ତି। ପ୍ରକଳ୍ପ ମୂଲ୍ୟାୟନ ପରେ "ଆହ୍ୱାନ'ର ସଭାପତି ପଦ୍ମନାଭ ସାହୁଙ୍କ ପୌରୋହିତ୍ୟରେ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଚାନ୍ଦିପୁର ଆଇଟିଆର୍ (ଡିଆରଡିଓ)ର ବରିଷ୍ଠ ବୈଜ୍ଞାନିକ ତଥା ଅତିରିକ୍ତ ନିର୍ଦ୍ଦେଶକ ଡଃ ନୀଳାଦ୍ରି ରୟ ମୁଖ୍ୟଅତିଥି ଓ କିଟ୍ ବିଶ୍ୱବିଦ୍ୟାଳୟର ଆସୋସିଏଟ୍ ପ୍ରଫେସର ଡ ମୃଣ୍ମୟ ଗିରି ମୁଖ୍ୟବକ୍ତା ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ଅଂଶଗ୍ରହଣକାରୀ ଅନୁଷ୍ଠାନକୁ ସ୍ମାରକୀ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଲେଜ ଅଧ୍ୟକ୍ଷ ଡଃ ପ୍ରବୋଧ କୁମାର ଦେ, ବାରିପଦା ହାୟର ସେକେଣ୍ଡାରୀ ସ୍କୁଲ ଅଧ୍ୟକ୍ଷ ରାଜେଶ କୁମାର ଷଡ଼ଙ୍ଗୀ, ଆହ୍ୱାନର କାର୍ଯ୍ୟକାରୀ ସଭାପତି ଡ ପ୍ରକାଶ ଚନ୍ଦ୍ର ମହାପାତ୍ର ଓ ଆବାହକ ସତ୍ୟଦୀପ ନାୟକ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ଡଃ ଅନ୍ନପୂର୍ଣ୍ଣା ଧଳ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଫେସର ବନଜା ମହାନ୍ତି, ଅରୁଣ କୁମାର ପାତ୍ର, ସଞ୍ଜିତ କୁମାର ଦାସ, ମେଘମାଳା ବେହେରା, ଜୟନ୍ତ କୁମାର ଦ୍ୱରୀ, ଡ ଅନୁପମା ଭୋଳ, ସୁଶାନ୍ତି ପ୍ରଧାନ, ସ୍ନିତା ଦାସ ଓ ମାନସ ରଞ୍ଜନ ଶୁକ୍ଳା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପ୍ରସ୍ତୁତି ବୈଠକ

ଯଶିପୁର, ୧।୧୧(ସମିସ):

ସଂଗ୍ରାମୀ ତଥା ମହାନ ଆଦିବାସୀ ଜନନାୟକ ଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳନ ଉପଲକ୍ଷେ ଆଜି ଯଶିପୁର ଥାନା ଅନ୍ତର୍ଗତ ତିଳକୁଟି ପଞ୍ଚାୟତର ସାଗାରସାହିଠାରେ



ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ମନୋରଞ୍ଜନ ତିରିଆଙ୍କ ଆବାହକତ୍ୱରେ ଆୟୋଜିତ ବୈଠକରେ ଜୟନ୍ତୀ ପାଳନ ଓ ବିଭିନ୍ନ କାର୍ଯ୍ୟକ୍ରମର ସଫଳ ଆୟୋଜନ ନେଇ ଆଲୋଚନା ହୋଇଥିଲା। ଏ ଅବସରରେ ଚାରିଦିନିଆ ଫୁଟବଲ୍ ପ୍ରତିଯୋଗିତା ଆୟୋଜନ କରିବାକୁ ସ୍ଥିର କରାଯାଇଛି। ଆସନ୍ତା ୧୩ ତାରିଖରୁ ଏହି ପ୍ରତିଯୋଗିତା ଆରମ୍ଭ ହୋଇ ୧୬ ତାରିଖରେ ଉଦ୍‌ଯାପିତ ହେବ। ବୈଠକରେ ଆଲୋଚନା ଅନୁଯାୟୀ, କ୍ରୀଡ଼ା ପ୍ରତିଯୋଗିତାର ଅନ୍ତିମ ଦିବସରେ ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ମଧୁ କୋଡ଼ା ଯୋଗଦେବାକୁ ସମ୍ମତି ପ୍ରଦାନ କରିଛନ୍ତି। ତାଙ୍କ ଯୋଗଦାନକୁ ନେଇ ଆୟୋଜକ ମହଲରେ ଉତ୍ସାହ ପ୍ରକାଶ ପାଇଛି। ବିର୍ସା ମୁଣ୍ଡାଙ୍କ ବୀରତ୍ୱ, ସଂଘର୍ଷ ଓ ଆଦିବାସୀ ସମାଜର ଅଧିକାର ପାଇଁ ତାଙ୍କ ଅବଦାନକୁ ସ୍ମରଣ କରିବା ସହ ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ା ଓ ସାମାଜିକ ଏକତାର ଭାବନା ଜାଗ୍ରତ କରିବା ଏହି ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ରହିଛି। ବୈଠକରେ ବିର୍ସା ମୁଣ୍ଡା ଜୟନ୍ତୀ କମିଟି ସଭାପତି ସୁକୁରମଣି ତିରିଆ, ସମ୍ପାଦିକା ଯଶୋମତୀ ତିରିଆ, ଈଶ୍ୱର ଚନ୍ଦ୍ର ତିରିଆ, ଦେବେନ୍ଦ୍ର ତିରିଆ, ଶିରୋମଣି ତିରିଆ, ଅଭିରାମ ତିରିଆ, ବେଣୁଧର ତିରିଆ, ବୀରେନ୍ଦ୍ର ତିରିଆ, ମଗା ତିରିଆ ଓ ହୃଦାନନ୍ଦ ତିରିଆ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ଆଜିର ରାଶିଫଳ

ମେଷ: କେତେକ କାର୍ଯ୍ୟକୁ ନେଇ ଚିନ୍ତିତ ରହିବେ। ମହିଳାମାନେ ଉଦାସ ରହିବେ। କର୍ମକ୍ଷେତ୍ରରେ ବାଦବିବାଦ ଦେଖାଦେବ। ବ୍ୟବସାୟରେ ଉନ୍ନତି ପାଇଁ ନୂତନ ପଥ ଚୟନ କରିବେ।

ବୃଷ: ପାରିବାରିକ ବୁଝାମଣା ଉତ୍ତମ ରହିବ। କର୍ମକ୍ଷେତ୍ରରେ ଉତ୍ସାହର ସହ କାର୍ଯ୍ୟ କରିବେ । ଦାମ୍ପତ୍ୟ ଜୀବନରେ ମଧୁର ସମ୍ପର୍କ ରହିବ। ଦୀର୍ଘଦିନର ସମସ୍ୟା ଭିନ୍ନ ମୋଡ଼ ନେବ।

ମିଥୁନ: ବ୍ୟବସାୟରେ ଉନ୍ନତି ହେବ। ଦୂରସ୍ଥାନକୁ ଯାତ୍ରା କରିବେ। ମାଙ୍ଗଳିକ କାର୍ଯ୍ୟ କରିବେ। ଭାଇଭଉଣୀଙ୍କ ସହଯୋଗ ପାଇବେ। ପ୍ରଶାସନିକ ଓ ରାଜନୀତି ସହ ଜଡ଼ିତ ବ୍ୟକ୍ତି ସଫଳତା ପାଇବେ।

କର୍କଟ: ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆୟ ଅନୁସାରେ ଖର୍ଚ୍ଚ ବଢ଼ିବ। ବିଦ୍ୟାର୍ଥୀ ଖେଳକୁଦରେ ସମୟ ଅତିବାହିତ କରିବେ। ମହିଳାମାନେ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

ସିଂହ: ଦିନଟି ଚିନ୍ତାଜନ ରହିବ। ଗୁରୁଜନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। କର୍ମକ୍ଷେତ୍ରରେ ଲୋକପ୍ରିୟତା ବୃଦ୍ଧିପାଇବ। ପ୍ରେମ ଓ ଦାମ୍ପତ୍ୟ ଜୀବନ ସୁଖମୟ ହେବ।

କନ୍ୟା: ଚାକିରିରେ ବ୍ୟସ୍ତତା ଭିତରେ କଟିବ। ପଡ଼ୋଶୀଙ୍କ ସହ ସମ୍ପର୍କ ବୃଦ୍ଧି ପାଇବ। ବ୍ୟବସାୟରେ ଲାଭ ମିଳିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ। ନିବେଶ ଲାଗି ଉତ୍ତମ ସମୟ।

ତୁଳା: ଶାରୀରିକ ସମସ୍ୟା ଦେଖାଦେଇପାରେ। ଆଶା କରିଥିବା ଦିଗରୁ ଫଳ ପାଇବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ବ୍ୟବସାୟ ଆରମ୍ଭ କରିବା ପାଇଁ ଅନୁକୂଳ ସମୟ।

ବିଛା: ଆର୍ଥିକ ସ୍ଥିତି ମଜଭୁତ ରହିବ। କର୍ମକ୍ଷେତ୍ରରେ ନୂଆ ଦାୟିତ୍ୱ ନେବେ। ରାଜନୀତିରେ ସଫଳତା ମିଳିବ। ବନ୍ଧୁଙ୍କ ସାହାଯ୍ୟ ସହଯୋଗ ମିଳିବ। କଳା କ୍ଷେତ୍ର ପ୍ରତି ରୁଚି ବଢ଼ିବ।

ଧନୁ: ବ୍ୟବସାୟରେ ଠକାମିରେ ପଡ଼ିପାରନ୍ତି। ଅର୍ଥଚିନ୍ତା ଓ ଅଭାବ ଦେଖାଦେବ। ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ। ଘରେ ପୂଜା ପାଠ ଆୟୋଜନ କରିବେ। ଚାକିରି ପାଇଁ ଦୂର ସ୍ଥାନକୁ ଯାତ୍ରା କରିବେ।

ମକର: ଆୟର ନୂତନ ପଥ ଉନ୍ମୁକ୍ତ ହେବ। ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। କ୍ୟାରିୟରକୁ ନେଇ ବଡ଼ ନିଷ୍ପତ୍ତି ନେବେ। ସାମାଜିକ ମିଳାମିଶା ବଢ଼ିବ। ପ୍ରେମ ଜୀବନ ସୁଖମୟ ହେବ।

କୁମ୍ଭ: କାର୍ଯ୍ୟସିଦ୍ଧି ସହ ସୁଖସମ୍ମାନ ପ୍ରାପ୍ତି ହେବ। କର୍ମକ୍ଷେତ୍ରରେ ଦାୟିତ୍ୱବୋଧ ରହିବ। ପରିବାରବର୍ଗଙ୍କ ସହ ନିବିଡ଼ତା ବୃଦ୍ଧି ପାଇବ। ଜୀବନସାଥୀଙ୍କ ସହଯୋଗ ପାଇବେ।

ମୀନ: ପ୍ରତିଯୋଗିତାମୂଳକ ପରୀକ୍ଷାରେ ଶୁଭଫଳ ପାଇବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। କୌଣସି ଖବର ମନକୁ ବିଚଳିତ କରିପାରେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ନୂଆ ବ୍ୟବସାୟ ଆରମ୍ଭ କରିବେ।

ଆଜିର ଇତିହାସ

- ୧୮୩୪- ଭାରତୀୟ ଶ୍ରମିକମାନଙ୍କୁ ନେଇ ଆଟଲାସ୍ ନାମକ ଜାହାଜ ମରିସସ୍‌ରେ ପହଞ୍ଚିଲା।
- ୧୯୦୩- ବ୍ରିଟିଶ ଖବରକାଗଜ 'ଦ ମିରର୍'ର ପ୍ରକାଶନ ଆରମ୍ଭ ହେଲା।
- ୧୯୧୪-ରୁଷ୍, ତୁର୍କୀ ବିରୋଧରେ ଯୁଦ୍ଧ ଘୋଷଣା କଲା।
- ୧୯୫୦- ବିଖ୍ୟାତ ନାଟ୍ୟକାର ଜର୍ଜ ବର୍ଣ୍ଣାଡ୍ ଶ'ଙ୍କର ପରଲୋକ।
- ୧୯୬୫- ବଲିଉଡ୍ ଅଭିନେତା ଶାହାରୁଖ୍ ଖାନ୍‌ଙ୍କ ଜନ୍ମ।

ଚାରି ବର୍ଷ ପରେ ଏକାଠି ଆସିବେ ଅକ୍ଷୟ-ଭୂମି



ବଲିଉଡ୍‌ର ଲୋକପ୍ରିୟ ଅନ୍-ସ୍କ୍ରିନ୍ ଯୋଡ଼ି ଅକ୍ଷୟ କୁମାର ଏବଂ ଭୂମି ପେଡନେକର ପୁଣି ଥରେ ବଡ଼ ପରଦାକୁ ଫେରୁଛନ୍ତି। ନିର୍ଦ୍ଦେଶକ ପ୍ରିୟଦର୍ଶନଙ୍କ ଆଗାମୀ କମେଡି-ଥ୍ରୀଲର ଫିଲ୍ମରେ ଏହି ଦୁଇ କଳାକାର ମୁଖ୍ୟ ଭୂମିକାରେ ନଜର ଆସିବେ। ଶେଷ ଥର ପାଇଁ ଏହି ଯୋଡ଼ି ୨୦୨୨ ମସିହାରେ ମୁକ୍ତିଲାଭ କରିଥିବା ଫିଲ୍ମ 'ରକ୍ଷାବନ୍ଧନ'ରେ ଏକାଠି ଦେଖାଯାଇଥିଲେ। ରିପୋର୍ଟ ଅନୁଯାୟୀ, ସତୁରି ଦଶକର ପୃଷ୍ଠଭୂମି ଉପରେ ଆଧାରିତ ଏହା ଏକ ମଜାଦାର କାହାଣୀ ହେବ। ଏଥିରେ ଅକ୍ଷୟ ଜଣେ ବାଘ ଶିକାରୀ ଭୂମିକାରେ ନଜର ଆସିବେ। ପ୍ରିୟଦର୍ଶନଙ୍କ ସିନେମାର ଖାସ୍ ଶୈଳୀ ଅନୁସାରେ, ଏଥିରେ ଭରପୂର କମେଡି ସହିତ ସସପେନ୍ସ ଓ ଥ୍ରୀଲରର ତଡ଼କା ମଧ୍ୟ ଦେଖିବାକୁ ମିଳିବ। ଏହା ପୂର୍ବରୁ ଅକ୍ଷୟ ଓ ଭୂମି 'ଟଏଲେଟ୍: ଏକ ପ୍ରେମ କଥା' (୨୦୧୭) ଏବଂ 'ରକ୍ଷା ବନ୍ଧନ' (୨୦୨୨)ରେ ଏକାଠି କାମ କରିଥିଲେ। ପ୍ରିୟଦର୍ଶନଙ୍କ ଏହି ଆଗାମୀ ପ୍ରୋଜେକ୍ଟ ଏହି ଯୋଡ଼ିଙ୍କର ତୃତୀୟ ଚଳଚ୍ଚିତ୍ର ହେବ। ରମେଶ ତୌରାନୀଙ୍କ ପ୍ରଯୋଜିତ ଏହି ଫିଲ୍ମର ସୁଟିଂ ନଭେମ୍ବର ଶେଷ ସପ୍ତାହରୁ ରାଜସ୍ଥାନ ଓ ମୁମ୍ବାଇରେ ହେବ। ଏଥିରେ ରାଜପାଲ ଯାଦବ ଏବଂ ଅନୁ କପୁର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ।

ପାଲିଙ୍କିରେ ବସି ବୁଲେ କୁକୁର

ଚୀନର ଦକ୍ଷିଣ-ପଶ୍ଚିମ ଅଞ୍ଚଳରେ ଥିବା ଏକ ଗାଁରେ ପ୍ରତିବର୍ଷ ଏକ ନିଆରା ଦୃଶ୍ୟ ଦେଖିବାକୁ ମିଳିଥାଏ। ଏଠାରେ ବସବାସ କରୁଥିବା 'ମିୟାଓ' ସମୁଦାୟର ଲୋକେ କୁକୁରକୁ ନିଜର ରକ୍ଷାକର୍ତ୍ତା ମାନନ୍ତି। କୁକୁର ପ୍ରତି ନିଜର କୃତଜ୍ଞତା ଓ ସମ୍ମାନ ଜଣାଇବା ପାଇଁ ସେମାନେ ତାକୁ ପାଲିଙ୍କିରେ ବୁଲାଇଥାନ୍ତି। ଗୁଇଝୋଉ ପ୍ରାନ୍ତର ଜିଆଓବାଙ୍ଗ ଗାଁରେ ଏହି ପର୍ବ ପାଳନ କରାଯାଏ। ଏହି ପର୍ବର ନାମ ହେଉଛି 'ତାଇ ଗୌ ଜି'। ପ୍ରତିବର୍ଷ ଚନ୍ଦ୍ର କ୍ୟାଲେଣ୍ଡରର ସପ୍ତମ ମାସରେ ଏହା ଆୟୋଜିତ ହୋଇଥାଏ। ଏହି ପର୍ବ ପାଇଁ ଗାଁରୁ ଏକ ସ୍ୱତନ୍ତ୍ର କୁକୁରକୁ ଚୟନ କରାଯାଏ। ତାକୁ ମିୟାଓ ସମୁଦାୟର ପାରମ୍ପରିକ ପୋଷାକ ପିନ୍ଧାଯାଏ। ମୁଣ୍ଡରେ ହାତତିଆରି ବାଘ ମୁହଁ ଭଳି ଏକ ଟୋପି ଏବଂ ବେକରେ ରୁପାର ଚେନ୍ ପିନ୍ଧାଇ ସଜାଯାଏ। ଏହାପରେ କୁକୁରକୁ ବାଉଁଶରେ ତିଆରି ଏକ ପାଲିଙ୍କିରେ ବସାଇ ସାରା ଗାଁରେ ଶୋଭାଯାତ୍ରା କରାଯାଏ। ଏହି ଶୋଭାଯାତ୍ରାରେ ଗାଁର ପୁରୋହିତ ମଧ୍ୟ ସାମିଲ ହୋଇ ପାରମ୍ପରିକ ମନ୍ତ୍ର ପାଠ କରନ୍ତି। ଶୋଭାଯାତ୍ରା ଯେତେବେଳେ ବିଲ ନିକଟରେ ପହଞ୍ଚେ, ଲୋକେ ଢୋଲ ବଜାଇ ନାଚନ୍ତି ଏବଂ ପରସ୍ପର ଉପରକୁ କାଦୁଅ ଫିଙ୍ଗି ଖୁସି ମନାନ୍ତି। ଲୋକଙ୍କ ବିଶ୍ୱାସ ଯେ, ଏହାଦ୍ୱାରା ଗାଁକୁ ସମୃଦ୍ଧି ଆସେ, ପାଣିପାଗ ଭଲ ରହେ ଏବଂ ଫସଲ ଭଲ ହୁଏ। ଏହି ନିଆରା ପର୍ବର ଆରମ୍ଭ କେମିତି ହେଲା, ସେ ନେଇ ମିୟାଓ ସମୁଦାୟରେ ଦୁଇଟି କାହାଣୀ ପ୍ରଚଳିତ ଅଛି। ପ୍ରଥମଟି ହେଲା, ବହୁ ବର୍ଷ ପୂର୍ବେ ଗାଁରେ ଭୟଙ୍କର ମରୁଡ଼ି ପଡ଼ିଥିଲା। ବର୍ଷା ନ ହେବାରୁ ଫସଲ ନଷ୍ଟ ହେବାକୁ ବସିଥିଲା। ସେତିକି ବେଳେ ଗାଁର ଜଣେ ବୃଦ୍ଧଙ୍କୁ ସ୍ୱପ୍ନରେ ଜଣେ ଦେବତା ଦେଖାଦେଇ କହିଲେ କି, ଯଦି କୁକୁରକୁ ସାଙ୍ଗରେ ନେଇ ପ୍ରାର୍ଥନା କରାଯିବ, ତେବେ ବର୍ଷା ହେବ। ଗାଁ ଲୋକେ ସେମିତି କଲେ ଏବଂ ପ୍ରବଳ ବର୍ଷା ହେଲା। ସେବେଠାରୁ କୁକୁରକୁ ସେମାନେ ନିଜର ଭାଗ୍ୟବିଧାତା ବୋଲି ଭାବି ଆସୁଛନ୍ତି। ଅନ୍ୟ ଏକ କାହାଣୀ ଅନୁସାରେ, ଗାଁର ପୂର୍ବପୁରୁଷମାନେ ଯେତେବେଳେ ପାଣି ପାଇଁ ତହଲବିକଳ ହେଉଥିଲେ, ଗୋଟିଏ କୁକୁର ସେମାନଙ୍କୁ ଭୂତଳ ଜଳର ଏକ ଗୁପ୍ତ ଉତ୍ସ ନିକଟକୁ ନେଇଯାଇଥିଲା। ଗୁଇଝୋଉ ଅଞ୍ଚଳରେ ପାହାଡ଼ ଓ ଗୁମ୍ଫା ଅଧିକ ଥିବାରୁ ପାଣି ମିଳିବା କଷ୍ଟକର। କୁକୁରଟି ପାଣି ସନ୍ଧାନ କରି ସେମାନଙ୍କ ଜୀବନ ବଞ୍ଚାଇଥିବାରୁ ଏଭଳି କୃତଜ୍ଞତା ଜଣାଯାଏ। ମିୟାଓ ସମୁଦାୟର ସଂସ୍କୃତିରେ ପ୍ରକୃତି ଓ ଜୀବଜନ୍ତୁଙ୍କୁ ସର୍ବୋଚ୍ଚ ସ୍ଥାନ ଦିଆଯାଏ। କେବଳ କୁକୁର ନୁହେଁ, ସେମାନେ ପ୍ରଜାପତିକୁ ସୃଷ୍ଟିର ଜନନୀ ବୋଲି ମାନନ୍ତି। ଏହି ପର୍ବ ମାଧ୍ୟମରେ ସେମାନେ ନିଜର ଆଗାମୀ ପିଢ଼ିକୁ ପ୍ରକୃତି ଓ ଜୀବଜନ୍ତୁଙ୍କର ଗୁରୁତ୍ୱ ବିଷୟରେ ଶିକ୍ଷା ଦିଅନ୍ତି।



ଆଜି ବାହୁଡ଼ିଥିଲେ

ଭାବର ଗାୟକ ଭିକାରୀ ବଳ



ଭଜନ ସମ୍ରାଟ ଭିକାରୀ ବଳଙ୍କର ଆଜି ପୁଣ୍ୟତିଥି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭକ୍ତି ରସରେ ବୁଡ଼ି ରହି ସେ ଓଡ଼ିଶାର ଘରେ ଘରେ ଯେଉଁ ସଙ୍ଗୀତର ନୈବେଦ୍ୟ ବାଢ଼ି ଦେଇଯାଇଛନ୍ତି, ତାହା ପ୍ରତିଟି ଓଡ଼ିଆ ପ୍ରାଣକୁ ଜଗନ୍ନାଥମୟ କରିଦିଏ। ତାଙ୍କ ସ୍ୱରର ଦରଦ ଏବଂ ଭକ୍ତିର ଆକୁଳତା ଓଡ଼ିଶାର ଭକ୍ତି ସଙ୍ଗୀତକୁ ଏକ ନୂତନ ପରିଚୟ ଦେଇଥିଲା। ତାଙ୍କର ଏହି ଅସାଧାରଣ ସାଧନା ପାଇଁ ଗଜପତି ମହାରାଜା ଦିବ୍ୟସିଂହ ଦେବ ତାଙ୍କୁ 'ଭଜନ ସମ୍ରାଟ' ଉପାଧିରେ ଭୂଷିତ କରିଥିଲେ। ସାଲବେଗ, ବନମାଳୀ ଓ ଦୀନକୃଷ୍ଣଙ୍କ ଭାବକୁ ଯଦି କେହି ସଠିକ୍ ଭାବେ କଣ୍ଠରେ ରୂପାୟନ କରିପାରିଛନ୍ତି, ସେ ହେଉଛନ୍ତି ଭିକାରୀ ବଳ। ଦୀର୍ଘ ଚାରି ଦଶନ୍ଧି ଧରି ସେ ୨୦,୦୦୦ରୁ ଅଧିକ ଭଜନ ଗାଇଥିଲେ । ଜଗନ୍ନାଥ ଭଜନ ଓ ଗୀତ ଗୋବିନ୍ଦର ପଦ୍ୟାବଳୀ ତାଙ୍କୁ ଘରେ ଘରେ ପରିଚିତ କରାଇଥିଲା। ତାଙ୍କର ପ୍ରତିଟି ଭଜନରେ ଥିଲା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ସମର୍ପଣ ମନୋଭାବ । ୧୯୨୯ ମସିହା ମେ' ୨୫ ତାରିଖରେ କେନ୍ଦ୍ରାପଡ଼ା ଜିଲ୍ଲାର ସୋବଲା ଗ୍ରାମରେ ଜନ୍ମଗ୍ରହଣ କରିଥିବା ଭିକାରୀ ବଳଙ୍କ ପ୍ରାରମ୍ଭିକ ଜୀବନ ଅତ୍ୟନ୍ତ କଷ୍ଟକର ଥିଲା। ମାତୃ-ପିତୃ ଶୋକ ଏବଂ ଦାରିଦ୍ର୍ୟ ଭିତରେ ବି ସେ ନିଜ ଭିତରେ ଥିବା ସଙ୍ଗୀତ ପ୍ରତିଭାକୁ ଉଜ୍ଜୀବୀତ କରି ରଖିଥିଲେ। ଭିକାରୀ ବଳ ୨୦ ବର୍ଷ ବୟସରେ ଉଷାରାଣୀ ଦେବୀଙ୍କୁ ବିବାହ କରିଥିଲେ। ବିବାହ ପରେ କର୍ମ ସଂସ୍ଥାନ ପାଇଁ ସେ କଟକ ଚାଲି ଆସିଥିଲେ। ଗୁରୁ କ୍ଷିତିଜ ମିତ୍ରଙ୍କ ସହାୟତାରେ ସେ କଟକ କଳାବିକାଶ କେନ୍ଦ୍ରରେ ଓଡ଼ିଶୀ ସଙ୍ଗୀତରେ ଶିକ୍ଷାଲାଭ କରିଥିଲେ। ଏହାପରେ ସେ ଆକାଶବାଣୀ କଟକରେ ଏ- ଗ୍ରେଡ୍ ଗାୟକ ଭାବରେ ୧୯୬୩ରେ କାମ ଆରମ୍ଭ କଲେ। 'ପ୍ରାଣ ମିତଣୀ ବାରେ ଚାହାଁରେ' ଗୀତ ପାଇଁ ସେ ଅନେକ ଲୋକପ୍ରିୟତା ଅର୍ଜନ କରିଥିଲେ। 'କୋଠ ଭୋଗଖିଆ' ଗୀତରୁ ତାଙ୍କର ଲୋକପ୍ରିୟତା ଅନେକ ବଢ଼ିଯାଇଥିଲା। ଏହି ଗୀତ ୭୦ ଦଶକରେ ଏକ ବହୁଳ ଲୋକପ୍ରିୟ ଗୀତର ମାନ୍ୟତା ପାଇଥିଲା ଏବଂ ଆଜି ଯାଏଁ ମଧ୍ୟ ରହିଛି । ସେ ଅନେକ ଚମ୍ପୂ, ଛାନ୍ଦ ଓ ଲୋକଗୀତ ମଧ୍ୟ ଗାଇଥିଲେ। ଅନେକ ଓଡ଼ିଆ ଚଳଚ୍ଚିତ୍ରରେ ମଧ୍ୟ ସେ କଣ୍ଠଦାନ କରିଥିଲେ। ୨୦୧୦ ମସିହା ଆଜିର ଦିନରେ ୮୧ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଥିଲା। ସଙ୍ଗୀତ ଜଗତରେ ତାଙ୍କର ଏକାଗ୍ରତା, ଗଭୀର ନିଷ୍ଠା ଓ ଜୀବନବ୍ୟାପୀ ନିରବଚ୍ଛିନ୍ନ ସାଧନା ତାଙ୍କୁ ଜୀବନରେ ଅପାର ସିଦ୍ଧି ଆଣି ଦେଇଥିଲା।

ଧନତେରାସ୍



କାର୍ତ୍ତିକ କୃଷ୍ଣ ତ୍ରୟୋଦଶୀକୁ ଧନ୍ୱନ୍ତରୀ ତ୍ରୟୋଦଶୀ ବା 'ଧନତେରାସ୍' ବୋଲି କୁହାଯାଏ। ଦୀପାବଳିର ଦୁଇଦିନ ପୂର୍ବରୁ ଏହାକୁ ପାଳନ କରାଯାଏ। ଏହିଦିନ ସୁନା, ରୁପା କିଣାକିଣିକୁ ଅତ୍ୟନ୍ତ ଶୁଭ ବୋଲି ବିବେଚନା କରାଯାଏ।

ପୌରାଣିକ କାହାଣୀ ଅନୁସାରେ, ସମୁଦ୍ର ମନ୍ଥନ ଶେଷରେ ଦେବବୈଦ୍ୟ ଧନ୍ୱନ୍ତରୀ ଅମୃତ କଳସରେ ପ୍ରକଟ ହୋଇଥିଲେ। ସେ ହିଁ ଦୁନିଆକୁ ଆୟୁର୍ବେଦ ବିଦ୍ୟାର ମୂଲ୍ୟବାନ ଜ୍ଞାନ ପ୍ରଦାନ କରିଥିଲେ। ଏହି ପର୍ବ ଦୀପାବଳିର ଦୁଇ ଦିନ ପୂର୍ବରୁ ଆସିଥାଏ। ଏହିଦିନ ଧନର ଦେବତା କୁବେରଙ୍କ ପୂଜାର ମହତ୍ତ୍ୱ ରଖେ। ଅନ୍ୟ ଏକ ମାନ୍ୟତାନୁସାରେ, ଏହିଦିନ ଯମରାଜାଙ୍କଠାରୁ ରାଜା ହିମଙ୍କ ପୁତ୍ରଙ୍କୁ ତାଙ୍କ ପତ୍ନୀ ରକ୍ଷା କରିଥିଲେ। ସେହିପରି ସନ୍ଧ୍ୟାରେ ଧନ୍ୱନ୍ତରୀଙ୍କୁ ଦୀପଦାନ କରିବା ଶୁଭ ବୋଲି କୁହାଯାଇଛି। ଏହାଦ୍ୱାରା ଯମରାଜ ଖୁସି ହୁଅନ୍ତି ଏବଂ ଅକାଳ ମୃତ୍ୟୁରୁ ରକ୍ଷା ମିଳେ।


ପ୍ରାଚୀନକାଳରୁ ହିଁ ଧନତେରାସ୍‌ରେ କିଛି ନା କିଛି କିଣିବାର ପରମ୍ପରା ରହିଛି। ଏହିଦିନ କିଣାଯାଉଥିବା ଜିନିଷ ନଷ୍ଟ ହେଉ ନ ଥିବା ବିଶ୍ୱାସ ଅଛି। ଅନେକ ଲୋକ ଏହି ଦିନରେ ସୁନା, ରୁପା ଆଦି କିଣିଥାନ୍ତି। କିଛି ଲୋକ ଝାଡ଼ୁ ନିହାତି ଏହିଦିନ କିଣନ୍ତି। ଝାଡ଼ୁକୁ ମା' ଲକ୍ଷ୍ମୀଙ୍କ ରୂପ ଭାବେ ବିବେଚନା କରାଯାଏ। ଏହା ସୁଖ ସହିତ ଖରାପ ଶକ୍ତି ନାଶ କରୁଥିବା ବିଶ୍ୱାସ ଅଛି। ମା' ଲକ୍ଷ୍ମୀ ସମୃଦ୍ଧି ପ୍ରଦାନ କରନ୍ତି।

ଏହିଦିନ ମା'ଲକ୍ଷ୍ମୀ ଓ ଶ୍ରୀଗଣେଶଙ୍କ ମୂର୍ତ୍ତି କିଣିବା ଦ୍ୱାରା ଘର ଧନଧାନ୍ୟରେ ଭରପୂର ହୋଇଥାଏ। ଏହା ସହିତ ଦକ୍ଷିଣାବର୍ତ୍ତୀ ଶଙ୍ଖ, ରୁଦ୍ରାକ୍ଷ, ଧାର୍ମିକ ପୁସ୍ତକ ଓ ପଦ୍ମମାଳା କିଣିବା ଶୁଭ। ସେହିପରି ଏହିଦିନ ବାସନ କିଣିବା ମଧ୍ୟ ଶୁଭ। ବାସନରେ କିଛି ଶସ୍ୟ, ନଚେତ୍ ଟଙ୍କା ଭରି ଆଣିବା ଦ୍ୱାରା ଘର ସବୁବେଳେ ଧନଧାନ୍ୟରେ ଭରି ରହିଥାଏ ବୋଲି ଏହା ଦର୍ଶାଏ। ଅନ୍ୟପକ୍ଷରେ ଷ୍ଟିଲ୍, ଆଲୁମିନିୟମ, ପ୍ଲାଷ୍ଟିକ୍, କାଚ ବାସନ କିଣିବା ଅଶୁଭ ହୋଇଥାଏ। ଅନ୍ୟପଟେ ଏଥର ଧନତେରାସ ନଭେମ୍ବର ୭ ତାରିଖରେ ପାଳନ କରାଯିବ।

ଏହି ଉପହାର ଦିଅନ୍ତୁ ନାହିଁ

ଧାର୍ମିକ ମାନ୍ୟତାନୁସାରେ, ଧନତେରାସ୍‌ରେ କିଣାକିଣି, ପୂଜାପାଠ ଏବଂ ନିଜ ଲୋକଙ୍କ ସହିତ ଏହି ଦିନଟିକୁ ଖୁସିରେ ପାଳନ କରାଯାଏ। ଏହି ଦିନ ପରିବାର ସଦସ୍ୟ, ସାଙ୍ଗସାଥୀ ଏବଂ ସମ୍ପର୍କୀୟଙ୍କୁ ଉପହାର ପ୍ରଦାନ କରଯାଏ। ତେବେ ଧନତେରାସ୍ ଭଳି ଏକ ଶୁଭଦିନରେ କାହାକୁ କେଉଁ ଉପହାରେ ଦେବା ଉଚିତ ଓ ଅନୁଚିତ, ସେ ସମ୍ପର୍କରେ ଅନେକ ଜାଣନ୍ତି ନାହିଁ।

- ଧନତେରାସ ତଥା ଦୀପାବଳିରେ କାହାକୁ ଲୁଣ ଦିଅନ୍ତୁ ନାହିଁ। ସେହିପରି କାହାଠାରୁ ଲୁଣ ମଧ୍ୟ ଆଣିବା ଅନୁଚିତ।
- ଧନତେରାସ୍‌ରେ ବାସନ କିଣିବା ପରମ୍ପରା ଅଛି। ଏହି ଅବସରରେ ଲୋକେ ତମ୍ବା, ପିତ୍ତଳ, ଷ୍ଟିଲ ବାସନ କିଣନ୍ତି। କିଛି ଲୋକ ଖାଲି ବାସନ ଉପହାର ଦେବା ପରିବର୍ତ୍ତେ ସେଥିରେ ମିଠା କିମ୍ବା ଅନ୍ୟ କୌଣସି ଜିନିଷ ରଖି ଦିଅନ୍ତି।
- ଉପହାର କିଣିବା ବେଳେ କଳା ରଙ୍ଗ ଜିନିଷ କିଣିବାରୁ ଦୂରେଇ ରୁହନ୍ତୁ। ଏହା ନକାରାତ୍ମକ ଶକ୍ତିକୁ ଆକର୍ଷିତ କରିଥାଏ। ତେଣୁ କଳା ରଙ୍ଗର କୌଣସି ଜିନିଷକୁ ଉପହାରରେ ପ୍ରଦାନ କରନ୍ତୁ ନାହିଁ।
- ତେବେ ଧନତେରାସ୍‌ରେ ଉପହାର ଦେବାର ମୁଖ୍ୟ ଉଦ୍ଦେଶ୍ୟ ନିଜ ଲୋକଙ୍କ ମଧ୍ୟରେ ଖୁସି ବାଣ୍ଟିବା। ତେଣୁ ମିଠା, ଫଳ, ପୂଜା ସାମଗ୍ରୀ ଏବଂ ଅନ୍ୟ ଉପଯୋଗୀ ଘରୋଇ ଜିନିଷ ଉପହାରରେ ଦେବା ଭଲ।
- ବଡ଼ କଥା ହେଉଛି ଯାହା ବି ଉପହାର ଦେଉଛନ୍ତି ତାହାକୁ ପ୍ରେମ ଓ ଶ୍ରଦ୍ଧାର ସହ ଅର୍ପଣ କରନ୍ତୁ ।



ସ୍ୱସ୍ତି



ମୁଖ୍ୟ ଦ୍ୱାରରେ ମୁରୁଜ

ଦୀପାବଳି ଆସିବା ମାତ୍ରେ ଘର ସଫାସଫିଠାରୁ ଆରମ୍ଭ କରି ସାଜସଜ୍ଜା ଉପରେ ବିଶେଷ ଗୁରୁତ୍ୱ ଦିଆଯାଏ। ହିନ୍ଦୁ ପରମ୍ପରାରେ ମୁରୁଜକୁ ଶୁଭ ଓ ମଙ୍ଗଳର ପ୍ରତୀକ ଭାବେ ବିବେଚନା କରାଯାଏ। ଦୀପାବଳିରେ ଏହାକୁ ମା' ଲକ୍ଷ୍ମୀଙ୍କ ସ୍ୱାଗତ ଓ ଘରର ସୁଖ ସମୃଦ୍ଧି କାମନା ବୋଲି କୁହାଯାଏ।

- ଦୀପାବଳିରେ ଘରର ମୁଖ୍ୟ ଦ୍ୱାରକୁ ପରିଷ୍କାର ଓ ସଜେଇ ରଖିବାର ବିଶେଷ ପରମ୍ପରା ଅଛି। ଅନେକ ପରିବାରରେ ଏହାକୁ ଦେବୀ ଲକ୍ଷ୍ମୀଙ୍କ ସ୍ୱାଗତ ବୋଲି ଭାବନ୍ତି। ତେଣୁ ପୂଜାଦିନ ମୁଖ୍ୟ ଦ୍ୱାରରେ ପଦ୍ମ, ଶୁଭ ଚିହ୍ନ, ସ୍ୱସ୍ତିକ, ଦୀପ ଆଦି ଡିଜାଇନ କରାଯାଏ। ଏଭଳି କରିବା ଘରକୁ ସୁଖସମୃଦ୍ଧି ଏବଂ ମଙ୍ଗଳ କାମନାକୁ ବୁଝାଯାଏ।
- ଭାରତୀୟ ସଂସ୍କୃତିରେ ଶୁଭ ଅବସରରେ ପ୍ରବେଶ ଦ୍ୱାରକୁ ସଜାଇବା ଅତିଥିଙ୍କ ସ୍ୱାଗତ ଏବଂ ଖୁସି ଜାହିର କରିବାର ଉପାୟ। ଏହିଦିନ ମୁରୁଜ ସହିତ ଫୁଲର ତୋରଣ ଓ ଦୀପ ଲଗାଇବା ଦ୍ୱାରା ଘରର ସାଜସଜ୍ଜା ଆହୁରି ଆକର୍ଷଣୀୟ ହୋଇଥାଏ। ଏହା ମନକୁ ଶାନ୍ତି ପ୍ରଦାନ କରିଥାଏ।
- ମୁରୁଜରେ ପଦ୍ମଫୁଲ, ଦୀପ, ଫୁଲ ଓ ପାରମ୍ପରିକ ଶୁଭ ଚିହ୍ନଯୁକ୍ତ ଡିଜାଇନ ଖୁବ୍ ପସନ୍ଦ କରାଯାଏ। ପଦ୍ମଫୁଲ ଦେବୀ ଲକ୍ଷ୍ମୀଙ୍କ ସହିତ ଜଡ଼ିତ। ଦୀପ ଆଲୋକ ଓ ଶୁଭର ପ୍ରତୀକ ହୋଇଥାଏ। ଏହାଦ୍ୱାରା ସକାରାତ୍ମକ ପରିବେଶ ସୃଷ୍ଟି ହୋଇଥାଏ।
- ମୁରୁଜ ଲାଗି ବଜାରରେ ରଙ୍ଗ ବ୍ୟତୀତ ଫୁଲ ପାଖୁଡ଼ା, ରଙ୍ଗୀନ ଚାଉଳ ବ୍ୟବହାର କରାଯାଉଛି। ସେହିପରି ଆଜିକାଲି ଗେଣ୍ଡୁ ଓ ଗୋଲାପରେ ବି ମୁରୁଜ ପକାଯାଉଛି। ଏହା ଅଧିକ ସୁନ୍ଦର ଲାଗିଥାଏ।

ଦୀପାବଳି



ଆଲୋକ ଓ ଆନନ୍ଦର ପର୍ବ ଦୀପାବଳି ଆଗମନରେ ପୂରା ପରିବେଶ ବଦଳିଯାଇଥାଏ। ଏହି ଅବସରରେ ଲକ୍ଷ୍ମୀ, ଗଣେଶ, ପଦ୍ମଫୁଲ, ସ୍ୱସ୍ତିକ ଆଦି ପ୍ରତୀକ ସାମ୍ନାକୁ ଆସେ। ଏହାର ମହତ୍ତ୍ୱ ଢେର ରହିଛି। ଏହିଦିନ ପିତୃପୁରୁଷଙ୍କୁ କାଉଁରିଆ କାଠି ଜଳାଇ ମନେ ପକାଯାଏ। ଏହିଦିନ ମା' ଲକ୍ଷ୍ମୀଙ୍କ ଆରାଧନା କରାଯାଏ।



ଦୀପାବଳି ପାଳନକୁ ନେଇ ଅନେକ ପୌରାଣିକ କାହାଣୀ ରହିଛି। ଉକ୍ତ ଦିନ ମା' ଲକ୍ଷ୍ମୀଙ୍କ ବିବାହ ଭଗବାନ ବିଷ୍ଣୁଙ୍କ ସହ ହୋଇଥିଲା ବୋଲି କେତେକ ପୁରାଣରେ ଉଲ୍ଲେଖ ଅଛି। ସେହିପରି କିଛି ଶାସ୍ତ୍ରରେ ଏହିଦିନ ମା' ଲକ୍ଷ୍ମୀ ଜନ୍ମଗ୍ରହଣ କରିଥିବା କୁହାଯାଇଛି। ତେବେ ଦୀପାବଳି ଦିନ ଅଯୋଧ୍ୟାର ମର୍ଯ୍ୟାଦାପୁରୁଷ ରାମଚନ୍ଦ୍ର ୧୪ ବର୍ଷ ବନବାସ ଶେଷ କରି ଘରକୁ ଫେରି ଥିଲେ। ରାମଚନ୍ଦ୍ରଙ୍କ ଘର ବାହୁଡ଼ାକୁ ଅଯୋଧ୍ୟାବାସୀ ଖୁବ୍ ହର୍ଷ ଉଲ୍ଲାସରେ ପାଳନ କରିଥିଲେ। ଅମାବାସ୍ୟାର ଅନ୍ଧକାର ରାତିରେ ପୂରା ଅଯୋଧ୍ୟାକୁ ଆଲୋକିତ କରି ଶ୍ରୀରାମଙ୍କୁ ସ୍ୱାଗତ କରାଯାଇଥିଲା। ସେବେଠୁ ଅମାବାସ୍ୟାରେ ଦୀପାବଳି ପର୍ବ ପାଳନ କରାଯାଉଥିବା ବିଶ୍ୱାସ ଅଛି।

ସେହିପରି ଦୀପାବଳିର ଗୋଟିଏ ଦିନ ପୂର୍ବରୁ ଶ୍ରୀକୃଷ୍ଣ ନରକାସୁରକୁ ବଧ କରିଥିବାରୁ ଏହାପର ଦିନକୁ ଦୀପାବଳି ଭାବେ ପାଳନ କରାଯାଏ। ଅନ୍ୟପଟେ ରାକ୍ଷସମାନଙ୍କୁ ବଧ କରିବା ପରେ ଯେତେବେଳେ ମହାକାଳୀଙ୍କ କ୍ରୋଧ ଶାନ୍ତ ହୋଇ ନ ଥିଲା ଏବଂ ସେ ଉଗ୍ର ରୂପ ଧାରଣ କରି ସୃଷ୍ଟି ସଂହାର ଉଦ୍ଦେଶ୍ୟରେ ବାହାରି ଥିଲେ, ସେତେବେଳେ ଶିବ ତାଙ୍କୁ ଅଟକାଇବା ପାଇଁ ତଳେ ଶୋଇ ପଡ଼ିଥିଲେ। ଏହାପରେ ତତ୍‌କ୍ଷଣାତ୍ ମହାକାଳୀ ଶାନ୍ତ ହୋଇଯାଇଥିଲେ। କାଳୀଙ୍କ ଶାନ୍ତ ରୂପ ମହାଲକ୍ଷ୍ମୀଙ୍କୁ ଏହିଦିନଠାରୁ ପୂଜା ଆରମ୍ଭ କରାଯିବା ସହ ଦୀପାବଳି ରାତିରେ କାଳୀଙ୍କ ଉଗ୍ର ରୂପକୁ ପୂଜା କରାଯାଏ। ଏହିପରି ଭାବେ ଶାସ୍ତ୍ରୀୟ ମତରେ ବିଭିନ୍ନ କାରଣକୁ ନେଇ ଦୀପାବଳି ଉତ୍ସବ ପାଳନ କରାଯିବାର ବିଧି ରହିଛି।

ସରିଲା ଟି-୨୦, ଦିନିକିଆ ସିରିଜ୍ ବୁଧବାରରୁ

ଶେଷ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ, ସିରିଜ୍‌ରେ ଭାରତ ବିଜୟୀ



ହାମିଲଟନ,୧।୧୧(ଏଜେନ୍ସି)

ଭାରତକୁ ୭ ୱିକେଟରେ ପରାସ୍ତ କରି ନ୍ୟୁଜିଲାଣ୍ଡ ସ୍ଥାନୀୟ ସେଡନ ପାର୍କରେ ରବିବାର ଅନୁଷ୍ଠିତ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ର ୫ମ ତଥା ଶେଷ ମ୍ୟାଚ୍‌ରେ ସହଜ ବିଜୟ ହାସଲ କରିଛି। ଶେଷ ଦୁଇଟି ମ୍ୟାଚ୍‌ରେ ଘରୋଇ ଦଳର ସହଜ ବିଜୟ ସତ୍ତ୍ୱେ ଭାରତ ପ୍ରଥମ ୩ଟି ମ୍ୟାଚ୍‌ରେ ଜିତି ୫ ମ୍ୟାଚ୍ ବିଶିଷ୍ଟକୁ ୩-୨ ବ୍ୟବଧାନରେ ଜିତିନେଇଛି। ଆଜିର ମୁକାବିଲାରେ ମାତ୍ର ୧୯ ରନ୍ ଦେଇ ୪ଟି ୱିକେଟ ନେଇଥିବା ଘରୋଇ ଦଳର ଫାଷ୍ଟ ବୋଲର ଆଦାମ ମିଲ୍‌ନେଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ସେହିପରି ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍ ହେଉ ଅବା ଅନ୍ୟ ଯେ କୌଣସି ଦ୍ୱିପାକ୍ଷିକ ସିରିଜ୍‌ରେ ସର୍ବାଧିକ ୩୪୧ ରନ୍ କରିଥିବା ନ୍ୟୁଜିଲାଣ୍ଡର ଗ୍ଲେନ୍ ଫିଲିପ୍ସଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଆଜିର ମ୍ୟାଚ୍ ସହ ଦୁଇ ଦେଶର ଖେଳାଳି ଓ ସମର୍ଥକଙ୍କ ନଜର ଏବେ ବୁଧବାରରୁ ଆରମ୍ଭ ହେବାକୁ ଯାଉଥିବା ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଉପରେ କେନ୍ଦ୍ରୀଭୂତ ହୋଇଛି। ଏହି ଫର୍ମାଟରେ ଖେଳୁଥିବା ଭାରତର ଦୁଇ ସୁପରଷ୍ଟାର ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ସମେତ ଅଧିନାୟକ ଶୁବମନ ଗିଲ୍ ଓ ଲୋକେଶ ରାହୁଲ ଅକ୍‌ଲାଣ୍ଡରେ ଅଭ୍ୟାସ ଆରମ୍ଭ କରିଦେଇଛନ୍ତି। ଦିନିକିଆ ସିରିଜ୍‌ର ମ୍ୟାଚ୍ ଗୁଡିକ ଯଥାକ୍ରମେ ଅକ୍‌ଲାଣ୍ଡରେ ନଭେମ୍ବର ୪, ୱେଲିଂଟନରେ ୭, ହାମିଲଟନ୍‌ରେ ୧୦, ବେ' ଓଭାଲରେ ୧୩ ଓ ୧୫ ତାରିଖରେ ଖେଳାଯିବ।

ସେଡନ ପାର୍କରେ ରବିବାର ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ ପ୍ରଥମଥର ପ୍ରଥମେ ବ୍ୟାଟିଂ କରିଥିଲା। ଚତୁର୍ଥ ମ୍ୟାଚ୍ ପରି ଏଠାରେ ମଧ୍ୟ ଦୁଇ ଓପନର ଶୀଘ୍ର ଆଉଟ ହୋଇଥିଲେ। ଇଶାନ କିଶାନ ୩୨ବଲ୍‌ରେ ୬୧, ଶ୍ରେୟସ ଆୟର ୨୩ବଲ୍‌ରେ ୫୦, ନମନ ଧୀର ୨୩ବଲ୍‌ରେ ୩୩ ଓ ନୀତୀଶ କୁମାର ରେଡ୍ଡୀ ୧୭ବଲ୍‌ରେ ୨୨ ରନ୍ କରିବା ଫଳରେ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୯୧ ରନ୍ କରିଥିଲା। ଜବାବରେ ଫର୍ମକୁ ଫେରିଥିବା ସ୍ଥାନୀୟ ଖେଳାଳି ଟିମ୍ ସେଇଫର୍ଟ ୧୩ ରନ୍‌ରେ ପାଇଥିବା ଜୀବନଦାନରୁ ଫାଇଦା ଉଠାଇ ୫୦ ବଲ୍‌ରେ ସର୍ବାଧିକ ୯୩, ଜବରଦସ୍ତ ଫର୍ମରେ ଥିବା ଗ୍ଲେନ୍ ଫିଲିପ୍ସ ୩୮ ବଲ୍‌ରେ ଅପରାଜିତ ୬୫ ରନ୍ କରିବା ଫଳରେ ନ୍ୟୁଜିଲାଣ୍ଡ ୨ ଓଭର ଓ ୭ ୱିକେଟ ବାକିଥାଇ ମ୍ୟାଚ୍ ଜିତିନେଇଥିଲା। ଏହି ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ୧୮ ବଲ୍‌ରେ ୪୬ ରନ୍ ଡିଫେଣ୍ଡ କରିପାରିଥିଲେ ନ୍ୟୁଜିଲାଣ୍ଡ ସିରିଜ୍ ବିଜୟୀ ହୋଇପାରିଥାନ୍ତା।

ସଂକ୍ଷିପ୍ତ ସ୍କୋର

ଭାରତ: ୧୯୧/୮, ୨୦ ଓଭର (ଇଶାନ-୬୧, ଶ୍ରେୟସ-୫୦, ନମନ-୩୩, ମିଲନେ-୪/୧୯, ସ୍ମିଥ୍-୨/୨୮, ଟିକ୍‌ନର-୨/୩୮)।

ନ୍ୟୁଜିଲାଣ୍ଡ: ୧୯୫/୩, ୧୮ ଓଭର (ସେଇଫର୍ଟ- ୯୩, ଫିଲିପ୍ସ-୬୫*, ମିଚେଲ-୨୯, ନୀତୀଶ-୧/୧୯, ଅର୍ଶଦୀପ-୧/୪୦, ବରୁଣ-୧/୪୫)।

ଦିନିକିଆ ସିରିଜ୍ ଖେଳସୂଚୀ

ନଭେମ୍ବର ୦୪	ପ୍ରଥମ ଦିନିକିଆ	ଅକ୍‌ଲାଣ୍ଡ
ନଭେମ୍ବର ୦୭	ଦ୍ୱିତୀୟ ଦିନିକିଆ	ୱେଲିଂଟନ
ନଭେମ୍ବର ୧୦	ତୃତୀୟ ଦିନିକିଆ	ହାମିଲଟନ
ନଭେମ୍ବର ୧୩	ଚତୁର୍ଥ ଦିନିକିଆ	ବେ' ଓଭାଲ
ନଭେମ୍ବର ୧୫	ପଞ୍ଚମ ଦିନିକିଆ	ବେ' ଓଭାଲ

■ ଏସିଆନ ଚାମ୍ପିଅନ୍ସ ଟ୍ରଫି: ହରମନ୍‌ପ୍ରୀତ୍‌ଙ୍କ ହ୍ୟାଟ୍ରିକ

ଭାରତର କ୍ରମାଗତ ଚତୁର୍ଥ ବିଜୟ



ଜଳନ୍ଧର, ୧।୧୧ (ଏଜେନ୍ସି): ପଞ୍ଜାବରେ ଚାଲିଥିବା ଏସିଆନ ଚାମ୍ପିଅନ୍ସ ଟ୍ରଫି ହକିର ୯ମ ସଂସ୍କରଣରେ ଭାରତର ଅପରାଜେୟଧାରା ଜାରି ରହିଛି। ରବିବାର ଭାରତ ଏହାର ଚତୁର୍ଥ ମ୍ୟାଚରେ ୪-୨ ଗୋଲ୍‌ରେ ମାଲେସିଆକୁ ପରାସ୍ତ କରିଛି। ଭାରତ ପକ୍ଷରୁ ଅଧିନାୟକ ହରମନପ୍ରୀତ୍ ସିଂହ ହ୍ୟାଟ୍ରିକ ସହ ସର୍ବାଧିକ ୩ଟି ଗୋଲ୍ ଦେଇଥିଲେ। ସେ ମ୍ୟାଚର ୩ୟ, ୩୩ତମ ଓ ୫୮ ତମ ମିନିଟରେ ଏହି ତିନୋଟି ଗୋଲ୍ ଦେଇଥିଲେ। ଚଳିତ ପ୍ରତିଯୋଗିତାରେ ଭାରତର ଏହା କ୍ରମାଗତ ଚତୁର୍ଥ ବିଜୟ ହୋଇଛି। ରେକର୍ଡ ପାଞ୍ଚଥରର ବିଜେତା ଭାରତ ଏଥିପୂର୍ବରୁ ବାଂଲାଦେଶ (୧୩-୦ ଗୋଲ୍), ଚାଇନା(୫-୨) ଓ ଜାପାନ(୪-୧)କୁ ପରାସ୍ତ କରିଥିଲା। ଫଳରେ ୧୨ ପଏଣ୍ଟ ପାଇ ଭାରତ ଟେବୁଲ ତାଲିକାର ଏକ ନମ୍ବର ସ୍ଥାନକୁ ଦୃଢ଼ କରିଛି। ଅପରପକ୍ଷରେ ମାଲେସିଆ ହ୍ୟାଟ୍ରିକ ବିଜୟ ପରେ ଟୁର୍ଣ୍ଣାମେଣ୍ଟରେ ପ୍ରଥମ ପରାଜୟବରଣ କରିଛି। ପରାଜୟ ସତ୍ତ୍ୱେ ଦଳ ସେମିଫାଇନାଲରେ ସ୍ଥାନ ପକ୍କା କରିସାରିଛି।

ଗୋଟିଏ ବର୍ଷରେ ୪୦୦ ଟି-୨୦ ଛକା

ଭାରତ ବିଶ୍ୱର ପ୍ରଥମ ଦଳ

ଅକ୍‌ଲାଣ୍ଡ ୧।୧୧ (ଏଜେନ୍ସି): ବିଶ୍ୱରେ ପ୍ରଥମ ଦଳ ଭାବରେ ଭାରତ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ଅନ୍ତର୍ଜାତୀୟ ଟି-୨୦ କ୍ରିକେଟ୍‌ରେ ୪୦୦ ଛକା ମାରିବାର କୀର୍ତ୍ତିମାନ କରିଛି। ରବିବାର ଏଠାରେ ଅନୁଷ୍ଠିତ ଘରୋଇ ନ୍ୟୁଜିଲାଣ୍ଡ ବିପକ୍ଷ ପଞ୍ଚମ ଟି-୨୦ ମ୍ୟାଚ୍ ଅବସରରେ ଭାରତ ଏହି ମାଇଲଖୁଣ୍ଟ ଛୁଇଁଥିଲା। ଏହି ମ୍ୟାଚରେ ଭାରତ ମୋଟ୍ ୧୧ଟି ଛକା ମାରିଥିଲା। ଫଳରେ ୨୦୨୬ରେ ଟି-୨୦ କ୍ରିକେଟରେ ଭାରତର ମୋଟ୍ ଛକା ସଂଖ୍ୟା ୪୦୦ରେ ପହଞ୍ଚିଥିଲା। ୪୦ତମ ଟି-୨୦ ମ୍ୟାଚ୍ ଅବସରରେ ଭାରତ ଏହି ସଂଖ୍ୟା ଛୁଇଁଥିଲା। ଅର୍ଥାତ ଭାରତ ପ୍ରତି ମ୍ୟାଚ୍‌ରେ ହାରାହାରି ୧୦ ଟି ଛକା ମାରିଥିଲା। ଉଲ୍ଲେଖନୀୟ କଥା ହେଉଛି ଭାରତ ମାରିଥିବା ୪୦୦ ଛକା ମଧ୍ୟରୁ କେବଳ ନ୍ୟୁଜିଲାଣ୍ଡ ବିପକ୍ଷରେ ୧୪୨ଟି ମାରିଛି। ଚଳିତ ବର୍ଷ ଭାରତ ନ୍ୟୁଜିଲାଣ୍ଡ ବିପକ୍ଷରେ ୧୦ଟି ଟି-୨୦ ମ୍ୟାଚ୍ ଖେଳିଛି।

ପ୍ରଥମ କମନୱେଲ୍‌ଥ କବାଡ଼ି ଚାମ୍ପିଅନ୍‌ସିପ୍

ଭାରତର ଡବଲ୍ ସ୍ୱର୍ଣ୍ଣ ବିଜୟ

ଅହମଦାବାଦ,୧।୧୧(ଏଜେନ୍ସି): ପ୍ରଥମ କମନୱେଲ୍‌ଥ କବାଡ଼ି ଚାମ୍ପିଅନ୍‌ସିପ୍‌ରେ ଭାରତ ଡବଲ୍ ଚାମ୍ପିଅନ୍ ହୋଇଛି। ଉଭୟ ପୁରୁଷ ଓ ମହିଳା ଦଳ ଫାଇନାଲ୍‌ରେ ବିଜୟୀ ହୋଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପୁରୁଷ ଫାଇନାଲ୍‌ରେ ଭାରତ୫୪-୨୦ ପଏଣ୍ଟରେ ଶ୍ରୀଲଙ୍କାକୁ ପରାସ୍ତ କରିଥିଲା। ସେହିଭଳି ମହିଳା ଦଳ ଉଗାଣ୍ଡାକୁ ୩୫-୧୫ ପଏଣ୍ଟରେ ହରାଇ ଟାଇଟଲ୍ ହାସଲ କରିଥିଲା। ଉଭୟ ଭାରତୀୟ ଦଳ ସମଗ୍ର ପ୍ରତିଯୋଗିତାରେ ଅପରାଜେୟ ରହି ଟାଇଟଲ୍ ଜିତିଛନ୍ତି। ପୁରୁଷ ଦଳ କ୍ରମାଗତ ୮ଟି ମ୍ୟାଚ୍ ଏବଂ ମହିଳା ଦଳ ୬ଟି ମ୍ୟାଚ୍‌ରେ ବିଜୟୀ ହୋଇଥିଲା। ମହିଳା ବିଭାଗର ଫାଇନାଲ୍‌ର ଶ୍ରେଷ୍ଠ ଖେଳାଳି ଭାବେ ସାକ୍ଷୀ ବିବେଚିତ ହୋଇଥିଲେ।

ସୁନେଲିତାଙ୍କୁ ଏକଲବ୍ୟ ପୁରସ୍କାର


ଅମନଦୀପ ଲାକ୍ରା


ତନ୍ୱି ପତ୍ରୀ



ଭୁବନେଶ୍ୱର,୧।୧୧(ସମିସ): ଭାରତୀୟ ମହିଳା ଦଳର ହକି ଖେଳାଳି ସୁନେଲିତା ଟପ୍ପୋଙ୍କୁ ୩୪ତମ ବା ଚଳିତବର୍ଷର ସମ୍ମାନଜନକ ଏକଲବ୍ୟ ପୁରସ୍କାର ଲାଗି ମନୋନୀତ କରାଯାଇଛି। ଏକଲବ୍ୟ ପୁରସ୍କାର କମିଟି ସୁନେଲିତାଙ୍କ ନାମ ସର୍ବସମ୍ମତ ଭାବେ ଚୟନ କରିଛି। ପୁରସ୍କାର ବାବଦରେ ସୁନେଲିତାଙ୍କୁ ୭ ଲକ୍ଷ ଟଙ୍କା, ଏକଲବ୍ୟ ସମ୍ମାନ, ପ୍ରଶସ୍ତିପତ୍ର ପରେ ଆୟୋଜିତ ହେବାକୁ ଥିବା ଏକ ସ୍ୱତନ୍ତ୍ର ଉତ୍ସବରେ ପ୍ରଦାନ କରାଯିବ। ତାଙ୍କ ସହ ଅନ୍ୟତମ ଉଦୀୟମାନ ପୁରୁଷ ହକି ଖେଳାଳି ଅମନଦୀପ ଲାକ୍ରା ଓ ବ୍ୟାଡମିଣ୍ଟନ ଖେଳାଳି ତନ୍ୱି ପତ୍ରୀଙ୍କୁ ଏହି ଉତ୍ସବରେ ମଧ୍ୟ ସମ୍ମାନିତ କରାଯିବ। ଏମାନଙ୍କୁ ପ୍ରଶସ୍ତିପତ୍ର, ସ୍ମୃତିଫଳକ ସହ ୧.୫ ଲକ୍ଷ ଲେଖାଏଁ ଟଙ୍କା ପ୍ରଦାନ କରାଯିବ ବୋଲି ଇମ୍ପାକ୍ଟ ବା ଇଣ୍ଡିଆନ ମେଟାଲ୍ସ ପବ୍ଲିକ୍ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ଏକ ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି। ୧୯୯୩ରୁ ରାଜ୍ୟର ୨୨ ବର୍ଷରୁ କମ୍ ଉଦୀୟମାନ ଖେଳାଳିଙ୍କୁ ଏକଲବ୍ୟ ପୁରସ୍କାର ପ୍ରଦାନ କରାଯାଇ ଆସୁଛି ବୋଲି ଏ ସମ୍ପର୍କରେ ଘୋଷଣା କରି ଟ୍ରଷ୍ଟି ବୈଜୟନ୍ତ ପଣ୍ଡା କହିଛନ୍ତି।

ହାଇଲୋ ଓପନ୍‌ରେ ସିନ୍ଧୁ ଚାମ୍ପିଅନ



ବର୍ଲିନ, ୧।୧୧(ଏଜେନ୍ସି): ଜର୍ମାନୀରେ ଶେଷ ହୋଇଥିବା ହାଇଲୋ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତର ପିଭି ସିନ୍ଧୁ ଚାମ୍ପିଅନ ହୋଇଛନ୍ତି। ରବିବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ଫାଇନାଲରେ ସିନ୍ଧୁ ୨୧-୧୨, ୨୧-୧୪ ସିଧାସଳଖ ଗେମରେ ଡେନମାର୍କର ହୋଜମାର୍କ କେୟରଫେଲ୍ଡଙ୍କୁ ପରାସ୍ତ କରିଥିଲେ। ଦୁଇଥରର ଅଲିମ୍ପିକ ପଦକ ବିଜୟିନୀ ସିନ୍ଧୁଙ୍କ ଲାଗି ସିଜନରେ ଏହା ଦ୍ୱିତୀୟ ବିଡବ୍ଲ୍ୟୁଏଫ୍ ଟାଇଟଲ୍ ଥିଲା। ଏଥିପୂର୍ବରୁ ସିନ୍ଧୁ ଜୁଲାଇ ମାସରେ ଜାପାନ ଓପନରେ ଚାମ୍ପିଅନ ହୋଇଥିଲେ। ସେହିଭଳି ୩୧ ବର୍ଷୀୟା ସିନ୍ଧୁଙ୍କ ଏହା ଓଭରଅଲ୍ ୧୬ତମ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ବିଜୟ ଥିଲା। ହାଇଲୋ ଓପନର ପୁରୁଷ ବିଭାଗରେ ଫାଇନାଲରେ ପ୍ରବେଶ କରିଥିବା ଅନ୍ୟତମ ଭାରତୀୟ ଖେଳାଳି ଲକ୍ଷ୍ୟ ସେନ ମଧ୍ୟ ଟାଇଟଲ୍ ଦୌଡ଼ରେ ରହିଛନ୍ତି।

ଓସିଏର ସ୍ୱତନ୍ତ୍ର ସାଧାରଣ ବୈଠକ

ଭାରତ-ଶ୍ରୀଲଙ୍କା ଟି-୨୦ ପରେ ହେବ ନିର୍ବାଚନ

ଭୁବନେଶ୍ୱର, ୧।୧୧ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ)ର ବାର୍ଷିକ ସାଧାରଣ ବୈଠକ (ଏସ୍‌ଜିଏମ) ରବିବାର ବାରବାଟୀ ଷ୍ଟାଡିୟମସ୍ଥିତ ଓସିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ପଙ୍କଜଲୋଚନ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ସମ୍ପାଦକ ସଞ୍ଜୟ ବେହେରା, ଉପସଭାପତି ଜଗମୋହନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ ଓ ଆପେକ୍ସ କାଉନସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଠକରେ ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ଡିସେମ୍ବର ୨୪ରେ ଖେଳାଯିବାକୁ ଥିବା ଟି-୨୦ ମ୍ୟାଚର ପ୍ରସ୍ତୁତି ଉପରେ ଆଲୋଚନା ହୋଇଥିଲା। ମ୍ୟାଚ୍ ପାଇଁ ରୋଡମ୍ୟାପ୍ ଏବଂ ସାଂଗଠନିକ ରଣନୀତି ସମୀକ୍ଷା କରାଯାଇଥିଲା। ଏଥିସହ ଆବଶ୍ୟକତା ଅନୁଯାୟୀ ସମସ୍ତ କାର୍ଯ୍ୟକଳାପ କରିବା ପାଇଁ ଆପେକ୍ସ କାଉନସିଲକୁ କ୍ଷମତା ପ୍ରଦାନ ସହ ବଜେଟ୍ ମଧ୍ୟ ଅନୁମୋଦନ କରାଯାଇଥିଲା। ଅପରପକ୍ଷରେ ଓସିଏର ବହୁପ୍ରତୀକ୍ଷିତ ନିର୍ବାଚନ ପରିଚାଳନା ସମ୍ପର୍କରେ ମଧ୍ୟ ବ୍ୟାପକ ଆଲୋଚନା ହୋଇଥିଲା। କାଉନସିଲର ସର୍ବସମ୍ମତି ନିଷ୍ପତ୍ତିକ୍ରମେ ମେମୋରାଣ୍ଡମ ଅଫ୍ ଆସୋସିଏସନ, ଉପ-ନିୟମ ଏବଂ ନିୟମାବଳୀ ପାଳନ କରି ନିର୍ବାଚନ ପ୍ରକ୍ରିୟା ଦେଖାଶୁଣା ଏବଂ ସହଜ କରିବା ପାଇଁ ଓସିଏର ଆପେକ୍ସ କାଉନସିଲକୁ ଅଧିକାର ଦିଆଯାଇଥିଲା। ଏହା ବ୍ୟତୀତ ଗୃହ ସର୍ବସମ୍ମତିକ୍ରମେ ଆସୋସିଏସନର ସରକାରୀ ୱେବସାଇଟରେ ନିର୍ବାଚନ ଅଧିକାରୀ ନିଯୁକ୍ତି ପାଇଁ ଆବେଦନ/ଆଗ୍ରହ ପ୍ରକାଶ ଆମନ୍ତ୍ରଣ କରି ଏକ ବିଜ୍ଞପ୍ତି ଜାରି କରିବାକୁ ଅନୁମୋଦନ କରିଥିଲା। ଫଳରେ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ପରେ ଓସିଏ ନିର୍ବାଚନ ହେବାନେଇ ବାଟ ଫିଟିଛି।

ଦଶରଥପୁରରେ ଅସ୍ମିତା ସିଟି ରଗ୍‌ବି

କାଳିଆପାଣି, ଆରବି ସ୍ପୋର୍ଟ୍ସ ଚାମ୍ପିଅନ



ଭୁବନେଶ୍ୱର,୧।୧୧(ସମିସ): ଦଶରଥପୁରଠାରେ କେନ୍ଦ୍ର ସରକାରଙ୍କ ଅସ୍ମିତା ରଗ୍‌ବୀ ଟୁର୍ଣ୍ଣାମେଣ୍ଟ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୫ ବର୍ଷରୁ କମ୍ ବିଭାଗରେ କାଳିଆପାଣି ହାଇସ୍କୁଲ ଚାମ୍ପିଅନ ଓ କେବିସି ଯାଜପୁର ରନର୍ସଅପ୍ ହୋଇଥିଲା। ସେହିପରି ୧୮ ବର୍ଷରୁ କମ୍ ବିଭାଗରେ ଆର୍‌ବି ସ୍ପୋର୍ଟ୍ସ ଚାମ୍ପିଅନ ଓ ଏମ୍‌ସି କ୍ଲବ୍ ଯାଜପୁର ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ଏହି ପ୍ରତିଯୋଗିତାକୁ ଯାଜପୁର ବିଧାୟିକା ସୁଜାତା ସାହୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଯାଜପୁର ସାଂସଦ ରବୀନ୍ଦ୍ର ବେହେରା ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ଆୟୋଜକ ଜିଲ୍ଲା ରଗ୍‌ବୀ ଆସୋସିଏସନ ସମ୍ପାଦକ ଭରତ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା।

ପାନ୍ ପାସିଫିକ୍ ଓପନ୍ ଟାଇଟଲ୍ ଜିତିଲେ ସ୍ନାଇଡର୍

ଟୋକିଓ,୧।୧୧(ଏଜେନ୍ସି): ରୁଷିଆର ଡାଏନା ସ୍ନାଇଡର୍ ୨୦୨୬ ପାନ୍ ପାସିଫିକ୍ ଓପନ୍ ଟେନିସ୍ ଟୁର୍ଣ୍ଣାମେଣ୍ଟର ମହିଳା ଏକକ ଟାଇଟଲ୍ ହାସଲ କରିଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲ୍‌ରେ ସେ କାନାଡାର ଲୈଲା ଫର୍ଣ୍ଣାଣ୍ଡିଜ୍‌ଙ୍କୁ ୬-୪, ୫-୭, ୬-୨ ସେଟ୍‌ରେ ପରାସ୍ତ କରି ଚାମ୍ପିଅନ ହୋଇଛନ୍ତି। ମ୍ୟାଚ୍‌ଟି ୨ ଘଣ୍ଟା ୧୮ ମିନିଟ୍ ଧରି ଚାଲିଥିଲା। ୨୨ ବର୍ଷୀୟା ଶ୍ନାଇଡର୍ ପ୍ରଥମ ସେଟ୍ ଜିତି ଭଲ ଆରମ୍ଭ କରିଥିଲେ। ଦ୍ୱିତୀୟ ସେଟ୍‌ରେ ନିୟନ୍ତ୍ରଣ ହରାଇ ସେ ପରାଜିତ ହୋଇଥିଲେ। ତେବେ ନିର୍ଣ୍ଣାୟକ ତୃତୀୟ ସେଟ୍‌ରେ ଦୃଢ଼ ପ୍ରତ୍ୟାବର୍ତ୍ତନ କରି ବିଜୟ ହାସଲ କରିଥିଲେ।

ନଗେଶ ଟ୍ରଫି ଦୃଷ୍ଟିବାଧିତ କ୍ରିକେଟ

ଗ୍ରୁପ୍ ଚାମ୍ପିଅନ ସହ ସୁପର୍-୮ରେ ଓଡ଼ିଶା



ଭୁବନେଶ୍ୱର,୧।୧୧(ସମିସ): ରାଜସ୍ଥାନକୁ ୪୭ ରନ୍‌ରେ ପରାସ୍ତ କରି ଓଡ଼ିଶା ଅହମ୍ମଦାବାଦ୍‌ରେ ଚାଲିଥିବା ଜାତୀୟ ଦୃଷ୍ଟିବାଧିତ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଗ୍ରୁପ୍-ସି'ରେ ଶୀର୍ଷସ୍ଥାନ ଅଧିକାର କରିଛି। ଏହା ଫଳରେ ଓଡ଼ିଶା ଦଳ ସୁପର-୮'ରେ ପ୍ରବେଶ କରିଛି। ଓଡ଼ିଶା ପକ୍ଷରୁ ୬୨ ବଲ୍‌ରେ ୧୫ ଚୌକା ସହ ୧୦୪ ରନ୍ କରିଥିବା ଲିଙ୍ଗରାଜ ରାଉତରାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ପଙ୍କଜ ଭୁଏ ୯୩ ଓ ବିଷ୍ଣୁ ପ୍ୟାରା ୫୦ ରନ୍ କରିଥିଲେ।

ପାରାଦୀପରେ ପାରା ଜୁଡ଼ୋ ଆରମ୍ଭ

ଭୁବନେଶ୍ୱର,୧।୧୧(ସମିସ): ରାଜ୍ୟ ଦୃଷ୍ଟିବାଧିତ ଓ ପାରା ଜୁଡୋ ସଂଘ ଆନୁକୂଲ୍ୟରେ ତୃତୀୟ ଓଡ଼ିଶା ରାଜ୍ୟ ଦୃଷ୍ଟିବାଧିତ ଓ ପାରା ଜୁଡୋ ପ୍ରତିଯୋଗିତା ଆଜି ପାରାଦୀପରେ ଆରମ୍ଭ ହୋଇଛି। ଏଥିରେ ୪ଟି କାଟାଗୋରୀ ଯଥା ସବ୍‌ଜୁନିଅର, ଜୁନିଅର, ୟୁଥ୍ ଓ ସିନିଅରରେ ପ୍ରତିଯୋଗିତା ହେବ। ସମଗ୍ର ରାଜ୍ୟରୁ ୨୫୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରୁଥିଲାବେଳେ ଶିକ୍ଷମନ୍ତ୍ରୀ ସମ୍ପଦ ସ୍ୱାଇଁ ଏହି ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟଅତିଥି ତଥା ମନ୍ତ୍ରୀ ଶ୍ରୀ ସ୍ୱାଇଁ ମାସ୍କଟ ବୀର କଳିଙ୍ଗାକୁ ଉଦ୍‌ଘାଟନ କରିବା ସହ ବିଶିଷ୍ଟ କ୍ରୀଡ଼ାବିତ୍‌ଙ୍କୁ ସମ୍ମାନିତ କରିଥିଲେ।

ବର୍ଷା ଯୋଗୁଁ ବାଧାପାଇପାରେ କିଟ୍ ରଣଜୀ ମୁକାବିଲା

ପ୍ରଥମ ବିଜୟ ଆଶାରେ ଓଡ଼ିଶା ଓ ଝାଡ଼ଖଣ୍ଡ

ଭୁବନେଶ୍ୱର,୧।୧୧(ସମିସ)



ଚଳିତ ରଣଜୀ ଟ୍ରଫି ୨୦୨୬-୨୭ ଋତୁର ଚତୁର୍ଥ ରାଉଣ୍ଡ ମ୍ୟାଚ୍‌ରେ ସୋମବାର ଶୁଭ୍ରାଂଶୁ ସେନାପତିଙ୍କ ନେତୃତ୍ୱାଧିନ ଘରୋଇ ଓଡ଼ିଶା ସୋମବାର ବିରାଟ ସିଂଙ୍କ ଝାଡ଼ଖଣ୍ଡକୁ ଭେଟିବ। ସ୍ଥାନୀୟ କିଟ୍ କ୍ରିକେଟ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ଏବେ ଉଭୟ ଦଳ ପାଇଁ ଗୁରୁତ୍ୱ ବହନ କରୁଛି। ପ୍ରଥମ ବିଜୟ ସନ୍ଧାନରେ ଓଡ଼ିଶା ଓ ଝାଡ଼ଖଣ୍ଡ ପଡ଼ିଆକୁ ଓହ୍ଲାଇବେ। କିଟ୍ ଷ୍ଟାଡିୟମ୍‌ରେ ଏଲିଟ୍ ଗ୍ରୁପ୍-ସି'ର ଏହି ଚାରିଦିନିଆ ମ୍ୟାଚ୍ ସକାଳ ୯ଟା ରୁ ଆରମ୍ଭ ହେବ। ପୂର୍ବ ତିନିଟି ରାଉଣ୍ଡରେ ଆଶାନୁରୂପ ପ୍ରଦର୍ଶନ କରିପାରି ନଥିବା ଉଭୟ ଦଳ ପାଇଁ ଏହି ମ୍ୟାଚ୍ ଗୁରୁତ୍ୱ ବହନ କରୁଛି। ଖାସ୍ କରି ଓଡ଼ିଶା ପାଇଁ ଏହି ମ୍ୟାଚ୍ ପରୀକ୍ଷା ସୃଷ୍ଟି କରିଛି। ଓଡ଼ିଶା ଚଳିତ ଋତୁରେ ଗୁଜରାଟ ଓ କେରଳଠାରୁ ପରାଜିତ ହୋଇଥିବାବେଳେ ତୃତୀୟ ମ୍ୟାଚ୍‌ରେ ସର୍ଭିସେସ୍ ବିପକ୍ଷରେ ବର୍ଷା ଯୋଗୁଁ ପଏଣ୍ଟ ଖାତା ଖୋଲିଥିଲା। ବାହାର ଗ୍ରାଉଣ୍ଡରେ ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ଗୁଜରାଟ ଠାରୁ ୧୦ ଓକେଟରେ ଓ ଦ୍ୱିତୀୟ ମ୍ୟାଚ୍‌ରେ କେରଳ ଠାରୁ ଇନିଂସ ପରାଜୟ ବରଣ କରି ସାଂଘାତିକ ପ୍ରଦର୍ଶନ କରିଥିଲା। ଗ୍ରୁପ୍-ସି'ର ତଳ ଭାଗରେ ରହିଥିବା ଓଡ଼ିଶା ଏବେ ବିଜୟ ସହ ପଏଣ୍ଟ ତାଲିକାରେ ସ୍ଥିତି ସୁଧାରିବାକୁ ଚାହିଁବ। କିନ୍ତୁ ଏହି ମ୍ୟାଚ୍ ଆୟୋଜନ ନେଇ ଆଶଙ୍କା ରହିଛି। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ମୁରାସୁ ପ୍ରଭାବରେ ନଭେମ୍ବର ୩ ବା ମଙ୍ଗଳବାରଠାରୁ ଓଡ଼ିଶାରେ ବର୍ଷା ହେବାର ଆଶଙ୍କା ରହିଛି। ବର୍ଷା ଯଦି ହୁଏ ତେବେ ଅତିକମ୍‌ରେ ବୁଧବାର ଓ ଗୁରୁବାର ଅର୍ଥାତ ଦ୍ୱିତୀୟ ଓ ତୃତୀୟ ଦିନ ଖେଳ ହୋଇ ନ ପାରେ। ତେବେ ପ୍ରଥମ ଦିନ ଖେଳ ଉପରେ ଓଡ଼ିଶା ଗୋଟିଏ ପଏଣ୍ଟ ପାଇବ କି ଆଦୌ ପାଇବ ନାହିଁ ତାହା ସ୍ଥିର ହୋଇପାରେ।

ଅନ୍ୟପକ୍ଷରେ ଝାଡ଼ଖଣ୍ଡ ମଧ୍ୟ ଏପର୍ଯ୍ୟନ୍ତ ବିଜୟର ସ୍ୱାଦ ପାଇନାହିଁ। ମହାରାଷ୍ଟ୍ର ଓ କେରଳ ବିପକ୍ଷ ମ୍ୟାଚ୍ ଅମୀମାଂସିତ ରହିଥିବାବେଳେ ରାଞ୍ଚିରେ ଖେଳାଯାଇଥିବା ତୃତୀୟ ରାଉଣ୍ଡରେ ଦିଲ୍ଲୀ ବିପକ୍ଷ ମ୍ୟାଚ୍ ବର୍ଷା ଯୋଗୁଁ ପ୍ରଭାବିତ ହୋଇଥିଲା। ଦିଲ୍ଲୀ ପ୍ରଥମ ଇନିଂସ୍‌ରେ ୫ ୱିକେଟରେ ୫୧୫ ରନ୍ କରିଥିଲେ ମଧ୍ୟ ମ୍ୟାଚ୍‌ରେ ସମ୍ପୂର୍ଣ୍ଣ ହୋଇ ନ ପାରିବାରୁ ଝାଡ଼ଖଣ୍ଡ ଏଥିରୁ ଗୋଟିଏ ପଏଣ୍ଟ ପାଇଥିଲା। କେରଳ ବିପକ୍ଷରେ ଝାଡ଼ଖଣ୍ଡ ପ୍ରଥମ ଇନିଂସ ଅଗ୍ରଣୀ ହାସଲ କରିବା ସହ ଫଲୋଅନ ଦେଇ ୩ ପଏଣ୍ଟ ହାସଲ କରିଥିଲା। ମୋଟ୍ ଉପରେ ଝାଡ଼ଖଣ୍ଡ ୫ ପଏଣ୍ଟ ହାସଲ କରି ତାଲିକାର ୫ମ ସ୍ଥାନରେ ରହିଛି। ଓଡ଼ିଶାଠାରୁ ଝାଡ଼ଖଣ୍ଡର ସ୍ଥିତ ଭଲ ରହିଛି।

ଏହି ମ୍ୟାଚ୍‌ରେ ଓଡ଼ିଶାର ବ୍ୟାଟିଂ ଦାୟିତ୍ୱ ଅଧିନାୟକ ଶୁଭ୍ରାଂଶୁ ସେନାପତି, ସନ୍ଦୀପ ପଟ୍ଟନାୟକ ଓ ଓପନର୍ ସ୍ୱସ୍ତିକ ସାମଲଙ୍କ ଉପରେ ରହିବ। ଉଭୟଙ୍କଠାରୁ ଦଳ ଦୃଢ଼ ମୂଳଦୁଆ ଆଶା କରିବ। ବୋଲିଂ ବିଭାଗରେ ବାଦଲ ବିଶ୍ୱାଳଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହେବ। ଏଥିସହ ସମ୍ବିତ ବେଜା, ଶ୍ରେୟାଂଶ ଭରଦ୍ୱାଜ, ଗୌରବ ଚୌଧୁରୀ, ଲଳିତ ଯାଦବ ଓ ରାଜେଶ ମହାନ୍ତିଙ୍କଠାରୁ ମଧ୍ୟ ଉପଯୋଗୀ ପ୍ରଦର୍ଶନ ଆଶା କରାଯାଉଛି। ଝାଡ଼ଖଣ୍ଡର ନେତୃତ୍ୱ ନେବେ ବିରାଟ ସିଂହ। ଦଳର ଅଲ୍‌ରାଉଣ୍ଡର ଉତ୍କର୍ଷ ସିଂହ ଓ ସ୍ପିନର ଅନୁକୂଳ ରାୟଙ୍କ ପ୍ରଦର୍ଶନ ମ୍ୟାଚ୍‌ର ଗତି ନିର୍ଣ୍ଣୟ କରିପାରେ। ଦିଲ୍ଲୀ ବିପକ୍ଷରେ ଉତ୍କର୍ଷ ଅପରାଜିତ ୫୩ ରନ୍ କରିଥିଲେ। ୱିକେଟ୍‌ରକ୍ଷକ ରବିନ୍ ମିଞ୍ଜଙ୍କ ଉପରେ ମଧ୍ୟ ନଜର ରହିବ। ଦଳର ୩ ଜଣ ପ୍ରମୁଖ ଖେଳାଳି ଇଶାନ କିଶାନ, କୁମାର କୁଶାଗ୍ର ଓ ଶିଖର ମୋହନ ଭିନ୍ନ ଭିନ୍ନ ଭାରତୀୟ ଟିମ୍ ସହ ନ୍ୟୁଜିଲାଣ୍ଡ ଗସ୍ତରେ ଥିବାରୁ ଏହି ମ୍ୟାଚ୍ ଖେଳିବେ ନାହିଁ।

ଓଡ଼ିଶା ଦଳ

ଶୁଭ୍ରାଂଶୁ ସେନାପତି (ଅଧିନାୟକ), ବାଦଲ ବିଶ୍ୱାଳ, ସମ୍ବିତ ବେଜା, ଶ୍ରେୟାଂଶ ଭରଦ୍ୱାଜ, ଗୌରବ ଚୌଧୁରୀ, ଲଳିତ ଯାଦବ, ସୌମ୍ୟ ଲେଙ୍କା, ଦିନେଶ ମାଝୀ, ଓମ୍ ଟି. ମୁଣ୍ଡେ, ସନ୍ଦୀପ ପଟ୍ଟନାୟକ, ରାଜେଶ ମହାନ୍ତି, ପ୍ରଶାନ୍ତ ରଣା, ନିନାଦ ରାଠୋଡ଼, ସ୍ୱସ୍ତିକ ସାମଲ, ସୟଦ ତୁଫୈଲ ଅହମ୍ମଦ, ଶାନ୍ତନୁ ମିଶ୍ର ଓ ଆଶୀର୍ବାଦ ସ୍ୱାଇଁ।

ଝାଡ଼ଖଣ୍ଡ ଦଳ

ବିରାଟ ସିଂହ (ଅଧିନାୟକ), ଅମିତ କୁମାର, ମହମ୍ମଦ କୌନେନ କ୍ୟୁରେଶୀ, ମନୀଷୀ, ରବିନ ମିଞ୍ଜ (ୱିକେଟ୍‌ରକ୍ଷକ), ସୁଶାନ୍ତ ମିଶ୍ର, ଯତିନ ପାଣ୍ଡେ, ସାହିଲ ରାଜ, ଶ୍ରେଷ୍ଠ ସାଗର, ସୌରଭ ଶେଖର, ଆର୍ଯ୍ୟମାନ ସେନ, ଶରଣଦୀପ ସିଂହ, ଆଦିତ୍ୟ ସିଂହ ଓ ଉତ୍କର୍ଷ ସିଂହ।

ମ୍ୟାଚ୍ ଆରମ୍ଭ: ସକାଳ ୯ଟା

ସ୍ଥାନ: କିଟ୍ କ୍ରିକେଟ ଷ୍ଟାଡିୟମ, ଭୁବନେଶ୍ୱର

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY